# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 42 ♦ISSUE-135 ♦BHUBANESWAR ♦MONDAY ♦11 NOVEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୩୫ ♦ଭୁବନେଶ୍ୱର ♦ସୋମବାର ♦୧୧ ନଭେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦





ଦୁଇଟି ପାର୍ଟରେ ଆସିବ ରାମାୟଣ

▶ପୃଷ୍ଠା ୨ ଦେଖନ୍ତୁ...


## ମସ୍କୋ ଉପରେ ୩୪ ଡ୍ରୋନ୍ ମାଡ଼ କଲା ୟୁକ୍ରେନ



■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହେବା ପରେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବା ନେଇ ଆନ୍ତର୍ଜାତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି। କିନ୍ତୁ ଏହା ଭିତରେ ୟୁକ୍ରେନ ରୁଷ ଉପରେ ରବିବାର ବଡ଼ ଧରଣର ଆକ୍ରମଣ କରିଛି। ୟୁକ୍ରେନ ସେନା ପକ୍ଷରୁ ଏକାଥରକେ ୩୪ ଡ୍ରୋନ ଦ୍ୱାରା ମସ୍କୋର ବିଭିନ୍ନ ଅଞ୍ଚଳରେ ଘନ ଘନ ଆକ୍ରମଣ କରାଯାଇଛି। ଯାହାକି ୨୦୨୨ରେ ଉଭୟ ପକ୍ଷ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ମଧ୍ୟରେ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ମସ୍କୋର ବହୁ ଅଟ୍ଟାଳିକା ନଷ୍ଟ ହୋଇଥିଲା ବେଳେ ଜଣେ ମହିଳାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ୟୁକ୍ରେନର ଏଭଳି ଡ୍ରୋନ ଆକ୍ରମଣକୁ ନେଇ ମସ୍କୋ ଏବଂ ଅନ୍ୟାନ୍ୟ ସହରକୁ ଆସୁଥିବା ପ୍ରାୟ ୫୪ଟି ବିମାନର ଉଡାଣ ବନ୍ଦ କରିଦିଆଯାଇଛି। ୟୁକ୍ରେନର ଏଭଳି ଆଭିମୁଖ୍ୟକୁ ରୁଷ ସେନା ଆତଙ୍କବାଦୀ ଆକ୍ରମଣ କହିଛି।

## ଗାଜା, ଲେବାନନରେ ଇସ୍ରାଏଲର ଜୋର୍‌ଦାର୍ ଆକ୍ରମଣ

### ବହୁ ଶିଶୁଙ୍କ ସମେତ ୮୦ ମୃତ



■ **ବେରୁଟ୍, ୧୦।୧୧ (ଏଜେନ୍ସି):** ଦକ୍ଷିଣ ଲେବାନନର ବିଭିନ୍ନ ସହରରେ ହିଜବୁଲ୍ଲା ଠିକଣା ଉପରେ ଇସ୍ରାଏଲ ସେନାର ଘନ ଘନ ଆକ୍ରମଣ ଦ୍ୱାରା ବହୁ ଶିଶୁଙ୍କ ସମେତ ୪୬ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଟାୟାର ସହର ଏବଂ ଏକ ବନ୍ଦର ସହର ଉପରେ ଆକାଶମାର୍ଗରୁ ଆକ୍ରମଣ କରାଯିବା ଦ୍ୱାରା ଅନେକ ଘର ଧ୍ୱସ୍ତ ହୋଇଛି। ଏବେ ବି ଅନେକ ଲୋକ ଭଗ୍ନସ୍ତୁପ ତଳେ ରହିଥିବାରୁ ସେମାନଙ୍କୁ ଉଦ୍ଧାର କରିବାକୁ ଲେବାନନ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଗାଜା ଅଞ୍ଚଳରେ ମଧ୍ୟ ଇସ୍ରାଏଲ ସେନାର ଆକ୍ରମଣରେ ଅନ୍ୟୂନ ୩୪ ଜଣଙ୍କ ମୃତ୍ୟୁ ▶ପୃଷ୍ଠା-୭

### ସରକାରଙ୍କୁ ବିଜେପି ବିଧାୟକଙ୍କ ଶଳା ଭାଉଜଙ୍କ ପ୍ରଶ୍ନ

## ମୁଁ କ'ଣ ଝିଅ ନୁହେଁ କି ?

■ **ବଲାଙ୍ଗିର, ୧୦।୧୧ (ସମିସ):** ସରକାର ନାରୀଙ୍କ ସମ୍ମାନ ଓ ସଶକ୍ତିକରଣ କଥା କହୁଛନ୍ତି। ନାରୀ ସୁରକ୍ଷା ସମ୍ପର୍କରେ କହିବା ବେଳକୁ ମନ୍ତ୍ରୀମାନଙ୍କ ତୁଣ୍ଡରେ ବାଟୁଳି ବାଜୁନାହିଁ। ହିନ୍ଦିମିଶା ଅଶୁଦ୍ଧ ଓଡ଼ିଆରେ ଅସ୍ମିତାର ସୁରକ୍ଷା ପାଇଁ ମହିଳାଙ୍କ ସୁରକ୍ଷା ଅନିବାର୍ଯ୍ୟ ବୋଲି ବିଜେପି ନେତାମାନେ ଗର୍ଜୁଛନ୍ତି। ମାତ୍ର ରାଜ୍ୟରେ ନାରୀ ସୁରକ୍ଷା ଏବେ କେଉଁସ୍ତରରେ ପହଞ୍ଚିଛି, ତାହା ପ୍ରତିଦିନ ଗଣମାଧ୍ୟମର ଶିରୋନାମାରେ ପ୍ରକାଶ ପାଉଛି। ପାଞ୍ଚ ମାସରେ ୭ ଗଣ ବଳାତ୍କାର ଘଟିଛି। ପ୍ରତିଦିନ କେଉଁଠି ନା କେଉଁଠି ମହିଳାଙ୍କୁ ଅସଦାଚରଣ ଓ ଦୁଷ୍କର୍ମର ଖବର ଆସୁଛି। ମାତ୍ର ବିଡ଼ମ୍ବନା ହେଉଛି; ମହିଳାମାନଙ୍କ ସୁରକ୍ଷା ତ ଦୂରର କଥା, ନିଜେ ବିଜେପି ନେତାମାନେ ମହିଳା ବିରୋଧୀ ହିଂସାରେ ଜଡ଼ିତ ହେବା ଅଭିଯୋଗ। କୁଚିଣ୍ଡା ଗଣବଳାତ୍କାରର ଅଭିଯୁକ୍ତକୁ ମନ୍ତ୍ରୀ ରବି ନାୟକ ସୁରକ୍ଷା ଦେଇଥିବା ଅଭିଯୋଗ ▶ପୃଷ୍ଠା-୭

**ଶଳା ସହ ୧୪ ବର୍ଷର ନାବାଳିକାଙ୍କୁ ବିବାହ କରାଇଥିଲେ ବିଧାୟକ ନବୀନ ଜୈନ**

**ଶାଶୂଘରେ ପ୍ରଚଣ୍ଡ ନିର୍ଯାତନାର ଶିକାର ହୋଇଛନ୍ତି ଯୁବତୀ**

**ବିଧାୟକଙ୍କ ଚାପରେ କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ**

### ରାଜ୍ୟ ସରକାରଙ୍କ ମହିଳା କମିଶନ ଦମନ

## ଅପାରଗତା ଲୁଚାଇବାକୁ ଷଡ଼ଯନ୍ତ୍ର

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଗତ ପାଞ୍ଚ ମାସ ଭିତରେ ରାଜ୍ୟରେ ୭ଟି ଗଣଦୁଷ୍କର୍ମ ଘଟଣା ଘଟିଛି। ଥାନା ଭିତରେ ମହିଳାଙ୍କ ଉପରେ ପୁଲିସ ଅତ୍ୟାଚାର କରୁଛି। ନାରୀ ନିର୍ଯାତନା ଘଟଣା ବଢ଼ି ବଢ଼ି ଚାଲିଛି। ରାଜ୍ୟ ସରକାର ମହିଳା ବିରୋଧୀ ହିଂସାରେ ନିୟନ୍ତ୍ରଣ ଆଣିବାରେ ବ୍ୟର୍ଥ ହୋଇଛନ୍ତି। ପୁଲିସ ଉପରେ ସାଧାରଣ ଲୋକଙ୍କ ଆସ୍ଥା ତୁଟିବାକୁ ବସିଛି। ଏହି ସମୟରେ ସରକାର ଅପରାଧ ଦମନ, ମହିଳା ବିରୋଧୀ ହିଂସା ନିୟନ୍ତ୍ରଣ ଓ ପୁଲିସର ଭାବମୂର୍ତ୍ତି ଫେରାଇ ଆଣିବାକୁ ଉଦ୍ୟମ ପରିବା ବଦଳରେ ମହିଳା କମିଶନଙ୍କୁ ଦମନ କରିବାକୁ ଯୋଜନା କରିଛନ୍ତି। ସରକାରଙ୍କ ଅପାରଗତା ଢ଼ାଙ୍କିବାକୁ ମହିଳା କମିଶନଙ୍କୁ ହଟାଇବା ଲାଗି ଷଡ଼ଯନ୍ତ୍ର କରାଯାଇଛି। ଯେଉଁ ସମୟରେ ମହିଳା କମିଶନର ▶ପୃଷ୍ଠା-୭

**ପୂର୍ବ ମହିଳା କମିଶନଙ୍କୁ ପ୍ରଶଂସା କରିଛନ୍ତି ହାଇକୋର୍ଟ ଓ ଜାତୀୟ ମହିଳା କମିଶନ**

**ମହିଳା କମିଶନଙ୍କୁ ନିନ୍ଦିତ ଉଦ୍ୟମକୁ ସବୁ ମହଲରେ ନିନ୍ଦା**

**ସରକାରଙ୍କୁ ଅଡୁଆରେ ପକାଇଛି ୫ ମାସର ୭ ଗଣଦୁଷ୍କର୍ମ ମାମଲା**

### ନୂଆ ପ୍ରଧାନ ବିଚାରପତି

## ଆଜି ଶପଥ ନେବେ ଜଷ୍ଟିସ ସଞ୍ଜୀବ ଖାନ୍ନା




■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଜଷ୍ଟିସ ସଞ୍ଜୀବ ଖାନ୍ନା ସୋମବାର ଭାରତର ୫୧ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ରବିବାର ଅବସରଗ୍ରହଣ କରିଥିବା ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସକାଳ ୧୦ଟାରେ ଜଷ୍ଟିସ ଖନ୍ନାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। ମାତ୍ର ଜଷ୍ଟିସ ଖନ୍ନା ବହୁତ କମ୍ ଦିନ ପାଇଁ ଏହି ପଦରେ ରହିବେ। ଆସନ୍ତା ବର୍ଷ ମେ' ୧୩ରେ ସେ ଅବସରଗ୍ରହଣ କରିବେ।

## ବିଜେପିରେ ବେମାରି ବଢୁଛି

### କୀଟନାଶକ ପ୍ରୟୋଗ ଦରକାର: ଗଡ଼କରୀ

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ଆଉ ମାତ୍ର କିଛି ଦିନ ବାକି। ଆସନ୍ତା ୨୦ ତାରିଖରେ ଏଠାରେ ନିର୍ବାଚନ ହେବାକୁ ଯାଉଥିବାରୁ ଦୁଇ ପ୍ରମୁଖ ମେଣ୍ଟ ମଧ୍ୟରେ ରାଜନୈତିକ ଉଷ୍ମତା ବଢ଼ିବା ସହିତ ନିର୍ବାଚନୀ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ବିଜେପି, କଂଗ୍ରେସ ତଥା ଶିବସେନା ଏବଂ ଏନସିପିର ଦୁଇ ଗୋଷ୍ଠୀର ଷ୍ଟାର ପ୍ରଚାରକମାନେ ଘନ ଘନ ସଭାସମିତି କରିବା ଲକ୍ଷ୍ୟରେ ରାତି ଦିନ ଏକାଠି କରିଦେଇଛନ୍ତି। କିନ୍ତୁ ଏହାମଧ୍ୟରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ନିଜ ଦଳକୁ ନେଇ ଯେଉଁଭଳି ଟିପ୍ପଣୀ କରିଛନ୍ତି ତାହା କେବଳ ବିଜେପି ନୁହେଁ; ବରଂ ସବୁ ବିରୋଧୀ ଦଳଙ୍କୁ ମଧ୍ୟ ବିସ୍ମିତ କରିଦେଇଛି। ଏବେ ବିଜେପିର ଫସଲ କ୍ଷେତରେ ପୋକ ଲାଗିବା ସହିତ ବେମାରି ବଢ଼ିବାରେ ଲାଗିଛି। ଆଉ ଏହାକୁ



ରୋକିବାକୁ ଏଣିକି କୀଟନାଶକ ବ୍ୟବହାର କରିବାକୁ ପଡ଼ିବ ବୋଲି ଗଡ଼କରୀ ମନ୍ତବ୍ୟ ଦେଇଛନ୍ତି। ତାଙ୍କର ଏହି ବୟାନ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।

ମହାରାଷ୍ଟ୍ର ନିର୍ବାଚନ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ସେ ଏହା କହିଛନ୍ତି। ତାଙ୍କୁ ପ୍ରଶ୍ନ କରାଯାଇଥିଲା ଯେ ବିଜେପିରେ ଏବେ ଅପରାଧ ସହ ଜଡ଼ିତ ଥିବା ବହୁ ନେତାଙ୍କ ପ୍ରବେଶ ▶ପୃଷ୍ଠା-୭

## ଡମ୍ବର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲା

**ଅଭିଯୁକ୍ତ ଅଟକ, ଗାଁରେ ଉତ୍ତେଜନା**

■ **ରାମଚନ୍ଦ୍ରପୁର/ବେଲବାହାଲି/ଆନନ୍ଦପୁର, ୧୦।୧୧ (ସମିସ):** ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ବୃଦ୍ଧ ଏବଂ ଜଣେ ମହିଳାଙ୍କୁ ଡମ୍ବର୍ ଚଢ଼ାଇ ହତ୍ୟା। କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ନନ୍ଦୁଆଁ ଗାଁରେ ଆଜି ଏଭଳି ଏକ ସାଂଘାତିକ ଅପରାଧ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ପାଣ୍ଡୁ ପୃଷ୍ଟି (୮୩) ଓ ସଞ୍ଜୁ ପଲେଇ (୪୭)। ଏହି ଘଟଣାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଘସିପୁରା ପୁଲିସ୍ ଅଭିଯୁକ୍ତ ଭଞ୍ଜ ପୃଷ୍ଟିକୁ କାବୁ କରି ଥାନାକୁ ନେଇଛି। ଅପରପକ୍ଷେ, ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାନୁସାରେ, ଭଞ୍ଜ ନିଶାସେବନ କରି ଗାଁରେ ଉତ୍ପାତ କରୁଥିଲା। ଏହି ସମୟରେ ଗାଁର ସଞ୍ଜୁ ପଲେଇଙ୍କ ଘରକୁ ଆସିଥିବା ଜଣେ ସମ୍ପର୍କୀୟଙ୍କ ସହ ତା'ର ଝଗଡ଼ା ହେବାରୁ ସେ ଭଞ୍ଜଙ୍କୁ ଏକ ▶ପୃଷ୍ଠା-୭

## ଦୁର୍ଘଟଣାରେ ଗଲା ୧୦ ଜୀବନ

### ୨୫ରୁ ଉର୍ଦ୍ଧ୍ୱ ଗୁରୁତର

■ **କୋଷାଗୁମୁଡ଼ା/ ଲମତାପୁଟ/ ଜୟପୁର/ ସମ୍ବଲପୁର/ କାମାକ୍ଷାନଗର/ ହେମଗିର, ୧୦।୧୧ (ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୦ ଜଣଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ୩ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ସମ୍ବଲପୁର ଓ ସୁନ୍ଦରଗଡ଼ରେ ୨ଜଣ ଲେଖାଏଁ ଏବଂ କୋରାପୁଟ, ଜୟପୁର ଓ ଢେଙ୍କାନାଳ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ସମ୍ବଲପୁର ସଦର ଥାନା ଅନ୍ତର୍ଗତ କୁଦୋପାଲି ଛକରେ ଏକ ପିକ୍-ଅପ୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ବିହାରର ବିନୟ କୁମାର ସାହା (୨୨) ଓ ଆଶିଷ କୁମାର (୨୩)। ସେହିପରି ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ପିକ୍‌ଅପ୍‌ରେ ୯ ଜଣ ଶ୍ରମିକ କାମ ଶେଷ କରି କେନଘାଟିସ୍ଥିତ କ୍ୟାମ୍ପକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକରେ ପୃଥକ୍ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ପ୍ରଥମ ଦୁର୍ଘଟଣାଟି ଗର୍ଜନବାହାଲ ଟ୍ରକ୍ ପାର୍କିଂଠାରେ ଘଟିଥିଲା। ଏକ ବାଇକ୍‌ରେ ଗର୍ଜନବାହାଲ ନିବାସୀ ଗୋଲକ ଅମାତଙ୍କ ପୁଅ ପପୁ ଅମାତ ଯାଉଥିବା ବେଳେ କୌଣସି ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ପପୁଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସ୍ଥାନୀୟ ଛେଙ୍ଗା ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ବନ୍ଦ !

### ଚାରି ଉପାନ୍ତ ଓ ଆଦିବାସୀବହୁଳ ଜିଲ୍ଲାରେ ପହଞ୍ଚିଥିଲା ଉନ୍ନତ ଚିକିତ୍ସା

■ **ଭୁବନେଶ୍ୱର/ନବରଙ୍ଗପୁର,୧୦।୧୧(ସମିସ):** ଉପାନ୍ତ ଏବଂ ଦୁର୍ଗମ ଅଞ୍ଚଳର ରୋଗୀଙ୍କୁ ସୁପରସ୍ପେଶାଲିଟି ଚିକିତ୍ସା ମିଳିବ। ବଡ଼ ବଡ଼




ଡାକ୍ତରଖାନାରେ ହେଉଥିବା ଜଟିଳ ଅସ୍ତ୍ରୋପଚାର ସୁବିଧା ସେମାନଙ୍କ ଜିଲ୍ଲାରେ ମଧ୍ୟ ଉପଲବ୍ଧ ହେବ। ଏହି ଲକ୍ଷ୍ୟ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା ଆଜି କୋମାରେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ଏହି ଅଭିନବ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଯାଇଛି। ଫଳରେ କିଏ ଉନ୍ନତ ଚିକିତ୍ସାକୁ ଚାହିଁ ବସିଛି ତ ଆଉ କିଏ ଚିକିତ୍ସା ପରବର୍ତ୍ତୀ ସେବା ଓ ପରାମର୍ଶକୁ ଅପେକ୍ଷା କରି ବସିଛି।

ସାଧାରଣତଃ ମେଡିକାଲ କଲେଜ ବିଶେଷକରି କଟକ, ବ୍ରହ୍ମପୁର ଓ ସମ୍ବଲପୁର ସ୍ଥିତ ମେଡିକାଲ କଲେଜରେ ରୋଗୀଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ମିଳିଥାଏ। ଗତ କିଛି ବର୍ଷ ହେଲା ପ୍ରତିଷ୍ଠା ହୋଇଥିବା ମେଡିକାଲ କଲେଜ ଉପରେ ମଧ୍ୟ ରୋଗୀ ନିର୍ଭର କରିବା ଆରମ୍ଭ କଲେଣି। ଫଳରେ ଅନ୍ୟ ଜିଲ୍ଲାର ରୋଗୀ ମେଡିକାଲ କଲେଜ ପର୍ଯ୍ୟନ୍ତ ଆସିବା ପାଇଁ ବାଧ୍ୟ ହୋଇଥାନ୍ତି। କିନ୍ତୁ ସମସ୍ତଙ୍କୁ ମୁଖ୍ୟତଃ ଦୂର ଦୂରାନ୍ତରେ ରହୁଥିବା ଗରିବ ରୋଗୀ ମେଡିକାଲ କଲେଜ ପର୍ଯ୍ୟନ୍ତ ଆସିବା ସୌଭାଗ୍ୟ ଜୁଟିନଥାଏ। ସେଥିପାଇଁ ୨୦୨୧ ମସିହାରେ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାର ଶୁଭାରମ୍ଭ କରିଥିଲେ। ମାଲକାନଗିରି, କଳାହାଣ୍ଡି, ନୂଆପଡା ଓ ନବରଙ୍ଗପୁର ▶ପୃଷ୍ଠା-୭

**୨୦୨୧ରେ ନବୀନ ଆରମ୍ଭ କରିଥିଲେ ଅଭିନବ ସ୍ୱାସ୍ଥ୍ୟ ଯୋଜନା**

**ବିମାନରେ ଯାଇ ଚିକିତ୍ସା କରୁଥିଲେ ସୁପରସ୍ପେଶାଲିଟି ଡାକ୍ତର**




# ପ୍ରତିକୃତି ଉପରେ ପ୍ରତିଶୋଧ

ଥାଇଲାଣ୍ଡରେ ମାନସିକ ଚାପ ଲାଘବ କରିବାର ସମ୍ପୂର୍ଣ୍ଣ ନୂଆ ଓ ଭିନ୍ନଧରଣର ଉପାୟ ଦେଖିବାକୁ ମିଳିଛି। ଏଠାକାର କିଛି ଲୋକ ମାଟି ମୂର୍ତ୍ତି ମାଧ୍ୟମରେ ନିଜର ଚିନ୍ତା, ଯନ୍ତ୍ରଣା ଏବଂ ଚାପ ଲାଘବ କରୁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଲୋକେ ପ୍ରଥମେ ନିଜ ପସନ୍ଦ ମୁତାବକ ମାଟି ମୂର୍ତ୍ତି ତିଆରି ପାଇଁ ବରାଦ ଦେଇଥାନ୍ତି। ମାଲିକ, ପୂର୍ବତନ ପ୍ରେମିକା କିମ୍ବା ପ୍ରେମିକଙ୍କ ଭଳି ଅନ୍ୟ ଯାହା ଉପରେ ସେମାନେ ରାଗିଥାନ୍ତି, ସେମାନଙ୍କ ମୁହଁ ଭଳି ଅବିକଳ ମୂର୍ତ୍ତି ତିଆରି କରାଯାଏ। ଏହା ପରେ ସେହି ମୂର୍ତ୍ତିକୁ ମୁଥ, ଚାପୁଡ଼ା ମାରି ନିଜ ମନ ମଧ୍ୟରେ ସେମାନଙ୍କ ପ୍ରତି ଥିବା କ୍ରୋଧଭାବକୁ ଶାନ୍ତ କରନ୍ତି। ସେହିପରି ଏହି ମୂର୍ତ୍ତି ତିଆରି ହେବା ପରେ ଏହାକୁ 'ପଞ୍ଚ୍ ଜୋନ୍'କୁ ନିଆଯାଏ। ଏହି ସ୍ଥାନରେ ସେମାନେ ଏହାର ମୁହଁକୁ ଚାପୁଡ଼ା କିମ୍ବା ମୁଥ ମାରି ପ୍ରତିଶୋଧ ନିଅନ୍ତି। ତେବେ ଏହି ନିଆରା ପରିକଳ୍ପନା ଲୋକଙ୍କୁ ଥେରାପି ଭଳି ଲାଭ ପ୍ରଦାନ କରୁଛି। ଏହି ପଦ୍ଧତି ଦ୍ୱାରା ସେମାନଙ୍କୁ ନିଜ କ୍ରୋଧ ପରିପ୍ରକାଶ କରିବାର ସୁଯୋଗ ପ୍ରଦାନ କରାଯାଉଛି। ସେହିପରି ପ୍ରତ୍ୟେକ ମୂର୍ତ୍ତିକୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ତିଆରି କରାଯାଏ। ଏହାବାଦ୍ ପଞ୍ଚ୍ ଜୋନ୍‌ରେ ମୁଥା ମାରିବା ବେଳେ ଲୋକଙ୍କୁ ସୁରକ୍ଷା ଗିୟର ମଧ୍ୟ ପ୍ରଦାନ କରାଯାଏ। ଏହି କାମ ତାଲିମପ୍ରାପ୍ତ ଟେକ୍‌ନିସିଆନଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ଅବଶ୍ୟ ଯନ୍ତ୍ରଣା ଲାଘବ କରିବାର ଏହି ଉପାୟ ବେଶ୍ କୌତୂହଳପୂର୍ଣ୍ଣ। ଅନ୍ୟପଟେ ଏହି ଉପାୟକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଆଜିର ଇତିହାସ

- ୧୮୮୮-ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ।
- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତଃରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।
- ୨୦୧୩-ମୁମ୍ବାଇରେ ଏକ କୋଠାରେ ନିଆଁ ଲାଗିଯିବାରୁ ୪ ଜଣ ଲୋକଙ୍କ ପ୍ରାଣହାନି।

# ଜାତୀୟ ଶିକ୍ଷା ଦିବସ



ଆଜି ଜାତୀୟ ଶିକ୍ଷା ଦିବସ। ପ୍ରତିବର୍ଷ ନଭେମ୍ବର ୧୧ ତାରିଖକୁ ଦେଶରେ ଜାତୀୟ ଶିକ୍ଷା ଦିବସ ଭାବରେ ପାଳନ କରାଯାଏ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଶିକ୍ଷାର ମହତ୍ତ୍ୱ ବିଷୟରେ ସାରା ବିଶ୍ୱରେ ସଚେତନତା ସୃଷ୍ଟି କରିବା। ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦକ୍ଷ ମାନବ ସମ୍ବଳ ପାଇଁ ଶିକ୍ଷାର ମହତ୍ତ୍ୱ ବେଶ୍ ଅଧିକ। ଶିକ୍ଷାର ବିକାଶରେ ମାନବ ସମ୍ବଳ ବିକଶିତ ହୋଇଥାଏ। ଶିକ୍ଷା ମନୁଷ୍ୟର ମୌଳିକ ଅଧିକାର। ଏହା ମଣିଷକୁ ସଶକ୍ତ କରିଥାଏ। ଶିକ୍ଷା ଦ୍ୱାରା ବ୍ୟକ୍ତିର ଜୀବନ ସବୁ ଦିଗରୁ ସରସ ଓ ସୁନ୍ଦର ହୋଇଥାଏ। କେବଳ ଆର୍ଥିକ ସ୍ତରରେ ନୁହେଁ, ଏହା ବୌଦ୍ଧିକ ସ୍ତରରେ ମଧ୍ୟ ଉନ୍ନତି ଆଣିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ୧୮୮୮ ମସିହା ଆଜିର ଦିନରେ ସେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ। ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି। ୧୫ ଅଗଷ୍ଟ ୧୯୪୭ରୁ ଫେବ୍ରୁଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ପ୍ରଣୟନ କରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭାରତର ସ୍ୱାଧୀନତା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। ଏହି ଅବସରରେ ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ।



# କେଶ ଖାଉଛନ୍ତି ଚାଇନା ଲୋକ!

ଚୀନ୍‌ର ଲୋକେ ସେମାନଙ୍କ ଅଦ୍ଭୁତ ଖାଦ୍ୟପେୟ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ଏଠାକାର ଲୋକେ କଞ୍ଚାମାଛଠାରୁ ଆରମ୍ଭ କରି ପୋକଜୋକ, ସାପ, କୁକୁର ମାଂସ ଖାଇଥାନ୍ତି। ଏବେ ସାମାଜିକ ଗଣମାଧ୍ୟମରେ ଚୀନ୍‌ର ଲୋକେ ଖାଉଥିବା ଏକ ଜିନିଷ ବେଶ୍ ଭାଇରାଲ ହେଉଛି। ଏହା ଅବିକଳ କେଶ ଗୁଚ୍ଛ ଭଳି ଦେଖାଯାଉଛି। ଏହାକୁ ଖାଇବାକୁ ଲୋକେ ମଧ୍ୟ ବେଶ୍ ପସନ୍ଦ କରୁଛନ୍ତି। ଏହାକୁ ସ୍ଥାନୀୟ ଭାଷାରେ ଫା କାଇ କୁହାଯାଏ। ଏହା ଶତାଧିକ ବର୍ଷ ଧରି ଚୀନ୍‌ର ଏକ ଖାଦ୍ୟ ଭାବେ ପ୍ରଚଳିତ। ଏହାର ଆକାରପ୍ରକାରରୁ ଏହାକୁ ହେୟାର ଭେଜିଟେବୁଲ୍ କୁହନ୍ତି। କହିବାକୁ ଗଲେ, ଏହା କଳାରଙ୍ଗର ସିମେଇ ଭଳି ଦେଖାଯାଏ। ଏହାକୁ ସୁପ୍‌ରେ ପକାଯାଏ। ଏବେ ଏହାକୁ କେଶର ରୂପ ଦେବା ପାଇଁ ଏହାକୁ ଚୀନା ଲୋକେ ବାରବିକ୍ୟୁରେ ରୋଷ୍ଟ କରି ସେଥିରେ ମସଲା ଚଟଣି ଲଗାଇ ଖାଉଛନ୍ତି। ଏହାକୁ ଖାଉଥିବା ଲୋକ ଅବିକଳ କେଶ ଗୁଚ୍ଛ ଖାଉଥିବାର ଦେଖାଯିବେ। ନୂଆ ବର୍ଷ ସଂଧ୍ୟାରେ ଏହାକୁ ଖାଇଲେ ବର୍ଷ ସାରା ଘରକୁ ସୁଖ ସମୃଦ୍ଧି ଆସିଥାଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି।

# କଖାରୁ ନୌକାରେ ବିଶ୍ୱ ରେକର୍ଡ




ଆମେରିକାର ଗାରି କ୍ରିଷ୍ଟେନସେନ୍ ଏକ ନିଆରା ବିଶ୍ୱ ରେକର୍ଡ କରି ଚର୍ଚ୍ଚା ସାଉଁଟୁଛନ୍ତି। ସେ ଏକ ବିଶାଳକାୟ କଖାରୁକୁ ନୌକାରେ ରୂପାନ୍ତରିତ କରିଛନ୍ତି। ଆଉ ଏହି କଖାରୁ ନୌକାରେ ଯାତ୍ରା କରି ସେ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୱାଶିଂଟନ୍‌ର କଲମ୍ବିଆ ନଦୀରେ ସେ କଖାରୁ ଡଙ୍ଗାରେ ୭୩.୫ କିଲୋମିଟର ଯାତ୍ରା କରିଛନ୍ତି। ସେ ଏହି କଖାରୁ ଡଙ୍ଗାର ନାଁ ରଖିଛନ୍ତି 'ପମକିନ୍ ଲୋଫଷ୍ଟର।' ଏହି କଖାରୁ ଡଙ୍ଗାରେ ସେ ୨୬ ଘଣ୍ଟା ନଦୀ ମଧ୍ୟରେ ନୌକା ଚାଳନା କରିଥିଲେ। ସେ ଏହି ରେକର୍ଡ କରି ୨୦୨୩ ମସିହାରେ କଖାରୁ ଡଙ୍ଗାରେ ୬୩.୦୪ କିଲୋମିଟର ଅତିକ୍ରମ ରେକର୍ଡକୁ ଭାଙ୍ଗି ଦେଇଥିଲେ। ୨୦୧୧ ମସିହାରୁ ସେ ବିଶାଳକାୟ କଖାରୁ ଚାଷ କରି ଆସୁଛନ୍ତି। ୨୦୧୩ ମସିହାରେ ପ୍ରଥମେ କଖାରୁରେ ଡଙ୍ଗା ତିଆରି କରିଥିଲେ। ଏହାସହ ସେ ଏବେ ଏଥିରେ ନୌକା ଯାତ୍ରା କରି ନିଜ ସ୍ୱପ୍ନକୁ ପୂରଣ କରିଛନ୍ତି। ଏହି ରେକର୍ଡ ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିବା ଗାରି କହିଛନ୍ତି। ଦୀର୍ଘଦିନରୁ ଏ ଲାଗି ସେ ଚିନ୍ତା କରି ଆସୁଥିଲେ। ତେବେ ଯାତ୍ରା ପାଇଁ ସେ ଉପଯୁକ୍ତ କଖାରୁ ଚାଷ କଲେ। ଏହି କଖାରୁକୁ ନୌକାରେ ପରିବର୍ତ୍ତନ କରିବା ପୂର୍ବରୁ ହିଁ ଏହାର ଆକାର ୧୪ ଫୁଟ ଏବଂ ଓଜନ ୫୫୫ କେଜିରୁ ଅଧିକ ଥିଲା। ଅକ୍ଟୋବର ୧୧ରେ ସେ କଖାରୁ ନୌକାରେ ଯାତ୍ରା ଆରମ୍ଭ କରିଥିଲେ। ସେ ନିଜର ଏହି ଯାତ୍ରାକୁ ରେକର୍ଡ କରିବା ପାଇଁ କାତ ବାଡ଼ିରେ କ୍ୟାମେରା ଲଗାଇ ଥିଲେ। ଏଭଳି କରିବା ପଛରେ କାରଣ ଥିବା ଗାରି କହନ୍ତି। ଗାରି ଲୋକଙ୍କୁ ସୁନିଶ୍ଚିତ କରିବାକୁ ଚାହୁଁଥିଲେ ଯେ, ସେ ସତସତିକା କଖାରୁ ଡଙ୍ଗାରେ ହିଁ ଯାତ୍ରା କରିଛନ୍ତି। ଅନ୍ୟପଟେ ଏହି ଯାତ୍ରା ସମୟରେ ସେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସୁନିଶ୍ଚିତ କରାଇ ଥିଲେ। ଯାତ୍ରାକୁ ନେଇ ସେ ଯେତିକି ଉତ୍ସାହିତ ଥିଲେ, ସେତିକି ଭୟଭୀତ ଥିଲେ। ସେହିପରି ଏହାକୁ ନେଇ ସେ ଯଦି ରେକର୍ଡ ବୁକ୍‌ର ଅଧିକାରୀ ହୋଇ ନ ଥାନ୍ତେ, ତେବେ ତାଙ୍କ ପାଖରେ ଏକ ଦୁଃସାହସିକ ଉପଲବ୍ଧି ଥିବା ଭାବିଥାନ୍ତେ ବୋଲି କହିଛନ୍ତି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି।

# ଦୁଇଟି ପାର୍ଟରେ ଆସିବ 'ରାମାୟଣ'

ନୀତେଶ ତିୱାରୀଙ୍କ 'ରାମାୟଣ'କୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ରଣବୀର କପୁର, ୟଶ୍, ସାଇପଲ୍ଲବୀ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ନିର୍ମାତା ଏହାର ଏକ ପୋଷ୍ଟର୍ ସେୟାର୍ କରି ନିକଟରେ ବିଧିବଦ୍ଧ ଭାବେ ଫିଲ୍ମ ରିଲିଜ୍ ବିଷୟରେ ଘୋଷଣା କରିଛନ୍ତି। ପୋଷ୍ଟରରେ ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳିରେ ଆସିବ ବୋଲି ଉଲ୍ଲେଖ ଅଛି। ପୋଷ୍ଟରରେ କିନ୍ତୁ କଳାକାରଙ୍କ କଥା ସୂଚନା ଦିଆଯାଇନାହିଁ। ଏଥିରେ କେବଳ ଫିଲ୍ମର ମୁକ୍ତିଲାଭ ଦିନ ଏବଂ ଏହାର ନିର୍ଦ୍ଦେଶନା ନୀତେଶ ତିୱାରି ଦେଉଛନ୍ତି ବୋଲି ଉଲ୍ଲେଖ ଅଛି। ଯଦିଓ ଏଥିରେ କଳାକାରଙ୍କ ବିଷୟରେ କିଛି କୁହାଯାଇନାହିଁ ସୁଟିଂ ସେଟ୍‌ରୁ କିନ୍ତୁ ଅନେକ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ରଣବୀର, ରାମ ଭୂମିକାରେ ଓ ସାଇପଲ୍ଲବୀ, ସୀତା ଭୂମିକାର ଫଟୋ ପୂର୍ବରୁ ଭାଇରାଲ ହୋଇଛି। ନିକଟରେ ୟଶ୍ ମଧ୍ୟ ସେ ଏଥିରେ ରାବଣ ଭୂମିକାରେ ଅଭିନୟ କରୁଥିବା କଥା କହିଥିଲେ। ସେହିଭଳି ଅରୁଣ ଗୋଭିଲ୍ ଓ ଲାରା ଦତ୍ତାଙ୍କୁ ମଧ୍ୟ ସୁଟିଂ ସେଟ୍‌ରେ ଦେଖାଯାଇଥିଲା। ଅରୁଣ ରାଜା ଦଶରଥ ଓ ଲାରା କୈକେୟୀଙ୍କ ଭୂମିକାରେ ଅଭିନୟ କରୁଥିବା ଚର୍ଚ୍ଚା ହେଉଛି।



# ପ୍ରଦୂଷଣ ପ୍ରଭାବକୁ କମ୍ କରିବ ଏହି ଜିନିଷ

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏବେ ସାଂଘାତିକ ରୂପ ନେଇଛି। ଏଥିଯୋଗୁଁ ଲୋକେ ନାନା ରୋଗରେ ସଂକ୍ରମିତ ହେଉଥିବାର ଦେଖାଯାଉଛି। ଅଧିକ ସମୟ ଧରି ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିବା ଦ୍ୱାରା ଫୁସ୍‌ଫୁସ୍ ସଂକ୍ରମଣ ସହ ହୃଦ୍‌ରୋଗ ହେବାର ଆଶଙ୍କା ଥାଏ। ତେବେ ଏପରି କିଛି ସୁପର୍ ଫୁଡ୍ ରହିଛି, ଯାହା ପ୍ରଦୂଷଣର ପ୍ରଭାବକୁ ହ୍ରାସ କରିଥାଏ। ଏହି ଖାଦ୍ୟଗୁଡ଼ିକୁ ଭୋଜନରେ ସାମିଲ୍ କରି ପ୍ରଦୂଷଣ ଜନିତ ସମସ୍ୟାକୁ ଅନେକ ମାତ୍ରାରେ ହ୍ରାସ କରିହେବ।



### ଅଦା

ପ୍ରଦୂଷଣ ସମସ୍ୟା ସହ ଋତୁକାଳୀନ ବିଭିନ୍ନ ରୋଗରୁ ରକ୍ଷା ପାଇଁ ଖାଦ୍ୟରେ ଅଦାକୁ ସାମିଲ କରିବା ଉଚିତ। ଅଦା ଖାଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ଅଦାକୁ ଚା'ରେ ପକାଇ କିମ୍ବା ମହୁ ସାଙ୍ଗରେ ଖାଇବା ଉଚିତ।

### ଗୋଲମରିଚ

ଗୋଲମରିଚ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡା କାଶରୁ ରକ୍ଷା କରିଥାଏ। ଗୋଲମରିଚ ଗୁଣ୍ଡକୁ ମହୁରେ ମିଶାଇ ଖାଇବା ଦ୍ୱାରା ପ୍ରଦୂଷଣ ଯୋଗୁଁ ହେଉଥିବା କଫରୁ ଆରାମ ଦେଇଥାଏ।

### ହଳଦି

ହଳଦିରେ ଜୀବାଣୁନାଶକ ଗୁଣ ରହିଛି। ଏହାକୁ ନିୟମିତ ସେବନ କରିବା ଦ୍ୱାରା ପ୍ରଦୂଷଣ ଯୋଗୁଁ ଦେଖାଯାଉଥିବା ଫୁସ୍‌ଫୁସ୍ ସଂକ୍ରମଣରୁ ରକ୍ଷା ମିଳିଥାଏ। ନିୟମିତ ହଳଦିକୁ କ୍ଷୀରରେ ମିଶାଇ ପିଇବା ଦ୍ୱାରା ଥଣ୍ଡା, କାଶରୁ ରକ୍ଷା ମିଳିଥାଏ।

### ଗୁଡ଼

ଶୀତଦିନେ ଗୁଡ଼ ସେବନ କରିବା ବେଶ୍ ଲାଭଦାୟକ। ପ୍ରଦୂଷଣ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ଏହା ରକ୍ଷା କରିଥାଏ। ନିୟମିତ ଗୁଡ଼ ଖାଇବା ଯୋଗୁଁ ଶ୍ୱାସ, ଟିବି ଆଦି ରୋଗ ଦୂରେଇଯାଏ।

### କମଳା

କମଳାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି' ରହିଥାଏ। ଏହି ଫଳ ପ୍ରଦୂଷଣରୁ ରକ୍ଷା କରିଥାଏ। ଏହା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ପ୍ରଦୂଷଣର ଦୁଷ୍ପ୍ରଭାବରୁ ରକ୍ଷା କରିଥାଏ।
ଏହାବାଦ୍ ଘରୁ ବାହାରକୁ ବାହାରିବା ମାତ୍ରେ ମାସ୍କ ବ୍ୟବହାର କରିବା ଜରୁରି। ପ୍ରଦୂଷଣରୁ ତ୍ୱଚା ଓ ଆଖିକୁ ସୁରକ୍ଷା ଦେବା ପାଇଁ ଚଷମା ଲଗାଇବା ସହ କପଡ଼ା ଗୁଡ଼ାଇ ରଖିବା ଆବଶ୍ୟକ। ଯେତେ ସମ୍ଭବ ଧୂଳି ଥିବା ସ୍ଥାନକୁ ଓଦା ରଖିବା ଆବଶ୍ୟକ।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ଅଯଥା ଖର୍ଚ୍ଚ କରନ୍ତୁନି। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ଭବିଷ୍ୟତ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ଦୂରସ୍ଥାନ ଯାତ୍ରାଯୋଗ ରହିଛି। ପିଲାମାନେ ଖେଳମନସ୍କ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜ କରିପାରନ୍ତି।

**କର୍କଟ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ଭଲ ସମୟ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ତୁଳା:** ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ଆୟ ଅନୁସାରେ ବ୍ୟୟ ହେବ। ଧାର ଦେଇଥିବା ଟଙ୍କା ଫେରସ୍ତ ପାଇବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନୂତନ ଜମି କ୍ରୟ କରିପାରନ୍ତି।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ହସଖୁସି ଲାଗି ରହିବ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଜୀବନସାଥୀଙ୍କ ସହଯୋଗ ମିଳିବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଭ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ରହିଛି।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର ଟଙ୍କା ଫେରିପାଇବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ଘରକୁ ଅତିଥି ଆସିବେ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

# ବାହାଦୁରୀ ନେବାରେ ବିଜେପି ସରକାର ସିଦ୍ଧହସ୍ତ: ବିଜେଡି

ଭୁବନେଶ୍ୱର,୧୦।୧୧(ସମିସ): ଓଡିଶାରେ କପି ପେଷ୍ଟ ସରକାର ଚାଲିଛି। ବିଜେଡି ସରକାର କାମକୁ ନିଜ ନାମରେ କରି କିପରି ଶ୍ରେୟ ନେଇ ହେବ ସେଥିରେ ରାଜ୍ୟ ସରକାର ପ୍ରସିଦ୍ଧି ଅର୍ଜନ କରିଛନ୍ତି । ନବୀନ ପଟ୍ଟନାୟକ ପଦ୍ମ ପୁରସ୍କାର ବିଜେତାଙ୍କ ପାଇଁ ମାସିକ ୨୫ ହଜାର ଟଙ୍କା



ଘୋଷଣା କରିଥିଲେ; ଆଉ ଏବେ ବିଜେପି ସରକାର ସେଥିରେ ଆଉ ୫ ହଜାର ଟଙ୍କା ବୃଦ୍ଧି କରି ଶୁଖିଲା ଶ୍ରେୟ ନେବାକୁ ତଞ୍ଚକତାପୂର୍ଣ୍ଣ ଉଦ୍ୟମ କରିଛନ୍ତି ବୋଲି କହିଛି ବିଜେଡି।

ଆଜି ଶଙ୍ଖ ଭବନରେ ବିଜେଡି ମୁଖପାତ୍ର ଡ଼ ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ପଦ୍ମ ପୁରସ୍କାର ବିଜେତା ମାନଙ୍କୁ ମାସିକ ୩୦ ହଜାର ଟଙ୍କା ଆର୍ଥିକ ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ନିକଟରେ କରାଯାଇଥିବା ଘୋଷଣାରେ କିଛି ନୂତନତ୍ୱ ନାହିଁ। ଏହା ନବୀନ ସରକାରଙ୍କ ସମୟରେ ଘୋଷିତ ହୋଇଥିଲା। ୧୩ ମାର୍ଚ୍ଚ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଜାରି ହୋଇଥିବା ବିବୃତିରେ କୁହା ଯାଇଥିଲା ପଦ୍ମ ପୁରସ୍କାର ଦେଶର ଗୌରବମୟ

■ ମନ୍ତ୍ରୀଙ୍କ ଘୋଷଣାରେ ନୂତନତ୍ୱ ନାହିଁ, ଚଞ୍ଚକତା ଭରି ରହିଛି
■ ପଦ୍ମ ବିଜେତାଙ୍କ ସହାୟତା ଘୋଷଣା କରିଥିଲେ ନବୀନ

ବେସାମରିକ ସମ୍ମାନ। ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡିଶାର ଗୌରବ ବୃଦ୍ଧି କରିଛନ୍ତି। ଏହାର ସ୍ୱୀକୃତି ସ୍ୱରୂପ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ସମ୍ମାନାର୍ଥେ ମାସକୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥ ସମ୍ମାନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଘୋଷଣା କରିଥିଲେ। ଏପ୍ରିଲ ମାସରୁ ଏହି ଅର୍ଥରାଶି ପ୍ରଦାନ କରାଯିବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏବେ ରାଜ୍ୟର ବିଜେପି ସରକାରଙ୍କ ଦ୍ୱାରା କରାଯାଇଥିବା ଘୋଷଣା କେବଳ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ପରିମାଣରେ ୫,୦୦୦ ଟଙ୍କା ବୃଦ୍ଧି କରାଯାଇଛି। ବାହାଦୂରୀ ନେବା ପାଇଁ ଏହି ଘୋଷଣା ସମୟରେ ପୂର୍ବ ସରକାରଙ୍କ ନିଷ୍ପତ୍ତି ଓ ପଦକ୍ଷେପ ସମ୍ପର୍କରେ କିଛି କୁହାଯାଇ ନାହିଁ। ସରକାର ନିଜେ ନିଷ୍ପତ୍ତି ନେଇ କିଛି କାର୍ଯ୍ୟ କରିବାକୁ କେହି ବିରୋଧ କରିବେ ନାହିଁ । ମାତ୍ର ପୂର୍ବ ସରକାରଙ୍କ କାମକୁ ନିଜର କହି ବାହାଦୁରି ନେବା ରାଜ୍ୟବାସୀଙ୍କୁ ଭଣ୍ଡାଇବା ସଦୃଶ। ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବର୍ତ୍ତମାନର ସରକାର କେବଳ ଏହି ପ୍ରସଙ୍ଗରେ ନୁହେଁ, ବରଂ ଏଭଳି ଅନେକ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ନିଷ୍ପତ୍ତିକୁ ପୁଣି ଥରେ ଘୋଷଣା କରୁଛନ୍ତି। ନିକଟରେ ମହିଳା କର୍ମଚାରୀ ମାନଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ବର୍ଷକୁ ୧୦ ଦିନର ବିଶେଷ ଛୁଟିକୁ ବର୍ତ୍ତମାନର ସରକାର ବର୍ଷକୁ ବାର ଦିନ ଛୁଟିର ଘୋଷଣା କରିଛନ୍ତି। ସେହିପରି, ୩୪ଟି ନୂତନ ଏନଏସି ଓ ୫ଟି ଏନଏସି କୁ ମୁନିସିପାଲିଟି କରିବା ପାଇଁ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିଲା। ନିକଟରେ ପୁଣି ଥରେ ସମାନ ଘୋଷଣା ନୂତନ ଭାବେ କରାଯାଇଛି ବୋଲି ଡ଼ଃ ମହାନ୍ତି କହିଛନ୍ତି।

## ୪ ମାସ ହେଲା ମିଳିନି ରାସନ୍ ଚାଉଳ

# ଖୁର୍ସା, କରଡ଼ି ଓ ଜଙ୍ଗଲୀ କନ୍ଦାରେ ବିତୁଛି ଜୀବନ



ପୁଣି ଘଟିପାରେ 'ମାଣ୍ଡିପଙ୍କା' ଅଘଟଣ

ବାଲିଗୁଡ଼ା, ୧୦।୧୧ (ସମିସ): ୪ ମାସ ହେଲା ମିଳିନି ରାସନ୍ ଚାଉଳ। ତେଣୁ ଭୋକ ମେଣ୍ଟାଇବା ପାଇଁ ଖୁର୍ସା, କରଡ଼ି, ଜଙ୍ଗଲୀ କନ୍ଦା ଓ ମକା ଭଳି ଜଙ୍ଗଲଜାତ ଦ୍ରବ୍ୟ ଏବେ ସେମାନଙ୍କର ଭରସା ପାଲଟିଛି। ମାଣ୍ଡିପଙ୍କା ପରେ ସେହି କନ୍ଧମାଳରୁ ଖାଦ୍ୟାଭାବର ଏମିତି ଆଉ ଏକ ବିକଳ ଚିତ୍ର ପଦାକୁ ଆସିଛି। ତୁମୁଡ଼ିବନ୍ଧ ବ୍ଲକ୍ ଭଣ୍ଡାରଙ୍ଗୀ ପଞ୍ଚାୟତର ଦୁର୍ଗମ ମାସ୍କାଗୁଡ଼ା ଗ୍ରାମର ୧୮ ଆଦିବାସୀ ପରିବାର ସରକାରୀ ପ୍ରତାରଣାର ଶିକାର ହୋଇ ଏବେ ଏମିତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।

ମିଳିଥିବା ସୂଚନାନୁସାରେ,ମାସ୍କାଗୁଡ଼ାର ଏହି ୧୮ ଆଦିବାସୀ ପରିବାରକୁ ଗତ ଜୁଲାଇ ପରଠାରୁ ୪ ମାସ ହେଲା ଚାଉଳ ମିଳିନି। ମନରେଗାରେ ମଧ୍ୟ କାମ ମିଳୁନାହିଁ। ବର୍ଷା ଦିନମାନଙ୍କରେ ପାଖ ଗାଁକୁ ଯାଇ ବିଲରେ ମଜୁରି କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ବର୍ତ୍ତମାନ ଆଉ କୌଣସି କାମ ମିଳୁନି। କିଛି ଦିନ ତଳେ ପଞ୍ଚାୟତ ଅଫିସ୍‌ରେ ଚାଉଳ ମିଳୁଥିବା ଖବର ପାଇ ସେମାନେ ଯାଇଥିଲେ। କିନ୍ତୁ ସେଠାରୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା ବୋଲି ସେମାନେ କହିଛନ୍ତି। ତେଣୁ ଭୋକ ମେଣ୍ଟାଇବା ପାଇଁ ଏବେ ସେମାନେ ଜଙ୍ଗଲ ଉପରେ ଭରସା କରୁଛନ୍ତି ବୋଲି କହିଛନ୍ତି। ସେମାନଙ୍କ କହିବା କଥା, ଜଙ୍ଗଲରେ କରଡ଼ି, ଜଙ୍ଗଲୀ କନ୍ଦା ଓ ବାଡ଼ିର ଖୁର୍ସା ଓ ମକା ସଂଗ୍ରହ କରି ତାହାକୁ ରାନ୍ଧୁଛନ୍ତି। କିନ୍ତୁ ଏସବୁ ଜିନିଷ ସବୁବେଳେ ମିଳୁନଥିବାରୁ ବେଳେବେଳେ ସେମାନଙ୍କ ପିଲାଛୁଆଙ୍କୁ ପେଟରେ ଓଦା କନା ପକାଇ ଶୋଇବାକୁ ପଡୁଛି ବୋଲି ଗ୍ରାମର ଭୂପିନ୍ଦର ମାଝୀ କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସନ୍ ଚାଉଳ ଯୋଗାଇବାକୁ ସମସ୍ତ ଆଦିବାସୀ ପରିବାର ଦାବି କରିଛନ୍ତି।

ଏ ସମ୍ପର୍କରେ ଭଣ୍ଡାରଙ୍ଗୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ବେବୀଲତା ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ତୁମୁଡ଼ିବନ୍ଧ ଯୋଗାଣ ନିରୀକ୍ଷକ ଅଞ୍ଜନ କୁମାର ଦିଗାଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତୁରନ୍ତ ଉକ୍ତ ପରିବାରମାନଙ୍କୁ ରାସନ୍ ଚାଉଳ ଯୋଗାଇ ଦିଆଯିବ।

ଉଲ୍ଲେଖଯୋଗ୍ୟ, ଖାଦ୍ୟାଭାବରୁ ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ କୋଇଲି ଖାଇ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ତମ୍ବିତୋଫାନ ଦେଖାଦେଇଥିଲା। ଏବେ ବି ଏହାର ତାତି ଥମିନଥିବା ବେଳେ ମାସ୍କାଗୁଡ଼ା ଗ୍ରାମରେ ପୁଣି ସମଧରଣର ଏକ ଅଘଟଣର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି କୁହାଯାଉଛି।

# ଭତ୍ତା ବଢ଼ିଲାନି; ଦୁର୍ଦ୍ଦଶା ବଢୁଛି

ଭୁବନେଶ୍ୱର,୧୦।୧୧(ସମିସ): ସରକାରୀ କଳ ସ୍ଥାଣୁ, ପ୍ରଶାସନ ଅଚଳ । ଗରିବ, ବୟସ୍କ, ଦିବ୍ୟାଙ୍ଗ, ରୋଗଗ୍ରସ୍ତ ଓ ସାଧାରଣ ଲୋକମାନେ ପୂର୍ବପରି ଯେପରି ହାତ ପାହାନ୍ତାରେ ପାଉଥିବା ସରକାରୀ ସୁବିଧା ଏବେ ଅପହଞ୍ଚ। ସବୁଠାରୁ ବିଡ଼ମ୍ବନା ହେଉଛି ପୂର୍ବ ସରକାର ସମୟରେ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ଘରେ ଭତ୍ତା ଦିଆଯିବା ବ୍ୟବସ୍ଥା ବି ଉଭାନ ହୋଇ ଗଲାଣି । ଯାହାର ପରିଣାମ ଏବେ ଏହି ସ୍ପର୍ଶକାତର ବର୍ଗର ଗରିବ ଲୋକମାନଙ୍କୁ ଭୋଗିବାକୁ ପଡୁଛି । ଗରିବ ଲୋକଙ୍କୁ ଭତ୍ତାକୁ ୩୦୦୦ ଟଙ୍କା ଘୋଷଣାକୁ ତ ସରକାର କାର୍ଯ୍ୟକାରୀ କଲେ ନାହିଁ; ଏବେ ପୂର୍ବ ସରକାର ଅମଳରେ ଯେତିକି ଟଙ୍କା ଭତ୍ତା ସେମାନେ ଘରେ ବସି ପାଉଥିଲେ, ସେତକ ଆଣିବାକୁ ଯାଇ ହିତାଧିକାରୀଙ୍କ ଜୀବନ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଘଟିଥିବା ଘଟଣା ପରେ ସରକାର ଚେତିଲେ ନାହିଁ। ଯେଉଁଥିପାଇଁ କୋରାପୁଟ ଜିଲ୍ଲା ବାଉଁଶ ପୁଟ ଗାଁର ଅନ୍ୟ ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି । ଭତ୍ତା ପାଇଁ ପାଞ୍ଚ କିଲୋମିଟର ଚାଲିଚାଲି ଯିବାବେଳେ ବୃଦ୍ଧାଜଣକ ବାଟରେ ମୃତ୍ୟୁବରଣ କରିଛନ୍ତି ।

ଗତ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ଘଟିଥିବା ଏକ ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଚଳତ୍‌ଶକ୍ତିହୀନ ଜଣେ ୮୦ ବର୍ଷର ବୃଦ୍ଧା କାଦୁଅ ପଚପଚ ରାସ୍ତାରେ ପ୍ରାୟ ୨ କିଲୋମିଟର ଗୁରୁଣ୍ଡି ଗୁରୁଣ୍ଡି ଭତ୍ତା ଟଙ୍କା ଆଣିବାକୁ ଯିବା ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଏହାପରେ ମଧ୍ୟ ରାଜ୍ୟ ସରକାରଙ୍କ ଚେତା ପଶିଲା ନାହିଁ। ଭତ୍ତା ଟଙ୍କା ପାଇଁ ପାଞ୍ଚ କିଲୋମିଟର ଚାଲିଚାଲି ବାଉଁଶପୁଟ ଗାଁର କାନ୍ତା ମେଲକା (୮୩)ଙ୍କର ହଂସା ଉଡ଼ିଗଲା। ବାଟରେ ସେ ମୁର୍ଚ୍ଛା ଗଲେ ଓ ଶେଷରେ ତାଙ୍କର ଜୀବନ ଚାଲିଗଲା। ବୃଦ୍ଧ ଏବଂ ଶାରିରୀକ ଭିନ୍ନକ୍ଷମ ଲୋକଙ୍କୁ ତାଙ୍କ ଘରେ ଭତ୍ତା ଦେବା ନେଇ ପୂର୍ବ ସରକାର ନିୟମ କରିଥିବା କଡ଼ାକଡ଼ି ଅନୁପାଳନ ହୋଇଥିଲେ ସମ୍ଭବତଃ କାନ୍ତା ମେଲକା ଆଜି ବି ଜୀବିତ ଥାଆନ୍ତେ। ମାତ୍ର ପୂର୍ବ ସରକାରଙ୍କ ସବୁ ଜନକଲ୍ୟାଣକାରୀ ଯୋଜନା ଏବେ ରାଜ୍ୟ ସରକାରଙ୍କୁ ଗନ୍ଧାଉଛି। ଲୋକଙ୍କ ହିତ ପାଇଁ ନବୀନ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ ବନ୍ଦ କରିବାକୁ ସରକାର ଆସିବା ଦିନରୁ ଲାଗି ପଡ଼ିଛନ୍ତି। ଉପରୁ ତଳ ପର୍ଯ୍ୟନ୍ତ କିଛି ସରକାରୀ ଅଧିକାରୀ ସରକାରଙ୍କୁ ସନ୍ତୁଷ୍ଟ କରିବାକୁ ଆହୁରି ପାଦେ ଆଗେଇ ଯାଇଛନ୍ତି। ଏହାର ପରିଣାମ ସାଧାରଣ ଲୋକମାନେ ଭୋଗୁଛନ୍ତି।

ଗତ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ନିଜ ଗାଁରୁ ଦୁଇ ଭଉଣୀ ସୋନାଇ ମେଲେକା ଓ କାନ୍ତା ମେଲେକା (୮୩)ଭତ୍ତା ଟଙ୍କା ପାଇଁ ଘରୁ ବାହାରିଥିଲେ। କାନ୍ତା ମେଲେକା ଭଲ ଭାବରେ ଦେଖି ପାରନ୍ତି ନାହିଁ। ଅସୁସ୍ଥ ଥିବା ଯୋଗୁ ସେ ଚାଲିବା ମଧ୍ୟ କଷ୍ଟକର ହୋଇଥିଲା। ଦେଖି ପାରୁନଥିବା ଭଉଣୀକୁ ବାଡି ଧରେଇ କଷ୍ଟରେ ସାନ ଭଉଣୀ ନିକଟସ୍ଥ କିଓସ୍କୋକୁ ଯାଉଥିଲେ। ସେଠାରେ ପ୍ରବଳ ଭିଡ଼ ଥିବାରୁ ଟଙ୍କା ଉଠାଇ ନ ପାରି ଚାଲିଚାଲି ଜୟଗୁଡା ଗାଁକୁ ଭତ୍ତା ଆଣିବାକୁ ବାହାରିଥିଲେ। ମାତ୍ର ଶେଷରେ ସେ ଆଉ ଚାଲି ପାରିଲେ ନାହିଁ। ଗାଁ ଠାକୁରାଣୀ ମନ୍ଦିର ମଣ୍ଡପ ଦେଇ ଯାଉଥିବା ପାଦଚଲା ରାସ୍ତା ନିକଟରେ ଟଳି ପଡ଼ିଥିଲେ। ପାଖରେ ଭଲିବଲ ଖେଳୁଥିବା ଯୁବକ ମାନେ ତାଙ୍କୁ ଖୋଲା ପଡ଼ିଆକୁ ଆଣିଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ୟୁଜି ବ୍ୟାଙ୍କ ମ୍ୟାନେଜରଙ୍କ ସୂଚନା ଅନୁସାରେ ଚଳିତ ମାସର ଭତ୍ତା ଟଙ୍କା ବୃଦ୍ଧାଙ୍କ ଜମା ଖାତାକୁ ଆସିଥିଲେ ମଧ୍ୟ ସେ ଏହି ଟଙ୍କା ଉଠାଇ ନାହାନ୍ତି । ପ୍ରତି ମାସରେ କାନ୍ତା ଓ ତାଙ୍କ ଭଉଣୀ ସୋନାଇ କିଓସ୍କ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇଥାନ୍ତି। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଏଥିପାଇଁ କାନ୍ତାଙ୍କ ପରି ବୟସ୍କ ବୃଦ୍ଧ ଓ ବୃଦ୍ଧା ହିତାଧିକାରୀଙ୍କୁ ବ୍ୟାଙ୍କ ପରିବର୍ତ୍ତେ ଘରେ ନେଇ ଭତ୍ତା ଦେବାକୁ ଜିଲ୍ଲାପାଳ ଓ ପଞ୍ଚାୟତସ୍ତରୀର ଅଭିଯୋଗ ଶୁଣାଣିରେ ଅନୁରୋଧ କରିଥିଲେ ହେଁ ପ୍ରଶାସନ ସେଥିପ୍ରତି କର୍ଣ୍ଣପାତ କଲା ନାହିଁ। ପରିଣତି ସ୍ୱରୂପ କାନ୍ତାଙ୍କ ଜୀବନ ଗଲା।

■ କିଏ ନେବ କାନ୍ତା ମେଲକାଙ୍କ ମୃତ୍ୟୁର ଉତ୍ତରଦାୟିତ୍ୱ ?
■ ଭତ୍ତା ଟଙ୍କା ଆଣିବାକୁ ଚାଲି ଚାଲି ଯାଇ ବୃଦ୍ଧାଙ୍କ ଗଲା ଜୀବନ
■ ସରକାର ପରିବର୍ତ୍ତନ ପରେ ଦହଗଞ୍ଜ ହେଉଛନ୍ତି ହିତାଧିକାରୀ
■ ବେଫିକର ସରକାର, ତୃଣମୂଳ ସ୍ତରରେ ସରକାରୀ କଳ ଅକାମୀ
■ ବୟସ୍କ, ରୋଗୀ, ଦିବ୍ୟାଙ୍ଗ ଘରେ ଭତ୍ତା ପ୍ରଦାନ ନିୟମ ଚୁଲିରେ

କାନ୍ତାଙ୍କ ମୃତ୍ୟୁର ଉତ୍ତରଦାୟିତ୍ୱ ସରକାର ନେବେ କି ନାହିଁ ତାହା ଭିନ୍ନ କଥା। ମାତ୍ର ସରକାରୀ ଦାୟିତ୍ୱହୀନତା ଓ ପ୍ରଶାସନର ଅବହେଳା ଯୋଗୁଁ ଆଗାମୀ ଦିନରେ ଅନେକ କାନ୍ତାଙ୍କ ଜୀବନ ନେବା ଆପାତତଃ ନିଶ୍ଚିତ ବୋଲି କୁହାଯାଉଛି। ସରକାର ଚଳାଇବା ପାଇଁ କେବଳ ସଂଖ୍ୟା ଗରିଷ୍ଠତା ନୁହେଁ, ଏଥିପାଇଁ ପ୍ରତିବଦ୍ଧତା ଲୋଡ଼ା। ଯାହା ଏବେ ପ୍ରତ୍ୟେକ କ୍ଷେତ୍ରରେ ଅଦୃଶ୍ୟ। କେନ୍ଦୁଝର ଘଟଣାରୁ ରାଜ୍ୟ ସରକାର କିଛି ଶିଖିଲେ ନାହିଁ, ଏବେ କାନ୍ତାଙ୍କ ମୃତ୍ୟୁର ପ୍ରାୟଶ୍ଚିତ ସରକାର କେବେ କରିବେ କେଜାଣି?

# ଶିମିଳିପାଳରେ କଳାବାଘ ଦେଖିଲେ ପର୍ଯ୍ୟଟକ



ବାରିପଦା,୧୦।୧୧(ସମିସ): ଦୀର୍ଘ ଦିନ ପରେ ଶିମିଳିପାଳ ଅଭୟାରଣ୍ୟରେ ପର୍ଯ୍ୟଟକମାନେ ମେଲାନିଷ୍ଟିକ୍ ପ୍ରଜାତିର କଳାବାଘ ଦେଖିଛନ୍ତି। ଚଳିତବର୍ଷ ଜିମନି ଗାଡ଼ିରେ ଅଭୟାରଣ୍ୟର କୋର୍ ଅଞ୍ଚଳରେ ବୁଲିବା ପାଇଁ ପର୍ଯ୍ୟଟକଙ୍କ ଲାଗି ବ୍ୟବସ୍ଥା କରାଯାଇଥିବାରୁ ଭ୍ରମଣ ସମୟରେ ପର୍ଯ୍ୟଟକମାନେ କଳା ବାଘ ଦେଖିବାର ସୁଯୋଗ ପାଇଛନ୍ତି। ଏ ସଂପର୍କରେ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ ବନ୍ୟଜନ୍ତୁ ନିର୍ଭୟରେ ବିଚରଣ କରିବାର ଏହା ଏକ ପ୍ରମାଣ ବୋଲି ପିସିସିଏଫ୍ ଶ୍ରୀ ନନ୍ଦ କହିଛନ୍ତି। ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଶିମିଳିପାଳ ଅଭୟାରଣ୍ୟକୁ ପ୍ରକୃତିପ୍ରେମୀଙ୍କ ସୁଅ ଛୁଟିବାରେ ଲାଗିଛି। ପୂରା ଭାରତରେ ମୋଟ ୧୦ଟି କଳାବାଘ ରହିଥିବା ବେଳେ ସମସ୍ତ ବିରଳ 'ମେଲାନିଷ୍ଟିକ' ପ୍ରଜାତିର କଳାବାଘ ଶିମିଳିପାଳରେ ହିଁ ରହିଛନ୍ତି। ବନ୍ୟଜନ୍ତୁ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲରେ କଳା ବାଘ ସଫାରୀ ନିର୍ମାଣ ପାଇଁ ଅନୁମୋଦନ କରିଥିଲେ। ତଦନୁଯାୟୀ ୧୦୦ ହେକ୍ଟର ଜମିରେ କଳାବାଘ ସଫାରୀ ନିର୍ମାଣ ପ୍ରକ୍ରିୟା ଜାରି ରହିଛି।

# ଗୋଟିଏ 'ଭରତପୁର' ଯଥେଷ୍ଟ ହେଲାନି!

ଭୁବନେଶ୍ୱର,୧୦।୧୧(ସମିସ): ଭରତପୁର ଥାନାରେ ଜଣେ ମେଜର୍ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ୍‌ର ପାଶବିକ ଅତ୍ୟାଚାର ଅଭିଯୋଗ ନେଇ ପୂରା ରାଜ୍ୟ ଉଠିଲା ପଡ଼ିଲା। ଦେଶରେ ଓଡ଼ିଶାର ଛବି ଖରାପ ହେଲା। ସ୍ଥିତି ଏମିତି ହେଲା ଯେ ସରକାରଙ୍କୁ ବିଚାର ବିଭାଗୀୟ ତଦନ୍ତ ପାଇଁ ଆଦେଶ ଦେବାକୁ ପଡ଼ିଲା। ଅଭିଯୁକ୍ତ ପୁଲିସ୍ ଅଧିକାରୀଙ୍କ ମିଛଧରା ପରୀକ୍ଷାଠାରୁ ଆରମ୍ଭ କରି ବ୍ରେନ୍-ଫିଙ୍ଗରପ୍ରିଣ୍ଟ, ବ୍ରେନ୍-ମ୍ୟାପିଂ ଆଦି କେତେ କ'ଣ ପରୀକ୍ଷା ହେଲା। ଏବେ ବି ଏହି ମାମଲାର ତଦନ୍ତ ଚାଲିଛି। କିନ୍ତୁ ଏତେ ବଡ଼ ଘଟଣା ସତ୍ତ୍ୱେ ଓଡ଼ିଶା ପୁଲିସ୍‌ର ନିଦ ଭାଙ୍ଗି ନଥିବା ଭଳି ପରିଲକ୍ଷିତ ହେଉଛି। ପୁଲିସ୍ ଯେପରି ଆଉ ଗୋଟିଏ ଏମିତି ଅଘଟଣକୁ ଅପେକ୍ଷା କରି ବସିଛି। ଏଯାବତ୍ ସବୁ ଥାନାରେ ସିସିଟିଭି ଲାଗି ନପାରିବା ଏବଂ ଯେଉଁ ଥାନାରେ ବି ଲାଗିଛି, ତା'ର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାନଯିବାରୁ ଏଭଳି ଏକ ଅଭିଯୋଗ ମୁଣ୍ଡ ଟେକିଛି।

'ଭରତପୁର' ଘଟଣାରେ କିଏ ଭୁଲ୍, କିଏ ଠିକ୍; ତାହା ସିସିଟିଭି ଫୁଟେଜ୍‌ରୁ ସହଜରେ ଜାଣିପାରି ହୋଇଥା'ନ୍ତା। କିନ୍ତୁ ଦୁର୍ଭାଗ୍ୟକୁ ଘଟଣା ବେଳେ ସେଠାରେ ସିସିଟିଭି ନଥିଲା। ଖାଲି ଭରତପୁର ନୁହେଁ, ରାଜ୍ୟରେ ଥିବା ୬୪୫ଟି ଥାନା ମଧ୍ୟରୁ ୫୨ଟି ଥାନାରେ ସିସିଟିଭି କ୍ୟାମେରା ନାହିଁ। ଏକଥା ଖୋଦ୍ ପୁଲିସ୍ ଏଡିଜି (ଆଧୁନିକୀକରଣ) ଦୟାଳ ଗଙ୍ଗୱାର୍ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ସେହିପରି ୨୯୫ ପୁଲିସ୍ ଆଉଟ୍‌ପୋଷ୍ଟରେ ସିସିଟିଭି ନାହିଁ।

■ ୫୨ ଥାନା, ୨୯୫ ଫାଣ୍ଡିରେ ନାହିଁ ସିସିଟିଭି
■ ଯେତିକିରେ ଲାଗିଛି; ଅଧାରୁ ଅଧିକ ଅଚଳ
■ ମରାମତି, ରକ୍ଷଣାବେକ୍ଷଣ ନାହିଁ
■ ତୃତୀୟ ପକ୍ଷକୁ କାମ ଧରାଇ ଓକାକ୍ ଚୁପ୍
■ ବାରମ୍ବାର ଚିଠି ଲେଖି ଅଧିକାରୀ ନିରାଶ

ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୫୨ଟିକୁ ଛାଡ଼ିଦେଲେ ବାକି ଥାନାଗୁଡ଼ିକରେ ଲାଗିଥିବା ସିସିଟିଭିରୁ ବହୁତଗୁଡ଼ିଏ ଅଚଳ ହୋଇଗଲାଣି। କିନ୍ତୁ ତାକୁ ମରାମତି କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସିସିଟିଭି ଲଗାଇବା ଏବଂ ତା'ର ମରାମତି, ରକ୍ଷଣାବେକ୍ଷଣ କରିବା କାମ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର୍ (ଓକାକ୍)ର। କିନ୍ତୁ ଓକାକ୍ ଏହାକୁ ତୃତୀୟପକ୍ଷକୁ ଧରାଇ ଦେଇ ବସି ପଡ଼ିଛି। ତୃତୀୟ ପକ୍ଷ କାମ ଠିକ୍ ଭାବେ କଲା କି ନ କଲା, ତାହାକୁ ମଧ୍ୟ ଠିକ୍ ଭାବେ ଓକାକ୍ ଅନୁଧ୍ୟାନ କରୁନାହିଁ ବୋଲି ଓଡ଼ିଶା ପୁଲିସ୍‌ର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହାଦ୍ୱାରା ପୁଲିସ୍ ଉପରେ ଦୋଷ ଲଦିବା ସହଜ ହୋଇଯାଉଛି ବୋଲି ସେ କହିଛନ୍ତି। ହାଜତ ମୃତ୍ୟୁ, ଥାନାରେ ଥାର୍ଡ-ଡିଗ୍ରି, ପୁଲିସ୍ ଦୁର୍ବ୍ୟବହାର କରିବା ଭଳି ଅନେକ ଅଭିଯୋଗ ପୁଲିସ୍ ମୁଣ୍ଡରେ ଲଦି ଦିଆଯାଉଛି। ଆଉ ଦୁର୍ଭାଗ୍ୟକୁ ସିସିଟିଭି କାମ କରୁନଥିବାରୁ ପୁଲିସ୍ ବି ନିଜ ସପକ୍ଷରେ ଯୁକ୍ତି ବାଢ଼ିବାକୁ ସୁଯୋଗ ପାଉନି ଏବଂ ପୁଲିସ୍‌ର ଛବି ଖରାପ ହେଉଛି। ସେହିପରି ଥାନା ପରିସରରୁ ଚୋରି, ଅପରାଧୀ ଥାନାରୁ ଚମ୍ପଟ ମାରିବା ଘଟଣା ମଧ୍ୟ ଜଣାପଡୁନାହିଁ।

ସାରା ଓଡ଼ିଶା ତ ଦୂରର କଥା, ରାଜଧାନୀ ଭୁବନେଶ୍ୱର ଏବଂ କଟକର ଅନେକ ଥାନାରେ ଲାଗିଥିବା ସିସିଟିଭିରୁ ଅଧାରୁ ଅଧିକ କାମ କରୁନି। ଖାଲି କାନ୍ଥରେ ଟଙ୍ଗା ହୋଇଛି। ଅଧିକାରୀମାନେ ଏନେଇ ବାରମ୍ବାର ଓକାକ୍‌କୁ ଚିଠି ଲେଖିଲେ ମଧ୍ୟ ତାହା ଠିକ୍ କରାଯାଉ ନଥିବା ଅଭିଯୋଗ କରାଯାଉଛି। ମେରାଇନ୍ ଥାନାଗୁଡ଼ିକରେ ଥିବା ଅବସ୍ଥା ଆହୁରି ଖରାପ। ଅନେକ ମେରାଇନ୍ ଥାନାରେ ସିସିଟିଭି କାମ କରୁନି। ମେରାଇନ୍ ଥାନା ସମୁଦ୍ର ନିକଟରେ ହୋଇଥିବାରୁ ଲୁଣାପାଣିରେ ନଷ୍ଟ ହୋଇଯାଉଛି। ଏହାକୁ ଠିକ୍ ସମୟରେ ମରାମତି ମଧ୍ୟ କରାଯାଉନାହିଁ।



## ବାତ୍ୟା 'ଦାନା'ର ପରବର୍ତ୍ତୀ ବିକଳ ଚିତ୍ର

# ସାଗରତଟରେ ଶହ ଶହ ଗୋରୁ ଏବେ ଅନାହାରରେ



ରାଜନଗର, ୧୦।୧୧ (ସମିସ): ବାତ୍ୟା 'ଦାନା' ଯିବାର ୧୬ ଦିନ ବିତିଗଲାଣି। 'ଦାନା'ର ତାଣ୍ଡବ ଛାଡ଼ିଯାଇଛି ଅନେକ ଯନ୍ତ୍ରଣା। ବିଶେଷକରି ବଙ୍ଗୋପସାଗର ତଟବର୍ତ୍ତୀ ଗାଇ ଗୋରୁ ଖାଦ୍ୟ ଅଭାବରୁ ଏବେ ଅନାହାରରେ। ବାତ୍ୟା ପରବର୍ତ୍ତୀ ସମୟରେ ସାତଭାୟାର ପୁରୁଣା ସ୍ଥାନ ମାନଙ୍କରେ ସମୁଦ୍ର ଜୁଆର ମାଡି ଯାଇଥିବାରୁ ଚାରିଆଡେ କେବଳ ଲୁଣା ପାଣି। ଗାଇ ଗୋରୁମାନେ ପାଣି ଟୋପେ ପିଇ ବଞ୍ଚିବା ବି ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଲାଣି। ସମୁଦ୍ର କୂଳରେ ଆସନ୍ନ ମୃତ୍ୟୁ ମୁଖରେ ଥିବା ୮ ଶହରୁ ଅଧିକ ଗାଇ, ବାଛୁରୀ ଓ ଷଣ୍ଢ ଅନାହାରରେ ଅଛନ୍ତି। ଏହି ନିରୀହ ଗାଇଗୋରୁ ଖାଇବାକୁ ପାଉନଥିବା ବେଳେ ପିଇବାକୁ ଟୋପେ ପାଣି ବି ପାଉନାହାଁନ୍ତି। ସୂଚନାଯୋଗ୍ୟ, ବଙ୍ଗୋପସାଗର କରାଳ ଗ୍ରାସରୁ ରକ୍ଷା କରିବା ପାଇଁ ସାତଭାୟାବାସୀଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ସେମାନେ ମୁଣ୍ଡ ଗୁଂଜିବା ପାଇଁ ଘର ଖଣ୍ଡିଏ ପାଇଲେ ସତ, ଜୀବିକା ପାଇଁ ସେମାନଙ୍କୁ ପୁରୁଣା ସାତଭାୟାର ଭିଟାମାଟି ଉପରେ ନିର୍ଭର କରିବାକୁ ପଡୁଛି। ସେଠାରେ ଥିବା ଚାଷଜମିରେ ଚାଷ କରି ବର୍ଷକର ଫସଲ ଅମଳ କରିବା ପାଇଁ ସେମାନେ ବାଧ ହେଉଛନ୍ତି। ଯାହାଫଳରେ ସେମାନଙ୍କ ଗାଇ ଗୋରୁ ଓ ବୁଲା ଷଣ୍ଢ ଗୁଡିକ ବାଉଁଶଗଡି ନଦୀ ପାର ହୋଇ ପୁରୁଣା ସାତଭାୟାରେ ଚରାବୁଲା କରୁଛନ୍ତି। ବାତ୍ୟା ପରେ ସେଠାରେ ଲୁଣାପାଣି ମାଡିବା ଯୋଗୁଁ ଗାଇ ଗୋରୁ ଓ ଷଣ୍ଢଙ୍କ ପାଇଁ ଖାଦ୍ୟ ଏବଂ ପାଣିର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ଶନିବାର ପୂର୍ବାହ୍ନ ପଶୁ ଚିକିତ୍ସାଳୟର ସହକାରୀ ପଶୁ ଚିକିତ୍ସାଧିକାରୀ ଡ. ପ୍ରକାଶ ଚନ୍ଦ୍ର ଜେନା ତାଙ୍କ ମୋବାଇଲ ଟିମ୍ ସହ ବାଉଁଶଗଡି ନଦୀ ପାର ହୋଇ ପୁରୁଣା ସାତଭାୟା ଅଞ୍ଚଳରେ ପହଞ୍ଚି ସେଠାରେ ୨୦୦ ଛେଳି ଓ ୫୦ଟି ଗାଇଙ୍କୁ ପ୍ରତିଶେଧକ ଟୀକା ଦେଇ ଫେରିଛନ୍ତି। ଫେରିବା ପରେ ଡା. ଜେନାଙ୍କ କହିବା ଅନୁଯାୟୀ ସେଠାରେ ଶତାଧିକ ଗାଇ, ବାଛୁରୀ ଓ ଷଣ୍ଢ ଅଛନ୍ତି। ସେମାନଙ୍କୁ ପରବର୍ତ୍ତୀ ସମୟରେ ପ୍ରତିଷେଧକ ଦିଆଯିବ। ଯେହେତୁ ଲୁଣାପାଣି ଚାରିଆଡେ ମାଡି ଯାଇଛି, ତେଣୁ ସେମାନଙ୍କ ଖାଇବା ପିଇବାରେ ସମସ୍ୟା ଦେଖାଦେଇଛି।

## ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ବିଜେଡିର କର୍ମଶାଳା



ରାଜନଗର, ୧୦।୧୧ (ସମିସ): ରାଜନଗର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚଳିତବର୍ଷ ସମସ୍ତ ସଦସ୍ୟ ଅନ୍‌ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। କିପରି ପଞ୍ଜିକରଣ ହେବ, ସକ୍ରିୟ ସଦସ୍ୟ ଓ ପ୍ରାଥମିକ ସଦସ୍ୟ କିପରି ଡିଜିଟାଲ ସଦସ୍ୟ ହେବେ ଓ ଅନ୍ୟ ମାନଙ୍କୁ ସଦସ୍ୟତା କରିବେ ସେ ନେଇ କହିଥିଲେ। ବୈଠକରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ରଘୁନାଥ ବେହେରା, ବିଜୟ ନାୟକ, ଅରୁଣ କୁମାର ସାହୁ, ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଂଜିତା ସ୍ୱାଇଁ, ଦେବଦତ ସେଠୀ, ଯୁବନେତା ପ୍ରଭାତ କୁମାର ରାଉଳ, ଛାତ୍ର ନେତା ରବିନ୍ଦ୍ର କୁମାର ସିଂ, ସୁଶାନ୍ତ କୁମାର ବେହେରା, ସତ୍ୟବ୍ରତ ପାଣି, ସମିତି ସଭ୍ୟ ସଂଜୟ କୁମାର ସ୍ୱାଇଁ, ରମଣୀ ରଂଜନ ମହାପାତ୍ର, ରାକେଶ କୁମାର ନାୟକ, ସୁବାଷ ଜେନା, ଜିଲ୍ଲା ସାଧାରଣ ସଂପାଦକ ସରୋଜ କୁମାର ରାଉତ, ପ୍ରଭାତ କୁମାର ବେହେରା, ସୁରଜ ପୁହାଁଣ, ତପନ କୁମାର ମଣ୍ଡଳ, ରଂଜନ କୁମାର ପ୍ରଦାନ, ବିଚିତ୍ର କୁମାର ମଲିକ, ସତ୍ୟବାନ ସେଠୀ, ଉମେଶ ଚନ୍ଦ୍ର ଦାସ, ଦେବବ୍ରତ ମିଶ୍ର, ମଂଜୁଲତା ବଳ, ସୁଚିସ୍ମିତା ପରିଡ଼ା ପ୍ରମୁଖ କିପରି ଡିଜିଟାଲ ସଦସ୍ୟତା ଗ୍ରହଣ କରାଯିବ, ସେ ନେଇ କହିଥିଲେ। ଏହି କର୍ମଶାଳାରେ ରାଜନଗର ବ୍ଲକର ୨୯ ଟି ପଞ୍ଚାୟତର ଯୁବ, ଛାତ୍ର ଓ ମହିଳା ସଦସ୍ୟମାନେ ଯୋଗଦେଇଥିଲେ।

## ରାଜକନିକା ସରସ୍ୱତୀ ଶିଶୁ ମନ୍ଦିରରେ ଗୀତା ଆବୃତ୍ତି ପ୍ରତିଯୋଗିତା



ରାଜକନିକା,୧୦।୧୧(ସମିସ): ପ୍ରଜ୍ଞା ମିଶନ ପକ୍ଷରୁ ତମାମ ରାଜ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ ହୋଇଛି। ଆଜି ରାଜକନିକା ଶିଶୁ ବିଦ୍ୟା ମନ୍ଦିରରରେ ଏହା ପାଳନ କରାଯାଇଛି।

ଆଜିର ଏହି କାର୍ଯ୍ୟକ୍ରମରେ ମୋଟ ୨୮ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମିଶନ ପକ୍ଷରୁ ବାବା ବିଶ୍ୱରୁପାନନ୍ଦଜୀ ଉପସ୍ଥିତ ରହି ଗୀତାର ଜୀବନଦର୍ଶନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ମିଶନର ବ୍ଲକ ଆବାହକ କପିଳ ମିଶ୍ର ଏହି ଗୀତା ଆବୃତ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିଶୁ ମନ୍ଦିରର ଅଧ୍ୟକ୍ଷ ପ୍ରବୀର କୁମାର ଦେଓ କୋଷାଧ୍ୟକ୍ଷ ରାଜକିଶୋର ଧଳ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଏହି ବୈଷ୍ଣବ ଚରଣ ନାଥ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।

## 'ମହାକାଳପଡ଼ାର ବିକାଶ ପାଇଁ ଲଢ଼େଇ କରିବ ବିଜେଡି'




ମହାକାଳପଡ଼ା,୧୦।୧୧(ସମିସ): ରବିବାର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ଅଫିସଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ

### ବିଜେଡିର ପଦଯାତ୍ରା

ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ମହାକାଳପଡ଼ା ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ , ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଅନୁରାଧା ସ୍ୱାଇଁ , କବିତା ମଳିକ, ବେବି ପ୍ରମୁଖଙ୍କ ସହ ନାରୀନେତ୍ରୀ ସୁରଭୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମହାକାଳପଡାର ବିକାଶ ଉପରେ ରୋକ ଲାଗିଛି, ମହାକାଳପଡାରେ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହୋଇପଡିଛି। ଏ ସରକାର ମିଛ ପ୍ରତିଶ୍ରୁତି ଦେଇ ଶାସନ ଗାଦିରେ ବସିଛି। ଏଠି ଅଫିସର କୋମାରେ ପଡିଗଲେଣି। ଏହି ମନମୁଖୀ ସରକାରଙ୍କ ପାଇଁ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ସହ ମହାକାଳପଡାରେ ପୁଣି ବିଜେଡି ବାଜିମାତ୍ କରିବ ବୋଲି ଅତନୁ କହିଛନ୍ତି। ମହାକାଳପଡାରେ ହେବାକୁ ଥିବା ଷ୍ଟିଲ ପ୍ଲାଣ୍ଟକୁ ଏ ବିଜେପି ସରକାର ଆନ୍ଧ୍ରକୁ ଟେକି ଦେଇଥିବାରୁ ଏ ନେଇ ଜୋରଦାର ଲଢେଇ ହେବ ବୋଲି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

## ତରଡ଼ିପାଳରେ ପ୍ରଧାନଶିକ୍ଷକ ସମ୍ମିଳନୀ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୦।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ି ପାଳ ମାଳତୀ ଦେବୀ ବାଳିକା ହାଇସ୍କୁଲ ଠାରେ ୧୧ତମ ମାଧ୍ୟମିକ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ପୌରହିତ୍ୟ ଓ ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ସଂଯୋଜନାରେ ଆୟୋଜିତ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, ପ୍ରାକ୍ତନ ନୋଡାଲ ସ୍କୁଲ୍ ପ୍ରଧାନଶିକ୍ଷକ ସଚିତ୍ର କୁମାର ବେହୁରା, ନୋଡାଲ ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ବେହେରା, ତରଡ଼ିପାଳ ମାଳତୀ ଦେବୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ଶର୍ମା ମହାବୀର ମଦନପୁର ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା , ଖଡ଼ିଅଣ୍ଟା ହାଇସ୍କୁଲ ପ୍ରଧାନଶିକ୍ଷକ ଆଶିଷ କୁମାର ଦାସ, ସିଆରସିସି ପ୍ରଦୀପ କୁମାର ତରାଇ ପ୍ରମୁଖ ଯୋଗ ଦେଇଥିଲେ। ମାଳତୀ ଦେବୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ଶର୍ମା ସ୍ୱାଗତ ଭାଷଣ ଓ ଅଣରା ବନ୍ଦେ ମାତରମ ହାଇସ୍କୁଲ ପ୍ରଧାନଶିକ୍ଷକ ଅମିର କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ତରଡିପାଳ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦଦେଇଥିଲେ।

## ୧୦୫ ୟୁନିଟ୍ ରକ୍ତ ସଂଗୃହୀତ

ପଟ୍ଟାମୁଣ୍ଡାଇ,୧୦।୧୧(ସମିସ): ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନମାନଙ୍କ ମିଳିତ ଆନୁକୂଲ୍ୟରେ ଉଟିକଣ ଅଞ୍ଚଳରେ ରକ୍ତଦାନ ଶିବିର ସଫଳ ହୋଇଛି। ସ୍ୱାମୀ ବିବେକାନନ୍ଦ ଯୁବ ସମାଜ, ଶ୍ରୀଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟ, ଉତ୍କଳମଣି ଯୁବକ ସଂଘ, ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଭଳି ସାମାଜିକ ସଙ୍ଗଠନର ସକ୍ରିୟ ସଦସ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ସଫଳ କରାଇବାକୁ ସବୁ ପ୍ରଚେଷ୍ଟା କରିଥିଲେ। ମୋଟ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ରକ୍ତଦାନ ମହୋତ୍ସବରେ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ, ସାନଜରିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ନିରାକାର ନାୟକ, ସମିତି ସଭ୍ୟ ସୁବାସ ବାରିକ, ଶିକ୍ଷାବିତ୍ ଅରବିନ୍ଦ ବେହେରା, ଶିକ୍ଷକ ପ୍ରମୋଦ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗାଁ ମାଟିରେ ଓସିଏସ୍‌ରେ ସଫଳ ଯୁବତୀଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୧୦।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ବହନ କରି ଆସୁଥିବା ସାତଭାୟା ପଞ୍ଚାୟତର ପ୍ରଥମ ଓଏଏସ ପାଇଥିବା ସୁଶ୍ରୀ ପ୍ରଜ୍ଞା ପାରଙ୍ଗମାଙ୍କୁ ଆଜି ନିଜ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସାତଭାୟା ଗ୍ରାମପଞ୍ଚାୟତରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ପ୍ରଜ୍ଞା ତାଙ୍କ ପିତା ବଲ୍ଲଭ ସାହୁ ଓ ମାତା ଲିଲି ସାହୁଙ୍କ ସହ ଗାଁରେ ପହଞ୍ଚିବାକ୍ଷଣି ମା'ପଞ୍ଚୁବରାହୀ ମନ୍ଦିର ପ୍ରବେଶ ପଥରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଗାଁର ପୁରୁଷ, ମହିଳା, ଯୁବ, ଛାତ୍ର ଛାତ୍ରୀମାନେ ବାଜା ରୋଷଣୀ ସହ ସୁଶ୍ରୀ ପ୍ରଜ୍ଞାଙ୍କୁ ସାତଭାୟାର ନୂଆ ଠିକଣା ବଗପାଟିଆ ଗାଁ ପରିକ୍ରମା କରିଥିଲେ। ମା ପଞ୍ଚୁବରାହୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା ପୌରହିତ୍ୟ କରିଥିଲେ। ଏଥିରେ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, କବି ପ୍ରଦୀପ୍ତ ବେଉରା, ବରିଷ୍ଠପତ୍ରକାର ଭାସ୍କର ରାଉତରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଂଜନ ସାମଲ, ପୂର୍ବତନ ସରପଞ୍ଚ ସଂଗ୍ରାମ ସାହାଣୀ, ଗ୍ରାମ ମୁରବୀ ନିରଂଜନ ସ୍ୱାଇଁ, ଅକ୍ଷୟ କୁମାର ପରିଡା, ସୁଦର୍ଶନ ରାଉତ, ରଶ୍ମୀତା ସାହାଣୀ, ମା' ପଞ୍ଚୁବରାହୀ ବିଦ୍ୟା ନିକେତନର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଲେଙ୍କା, ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ସାତଭାୟା ପଞ୍ଚାୟତର ଅଲିଅଳି ଝିଅ ସୁଶ୍ରୀ ପ୍ରଜ୍ଞା ପ୍ରଥମଥର ଓଏଏସ୍ ପରୀକ୍ଷାରେ ସଫଳତା ପାଇଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହ ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତରରେ ସୁଶ୍ରୀ ପ୍ରଜ୍ଞା କଠିନ ପରିଶ୍ରମ ଓ ଅଧ୍ୟାବସାୟ ଯୋଗୁଁ ଏହି ସଫଳତା ମିଳିପାରିଛି ବୋଲି କହିଥିଲେ।

## ନୂତନ ଶିଶୁମନ୍ଦିର ସମୂହର ପରିଚାଳନା ସମିତି ସମାବେଶ

କୁଜଙ୍ଗ,୧୦।୧୧ (ସମିସ): ଶିକ୍ଷା ବିକାଶ ସମିତି ଓଡିଶା ପୂର୍ବ ସମ୍ଭାଗ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାରେ ଥିବା ନୂତନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୂହର ପରିଚାଳନା ସମିତି ବୈଠକ ରବିବାର ଦିନ ପଙ୍କପାଳ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରର ସଭାପତି ଡ.ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଭାଗ ସଂଯୋଜକ ଶିରିଶ କୁମାର ହାତୀ ଏହି ଦିନିକିଆ ବୈଠକ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରମୁଖ ରଶ୍ମିକାନ୍ତ ସାହୁ ବିଦ୍ୟାଳୟର ଆର୍ଥିକ ପରିଚାଳନା ଓ ରାହାମା ସଙ୍କୁଳ ପ୍ରମୁଖ ଅମରଜ୍ୟୋତି ସାହୁ ଶିଶୁ ମନ୍ଦିର ପ୍ରତିଷ୍ଠାର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁର ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସହ ପ୍ରମୁଖ କାହ୍ନୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଙ୍କପାଳର ସମ୍ପାଦକ ଗୋକୁଳନନ୍ଦ ରାଉତ, ପ୍ରଧାଦ ଆଚାର୍ଯ୍ୟ କେଳୁ ଚରଣ ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ପରିଚାଳାନା ସମିତି ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶା ସାଇନ୍ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ




ରାଜନଗର, ୧୦।୧୧ (ସମିସ): ରାଜନଗର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସାଇନ ଫାଉଣ୍ଡେସନ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ବନ୍ଧପଡା ଗ୍ରାମପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଧନେଶ୍ୱର ସାମଲ ଜଣେ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ପୁଅ ଗୋଟିଏ ଝିଅ ଓ ସହଧର୍ମିଣୀଙ୍କୁ ନେଇ ତାଙ୍କର ସଂସାର ଦୁଃଖେ କଷ୍ଟେ ଚଳିଯାଉଥିଲା। ଦିନ ମଜୁରିଆ ଭାବେ କାମ କରୁଥିବା ଧନେଶ୍ୱର ସଂଧ୍ୟା ସମୟରେ କାମରୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଆର୍ôଥକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହିଭଳି ଦୁଃଖଦ ଖବର ପାଇ ଓଡ଼ିଶା ସାଇନ ଫାଉଣ୍ଡେସନ ପକ୍ଷରୁ ଅସହାୟ ପରିବାରକୁ ୫ହଜାର ଟଙ୍କାର ଆର୍ôଥକ ସହାୟତା ପ୍ରଦାନ କରାଯାଇଛି। ଏହି ସେବାରେ ଫାଉଣ୍ଡେସନର ନିହାର ରଂଜନ ବିଶ୍ୱାଳ, ତପନ କୁମାର ମହାନ୍ତି, ମଣିରାମ ସାହୁ, ଅଣାକାର ରାଉତ, ପ୍ରଜନ ପାତ୍ର, ସିଲୁ ଜେନା ପ୍ରମୁଖ ଉପସ୍ଥିତ ରହି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

## ରାଜକନିକା କପ୍ ଫୁଟବଲ ଉଦ୍‌ଯାପିତ

# କିଶୋର କ୍ଲବ ଚାମ୍ପିଅନ୍







ରାଜକନିକା,୧୦।୧୧(ସମିସ): ରାଜକନିକା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୩ ତମ ରାଜକନିକା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ କିଶୋର କ୍ଲବ ଭୁବନେଶ୍ୱର ପପୁଲାର କ୍ଲବ ଢେଙ୍କାନାଳ କୁ ଭେଟିଥିଲା। ଏଥିରେ କିଶୋର କ୍ଲବ ପପୁଲାର କ୍ଲବ କୁ ୪-୩ ଟ୍ରାଇବ୍ରେକର ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳଟି ୧-୧ ଗୋଲରେ ଅମୀମାଂଶିତ ରହିବାରୁ ଟ୍ରାଇବ୍ରେକର ର ସହାୟତା ନିଆଯାଇଥିଲା। ଆଳିର ରାଜା ସାହେବ ଦିବଂଗତ ଶରତ କୁମାର ଦେବ ଓ ରାଣୀ ସୁଶ୍ରୀ ଦେବୀ ଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସ୍ୱତନ୍ତ୍ର ଅତିଥି ଭାବେ ଚମ୍ପୁଆର ପୂର୍ବତନ ବିଧାୟକ ଧନୁର୍ଯ୍ୟୟ ସିଧୁ ଓ ମୁଖ୍ୟ ବକ୍ତା ଭାବେ ଭାବେ ଓଡିଶା ଅଲମ୍ପିକ ସଂଘର ସମ୍ପାଦକ ତଥା ଫୁଟବଲ ଆସୋସିଏସନ ର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଖଗେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ଓ ୨୦ ହଜାର ଟଙ୍କା ସହିତ ହାରାମଣି ଟ୍ରଷ୍ଟ ପ୍ରଦତ୍ତ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଦୋଳ ଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସଭାପତି ସଞ୍ଜୟ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଇଂ.ପ୍ରଶାନ୍ତ କୁମାର ବିଶ୍ୱାଳ ଓ ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଓ ଉପଦେଷ୍ଟା ସଦସ୍ୟ ଆଦିକନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ମାନେ ବିଜେତା ଦଳର ମଳୟ ସ୍ୱାଇଁଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଓ ଉପବିଜେତା ଦଳର ପ୍ରଶାନ୍ତ ବାରିକଙ୍କୁ ରାମଚନ୍ଦ୍ର ମହାନ୍ତି ସ୍ମାରକୀ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ସୁବ୍ରତ ପୁରୋହିତ, ଶଶୀକାନ୍ତ ଦସିଆ,ଏମ. ଡି. ସାକଲିନ ଓ ଭୋଳାନାଥ ମହାକୁଡ଼ ଖେଳ ପରିଚାଳନା କରିଥିବାବେଳେ ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର ଏବଂ ସୌମ୍ୟକାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରା ବିବରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ।ବେଣୁଧର ପରିଡ଼ା, ବାସୁଦେବ ବେହେରା , ଶରତ ଜେନା, ପ୍ରହଲ୍ଲାଦ ଜେନା, ବସନ୍ତ ସ୍ୱାଇଁ, ତ୍ରିଲୋଚନ ପାଣି, ଉମାକାନ୍ତ ଜେନା, ବିଶ୍ୱନାଥ ଦାଶଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜନଗର, ୧୦।୧୧(ସମିସ): ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ଗୁଲୁଦିଆ ଅବସରପ୍ରାପ୍ତ ସରକାରୀ ଶିକ୍ଷକ ଦୁଃଶାସନ ନାୟକ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ନାୟକ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅବସରପ୍ରାପ୍ତସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସ୍ୱର୍ଗତ ନାୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଭିନ୍ନ ପଦ ପଦବୀରେ ରହି ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁରେ ସଂଘର ସଭାପତି କୃପାସିନ୍ଧୁ ସାମଲ, ସଂପାଦକ ବିଜୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବଳ, ଉପଦେଷ୍ଟା ସତ୍ୟବାଦୀ ଜେନା, ସର୍ବେଶ୍ୱର ମହାନ୍ତି, କ୍ଷୀରୋଦ କୁମାର ମଲିକ, ମହେଶ୍ୱର ରାଉତ, ବ୍ରହ୍ମାନନ୍ଦ ରାଉତ, ଗଣେଶ୍ୱର ନାୟକ ଓ ଦାଶରଥି ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗିରିଶ ଚନ୍ଦ୍ର ମଲ୍ଲିକ
ଆବିର୍ଭାବ: ୦୫/୦୫/୧୯୬୨
ତିରୋଭାବ: ୦୧/୧୧/୨୦୨୪
ପିତା: ନୀଳମଣି ମଲ୍ଲିକ
ଆପଣଙ୍କ ସ୍ନେହ, ଶ୍ରଦ୍ଧାକୁ ଆମ୍ଭେମାନେ ସଦାସର୍ବଦା ମନେ ରଖିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ପୁତ୍ର
ସୌଭାଗ୍ୟ ରଞ୍ଜନ ମଲ୍ଲିକ
ହସନାବାଦ, ଗୋପବନ୍ଧୁନଗର
ଥାନା: ଧୂସୁରୀ, ଜିଲ୍ଲା: ଭଦ୍ରକ

■ ମାତ୍ର ୫୦ଟଙ୍କା ପାଇଁ ...

## ଟାଙ୍ଗିଆରେ ଆକ୍ରମଣ; ମା'ପୁଅ ଗୁରୁତର

ଛେଣ୍ଡିପଦା, ୧୦।୧୧(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କୁଶିକିଳା ଗାଁରେ ଘଟିଛି ଅଭାବନୀୟ ଘଟଣା। ମାତ୍ର ୫୦ ଟଙ୍କା ପାଇଁ ଟାଙ୍ଗିଆ ଓ ଲୁହା ରଡ୍‌ରେ ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ଦିଅର ଓ ପୁତୁରା। ଗୁରୁତର ଆହତ ହେଲେ ସେହି ଗାଁର ଲବଙ୍ଗ ସାହୁ ଓ ତାଙ୍କ ପୁଅ ଲିକୁ ସାହୁ। ସୂଚନା ଅନୁଯାୟୀ, ଦୁଇ ପରିବାର ଗୋଟିଏ ଘରେ ରୁହନ୍ତି। ଲବଙ୍ଗଙ୍କ ପରିବାର ଲୋକେ ଘରେ ନ ଥିବା ବେଳେ ଲିକୁଙ୍କ ପକେଟ୍‌ରୁ ୫୦ ଟଙ୍କା ଚୋରି ହୋଇଥିଲା। ଏହା ଜାଣିବା ପରେ ଲବଙ୍ଗ ଘର ଭିତରେ ପଶି କିଏ ଚୋରି କରିଛି କହି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଲବଙ୍ଗ, ତାଙ୍କ ଦିଅର ଓ ପୁତୁରା ମଧ୍ୟରେ ତୀବ୍ର ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପୁତୁରା ଚିଣ୍ଟୁ ଏକ ଟାଙ୍ଗିଆ ଓ ଲବଙ୍ଗଙ୍କ ଦିଅର ତଥା ଚିଣ୍ଟୁଙ୍କ ବାପା ଏକ ଲୁହା ରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଲିକୁ ସାହୁ ମା'ଙ୍କୁ ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ମା'ପୁଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନିର୍ମଳା ଗୋଛାୟତ ପ୍ରକାଶ କରିଛନ୍ତି।

## ଜାତୀୟ ଆଇନ ସେବା ଦିବସ ପାଳିତ




ତାଳଚେରସଦର, ୧୦।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ତାଳଚେର ତାଲୁକ୍ ଆଇନ ସହାୟତା କମିଟି ନିର୍ଦ୍ଦେଶ କ୍ରମେ ତାଳଚେର ତାଲୁକ ଆଇନ ସହାୟତା କମିଟି ତରଫରୁ ସ୍ଥାନୀୟ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ କର ଯୋଗଦେଇ ସମ୍ବିଧାନରେ ଆର୍ଥିକ ଓ ସାମାଜିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିମାନେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ ଓ ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ ସ୍ତରରେ କାର୍ଯ୍ୟ କରୁଥିବା ଆଇନ ସେବା ପ୍ରାଧିକରଣ ଓ କମିଟି ଦ୍ୱାରା କିପରି ଯୋଗାଇ ଦିଆଯାଏ ସେ ନେଇ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ ଓ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ମଧୁସ୍ମିତା ଜେନା ଯୋଗଦେଇ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋସ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ସ୍ତରୀୟ ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ ବୋଲି ସୂଚନା ଦେବା ସହ ଅନୁଗୋଳ ଜିଲ୍ଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକର ସମାଧାନ ଆପୋସ ବୁଝାମଣା ଭିତ୍ତିରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରୁଥିବା କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ତାଲୁକ କମିଟି ସଦସ୍ୟ ରାମଚନ୍ଦ୍ର ସ୍ୱାଇଁ ଆଇନ ସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ କରିବା ପାଇଁ ନାଲସା ହେଲ୍ପ ଲାଇନ ନମ୍ବର ୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉପ ଜିଲ୍ଲାପାଳ ବିକାଶ ରଞ୍ଜନ ଶବର, ଆଇନଜୀବୀ ଉଚ୍ଛନ୍ନ କୁମାର ପଟ୍ଟନାୟକ, ରଞ୍ଜିତ କୁମାର ଘୋଷ ଓ ବାଉରୀବନ୍ଧୁ ବେଜ ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ତାଲୁକ୍ କମିଟି ସମ୍ପାଦକ ଶୁଭ୍ରାଂଶୁ ପ୍ରଧାନ ଓ କର୍ମଚାରୀ କିରଣ କୁମାର ଦେବତା ସଂଯୋଜନା କରିଥିଲେ।

## ଅନନ୍ତ ଡିଏଭି ଅଧ୍ୟକ୍ଷାଙ୍କୁ 'ନେସନ ବିଲ୍ଡର ଆୱାର୍ଡ'

ତାଳଚେର, ୧୦।୧୧(ସମିସ): ସ୍ଥାନୀୟ ଗ୍ରୀନ୍ ପାର୍କ ପରିସରରେ ତାଳଚେର ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଜିଲ୍ଲା ଗଭର୍ଣ୍ଣର ଜିଜ୍ଞାଶିଷ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।



ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହରେ ସମାଜର ପ୍ରଗତି ନିମନ୍ତେ ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କ୍ରମରେ ମହାନଦୀ କୋଲ୍ ଫିଲ୍ଡ, ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାରର ଅଧ୍ୟକ୍ଷା ତଥା ଡିଏଭି ଅନୁଷ୍ଠାନ ସମୂହର ସହ ଅଧିକାରିଣୀ ଜ୍ୟୋତି ମିଶ୍ରଙ୍କୁ 'ନେସନ ବିଲ୍ଡର ଆୱାର୍ଡ' ପ୍ରଦାନ କରାଯାଇଛି।

ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାପୁଆରେ ଚାଲିଛି ନିମ୍ନମାନର କାର୍ଯ୍ୟ

# ପାଣିରେ ପଡ଼ିବ ୭ କୋଟିର ସରକାରୀ ଅନୁଦାନ

ହିନ୍ଦୋଳ, ୧୦।୧୧(ସମିସ)



ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରସୋଳ ଥାନା ଅନ୍ତର୍ଗତ ସାପୁଆ ଡ୍ୟାମ୍। ଏହାର ମନୋରମ ପରିବେଶ ପାଇଁ ଏହି ପର୍ଯ୍ୟଟନସ୍ଥଳୀକୁ ପ୍ରତ୍ୟେକ ବର୍ଷ ହଜାର ହଜାର ପର୍ଯ୍ୟଟକ ଛୁଟି ଆସନ୍ତି। ମାତ୍ର ଏଠାରେ ସରକାରଙ୍କ ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହୋଇଛି। କାମରେ ଠିକାଦାର ନିମ୍ନମାନର ସିମେଣ୍ଟ, ଚିପ୍ସ, ଛଡ୍ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଫଳରେ କାମ ପାଇଁ ମଞ୍ଜୁର ହୋଇଥିବା ୭ କୋଟି ଟଙ୍କା ପାଣିରେ ପଡ଼ିବ ବୋଲି କୁହାଯାଉଛି।

ସାପୁଆ ଡ୍ୟାମ୍ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବା ପରେ ରାଜ୍ୟ ସରକାର ଏହାର ବିକାଶ ପାଇଁ ୭ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଏକ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦେଇଛି। ଠିକାଦାର ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବାବେଳେ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରୁଛନ୍ତି। ତଦାରଖ କରିବାକୁ ବିଭାଗୀୟ ଅଧିକାରୀ ଆସୁ ନ ଥିବା ଅଭିଯୋଗ ହୋଇଛି। ଡ୍ୟାମର ତଳଭାଗରେ ପେଭର ବ୍ଲକ କାର୍ଯ୍ୟ ହେଉଥିବାବେଳେ ମାଟି ଉପରେ ପକାଯାଉଥିବା ପିସିସି ବର୍ଷାରେ ଧୋଇଯାଉଛି। ଠିକାଦାର ସେହି ଭଙ୍ଗା ପିସିସି ଉପରେ କାର୍ଯ୍ୟ ଚାଲୁ ରଖୁଛନ୍ତି। ଯନ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇବାରୁ ଭଙ୍ଗା ପିସିସି ବାହାର କରାଯାଇ ଆଉଥରେ ମରାମତି ହେବ ବୋଲି କହିଥିବା ବେଳେ ଠିକାଦାର ବେଫିକର କାର୍ଯ୍ୟ ଚାଲୁ ରଖିଛନ୍ତି। ଏପରିକି ଅଭିଯୋଗ ପରେ କିଛି ଲୋକଙ୍କୁ ଚାନ୍ଦା ଦେଇ ଧୋଇଯାଇଥିବା ପିସିସି ଉପରେ ପ୍ୟାଚ୍ ପକା କାମ କରିଦିଆଯାଇଛି। ସେତିକି ନୁହେଁ, ରାସ୍ତା, ଡ୍ରେନ, ୱାଲ, ବସିବା ସ୍ଥାନରେ ବେଞ୍ଚ, ଭୋଜି ସ୍ଥାନର ବିକାଶ କାର୍ଯ୍ୟ ମଧ୍ୟ ନିମ୍ନମାନର କରୁଛନ୍ତି। ଆଉ କିଛିଦିନ ପରେ ନୂଆବର୍ଷ ପାଳନ ହେବାକୁ ଥିବାବେଳେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଏହାର ସୌନ୍ଦର୍ଯ୍ୟକରଣ ପାଇଁ ସରକାର କୋଟି କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ସେହି ଟଙ୍କାକୁ ହରିଲୁଟ୍ କରାଯାଉଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହାର ତଦନ୍ତ କରାଯାଉନାହିଁ। ରାଜ୍ୟରେ ସରକାର ବଦଳିଛି। ନୂଆ ସରକାର ଦାୟିତ୍ୱ ନେବାପରେ ଦୁର୍ନୀତିକୁ ମୂଳୋତ୍ପାଟନ କରିବେ ବୋଲି କହୁଥିବା ବେଳେ ବାରମ୍ବାର ଅଭିଯୋଗ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଥିଲେ ମଧ୍ୟ ତଦନ୍ତଟିଏ ନ ହେବା ବିଭାଗୀୟ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାପାଳ ଓ ପର୍ଯ୍ୟଟନ ବିଭାଗର ଉଚ୍ଚ ଅଧିକାରୀ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଅନୁଗୋଳ, ୧୦।୧୧(ସମିସ): ରବିବାର ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତେବେ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥିତି ଅସମ୍ଭାଳ ହେବାରୁ ପୁଲିସ ପହଞ୍ଚି ବୁଝାଶୁଝା କରିଥିଲା। ଅନ୍ୟପଟେ ଚିକିତ୍ସାଳୟର ଡାକ୍ତର, ନର୍ସଙ୍କୁ ଦୁର୍ବ୍ୟବହାର ଏବଂ ଡୋର୍ ଭାଙ୍ଗିବା ଘଟଣାକୁ ନେଇ ମେଡିକାଲ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବଁଅରପାଳ ଥାନା ଭୋଗବେରେଣି ଗ୍ରାମର ପୁରେନ୍ଦ୍ର ନାଏକ (୭୦)ଙ୍କ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗର ଚିକିତ୍ସା ପାଇଁ ପରିବାର ଲୋକେ ଗତ ୮ ତାରିଖ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ଅପରାହ୍ନ ପର୍ଯ୍ୟନ୍ତ ପୁରେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ଅପରାହ୍ନ ସାଢ଼େ ୫ଟା ହଠାତ୍ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ୫ଟା

● ଥାନାରେ ଅଭିଯୋଗ

୪୪ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚିକିତ୍ସାରେ ଅବହେଳା ଏବଂ ନର୍ସ ଠିକ୍ ଭାବରେ ଦେଖାଶୁଣା ନ କରିବାରୁ ମୃତ୍ୟୁ ହୋଇଛି ବୋଲି ପୁରେନ୍ଦ୍ରଙ୍କ ପରିବାର ଲୋକେ ଅଭିଯୋଗ କରି ଡାକ୍ତର, ନର୍ସଙ୍କୁ ଠେଲାପେଲା କରିବା ସହ ଚିକିତ୍ସାଳୟର କବାଟ ଭାଙ୍ଗି ଦେଇଥିଲେ। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପରିବାର ଲୋକେ ପୁରେନ୍ଦ୍ରଙ୍କୁ ଅନ୍ୟ କୌଣସି ଚିକିତ୍ସାଳୟରେ ଦେଖାଇବାକୁ କହି ଆମ୍ବୁଲାନ୍ସରେ ଭର୍ତ୍ତି କରିଥିଲେ। କିନ୍ତୁ ପୁଲିସ ପୁରେନ୍ଦ୍ରଙ୍କ ବ୍ୟବଚ୍ଛେଦ ପରେ ନେବେ ବୋଲି କହିଥିଲା। ଡାକ୍ତର ଓ ନର୍ସଙ୍କୁ ଠେଲାପେଲା ଏବଂ ଡୋର୍ ଭାଙ୍ଗିଥିବା ନେଇ ମଡେିକାଲ କର୍ତ୍ତୃପକ୍ଷ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ପୁରେନ୍ଦ୍ରଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଯିବ ବୋଲି ପୁଲିସ କହିଛି।

## ପୋଖରୀରେ ବୁଡ଼ି ମହିଳା ମୃତ

କଣିହାଁ, ୧୦।୧୧(ସମିସ): କଣିହାଁ ବ୍ଲକ ଗଣ୍ଡମଳା ପଞ୍ଚାୟତ ସୁଲେଇପାଳ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶୁଲେଇପାଳ ଗ୍ରାମର ଦୁର୍ଯ୍ୟୋଧନ ଗୋଛାୟତଙ୍କ ସ୍ତ୍ରୀ ପାଞ୍ଚାଳୀ ଗୋଛାୟତ (୬୪)। ଅଭିଯୋଗ ଅନୁଯାୟୀ ପାଞ୍ଚାଳୀ ଧାନ କାଟିବାକୁ ଜମିକୁ ଯାଇଥିଲେ। ରବିବାର ପୂର୍ବାହ୍ନ ୯ଟାରେ ଜମି ନିକଟ ପୋଖରୀକୁ ସେ ଶୌଚ ହେବାକୁ ଯାଇ ଦୀର୍ଘସମୟପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ସନ୍ଦେହରେ ପୋଖରୀରେ ଖୋଜାଖୋଜି କରିବା ପରେ ତାଙ୍କ ପତ୍ତା ନ ପାଇବାରୁ କଣିହାଁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପାଞ୍ଚାଳୀଙ୍କ ପୁଅ ରାଜକିଶୋର ଗୋଛାୟତ ଏ ନେଇ ରେଙ୍ଗାଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ମେଡିକାଲ ପଠାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି ପ୍ରକାଶ କରିଛନ୍ତି।

## ମହୁମାଛି ଆକ୍ରମଣରେ ଛାତ୍ର ଓ ଅଭିଭାବକ ଗୁରୁତର

ଖମାର, ୧୦।୧୧(ସମିସ): ରବିବାର ଅପରାହ୍ନରେ ଖମାର ଉଚ୍ଚ ବିଦ୍ୟାପୀଠ ଛାତ୍ରାବାସରେ ଅଭାବନୀୟ ଘଟଣା ଘଟିଛି। ହଷ୍ଟେଲ ପରିସରରେଥିବା ବରଗଛରେ ବିରାଟ ବାଘୁଆ ମହୁମାଛି ବସା ବାନ୍ଧିଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟାରେ ବହୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଦେଖା କରିବାକୁ ଆସିଥିବା ବେଳେ ମହିମାଛୀ ପଲ ଛାତ୍ର ସମେତ ଅଭିଭାବକଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏଥିରେ ହଷ୍ଟେଲର ଛାତ୍ର ପ୍ରଦ୍ୟୁମ୍ନ ଗଡ଼ନାୟକ, ରିତେଶ ବେହେରା, ଜନଜଗଦେବ ବିଶ୍ୱାଳ, ରାକେଶ ବେହେରା, କ୍ଷୀତୀଶ ବେହେରା, ସୁଧାଂଶୁ ପ୍ରଧାନ, ସନ୍ଦୀପ ନାୟକ, ଅର୍ଜିତ ସାହୁ, ଅଙ୍କିତ ସାହୁ, ସୂର୍ଯ୍ୟକାନ୍ତ ପାତ୍ର, ଶୁଭମ ପାତ୍ର, ସୁଧାକର ସାହୁ, ଖେଳ ଶିକ୍ଷକ ନରେଶ ବେହେରା, ଅଭିଭାବକ ନଳିନୀ ସାହୁ ଓ ସଞ୍ଜୟ ବିଶ୍ୱାଳ। ନଳିନୀ ଓ ସଞ୍ଜୟ ଅତି ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଖମାର ମେଡିକାଲରେ ଚିକିତ୍ସା କରାଯାଉଛି।

## କୂଅରେ ପଡ଼ି ୨ ବାର୍‌ହା ମୃତ

କିଶୋରନଗର, ୧୦।୧୧(ସମିସ): ମାଧପୁର ରେଞ୍ଜ ଅନ୍ତର୍ଗତ ବାସୁଦେବପୁରର ଏକ ଜମିରେ ଥିବା ଖୋଲା କୂଅରେ ପଡ଼ି ୨ଟି ଜଙ୍ଗଲୀ ବାର୍‌ହାଙ୍କ ମୃତ୍ୟୁ ହୋଇଛି। ଆଉ ଗୋଟିଏ ବାର୍‌ହାକୁ ବନ କର୍ମଚାରୀ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ସୂଚନା ଅନୁଯାୟୀ, ଶନିବାର ୩ଟି ବାରହା ଜଙ୍ଗଲରୁ ପଳାଇ ଆସି ଧାନ ବିଲରେ ଥିବା ଖୋଲା କୂଅରେ ପଡ଼ିଯାଇଥିଲେ। ଖବର ପାଇ ମାଧପୁର ରେଞ୍ଜର ବିଜୟ ସାହୁ ସଦଳବଳ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ୨ ବାର୍‌ହାଙ୍କ ମୃତ୍ୟୁ ହୋଇଯାଇଥିଲା।

## ନ୍ୟାୟ ପାଇଁ ପ୍ରେମିକ ଘର ଆଗରେ ପ୍ରେମିକାର ଧାରଣା

ଢେଙ୍କାନାଳ, ୧୦।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ରଙ୍ଗଥଳୀ ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ପ୍ରେମିକା ନ୍ୟାୟ ପାଇଁ ପ୍ରେମିକ ଘର ସମ୍ମୁଖରେ ଧାରଣାରେ ବସିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ରଙ୍ଗଥଳୀ ଭେଜିଆ ୪ନଂ କଲୋନୀର ସୁବ୍ରତ ସିଂ ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କୁ ଗତ ୩ ବର୍ଷ ଧରି ପ୍ରେମ କରିଆସୁଥିଲେ। ଯୁବତୀ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ବାହା ନ ହେଲେ ଆତ୍ମହତ୍ୟା କରିବାକୁ ଯୁବତୀ କହିବାରୁ ସୁବ୍ରତ ତାଙ୍କୁ ନେଇ ଘରକୁ ଆସିଥିଲେ। ତେବେ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ଇତିମଧ୍ୟରେ ସୁବ୍ରତ ମଧ୍ୟ କୌଶଳ କ୍ରମେ ଫେରାର ହୋଇଯାଇଛନ୍ତି। ଯୁବତୀ ଜଣକ ନ୍ୟାୟ ପାଇଁ ସୁବ୍ରତଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି।

## କଂସମୁଣ୍ଡା ଗ୍ରାମରେ ରାଧାପାଦଦର୍ଶନ



କଣିହାଁ, ୧୦।୧୧(ସମିସ): କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ରାଧା ପାଦଦର୍ଶନ ରବିବାର ଅନୁଷ୍ଠିତ ହୋଇଛି। ଶନିବାର ଗୋପାଷ୍ଟମୀ ପାଳନ ହୋଇଥିଲା। ରବିବାର ଅଁଳାନବମୀ ତିଥିରେ ଭୋର ସମୟରୁ ଗୋପାଳଜୀ ଓ ମା' ରାଧାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ପରେ ରାଧା ପାଦଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି ତିଥିରେ ଅଁଳା ବୃକ୍ଷକୁ ପୂଜାକଲେ ଶିବ ଓ ହରିଙ୍କ ସ୍ୱରୂପ ଦର୍ଶନ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ ଅଁଳା ବୃକ୍ଷ ମୂଳରେ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ କମିଟି ପକ୍ଷରୁ କାର୍ତ୍ତିକ ମାସ ସାରା ନାମ ସଂକୀର୍ତ୍ତନରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ବର୍ଷତମାମ ମାସ ଓ ତିଥି ଅନୁଯାୟୀ ଗ୍ରାମର ମହେନ୍ଦ୍ର ପ୍ରଧାନ ଓ ବିଭୁପ୍ରସାଦ ସାହୁ ଗୋପାଳଜୀଙ୍କ ବେଶ ଆଭୂଷଣ କରିଥାନ୍ତି। ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାମଲୀଳା ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ସଦସ୍ୟ ପ୍ରକାଶ କରିଛନ୍ତି।

## ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟା: ଆନ୍ଦୋଳନ ପାଇଁ ସଜବାଜ

କଣିହାଁ, ୧୦।୧୧(ସମିସ)

ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନ ପାଇଁ ଆଜି କଣିହାଁ ବ୍ଲକର ସ୍ଥାନୀୟ ପ୍ରଜାମଣ୍ଡଳ ଭବନ ପରିସରରେ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ଜଗଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକରେ ହୋଇଥିଲା। କଣିହାଁ, ଅନୁଗୋଳ ଅଞ୍ଚଳରେ ପ୍ରଦୂଷଣ ଜହରରେ ଜୀବନଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଠପ୍ ହୋଇପଡ଼ିଛି। ଲୋକେ ନିଜ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜନସାଧାରଣଙ୍କ ଅଧିକାରକୁ ସୁରକ୍ଷା ଦେବା ସହ ପ୍ରଦୂଷଣରୁ ପରିବେଶକୁ ରକ୍ଷା ପାଇଁ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ଉଠିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

କଣିହାଁ-ଅନୁଗୋଳ ଅଞ୍ଚଳରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗଢ଼ିଉଠିଛି। ସବୁ ଅଞ୍ଚଳ ପ୍ରଦୂଷଣ ବଳୟରେ ରହିଛି। ଏଠାରେ ଲୋକଙ୍କ ମାଳ ମାଳ ସମସ୍ୟା ରହିଛି। ଅଞ୍ଚଳରେ ବିଭିନ୍ନ ଦେଶୀ, ବିଦେଶୀ, ଘରୋଇ କମ୍ପାନୀ, ଏନଟିପିସି, କୋଇଲାଖଣି ଓ ନାଲକୋ ଭଳି ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ତ୍ତୃପକ୍ଷ ଲୋକଙ୍କ ସ୍ୱାର୍ଥ ବିରୋଧରେ ସରକାର ପୁଲିସ ଓ ପ୍ରଶାସନକୁ ଲଗାଇ କାମ କରୁଛନ୍ତି। ପ୍ରତିଷ୍ଠିତ କମ୍ପାନୀମାନେ ସମସ୍ତ ନିୟମ ଉଲ୍ଲଘଂନ କରିବା ସହ ଜିଲ୍ଲାରେ ପ୍ରବାହିତ ହେଉଥିବା ନଦୀର ଜଳକୁ ବ୍ୟବହାର କରି ପ୍ରଦୂଷିତ କରୁଥିବାବେଳେ ଭୂତଳ ଜଳକୁ ମଧ୍ୟ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରି ଚାଲିଛନ୍ତି। ଏଭଳି ପରିସ୍ଥିତିରେ ଜିଲ୍ଲାବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। କଳକାରଖାନା ଗଢ଼ିଉଠିବା ଯୋଗୁଁ ତାଳଚେର, କଣିହାଁ ଓ ଅନୁଗୋଳ ଅଞ୍ଚଳର ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଛି। ଅଞ୍ଚଳର ଲୋକମାନେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ମିଳୁନି। ଡାକ୍ତରଖାନାରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲି ପଡ଼ିଛି। ଅଞ୍ଚଳର ଗରିବ ଲୋକେ ବିଭିନ୍ନ ରୋଗର ଶିକାର ହୋଇ ଜିଲ୍ଲା ବାହାରରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି। ଫଳରେ ଗରିବ ଲୋକେ ଅର୍ଥିକ ଅନଟନର ଶିକାର ହେଉଛନ୍ତି। ଏଠାରେ ପ୍ରଦୂଷଣଠାରୁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମଧ୍ୟ ମିଳୁନି। ଦୂଷିତ ପାଣି ବ୍ୟବହାର କରି ଲୋକେ ନାନା ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଞ୍ଚଳରେ ରାସ୍ତା ଅବସ୍ଥା ନ କହିବା ଭଲ। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲୋକଙ୍କ ପାଇଁ ରାସ୍ତା ମରଣଯନ୍ତା ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ଷ ବର୍ଷ ଧରି ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। କଣିହାଁ ଅଞ୍ଚଳରେ ଥିବା ଜିନ୍ଦଲ, ଏନଟିପିସି ଓ କୋଇଲା ଖଣି ଅଞ୍ଚଳରୁ କଣିହାଁ ଅଞ୍ଚଳ ଦେଇ ଶହ ଶହ ଟ୍ରକ ଦ୍ୱାରା କୋଇଲା ଓ ପାଉଁଶ ପରିବହନ ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଦୁର୍ଘଟଣା ବଢ଼ି ଚାଲିଛି। କମ୍ପାନୀ ସ୍ୱାର୍ଥରେ ଜଙ୍ଗଲ, ଜମି ଓ ଜଳକୁ ଧ୍ୱଂସ କରାଯାଉଛି। ଅଞ୍ଚଳର ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ ନ କରି କମ୍ପାନୀଗୁଡ଼ିକ ସହ ହାତ ମିଳାଇ କମ୍ପାନୀକୁ ସୁହାଇଲା ଭଳି କାମ କରୁଛନ୍ତି। ଲୋକେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟାୟ, ଅତ୍ୟାଚାର ବଢ଼ି ଚାଲିଛି। ଲୋକଙ୍କୁ କଳକାରଖାନାରେ କାମ ମିଳୁନି। ଜିଲ୍ଲାରେ କର୍ପୋରେଟ୍‌ରାଜ ଚାଲିଛି। ଫଳରେ ଜନତାକୁ ନ୍ୟାୟ ମିଳୁନି ବୋଲି ବୈଠକରେ ଯୋଗଦେଇଥିବା ବ୍ୟକ୍ତି ଅଭିଯୋଗ କରିଥିଲେ। ଏହା ବିରୋଧରେ ବିରାଟ ଜନ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ମାନସ ପାଳ, ପୂର୍ବତନ ସରପଞ୍ଚ ମାନସୀ ସ୍ୱାଇଁ, ସୁଧାକର ପ୍ରଧାନ, ଶ୍ରମିକନେତା ପ୍ରହ୍ଲାଦ ଚନ୍ଦ୍ର ସାହୁ, ଦେବଦତ୍ତ ପ୍ରସାଦ ପ୍ରଧାନ, ଜୟସେନ ମେହେର, ପୂର୍ବତନ ସରପଞ୍ଚ କୁଶଧ୍ୱଜ ସାମଲ, ଶିବରାମ ଦାଶ, ପ୍ରଗତିବାଳା ନାୟକ, ସନାତନ ସାହୁ, ଶରତ କୁମାର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ

ତାଳଚେର, ୧୦।୧୧(ସମିସ): ଅନୁଗୋଳ ଜିଲ୍ଲାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ତାଳଚେର ବ୍ଲକ କଳମଛୁଇଁ ପୁରୁଣା ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ତଥା ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଝିଅ ବିଦ୍ୟାନେଶା ସାହୁ କନିଷ୍ଠ ବକ୍ତୃତା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପାଇଁ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳମଛୁଇଁ ସରପଞ୍ଚ ଅନିଲ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ସଭାପତି ଗୌରଚନ୍ଦ୍ର ସାହୁ ଯୋଗଦେଇ ବିଦ୍ୟାନେଶାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଅନୁଷ୍ଠାନର ଉପସଭାପତି ନରେଶ ଚନ୍ଦ୍ର ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



### ଦୁଇ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ'

# ଓଡ଼ିଶା ହେବ ଭାରତର ମିଲେଟ୍ ହବ୍: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୦।୧୧(ସମିସ):** ପୁଷ୍ଟିଶସ୍ୟ ବା ଶ୍ରୀଅନ୍ନ ଜାତୀୟ ଫସଲ ଆମ ରାଜ୍ୟ କୃଷିର ଏକ ଅଭିନ୍ନ ଅଂଶବିଶେଷ। ଜଳବାୟୁ ସହିଷ୍ଣୁତା ଗୁଣ ସହ ମାଣ୍ଡିଆ ଏବଂ ଅନ୍ୟାନ୍ୟ ପୁଷ୍ଟିଶସ୍ୟଗୁଡ଼ିକ ପୁଷ୍ଟି ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ରାଜ୍ୟରେ ମିଲେଟ୍ ଜାତୀୟ ଫସଲର ଉତ୍ପାଦନ ଏବଂ ବ୍ୟବହାରକୁ ବୃଦ୍ଧି କରିବା ସହ ଓଡ଼ିଶାକୁ ଭାରତର ମିଲେଟ ହବ୍‌ରେ ପରିଣତ କରାଯିବ। ଏଥିପାଇଁ ଚଳିତ ବର୍ଷ ବଜେଟରେ ୬୪୯ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର ଦୁଇ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁଷ୍ଟିଶସ୍ୟ ଓ ଚାଷ ପ୍ରଣାଳୀ ଆମ ଆଦିବାସୀ ଜନଜାତି ସମ୍ପ୍ରଦାୟଙ୍କ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି। ପୁଷ୍ଟିଶସ୍ୟର ପ୍ରାଚୀନତା ଏବଂ ଆମ ସଂସ୍କୃତି ଓ ଐତିହ୍ୟ ସହିତ ଏହାର ନିବିଡ଼ତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ 'ଶ୍ରୀଅନ୍ନ' ଭାବେ ନାମିତ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ଶ୍ରୀଅନ୍ନ ଚାଷ ଆଜି ସାରା ଦେଶରେ ଏକ ବିପ୍ଳବର ରୂପ ନେଇଛି ଏବଂ ଆଜି ସାରା ଓଡ଼ିଶାରେ ଶ୍ରୀଅନ୍ନ ଚାଷ ହେଉଛି। ପ୍ରାୟ ୧୭୭ ବ୍ଲକରେ ଏହି ଚାଷକୁ ସମ୍ପ୍ରସାରଣ କରାଯାଇଛି। ବର୍ତ୍ତମାନର ସରକାର ଶ୍ରୀଅନ୍ନର ଅଧିକ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ଆମକୁ ଏହାକୁ ଲୋକଙ୍କ ଦୈନନ୍ଦିନ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପଡିବ। ମାଣ୍ଡିଆକୁ ସ୍ୱାଦିଷ୍ଟ କରିବା ପାଇଁ ନୂଆ ନୂଆ ପ୍ରକାର ବ୍ୟଞ୍ଜନ ଓ ନୂଆ ପ୍ରକାର ବ୍ୟଞ୍ଜନ ଶୈଳୀକୁ ଘରେ ଘରେ ପହଞ୍ଚାଇବା ପାଇଁ ଫୁଡ୍ ବ୍ଲଗରମାନଙ୍କୁ ଆହ୍ୱାନ ଦେବା ସହ ମାଣବସା ଗୁରୁବାରରେ ମାଣ୍ଡିଆକୁ ଭୋଗ ଲାଗି କରିବା ପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ଅନୁରୋଧ କରିଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ମିଳିତ ଜାତିସଂଘର ପ୍ରତିନିଧି, କୃଷି ବିଜ୍ଞାନୀ, ଗବେଷକ, ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ଜିଲ୍ଲାର କୃଷକ ଓ ଅଗ୍ରଣୀ ମହିଳା ଚାଷୀମାନେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ମିଲେଟ୍ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା କୋରାପୁଟ, ସୁନ୍ଦରଗଡ଼ ଏବଂ ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବର୍ଗରେ ସଫଳ କୃଷକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଲୁପ୍ତ ପ୍ରାୟ ଖାଦ୍ୟ ଶସ୍ୟ ଓ ବିଭିନ୍ନ ପ୍ରକାର ପୁଷ୍ଟି ଶସ୍ୟ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ମୁଖ୍ୟ ସଚିବ ମନୋଜ ଆହୁଜା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ତଥା ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ୍, 'ନିତି' ଆୟୋଗ ସଦସ୍ୟ ପ୍ରଫେସର ରମେଶ ଚାନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଦେଇଥିଲେ।

## ରାଧାପାଦ ଦର୍ଶନ କଲେ ୭ ଲକ୍ଷ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୧୦।୧୧(ସମିସ):** ପବିତ୍ର ଅଁଳା ନବମୀ ଅବସରରେ ସାକ୍ଷୀଗୋପୀନାଥଙ୍କ ମନ୍ଦିରରେ ଆଜି ୭ଲକ୍ଷ ଶ୍ରଦ୍ଧାଳୁ ରାଧାପାଦ ଦର୍ଶନ କରିଛନ୍ତି। ବର୍ଷତମାମ ମା' ରାଧାରାଣୀଙ୍କ ପାଦ ଉପରେ ଲୁଗା ପଡ଼ି ରହିଥିବା ବେଳେ ଆଜିର ଦିନରେ ମା' ରାଧା ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିବା ସହ ପାଦ ଦୁଇଟି ଉନ୍ମୁକ୍ତ ରହିଥାଏ। ମା'ଙ୍କ ଏହି ଦୁର୍ମୂଲ୍ୟ ବେଶ ସାଙ୍ଗକୁ ପ୍ରଭୁ ସାକ୍ଷୀଗୋପୀନାଥ ଦେବଙ୍କ ନଟବର ବେଶ ଦର୍ଶନ ପାଇଁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ଭିଡ଼କୁ ଦୃଷ୍ଟିରେ ରଖି ସାକ୍ଷୀଗୋପୀନାଥ ସେବାୟତ ସଂଘ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ବହୁ ଆଗରୁ ସାହାଣମେଲା ଦର୍ଶନ କରାଯାଇଥିଲା। ଶନିବାର ରାତିରୁ ରବିବାର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପୀନାଥ ଓ ମା' ରାଧାଙ୍କୁ ଦର୍ଶନ କରିବା ପାଇଁ ଲମ୍ବା ଧାଡ଼ି ଲଗାଇଥିଲେ।

- ନୀତି ନିର୍ଘଣ୍ଟର ବହୁ ଆଗରୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ମିଳିଲା
- ମନ୍ଦିରଠାରୁ ଯାଦବ କଲୋନି ପର୍ଯ୍ୟନ୍ତ ଲମ୍ବା ଧାଡ଼ି

ସେବାୟତମାନେ ଭଣ୍ଡାରମେକାପଙ୍କଠାରୁ ସୁନା ଅଳଙ୍କାର ଗ୍ରହଣ କରି ପ୍ରଭୁ ଶ୍ରୀକୃଷ୍ଣ ଓ ମା' ରାଧାଙ୍କୁ ଓଡ଼ିଆଣୀରେ ବେଶରେ ସଜାଇଥିଲେ। ଏହି ବେଶରେ ମା' ଶ୍ରୀରାଧା ନୂତନ ପାଟଶାଢ଼ିରେ କାଣିଆକଚ୍ଛା ମାରିଥିବା ବେଳେ ମସ୍ତକରେ ସ୍ୱର୍ଣ୍ଣ କିରଟୀ, ଅଁଳାମାଳ, ହରଡମାଳ, ବାଘନଖି, ଡେଉଁରିଆ ମାଳ, କମରପଟି, ଦ୍ରାବିଡଚନ୍ଦ୍ର, ମୟୂରବସାଗୁଣା, ନୋଥି, ତାବିଜ, ସେବତୀ ହାର, ପାଦପଦ୍ମ, ପାଉଁଜି, ଝୁଣ୍ଟିଆ ଆଦି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। ସେହିପରି ମନ୍ଦିରକୁ ବିଭିନ୍ନ ଫୁଲମାଳ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଛି।

### କଟକ ଗଣଦୁଷ୍କର୍ମ ଘଟଣା

## ୭ମ ଅଭିଯୁକ୍ତକୁ ନେଇ ତନାଘନା

**କଟକ, ୧୦।୧୧ (ସମିସ):** କଟକରେ ଏକ କଲେଜର ଜଣେ ଛାତ୍ରୀଙ୍କୁ ଗଣଦୁର୍ଷ୍କର୍ମ ହୋଇଥିବା ଘଟଣାକୁ ନେଇ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିବା ବେଳେ କମିସନରେଟ୍ ପୁଲିସକୁ ଏହା ଅକଳରେ ପକାଇଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ପୁଲିସକୁ ୭ମ ଅଭିଯୁକ୍ତ ସମ୍ପର୍କରେ ସୂଚନା

- ପୀଡ଼ିତା ୩ଟି ଥାନା ଦ୍ୱାରସ୍ଥ ହୋଇ ନ ଥିବା କହିଲେ ଡିସିପି ଜଗମୋହନ ମୀନା
- ୫୮ ସେକେଣ୍ଡର ଅଶ୍ଳୀଳ ଭିଡିଓକୁ ନେଇ ପୁଲିସର ମୁଣ୍ଡବିନ୍ଧା
- ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ଦେଲା କମିଶନରେଟ୍ ପୁଲିସ୍

ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପୁଲିସ ତାକୁ ଗିରଫ କରିପାରିନାହିଁ। ଝାଞ୍ଜିରିମଙ୍ଗଳା ଅଞ୍ଚଳର ଆଶୁତୋଷ ବେହେରା (୧୮), ସୁଶୀଲ ପ୍ରସାଦ (୨୪), ଲୁଣିଆ ସାହିର ପପୁଲ ବେହେରା (୧୯), ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତେଲିସାହିର ପୀତବାସ ସାହୁ(୧୯), ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଅଞ୍ଚଳର ସୌମ୍ୟରଞ୍ଜନ ସାହୁ(୨୩) ଏବଂ ନାବଳକ କାଫେ' ମାଲିକକୁ ଗିରଫ କରିଯାଇଛି। ହେଲେ ଜଗତସିଂହପୁର ଅଞ୍ଚଳର ସପ୍ତମ ଅଭିଯୁକ୍ତ ଫେରାର୍ ରହିଛି। ତାକୁ ଗିରଫ କରିବାକୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଦାବି ହେଉଥିବା ବେଳେ ଗିରଫଦାରୀ ପାଇଁ ପୁଲିସ ଚଢ଼ଉ ଜାରି ରହିଛି।

ସମସ୍ତ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଛି। ହେଲେ ସପ୍ତମ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର୍ ଥିବାରୁ ତା' ମୋବାଇଲ୍ ଫୋନ୍ ଜବତ ହୋଇପାରିନାହିଁ। ପୀଡ଼ିତାଙ୍କ ୫୮ ସେକେଣ୍ଡର୍ ଅଶ୍ଳୀଳ ଭିଡିଓ ଅଫ୍-ସ୍କ୍ରିନ୍ ରହିଛି। ଯଦି ୭ମ ଅଭିଯୁକ୍ତ ଏହାକୁ ଭାଇରାଲ୍ କରେ, ତେବେ ପୁଲିସ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ଅନ୍ୟପଟେ ପୀଡ଼ିତାଙ୍କ ଏତଲା ପ୍ରଥମେ କାହିଁକି ପୁଲିସ ରଖିନଥିଲା ଏବଂ ତାଙ୍କୁ ଏ ଥାନାରୁ ସେ ଥାନା ଦୌଡ଼ିବାକୁ ପଡ଼ିଥିଲା, ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ବାରଙ୍ଗ, ସଦର ଓ ପୁରୀଘାଟ ଥାନାରେ ପୀଡ଼ିତା ନିଜର ଗୁହାରି ଜଣାଇଥିବା ବେଳେ ପୁଲିସ ତାଙ୍କୁ ନିରାଶ କରି ଫେରାଇ ଦେଇଥିଲା। ଶେଷରେ ଡିସିପି ଶ୍ରୀ ମୀନାଙ୍କ ହସ୍ତକ୍ଷେପ ପରେ ବାଦାମବାଡ଼ି ଥାନାରେ ତରବରିଆ ଭାବେ ମାମଲା ରୁଜୁ କରାଯାଇଥିଲା। ଏହା ଚର୍ଚ୍ଚା ହେବା ପରେ ଏହି ଘଟଣାକୁ ଡିସିପି ଶ୍ରୀ ମୀନା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପୀଡ଼ିତା ୩ଟି ଥାନା ବୁଲିଥିବା ଖବର ତାଙ୍କ ପାଖରେ ନାହିଁ। ବାଦାମବାଡ଼ି ଥାନାରେ ଏତଲା ହେବା ପରେ ପୁଲିସ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରି ଘଟଣାର ନିରପେକ୍ଷ ତଦନ୍ତ କରୁଛି। ପୀଡ଼ିତା ଓ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରାଯାଇଛି। ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଓ ସାହାଯ୍ୟ କରାଯାଉଛି ଡିସିପି ଶ୍ରୀ ମୀନା କହିଛନ୍ତି।

ଅନ୍ୟପଟେ ତଦନ୍ତକାରୀ ଟିମ୍ ଆଜି କାଫେ ଥିବା ସ୍ଥାନ ଓ ବାରଙ୍ଗରେ ଦୁଷ୍କର୍ମ ଘଟିଥିବା ଘରକୁ ଯାଇ ଖୋଳତାଡ଼ କରିଛି। ୨ଟି ଅଞ୍ଚଳରୁ କିଛି ଲୋକଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି। ସେହିପରି 'ବ୍ଲାକ୍ ବ୍ରଦର୍ସ ଗ୍ରୁପ୍' ନାମରେ ଯେଉଁ ହ୍ୱାଟର୍ସଆପ୍ ଗ୍ରୁପ୍ ଖୋଲି ଅଭିଯୁକ୍ତମାନେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ଚଳାଉଥିଲେ, ତାହା ଉପରେ ଯାଞ୍ଚ କରାଯାଉଛି। ଏହି ଗ୍ରୁପ୍‌ର ଆଡମିନ୍ ନାବାଳକ କାଫେ ମାଲିକ ଓ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୀତବାସ ଓରଫ୍ ପିତୁ ହୋଇଥିବା ବେଳେ ଏହି ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ୧୮ ଜଣରୁ ଅଧିକ ସଦସ୍ୟ ରହିଛନ୍ତି। ଏହି ଗ୍ରୁପ୍‌ର ସଦସ୍ୟଙ୍କୁ ଜେରା କରାଯିବାକୁ ପୁଲିସ କହିଥିବା ବେଳେ ସେ ବିଷୟରେ ସ୍ପଷ୍ଟ ପ୍ରତିକ୍ରିୟା ପୁଲିସ ଦେଇନାହିଁ।

## ଡିସିପିଙ୍କୁ ଭେଟିଲା ବିଜେଡି 'ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍'

**କଟକ, ୧୦।୧୧(ସମିସ):** କଟକ ଗଣଦୁଷ୍କର୍ମ ମାମଲାରେ ଆଜି ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଟକ ଡିସିପି ଜଗମୋହନ ମୀନାଙ୍କୁ ଭେଟି ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି ଜଣାଇଛନ୍ତି। ଏଥିସହ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଛି ବୋଲି ଏହି ଟିମ୍ ଅଭିଯୋଗ

- ରାଜ୍ୟରେ ୫ ମାସରେ ୭ ଗଣଦୁଷ୍କର୍ମ ଘଟଣା
- ଘଟଣାକୁ ଚପାଇବା ପାଇଁ ବିଜେପି ଲିଙ୍କ୍‌ର ସନ୍ଦେହ
- ଦୁଷ୍କର୍ମ ଘଟିଥିବା କାଫେ'ରେ ଗତ ନିର୍ବାଚନରେ ବିଜେପି ଅଫିସ ହୋଇଥିଲା



ଆଣିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ, ଗତ ୫ ମାସରେ ୭ ଟି ଗଣଦୁଷ୍କର୍ମ ଘଟଣା ଲୋକ ଲୋଚନକୁ ଆସିଛି, ଯାହା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସୂଚାଉଛି।

କଟକର ବାଦାମବାଡ଼ି ଥାନାରେ ନଭେମ୍ବର ୪ ତାରିଖରେ ରୁଜୁ ହୋଇଥିବା ଘଟଣାରେ ଦଳିତ ପରିବାରର ଏକ ଝିଅକୁ କିଛି ଯୁବକ ପ୍ରାୟ ଏକ ମାସ ଧରି ବ୍ଲାକ୍‌ମେଲ କରିବା ସହିତ ଗଣଦୁଷ୍କର୍ମ କରି ଆସୁଥିଲେ। ଦୁଷ୍କର୍ମ କରିଥିବା ଯୁବକମାନେ ପୀଡ଼ିତାଙ୍କ କିଛି ଭିଡିଓ ଓ ଫଟୋ ରଖି ତାକୁ ବ୍ଲାକମେଲ କରୁଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଟକ ଡିସିପିଙ୍କୁ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ବାଦାମବାଡ଼ି ଥାନାରେ ପୀଡିତାଙ୍କ ଅଭିଯୋଗ ଗ୍ରହଣ କରାଯିବା ପୂର୍ବରୁ ସେ ବାରଙ୍ଗ ଥାନା, ପୁରୀଘାଟ ଥାନା ଓ ସଦର ଥାନାକୁ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କ ଅଭିଯୋଗ ଗ୍ରହଣ କରାଯାଇ ନଥିଲା। ଗୋଟିଏପଟେ ପୁଲିସ ତାଙ୍କ ଅଭିଯୋଗ ରଖୁ ନଥିଲା ବେଳେ ଅପରପକ୍ଷରେ ଦୁଷ୍କର୍ମକାରୀମାନେ ତାଙ୍କୁ ବ୍ଲାକମେଲ କରି ବାରମ୍ବାର ଗଣବଳତ୍କାର କରି ଚାଲିଥିଲେ। ମାମଲା ରୁଜୁ ହେବା ନେଇ ପୁଲିସର ଟାଳଟୁଳ ନୀତି ସରକାରୀ ଦଳର ଇଙ୍ଗିତରେ ହୋଇଥିଲା ବୋଲି ସନ୍ଦେହ ପ୍ରକାଶ ପାଇଛି।

ଡିସିପିଙ୍କୁ ଭେଟି ଫେରିବା ପରେ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗତ ୫ ମାସରେ ୭ଟି ଗଣଦୁଷ୍କର୍ମ ଘଟଣା ଲୋକ ଲୋଚନକୁ ଆସିଛି, ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ଏହି ଘଟଣା ଘଟିଥିବା କାଫେଟି ଗତ ନିର୍ବାଚନ ସମୟରେ ବିଜେପିର ଅଫିସ୍ ହୋଇଥିବା ବେଳେ ଏହି ଘରର ମାଲିକ ଜଣେ ବିଜେପି କର୍ମୀ। ସେହିପରି, କାଫେଟିର ପାଖ ଘର ହେଉଛି ବିଜେପି କର୍ପୋରେଟରଙ୍କର। ପୁଲିସ୍ ଅଭିଯୋଗ ଗ୍ରହଣ କରିବାରେ ବିଳମ୍ବର କାରଣ ଏହି ରାଜନୈତିକ ବ୍ୟକ୍ତି ହୋଇଥାଇପାରନ୍ତି। ଏମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ସହିତ ଉପଯୁକ୍ତ ସୁରକ୍ଷା ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଦାବି ଟିମ୍ ପକ୍ଷରୁ ଶ୍ରୀମତୀ ଛୁରିଆ ଦାବି କରିଛନ୍ତି। 'ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍'ରେ ସ୍ନେହାଙ୍ଗିନୀ ଛୁରିଆଙ୍କ ବ୍ୟତୀତ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇପ୍ସିତା ସାହୁ, ସୁମିତ୍ରା ଜେନା, ତନ୍ମୟା ରାୟ ଓ କଟକ ମହାନଗର ମହିଳା ସଭାପତି ପୂର୍ଣ୍ଣିମା ସିଂଙ୍କ ସହିତ ବହୁ ମହିଳା ନେତ୍ରୀ ଯୋଗ ଦେଇଥିଲେ।

## ସୀମାନ୍ତରେ ୬ ମାଓବାଦୀ ଗିରଫ

**ମାଲକାନଗିରି,୧୦।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ପୁଲିସ୍ ଦ୍ୱାରା ତଲାସି ଅଭିଯାନ ବେଳେ ୬ଜଣ ମାଓବାଦୀ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେମାନେ ହେଲେ, ମଡକମ୍ ଦେବା, ସୋଡି ଉଙ୍ଗା, ସୋଡି କୋସା, ମଡକମ ଇଡମା, କଲ୍ମୁ ଅଡମା, କୋବାସୀ ଭିମ। ତେଲେଙ୍ଗାନା ଚର୍ଲା




ପୁଲିସ ଓ ସିଆରପିଏଫର ପକ୍ଷରୁ ମିଳିତ ଭାବେ ଚର୍ଲା ବ୍ଲକ୍ ଅନ୍ତର୍ଗତ ଟେକପ୍ଲାଣ୍ଟେସନ୍ ଜଙ୍ଗଲରେ ତଲାସି ଅଭିଯାନ ଜାରି ରହିଥିଲା। ଏହି ସମୟରେ ୬ଜଣ ବ୍ୟକ୍ତିଙ୍କୁ ସନ୍ଦେହଜନକ ଭାବେ କାବୁ କରିଥିଲେ ଯବାନ। ତଲାସି ବେଳେ ସେମାନଙ୍କ ନିକଟରୁ ବିଦ୍ୟୁତ ତାର ସଂଯୋଗ ଥିବା ଗୋଟିଏ ପ୍ରେସର କୁକର ଥିବା ଦେଖି ପଚରାଉଚରା କରିବାରୁ ଏହା ଏକ ବୋମା ବୋଲି ପ୍ରକାଶ କରିବା ସହ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ଉକ୍ତ ବୋମାକୁ ନିଷ୍କ୍ରିୟ କରାଯାଇଥିବା ଡିଏସ୍‌ପି ଭି. ରବୀନ୍ଦ୍ର ରେଡ୍ଡି ସୂଚନା ଦେଇଛନ୍ତି।

## ନିଜ ବନ୍ଧୁକରୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

**ମାଲକାନଗିରି,୧୦।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ କୋଣ୍ଡାଗାଓଁରେ ଜଣେ ଯବାନ ନିଜ ବନ୍ଧୁକରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ମୃତ ଯବାନ କୋଣ୍ଡାଗାଓଁରେ ବରଦା ଗାଁ ନିବାସୀ ହରିଲାଲ ନାଗ। ହରିଲାଲ ଛତିଶଗଡ଼ ରାଜ୍ୟର ବସ୍ତର ଫାଇଟର୍ସ ବାହିନୀରେ ଯବାନ ଭାବେ ନିଯୁକ୍ତ ହୋଇଥିବା ବେଳେ ଧନୋରା ପୁଲିସ ଥାନାରେ ମୁତୟନ ଥିଲେ। କିଛି ଦିନ ପୂର୍ବରୁ ନକ୍ସଲ କାର୍ଯ୍ୟକଳାପ ଏବଂ ଗତିବିଧି ସମ୍ପର୍କରେ ସୂଚନା ଜୁଟାଇବାକୁ ସେ ତାଙ୍କ ଗାଁକୁ ଆସିଥିଲେ। ଏହା ମଧ୍ୟରେ ସେ ଘରେ ଶୋଇଥିବା ସମୟରେ ନିଜ ସର୍ଭିସ୍ ପିସ୍ତଲରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି।

### ସମୁଦ୍ର ସ୍ନାନବେଳେ ଅଘଟଣ

## ସାଙ୍ଗମାନଙ୍କ ଆଖି ଆଗରେ ଭାସିଗଲେ ଯୁବକ

**ପୁରୀ, ୧୦।୧୧(ସମିସ):** ସମୁଦ୍ରରେ ସ୍ନାନ ହେଲା କାଳ। ଗାଧୋଇବା ବେଳେ ସାଙ୍ଗମାନଙ୍କ ଆଖି ଆଗରେ ଭାସିଗଲେ ଯୁବକ। ସେ ହେଉଛନ୍ତି, ଭଦ୍ରକ ବାସୁଦେବପୁରର ଆୟୁଷ କୁମାର ମହାପାତ୍ର (୧୮)। ଏ ନେଇ ସମୁଦ୍ରକୂଳ ଥାନା ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଭଦ୍ରକରୁ କିଛି ଯୁବକ ସାଙ୍ଗ ହୋଇ ପୁରୀ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନରେ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ରବିବାର ଥିବାରୁ ବେଳାଭୂମିରେ ପର୍ଯ୍ୟଟକଙ୍କର ବି ପ୍ରବଳ ଗହଳି ହୋଇଥିଲା। ଆୟୁଷ ଓ ତାଙ୍କ ସାଙ୍ଗମାନେ ସମୁଦ୍ରରେ ଗାଧୋଉଥିଲେ। ହେଲେ ଆୟୁଷ ଏକ ଉଚ୍ଚ ଲହଡ଼ିରେ ପଡ଼ି ଭିତରକୁ ଟାଣି ହୋଇଯାଇଥିଲେ। ସାଙ୍ଗମାନଙ୍କ ଆଖି ସମ୍ମୁଖରେ ସେ ଭାସି ଯାଇଥିଲେ। ଉଦ୍ଧାର ପାଇଁ ତାଙ୍କ ସାଙ୍ଗମାନେ ଡାକ ପକାଇବାରୁ ଲାଇଫ୍ ଗାର୍ଡମାନେ ଭିତରକୁ ଯାଇ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ବି ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇ ନ ଥିଲେ। ଏଥିସହ ଜେଟସ୍କିରେ ସମୁଦ୍ର ଭିତରକୁ ଯାଇଥିଲେ ମଧ୍ୟ ଆୟୁଷଙ୍କର ପତ୍ତା ମିଳିନଥିଲା। ଲାଇଫ୍‌ଗାର୍ଡ ଅଧିକାରୀଙ୍କ ସୂଚନା ମୁତାବକ ଏବେ କରେଣ୍ଟ ଅଧିକ ରହିଛି। ପର୍ଯ୍ୟଟକଙ୍କୁ ବାରଣ କରାଯାଉଥିଲେ ମଧ୍ୟ ଅନେକ ମାନୁନାହାନ୍ତି। ତେବେ ଆୟୁଷଙ୍କୁ ବହୁ ଖୋଜାଖୋଜି କରାଯାଇଥିଲା। ହେଲେ କୌଣସି ସନ୍ଧାନ ମିଳିନାହିଁ। ଏ ସମ୍ପର୍କରେ ସମୁଦ୍ରକୂଳ ଥାନାରେ ସାଙ୍ଗମାନେ ଲିଖିତ ଅଭିଯୋଗ କରିଛନ୍ତି।

## ରାମଚନ୍ଦ୍ର ଖୁଣ୍ଟିଆ ପୁଣିଥରେ ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଅଧ୍ୟକ୍ଷ ନିର୍ବାଚିତ



**ଭୁବନେଶ୍ୱର,୧୦।୧୧(ସମିସ):** ପୂର୍ବତନ ସାଂସଦ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ ଦ୍ୱିତୀୟ ଥର ପାଇଁ ସର୍ବସମ୍ମତି କ୍ରମେ ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସୁଇଜରଲ୍ୟାଣ୍ଡ ଜେନେଭାଠାରେ ଆୟୋଜିତ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଆନ୍ତର୍ଜାତିକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସାରା ବିଶ୍ୱରେ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଗ୍ଲୋବାଲ୍ କମ୍ପାକ୍ଟ ମାଇଗ୍ରେସନକୁ କାର୍ଯ୍ୟକାରୀ କରିବା, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟକରୁଥିବା ପ୍ରବାସୀ ଶମିକଙ୍କର ମଜୁରି, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ ଆନ୍ତର୍ଜାତିକ ଅଲିମ୍ପିକ ସମ୍ବନ୍ଧୀୟ ବିଭିନ୍ନ ଖେଳ ପାଇଁ ପ୍ରସ୍ତୁତ ହେଉଥିବା ନିର୍ମାଣ କାର୍ଯ୍ୟରେ ନିୟୋଜିତ ପ୍ରବାସୀ ଶ୍ରମିକଙ୍କ ପାଇଁ ଏହି କମିଟି କାର୍ଯ୍ୟ କରିବ।

### ଲଭ୍ ଜିହାଦ ମାମଲା

## ଆତଙ୍କବାଦୀ ସଂପର୍କ ନେଇ ଖୋଳତାଡ଼

**ଭୁବନେଶ୍ୱର,୧୦।୧୧(ସମିସ):** ଲଭ୍ ଜିହାଦ ମାମଲାର ତଦନ୍ତ ପାଇଁ ଜମ୍ମୁକାଶ୍ମୀର ପୁଲିସ ସହ କମିଶନରେଟ୍ ପୁଲିସ ଯୋଗାଯୋଗ କରିଛି। ଅଭିଯୁକ୍ତ ସମୀର ଜମ୍ମୁରେ ଇଲେକ୍ଟ୍ରିସିଆନ୍ କାମ କରୁଥିବାର ସୁରାକ୍ ପାଇଛି ପୁଲିସ। ସମୀରର ଘର ବିହାରରେ ଥିବା ବେଳେ ସେ କାଶ୍ମୀରରେ ରହୁଥିବା ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ତଦନ୍ତ ପାଇଁ ଜଣେ ମହିଳା ଏସିପିଙ୍କୁ ଦାୟିତ୍ୱ ଦିଆଯାଇଛି। ଅଭିଯୁକ୍ତର ଫୋନ୍ ସିଡିଆର, ସୋସିଆଲ ମିଡ଼ିଆ ଆକାଉଣ୍ଟ, ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରାଯାଉଛି। ତାର ଗୁପ୍ତ କୁଣ୍ଡଳି ଖୋଜିବା ପାଇଁ ବିହାର ଏବଂ କାଶ୍ମୀର ପୁଲିସ ସହ ଯୋଗାଯୋଗ କରାଯାଉଛି। ଏଥିସହ ଏନ୍‌ସିଆରବି ଡାଟାରେ ତାର ତଥ୍ୟ ମଗାଯାଉଛି। ଆବଶ୍ୟକ ପଡିଲେ ସମୀରଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରାଯିବ।

କମିଶନରେଟ ପୁଲିସ ବିହାର ଏବଂ କାଶ୍ମୀର ପୁଲିସ ସହ ଯୋଗାଯୋଗରେ ଅଛି। ଅଭିଯୁକ୍ତର ବ୍ୟାକ ଗ୍ରାଉଣ୍ଡ ଯାଞ୍ଚ୍ କରା ଯାଉଥିବା ବେଳେ ସମାନ୍ ଢଙ୍ଗରେ ଆଉ କେଉଁଠି ଅପରାଧ କରିଛି ତାର ଖୋଳତାଡ଼ ଚାଲିଛି। ଏଥିସହ ତାର ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ଓ ଡିଜିଟାଲ ଆକାଉଣ୍ଟକୁ ଯାଞ୍ଚ୍ କରାଯାଉଛି। ଅନ୍ୟ ରାଜ୍ୟରେ ଅଭିଯୁକ୍ତର କିଛି ଅପରାଧିକ ମାମଲା ଅଛି କି ନାହିଁ ତାର ଯାଞ୍ଚ କରୁଛି ପୁଲିସ। ଅନ୍ୟ କେଉଁ ସବୁ ଗ୍ୟାଙ୍ଗ ସହ ସମୀରର ସଂପର୍କ ରହିଛି କି ନାହିଁ ତାର ତଦନ୍ତ କରାଯାଉଛି। ତାର ସୋସିଆଲ ମିଡ଼ିଆ ଆକାଉଣ୍ଟ ମଧ୍ୟ ଯାଞ୍ଚ କରାଯାଉଛି। ସାଇବର ଠକେଇ କିମ୍ବା ଆତଙ୍କବାଦୀ ଲିଙ୍କ୍ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଲଭ୍ ଜିହାଦ ମାମଲା ଉଠୁଥିବାରୁ ଆତଙ୍କୀ ଲିଙ୍କ୍ ସନ୍ଦେହ କରାଯାଉଛି। ଯୁବତୀଙ୍କୁ ଫଶାଇ ଧର୍ମ ପରିବର୍ତ୍ତନ କରି ଟଙ୍କା ଆଦାୟ କରୁଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଏହି ମାମଲାକୁ ଅତି ସମ୍ବେଦନଶୀଳ ମାମଲା ଭାବେ ତଦନ୍ତ କରୁଛି। ଅଭିଯୁକ୍ତର ସମସ୍ତ ହିଷ୍ଟ୍ରି କଢାଯିବା ପରେ ରିମାଣ୍ଡରେ ଆଣି ପଚରାଉଚରା କରାଯିବ।

- ସାଇବର ଠକେଇରେ ସଂପୃକ୍ତ ଥାଇପାରେ ସମୀର
- ମୋବାଇଲ୍‌ରେ ଏକାଧିକ ଯୁବତୀଙ୍କ ଅଶ୍ଳୀଳ ଭିଡିଓ

ସମୀର ଏକାଧିକ ଯୁବତୀଙ୍କ ସହ ସମ୍ପର୍କରେ ଥିବା ସନ୍ଦେହ କରୁଛି କମିଶନରେଟ ପୁଲିସ। ଜବତ ହୋଇଥିବା ଡିଜିଟାଲ ଡିଭାଇସ ବା ମୋବାଇଲରୁ ଏକାଧିକ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସମ୍ପର୍କରେ ତଥ୍ୟ ମିଳିଛି। ଜଗତସିଂହପୁରର ପୀଡିତାଙ୍କ ବ୍ୟତୀତ ଯଦି ଓଡ଼ିଶାର ଅନ୍ୟ କୌଣସି ଯୁବତୀ ବା ମହିଳା ଏଭଳି ଠକେଇ ବା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି, ତେବେ ତୁରନ୍ତ ଥାନାରେ ଯୋଗାଯୋଗ କରିବାକୁ ପୁଲିସ କମିଶନର କହିଛନ୍ତି। ତାଙ୍କର ନାଁ ଓ ଠିକଣା ସମ୍ପୂର୍ଣ୍ଣ ରୂପେ ଗୋପନ ରଖାଯିବ। ସେପଟେ କିଛି ଭିଡିଓ ସୋସିଆଲ ସାଇଟରେ ଅପଲୋଡ ହୋଇଥିବାରୁ ସେଗୁଡିକୁ ଡିଲିଟ କରିବାକୁ ଚିଠି ଲେଖିବ କମିଶନରେଟ ପୁଲିସ। ଆବଶ୍ୟକ ସ୍ଥଳେ ସମୀରଙ୍କ ପୈତୃକ ଘର ବିହାରର ପୂର୍ବ ଚମ୍ପାରନ ଜିଲ୍ଲା ଓ କାଶ୍ମୀରକୁ ଯାଇପାରେ କମିଶନରେଟ ପୁଲିସର ସ୍ପେଶାଲ ଟିମ।

### ଏମ୍‌କେସିଜିରେ ଗଣ୍ଡଗୋଳ

## ମଦ ବୋତଲ ମାଡ଼ରେ ହାଉସ୍ ସର୍ଜନ ଗୁରୁତର

**ବ୍ରହ୍ମପୁର,୧୦।୧୧ (ସମିସ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ଗଣ୍ଡଗୋଳ ଘଟିଛି। ଦ୍ୱିତୀୟ ବର୍ଷର ଜଣେ ଡାକ୍ତର ଛାତ୍ରଙ୍କ ବିୟର୍ ବୋତଲ ମାଡ଼ରେ ଜଣେ ହାଉସ୍ ସର୍ଜନଙ୍କ ମୁଣ୍ଡ ଫାଟିଛି। ତାଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ତେବେ ଶେଷ ଖବର ଲେଖା ହେବା ବେଳକୁ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ମେଡ଼ିକାଲରେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନାଯୋଗ୍ୟ, ଗତ ଦୁଇ ଦିନ ହେବ ଏମ୍‌କେସିଜି ମେଡ଼ିକାଲର ଛାତ୍ର ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଚାଲିଥିଲା। ଶନିବାର ରାତିରେ ଛାତ୍ରମାନେ ଉଚ୍ଚ ଶବ୍ଦରେ ଡିଜେ ବଜାଇ ଉତ୍ସବ ପାଳନ କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଦ୍ୱିତୀୟ ବର୍ଷର ଛାତ୍ର ଓ ହାଉସ୍ ସର୍ଜନଙ୍କ ମଧ୍ୟରେ ତୁତୁମେମେ ହୋଇଥିଲା। ଏହାକୁ କେନ୍ଦ୍ର କରି ଦ୍ୱିତୀୟ ବର୍ଷର ଛାତ୍ରଜଣଙ୍କ ଉତ୍କ୍ଷିପ୍ତ ହୋଇ ଏକ ମଦ ବୋତଲରେ ହାଉସ ସର୍ଜନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇଥିଲେ। ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ସେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପୁଣି ରବିବାର ସକାଳେ ଏମ୍‌କେସିଜି ମେଡ଼ିକାଲର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

## ଅଁଳା ନବମୀରେ ଧବଳେଶ୍ୱର ପୀଠ ଲୋକାରଣ୍ୟ

**ଆଠଗଡ଼, ୧୦।୧୧(ସମିସ):** ପବିତ୍ର କାର୍ତ୍ତିକ ମାସର ଶେଷ ରବିବାର ତଥା ଅଁଳା ନବମୀ ପରିପ୍ରେକ୍ଷୀରେ ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ପୀଠରେ ଆଜି ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ଠିଆ ହୋଇ ବାବା ଧବଳେଶ୍ୱରଙ୍କ

**୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**



ଦର୍ଶନ ଲାଭ କରିଥିଲେ । ମହାନଦୀର ଗର୍ଭରେ ଥିବା ବାବାଙ୍କ ପୀଠକୁ ଯିବା ପାଇଁ ମଞ୍ଚେଶ୍ୱର ଘାଟରୁ ଧବଳେଶ୍ୱର ପୀଠ ପର୍ଯ୍ୟନ୍ତ କଂକ୍ରିଟ ପୋଲ ନିର୍ମାଣ କରାଯାଇ ଗତବର୍ଷ ଠାରୁ ଶ୍ରଦ୍ଧାଳୁଙ୍କ ଯାତାୟତ ପାଇଁ ବ୍ୟବସ୍ଥା ହୋଇଛି । ଆଜି ରବିବାର ଛୁଟି ଓ ପବିତ୍ର ଅଁଳା ନବମୀ ହେତୁ ପ୍ରତ୍ୟୁଷରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପ୍ରଶାସନ ତଥା ଦେବୋତ୍ତର ବିଭାଗ ପକ୍ଷରୁ ନିର୍ମିତ ବ୍ୟାରିକେଡ଼ରେ ଲମ୍ବା ଧାଡି ଲଗାଇଥିଲେ । ଭୋର ସମୟରେ ବାବା ଧବଳେଶ୍ୱରଙ୍କ ପହୁଡ ଫିଟିଥିଲା । ମଇଲମ ଲାଗି ଚନ୍ଦନ, ଚୁଆ, ଅଗୁରୁ ପ୍ରଲେପ ସହ ୧୦୮ ଗରା ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଇବା ସହ ବଲ୍ଲଭ ଭୋଗ ଲାଗି ହୋଇଥିଲା । ବାଳ ଭୋଗ ପରେ ଠାକୁରଙ୍କୁ ଦର୍ଶନ ଯୋଗ ହୋଇଥିଲା । ମଧ୍ୟାହ୍ନ ଧୂପ ସହ ଶଙ୍କୁଡ଼ି ଲାଗି ପରେ ପହୁଡ ଓ ଅନ୍ୟାନ୍ୟ ବିଧି ଉପଚାର କରାଯାଇଥିଲା । ଦିନତମାମ ଶ୍ରଦ୍ଧାଳୁମାନେ ବାବାଙ୍କ ଦର୍ଶନ ଲାଭ କରିଥିଲେ । ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଆଠଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ନାରାୟଣ ଶର୍ମା, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିବାଦ ସତ୍ତ୍ୱେ ରଥ ଗଡ଼ାଇଲା ଇସ୍କନ

**ପୁରୀ,୧୦।୧୧(ସମିସ):** ଅଦିନିଆ ରଥଯାତ୍ରାକୁ ନେଇ ତୀବ୍ର ହୋ ହଲ୍ଲା ପରେ ଏଥିରୁ ନିବୃତ୍ତ ରହିବ ବୋଲି ଇସ୍କନ ପକ୍ଷରୁ କୁହାଯାଇଥିଲା । ଆମେରିକାର ହଷ୍ଟନରେ ନଭେମ୍ବର ୯ ତରିଖରେ ରଥଯାତ୍ରା ନୁହେଁ ସଂକୀର୍ତ୍ତନ ଯାତ୍ରା କରିବ ବୋଲି କହିଥିଲା । ହେଲେ ଠିକଣା ସମୟରେ ମାନିଲାନି ଇସ୍କନ । ଶନିବାର ହଷ୍ଟନରେ କରିଛି ଅଦିନିଆ ରଥଯାତ୍ରା । 'ଫେଷ୍ଟିଭାଲ ଅଫ ବ୍ଲିସ' ନାଁରେ ରଥଯାତ୍ରା କରିଛି ଇସ୍କନ । ଅବଶ୍ୟ ରଥରେ ଚତୁର୍ଦ୍ଧାବିଗ୍ରହ ବିରାଜମାନ କରି ନ ଥିଲେ । ହେଲେ ରାଧାକୃଷ୍ଣଙ୍କ ମୂର୍ତ୍ତି ରଖି ନନ୍ଦିଘୋଷଙ୍କ ଭଳି ଅବିକଳ ରଥ ନିର୍ମାଣ କରି ଟାଣିଛି ଇସ୍କନ । ଯାହା କୋଟି କୋଟି ଭକ୍ତ, ସେବାୟତ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି ।

ହଷ୍ଟନରେ ଇସ୍କନ ନଭେମ୍ବର ୩ରେ ସ୍ନାନଯାତ୍ରା ଏବଂ ୯ ତାରିଖରେ ରଥଯାତ୍ରା କରିବ ବୋଲି ଜଣାପଡ଼ିବା ପରେ ଏହାକୁ ନେଇ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ବିଭିନ୍ନ ସଙ୍ଗଠନ, ବ୍ୟକ୍ତିବିଶେଷ ଅଦିନିଆ ରଥଯାତ୍ରାକୁ ବିରୋଧ କରିବା ସହ ଥାନାରେ ଇସ୍କନ ବିରୋଧରେ ଏତଲା ଦିଆଯାଇଥିଲା । ଏପରି କି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ଦିବ୍ୟସିଂହ

**ଜଗନ୍ନାଥଙ୍କ ବଦଳରେ କୃଷ୍ଣ**

ଦେବ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗଜପତି ମହାରାଜା ଇସ୍କନକୁ ଚେତାବନୀପୂର୍ଣ୍ଣ ଚିଠି ଲେଖିବା ପରେ ରଥଯାତ୍ରା କରିବ ନାହିଁ ବୋଲି କହିଥିଲା ଇସ୍କନ । ହେଲେ ନିର୍ଦ୍ଧାରିତ ଦିନ ଅର୍ଥାତ୍ ଶନିବାର ହଷ୍ଟନରେ ନନ୍ଦିଘୋଷ ଭଳି ଅବିକଳ ରଥ ନିର୍ମାଣ କରି ଏହାକୁ ଟାଣିବା ସହ 'ଫେଷ୍ଟିଭାଲ ଅଫ ବ୍ଲିସ' ପାଳନ କରିଛି ଇସ୍କନ । ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଯଦି ସମ୍ମାନ ଦେବା ତେବେ ଭଲ ଭାବେ ଦେବା ଦରକାର । ଇସ୍କନ ମନମୁଖୀ ଭାବେ କେବଳ ନାଁ ବଦଳାଇ ଅଦିନରେ ରଥଯାତ୍ରା କରିଛି । ସେହି ନନ୍ଦିଘୋଷ କରାଯାଇଛି ଏବଂ ପୂର୍ବ ତାରିଖରେ ରଥ ଗଡ଼ିଛି । କେବଳ ମହାପ୍ରଭୁଙ୍କ ସ୍ଥାନରେ ରାଧାକୃଷ୍ଣଙ୍କୁ ବସାଇ ରଥ ଟଣାଯାଇଛି । ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେବାୟତଙ୍କଠାରୁ ଆରମ୍ଭ କରି ସମସ୍ତ ଜଗନ୍ନାଥ ପ୍ରେମୀ ଏହାକୁ ବିରୋଧ କରିଥିଲେ । ଏ ନେଇ ଗଜପତି ମହାରାଜା ମଧ୍ୟ ଇସ୍କନଙ୍କୁ ଆଇନର ଆଶ୍ରୟ ନେବାର ଚେତାବନୀ ଦେଇ ଚିଠି ଲେଖିଥିଲେ । ବାରମ୍ବାର କହିବା ପରେ ଇସ୍କନ ମନମୁଖୀ କାର୍ଯ୍ୟ କରୁଛି । ଏହାକୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଶ୍ରୀମନ୍ଦିର ପରିଚାଳନା କମିଟି ଏକ ବୈଠକ କରୁ । ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଜଣାନ୍ତୁ । ନଚେତ୍ ଆଗାମୀ ଦିନରେ ଏହା ଭୟଙ୍କର ରୂପ ଧାରଣ କରିବ ବୋଲି କହିଛନ୍ତି ବିନାୟକ ଦାସ ମହାପାତ୍ର ।

## ଗହୀରମଥାରୁ ଟ୍ରଲର ଜବତ; ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୦।୧୧(ସମିସ):** କଇଁଛଙ୍କ ଏନ୍ତୁଡ଼ିଶାଳ ଗହୀରମଥା ନୀଳ ଜଳରାଶିକୁ ଏବେ ଅଲିଭରିଡ୍‌ଲେ କଇଁଛ ମାନଙ୍କର ଆଗମନ ହୋଇଛି । ସେମାନଙ୍କ ସୁରକ୍ଷା ପାଇଁ ଚଳିତ ମାସ ୧ ତାରିଖ ଠାରୁ ବନବିଭାଗ ପକ୍ଷରୁ ମାଛଧରିବା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କଟକଣା ସତ୍ତ୍ୱେ ଟ୍ରଲର ଗୁଡିକ ଆଇନକୁ ବେଖାତିର କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି । ବାବୁବାଲିରୁ ମାଦଳିମାଉଥି ଯାଏଁ ଶହ ଶହ ଟ୍ରଲର ବେଧଡ଼କ ଭାବେ ମାଛ ମାରୁଥିବା ଦେଖିବାକୁ ମିଳୁଛି । ଆଜି ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଫୁଲ କୁମାର ମାଝିଙ୍କ ସମେତ ବନବିଭାଗ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ମାସୁଦ-୧ ନାମକ ଟ୍ରଲର ମାଦଳିମାଉଥି ଠାରୁ ୧୮ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଦେଖି ଟ୍ରଲରକୁ କାବୁ କରିଥିଲେ । ଏଥିରେ ଥିବା ଭରତ ସିଂ, ଏସକେ ରାଜା, ହରିଆ ସିଂ, ରମେଶ ସିଂ, ସାଜୱାତ ଅଲ୍ଲୀ ସାହା, ସୁକଦେବ ସିଂ, ଦୌତାରୀ ମାଝି ପ୍ରମୁଖ ୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଟ୍ରଲରରେ ଥିବା ଗୋଟିଏ ଭିଏଚଏଫ ସହିତ ଜର୍ମାନୀ ମଡେଲର ଗୋଟିଏ ଜିପିଏସ୍, ଗୋଟିଏ ସିଲିଣ୍ଡର, ୧୦ଟି ଟ୍ରଲିଂ ନେଟ ସହ ୩ କ୍ୱିଣ୍ଟାଲ ମାଛ ଜବତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।




## ଅଦାଲତରେ ଗଡୁଛି ୨୦ ଲକ୍ଷରୁ ଅଧିକ ମାମଲା

**ଭୁବନେଶ୍ୱର,୧୦ ।୧୧(ସମିସ):** ରାଜ୍ୟର ବିଭିନ୍ନ ଅଦାଲତରେ ମାମଲା ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଯେଉଁଥିପାଇଁ ଶୁଣାଣି ।।ରେ ବିଳମ୍ବ ହେଉଛି ଏବଂ ପୀଡିତମାନେ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ରହୁଛନ୍ତି । ବର୍ଷ ବର୍ଷ ଧରି ଓଡିଶାରେ ମାମଲା ସଂଖ୍ୟା ବଢିଚାଲିଛି । ଏବେ ରାଜ୍ୟର ବିଭିନ୍ନ ଅଦାଲତରେ ମାମଲା ସଂଖ୍ୟା ୨୦ଲକ୍ଷକୁ ଟପି ସାରିଲାଣି । ଏହି ଧାରା ଅବ୍ୟାହତ ରହିଲେ ୨୦୩୬ ବେଳକୁ ଓଡିଶା ଉପରେ ମାମଲା ବୋଝ ସଂଖ୍ୟା ପାଖାପାଖି ୪୦ଲକ୍ଷରେ ପହଞ୍ଚିଯିବ ବୋଲି ଆଇନ୍ ବିଶାରଦମାନେ ଆଶଙ୍କା କରୁଛନ୍ତି । ଅଭିଜ୍ଞ ଆଇନ୍‌ଜୀବୀମାନେ କହୁଛନ୍ତି ଯେ ଅଧିକ ସଂଖ୍ୟାରେ କୋର୍ଟ କଚେରୀ ଖୋଲିଗଲେ ଲୋକଙ୍କ ସମସ୍ୟାର ସମାଧାନ ହେବନାହିଁ । ବ୍ଲକ, ତହସିଲ, ଥାନା ଠାରୁ ଆରମ୍ଭକରି ରାଜ୍ୟ ସଚିବାଳୟ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଦପ୍ତରରେ ତଳୁ ଉପର ପର୍ଯ୍ୟନ୍ତ ଅଧିକାରୀମାନଙ୍କର ସକରାତ୍ମକ ମନୋଭାବ ରହିଲେ ଅଭିଯୋଗ ଶୁଣାଣି ଓ ଫଏସଲା ଶୀଘ୍ର ହୋଇପାରିବ । ଏହା କରାଯାଇ ପାରିଲେ ହିଁ ରାଜ୍ୟରେ ମାମଲା ସଂଖ୍ୟା ହ୍ରାସ ପାଇବ ।

ଏନ୍‌ସିଆରବି (ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ) ତଥ୍ୟ ଅନୁସାରେ, ବର୍ଷକୁ ବର୍ଷ ଓଡିଶାରେ ମାମଲା ବୋଝ ବଢି ଚାଲିଥିବାବେଳେ ଫଏସଲା ହାର ଅତି ନଗଣ୍ୟ ରହୁଛି । ସବୁଠାରୁ ଉଦବେଗଜନକ କଥା ହେଉଛି ଯେ ସମ୍ବେଦନଶୀଳ ଅପରାଧିକ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ଅତି କମ୍ । ବିଶେଷକରି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧଗୁଡିକର ଫଏସଲା ହାର ୫ ପ୍ରତିଶରୁ କମ୍ ରହୁଥିବାବେଳେ ଦଣ୍ଡବିଧାନ ହାର ବି ୧୦ ପ୍ରତିଶତରୁ କମ୍ ରହୁଛି । ୨୦୨୩ ଆରମ୍ଭ ବେଳକୁ ଓଡିଶାରେ ମହିଳାମାନଙ୍କ ପ୍ରତି ଅପରାଧିକ ମାମଲାରେ ୧ଲକ୍ଷ ୭୦ହଜାର ବିଚାର ଅପେକ୍ଷାରେ ଥିବାବେଳେ ଏବେ ଏହି ସଂଖ୍ୟା ୨ଲକ୍ଷକୁ ଟପି ସାରିଲାଣି । ସେହିଭଳି

**■ ୨୦୩୬ ବେଳକୁ ୪୦ ଲକ୍ଷରେ ପହଞ୍ଚିବ**
**■ ଶୁଣାଣିରେ ବିଳମ୍ବ, ମିଳୁନି ତ୍ୱରିତ ନ୍ୟାୟ**

ଶିଶୁମାନଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରୁ ଅନ୍ୟୁନ ୨୨ହଜାର ବିଚାର ପ୍ରତୀକ୍ଷାରେ ରହିଛି । ପୁରୁଣା ଆଇପିସି ମାମଲା ସଂଖ୍ୟା ଓଡିଶାରେ ପ୍ରାୟ ୯ଲକ୍ଷରୁ ଅଧିକ ରହିଛି । ଏନ୍‌ସିଆରବିର ସର୍ବଶେଷ ରିପୋର୍ଟ ଅନୁଯାୟୀ ଏଭଳି ଅପରାଧିକ ମାମଲାରେ ରାଜ୍ୟରେ ଦଣ୍ଡବିଧାନ ହାର ମାତ୍ର ୧୧.୯ ପ୍ରତିଶତ ଥିବାବେଳେ ଜାତୀୟ ସ୍ତରରେ କିନ୍ତୁ ତାହା ୫୪.୨ ପ୍ରତିଶତ ରହୁଛି । ଅର୍ଥନୈତିକ ଅପରାଧ ଏବଂ ବିଶେଷକରି ଦୁର୍ନୀତି ନିବାରଣ ମାମଲାରେ ମଧ୍ୟ ଫଏସଲା ଓ ଦଣ୍ଡବିଧାନ ସଂଖ୍ୟା ଉତ୍ସାହଜନକ ନୁହେଁ । ତେବେ ଭିଜିଲାନ୍ସ ମାମଲାରେ ଦଣ୍ଡବିଧାନ ହାର ଜାତୀୟ ସ୍ତରରେ ୩୯.୬ ପ୍ରତିଶତ ଥିବାବେଳେ ଓଡିଶାରେ ତାହା ୩୬.୪ ପ୍ରତିଶତ ବୋଲି ଏନସିଆରବି ରିପୋର୍ଟ କହୁଛି । ମୋଟାମୋଟି ଭାବେ ବିଚାର ପ୍ରତୀକ୍ଷାରେ ଥିବା ଭିଜିଲାନ୍ସ ମାମଲାରୁ ବର୍ଷରେ ମାତ୍ର ୬.୪ ପ୍ରତିଶତ ଫଏସଲା ହେଉଥିବା ବେଳେ ୯୩.୬ ପ୍ରତିଶତ ପରବର୍ତ୍ତୀ ବର୍ଷକୁ ବାକିଆ ମାମଲା ଭାବେ ଯାଉଛି । ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପ୍ରତି ଘଟୁଥିବା ଅପରାଧ କ୍ଷେତ୍ରରେ ଓଡିଶାରେ ଫଏସଲା ହାର ବାର୍ଷିକ ୩ ପ୍ରତିଶତରୁ କମ୍ ରହୁଥିବାବେଳେ ଦଣ୍ଡବିଧାନ ହାର ବି ୨୦ ପ୍ରତିଶତ ହେଉନାହିଁ । ଅନ୍ୟ ପକ୍ଷରେ ତହସିଲରୁ ଆରମ୍ଭକରି ବୋର୍ଡ ଅଫ୍ ରେଭିନ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ରାଜସ୍ୱ ଦପ୍ତରରେ ଜମିଜମା ସଂକ୍ରାନ୍ତୀୟ ୧୨ଲକ୍ଷରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି । ରାଜ୍ୟସ୍ୱ ଦପ୍ତର ଏବଂ ଆଇନ୍ ଅଦାଲତଗୁଡିକରେ କେଉଁ ମାମଲା ୧୦ବର୍ଷ ଗଡିଲାଣି ତ ଆଉ କିଏ ୩୦ବର୍ଷ ବିତିଲେ ବି ସରୁନାହିଁ ।

## ଆଜି ହରିହର ବେଶ

**ପୁରୀ,୧୦।୧୧(ସମିସ):** ସୋମବାର ରତ୍ନସିଂହାସନରେ ବଡଠାକୁର ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହେବ । ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କ ଏହି ବେଶରେ ସଜ୍ଜିତ କରିବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଏବଂ ଶ୍ରୀବଳଭଦ୍ର ହରିହର ବେଶରେ ଭକ୍ତ ଦର୍ଶନ କରିପାରିବେ । ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ । ଏ ବର୍ଷ ଦୁଇଟି ସୋମବାର ପଡୁଥିବାରୁ ଏହି ବେଶରେ ଦର୍ଶନ ଦେବେ ବଡ଼ଠାକୁର ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗାଜା, ଲେବାନନରେ...

ହୋଇଥିବା ପାଲେଷ୍ଟାଇନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଗାଜାରେ ବିଭିନ୍ନ ଆଶ୍ରୟ ସ୍ଥଳ ଏବଂ ଶିବିର ଉପରେ ଆକ୍ରମଣ ହେବା ଦ୍ୱାରା ବହୁ ସଂଖ୍ୟାରେ ଶିଶୁଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ଆମେରିକା ଚାପକୁ ନେଇ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଆଲୋଚନା କରିବାକୁ କାତାର ମନା କରିଦେବା ପରେ ଇସ୍ରାଏଲର ଆକ୍ରମଣ ବଢିଛି ବୋଲି ପାଲେଷ୍ଟାଇନ କର୍ତ୍ତୃପକ୍ଷ କହିଛନ୍ତି ।

### ମୁଁ କ'ଣ...

ହୋଇଥିଲା; ଏବେ ଟିଟିଲାଗଡ଼ର ବିଜେପି ବିଧାୟକ ନବୀନ ଜୈନଙ୍କ ବିରୋଧରେ ସିଧାସଳଖ ଓ ସାଂଘାତିକ ଅଭିଯୋଗ ଆଣିଛନ୍ତି ତାଙ୍କ ଶଳାଭାଉଜ । ନାବାଳିକା ଥିବା ସମୟରେ ତାଙ୍କୁ ବଳପୂର୍ବକ ବିବାହ କରାଇବା ଓ ବିବାହ ପରେ ଶାଶୁଘରେ ନିର୍ଯାତନା ଦିଆଯିବା ଘଟଣାରେ ବିଧାୟକ ନବୀନ ଜୈନ, ତାଙ୍କ ପତ୍ନୀ ତଥା ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି । ତାଙ୍କର ଏପରି ସ୍ଥିତି ପାଇଁ ସମ୍ପୃକ୍ତ ଯୁବତୀ ନିଜ ପରିବାରକୁ ମଧ୍ୟ ଦାୟୀ କରିଛନ୍ତି । ଏ ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ବିଧାୟକଙ୍କ ଚାପରେ ପୁଲିସ ଚୁପ୍ ବସିଛି । ନ୍ୟାୟ ପାଇଁ ବାରଦୁଆର ହେଉଥିବା ପୀଡ଼ିତା ଶଳାଭାଉଜ ଏହି ଘଟଣା ସମ୍ପର୍କରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତ- କ୍ୟା ମେଁ ବେଟୀ ନେହିଁ ହୁଁ?

ଅଭିଯୋଗ ଅନୁସାରେ ନବୀନ ଜୈନ, ତାଙ୍କ ପତ୍ନୀ ମମତା ଜୈନଙ୍କ ପ୍ରରୋଚନାରେ ବଲାଙ୍ଗିର ସହର ଜୁନାଡିହିରେ ରହୁଥିବା ମମତା ମଲ୍ଲିକଙ୍କୁ ତାଙ୍କ ପରିବାରର ଲୋକମାନେ ୨୦୧୫ ଜୁନ ୭ ତାରିଖରେ ଧର୍ମଗଡର ଅଣଓଡିଆ ବ୍ୟବସାୟୀ ଅନୁପ ଅଗ୍ରୱାଲଙ୍କ ସହ ବଳପୂର୍ବକ ବିବାହ କରାଇଥିଲେ । ସେତେବେଳେ ସେ ନାବାଳିକା ଥିଲେ ଓ ବୟସ ମାତ୍ର ୧୪ ବର୍ଷ ହୋଇଥିଲା । ଏହି ବିବାହ ପାଇଁ ସେତେବେଳେ ଅନୁପ ଅଗ୍ରୱାଲଙ୍କ ପରିବାରର ଲୋକମାନେ ମମତାଙ୍କ ପରିବାରକୁ ୮୦ ହଜାର ଟଙ୍କା ଦେଇଥିଲେ । ବିବାହର ପ୍ରାୟ ବର୍ଷେ ପରେ ସେ ଗର୍ଭବତୀ ହେବା ପରେ ସ୍ୱାମୀ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ମଦ ପିଇ ପ୍ରତିଦିନ ରାତିରେ ଘରକୁ ଆସି ମାର୍‌ପିଟ କରିବା, ସାଙ୍ଗମାନଙ୍କ ସହ ଯୌନ ସଂପର୍କ ରଖିବାକୁ ବାଧ କରୁଥିଲେ । ତାଙ୍କର ଝିଅ ଜନ୍ମ ହେବା ପରେ ଶାଶୂ ମଧ୍ୟ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ନିର୍ଯାତନା ସହି ନ ପାରି ସେ ଘରକୁ ଚାଲିଆସୁଥିଲେ । ପରେ ପୁଣି ଶାଶୂ ଘର ଲୋକେ ମମତାଙ୍କ ଭିଣୋଇଙ୍କୁ ଟଙ୍କା ଦେଇ ପୁଣି ଜବରଦସ୍ତି ତାଙ୍କୁ ଘରକୁ ନେଇଯାଉଥିଲେ । ଗତ ୨୦୨୩ ନଭେମ୍ବର ମାସରେ ନିର୍ଯତନା ସୀମା ଟପିବା ପରେ ସେ ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ ଓ ଆଉ ସ୍ୱାମୀଙ୍କ ପାଖକୁ ନ ଯାଇ ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ ।

ମାତ୍ର ଅନୁପଙ୍କ ପରିବାର ଲୋକ ଛାଡପତ୍ର ଦେବା ବଦଳରେ ଗତ ପ୍ରାୟ ବର୍ଷେ ହେଲା ବିଭିନ୍ନ ମାଧ୍ୟମରେ ଧମକ ଚମକ ଦେଉଥିବା ପୀଡିତା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ତାଙ୍କ ସ୍ୱାମୀ ଅନୁପ ଅଗ୍ରୱାଲଙ୍କ ଭିଣୋଇ ତଥା ଟିଟିଲାଗଡ ବିଧାୟକ ନବୀନ ଜୈନ, ତାଙ୍କର ଭଉଣୀ ତଥା ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନ ଓ ପୀଡ଼ିତାଙ୍କ ଭିଣୋଇ ମିଳିତ ଭାବରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା, ଝିଅ ବେକରେ ଛୁରି ଲଗାଇ ତାଙ୍କୁ ବିଷ ପିଇ ଆତ୍ମହତ୍ୟା କରିବାକୁ ମଧ୍ୟ ସ୍ୱାମୀ ବାଧ କରିଥିବା ପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମମତା ମଲ୍ଲିକ । ସେ ବିଷ ପିଇ ସେ ୧୫ ଦିନ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ମଧ୍ୟ ତାଙ୍କ ପ୍ରତି ନିର୍ଯାତନା କମିନାହିଁ । ତାଙ୍କ ଭଉଣୀ ଓ ଭିଣୋଇ ମିଶି ମମତାଙ୍କୁ ଭୁବନେଶ୍ୱରରେ ବିକ୍ରି କରିବାକୁ ମଧ୍ୟ ଉଦ୍ୟମ କରିଛନ୍ତି । ଅନୁପଙ୍କ ପରିବାରର ଲୋକମାନେ ଝିଅର ଆଧାରକାର୍ଡ ଦେଉନଥିବାରୁ ତାଙ୍କର କୌଣସି ସ୍କୁଲରେ ନାମଲେଖା ହୋଇପାରୁନଥିବା ସେ କହିଛନ୍ତି । ଏହିଭଳି ଭାବେ ଗତ ପ୍ରାୟ ବର୍ଷେ ହେଲା ସେ ନିର୍ଯାତନାର ଶିକାର ହେଉଛନ୍ତି । ଏପରିକି ବିଧାୟକ ଓ ତାଙ୍କ ପୌରାଧକ୍ଷା ପତ୍ନୀଙ୍କ ଚାପରେ ପରିବାର ଲୋକମାନେ ମଧ୍ୟ ତାଙ୍କୁ ସହଯୋଗ କରୁନାହାନ୍ତି । ଏ ସମ୍ପର୍କରେ ମମତା ମଲ୍ଲିକ ଶନିବାର ପୁଣିଥରେ ସେ ଟାଉନ ଥାନାକୁ ଆସି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି । ଏହି ମାମଲାରେ ତାଙ୍କର ନଣନ୍ଦେଇ ବିଜେପି ବିଧାୟକ ଥିବାରୁ ସେ ମାମଲାକୁ ପ୍ରଭାବିତ କରୁଥିବା ମଧ୍ୟ ମମତା ମଲ୍ଲିକ ସିଧାସଳଖ ଅଭିଯୋଗ କରିଛନ୍ତି । ଯେଉଁଠି ନିଜେ ଜଣେ ବିଜେପି ବିଧାୟକ ତାଙ୍କ ସମ୍ପର୍କୀୟା ମହିଳାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ଆସିଛି, ସେଠାରେ ରାଜ୍ୟର ଅନ୍ୟ ମହିଳାଙ୍କ ସ୍ଥିତି କେଉଁଠି ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଅପାରଗତା ଲୁଚାଇବାକୁ...

ମନୋବଳ ବଢ଼ାଇ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଆସ୍ଥାକୁ ବଢ଼ାଇବା କଥା, ସେହି ସମୟରେ ଅବାନ୍ତର ପ୍ରଶ୍ନ କରି ମହିଳା କମିଶନଙ୍କୁ ନିନ୍ଦିତ କରାଯାଉଛି । ଉଦ୍ଦେଶ୍ୟ ହେଉଛି ଯେ, ମହିଳା କମିଶନଙ୍କୁ ବରଖାସ୍ତ କରି ନିଜ ସରକାରଙ୍କ ଇସାରାରେ ହିଁ ଭରୁଥିବା ଅନ୍ୟଜଣେ ମହିଳାଙ୍କୁ ଏହି ପଦରେ ବସାଇବା ଓ ତାଙ୍କୁ ଅସ୍ତ୍ର କରି ଘଟୁଥିବା ମହିଳା ହିଂସା, ବଳାତ୍କାର, ଗଣବଳାତ୍କାର ଆଦି ଘଟଣାକୁ ଚାପିବା । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମହିଳା କମିଶନଙ୍କ ପୂର୍ବତନ ସଦସ୍ୟାମାନେ ମଧ୍ୟ ମହିଳା କମିଶନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଓଡିଶାରେ ସରକାର ପରିବର୍ତ୍ତନ ହେବା ପର ଠାରୁ ବଳାତ୍କାର, ମହିଳା ବିରୋଧୀ ହିଂସା, ଅତ୍ୟାଚାର, ବ୍ଲାକ୍‌ମେଲିଂ ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ମଣ୍ଡନ କରୁଛି । ଏକଦା ଶାନ୍ତ ରାଜ୍ୟ ଭାବେ ଜଣାଶୁଣା ଓଡିଶା ଆଜି ନାରୀ ଅତ୍ୟାଚାର କଳଙ୍କ ମୁଣ୍ଡାଉଛି । ଏହି ଘଟଣାଗୁଡ଼ିକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟିତ ଘଟଣାରେ ମହିଳା କମିଶନ କିପରି ଅଧିକ ଦକ୍ଷତାର ସହ କାମ କରିବେ, ନିର୍ଯ୍ୟାତିତ ମହିଳା ମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ, ଅପରାଧୀଙ୍କ ଉପରେ ପ୍ରଶାସନର ଲଗାମ କଶାଯିବ, ତାହା ଉପରେ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରୁଥିବା ମହିଳା କମିଶନଙ୍କୁ ସରକାର ରାଜନୈତିକ ପଶାପାଲିର ଗୋଟି ରୂପେ ପରିଣତ କରିଛନ୍ତି । ଏପରି କରିବା ପଛରେ ଏକ ମାତ୍ର କାରଣ ହେଉଛି ରାଜ୍ୟରେ ସଂଘଠିତ ଗଣଦୁଷ୍କର୍ମ ଓ ଦୁଷ୍କର୍ମ ଘଟଣାରୁ ଲୋକଙ୍କ ଦୃଷ୍ଟି ଏଡ଼ାଇବା ।

ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ମହିଳା କମିଶନ ସଦସ୍ୟା ସ୍ୱର୍ଣ୍ଣଲତା ସାମଲ ରାଜ୍ୟ ସରକାରଙ୍କ ଅଭିସନ୍ଧିମୂଳକ କାର୍ଯ୍ୟକୁ ନେଇ ପ୍ରବଳ ବର୍ଷିଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାର ସମ୍ବିଧାନ ଏବଂ ବିଧି ବ୍ୟବସ୍ଥା ବାହାରକୁ ଯାଇ କାମ କରିଛନ୍ତି । ମାତୃ ମୃତ୍ୟୁ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟ କମିଶନଙ୍କୁ ୨୮ଟି ମାମଲା ଦେଇଥିଲେ; ସେଥିରୁ ବହୁ ମାମଲାର ସଠିକ୍ ନିଷ୍ପତ୍ତି ହୋଇଛି । ସେଥିପାଇଁ ଉଚ୍ଚ ନ୍ୟାୟାଳୟ ମହିଳା କମିଶନଙ୍କୁ ପ୍ରଶଂସା କରିଛନ୍ତି । ଅନୁରୂପ ଭାବରେ ବିଭିନ୍ନ କାର୍ଯ୍ୟ ପାଇଁ ଜାତୀୟ ମହିଳା କମିଶନ ମଧ୍ୟ ଓଡିଶା ମହିଳା କମିଶନଙ୍କୁ ପ୍ରଶଂସା କରିଛନ୍ତି । ଦେଶର ବିଭିନ୍ନ ରାଜ୍ୟରେ ସରକାର ବଦଳି ଥିଲେ ମଧ୍ୟ କୌଣସି ରାଜ୍ୟରେ ମହିଳା କମିଶନ ଭଙ୍ଗାଯାଇ ନାହିଁ । ପୂର୍ବରୁ ଲୋପାମୁଦ୍ରା ମହାନ୍ତି ମହିଳା କମିଶନ ଅଧକ୍ଷା ଥିବା ବେଳେ ସେତେବେଳେ ବିଜୁ ପଟ୍ଟନାୟକ ମଧ୍ୟ ଏହାକୁ ଭାଙ୍ଗି ନ ଥିଲେ । ଯଦି ସରକାର ନିଜ ଦଳର ଲୋକଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛନ୍ତି ତା ହେଲେ ସଫା ସଫା କହିପାରି ଥାନ୍ତେ; କିନ୍ତୁ ଏହା ପରିବର୍ତ୍ତେ କମିଶନଙ୍କୁ ଅଯଥା ବଦନାମ କରାଯିବାକୁ ଉଦ୍ୟମ ହୋଇଛି । ଉପମୁଖ୍ୟମନ୍ତ୍ରୀ ମଧ୍ୟ ଜଣେ ମହିଳା, ସେ କିପରି ଏହାକୁ ଅନୁଭବ କରିପାରିଲେ ନାହିଁ ବୋଲି ଶ୍ରୀମତୀ ସାମଲ ପ୍ରଶ୍ନ କରିଛନ୍ତି ।

### ବିଜେପିରେ ବେମାରି...

ବଢ଼ିବାରେ ଲାଗିଛି । ଏସଂପର୍କରେ ତାଙ୍କର ମତ ଲୋଡ଼ାଯିବାରୁ ଗଡ଼କରୀ କହି।।ଲେ ଯେ ଏବେ ବିଜେପିର ବିସ୍ତାର ହୋଇ ଚାଲିଛି । ଦଳର ଫସଲ କ୍ଷେତ ଯେତେ ବଢୁଛି ରୋଗ ମଧ୍ୟ ସେତିକି ବଢିବାରେ ଲାଗିଛି । ବିଜେପି ନିକଟରେ ବହୁତ ଭଲ ଫସଲ ରହିଛି ଯାହାକି ଭଲ ଉତ୍ପାଦନ ଦେଉଛି । କିନ୍ତୁ ରୋଗ ଯେଉଁଭଳି ବଢୁଛି ତାହା ଫସଲ କ୍ଷେତ ପାଇଁ ଚିନ୍ତାଜନକ ହୋଇଛି । ଏହାକୁ ନିବାରଣ କରିବାକୁ ହେଲେ ଆମକୁ କୀଟନାଶକ ବ୍ୟବହାର କରିବାକୁ ପଡ଼ିବ ବୋଲି ଗଡ଼କରୀ ଭିନ୍ନ ଢଙ୍ଗରେ ନିଜର ଆଭିମୁଖ୍ୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଭିନ୍ନ ଭିନ୍ନ କାରଣ ନେଇ ନୂଆ ଲୋକ ବିଜେପିରେ ସାମିଲ ହେଉଛନ୍ତି । କିନ୍ତୁ ସମୟକ୍ରମେ ସେମାନଙ୍କୁ ଦଳୀୟ ଆଭିମୁଖ୍ୟ ଏବଂ ବିଚାରଧାରା ସମ୍ପର୍କରେ ଅବଗତ କରିବା ଆମ ଦାୟିତ୍ୱ । ସେମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷିତ କରି କାର୍ଯ୍ୟକର୍ତ୍ତା ଭାବେ ଗ୍ରହଣ କରିବାକୁ ପଡ଼ିବ । ନଚେତ ଅନେକ ସମୟରେ ଦଳକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଯଦି କୌଣସି କାର୍ଯ୍ୟକ୍ରମରେ ହଜାରେ ପ୍ରଶିକ୍ଷିତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥାଆନ୍ତି, ସେଠାରେ ଦଳୀୟ ବିଚାରଧାରା ସମ୍ପର୍କରେ ଜ୍ଞାନ ରଖି ନଥିବା ଜଣେ ସଦସ୍ୟ କିଛି ମତାମତ ରଖନ୍ତି ତେବେ ସେହି ହଜାର କାର୍ଯ୍ୟକର୍ତ୍ତାଙ୍କ ମାନ ସମ୍ମାନ ନଷ୍ଟ ହୋଇଯାଏ । ତେଣୁ କେବଳ ଦଳରେ ସାମିଲ ହେଲେ ହେବ ନାହିଁ, ଦଳୀୟ ବିଚାରଧାରାକୁ ଆଚରଣସିଦ୍ଧ କରିବାକୁ ପଡ଼ିବ ବୋଲି ଗଡ଼କରୀ କହିଛନ୍ତି । ଜାତୀୟ ରାଜନୀତିରେ ମତଭେଦ ହେବା ସ୍ୱାଭାବିକ କଥା । ଏହା କିଛି ବଡ଼ ସମସ୍ୟା ନୁହେଁ । କିନ୍ତୁ ଭାବନାର ଅଭାବ ବଡ଼ ସମସ୍ୟା । ସୁବିଧାଜନକ ରାଜନୀତିକୁ ଅନେକ ପସନ୍ଦ କରନ୍ତି । ହେଲେ ଦଳୀୟ ବିଚାରଧାରାକୁ ନେଇ ରାଜନୀତି କରିବା ସବୁଠୁ ମହତ୍ତ୍ୱପୂର୍ଣ୍ଣ ବୋଲି ଗଡ଼କରୀ କହିଛନ୍ତି ।

### ଦୁର୍ଘଟଣାରେ ଗଲା...

ପାହାଡ଼ କନିକା ସାଇଡିଂ ରାସ୍ତାରେ ଏକ କୋଇଲା ବୋଝେଇ ଟ୍ରକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ସ୍କୁଟି ଚାଳକ ଆଲୋକ ଧୁଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିବା ସହ ଅନ୍ୟ ଦୁଇସାଥୀ ଗୁରୁତର ହୋଇଛନ୍ତି । ଗତ ସଂଧ୍ୟାରେ ପଡ଼ୋଶୀ ଛତିଶଗଡ଼ର ବୋକାବଣ୍ଡ ଥାନା ଅନ୍ତର୍ଗତ ରାଜନଗର ନିକଟରେ ଶ୍ରମିକଙ୍କୁ ନେଇ ଫେରୁଥିବା ଏକ ପିକ୍‌ଅପ୍ ଏକ ଧାନ ବୋଝେଇ ଟ୍ରାକ୍ଟରକୁ ପଛରୁ ଧକ୍କା ଦେବାରୁ ୩ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ, କୋଷାଗୁମୁଡ଼ା ବ୍ଲକ୍ ଏମ୍. କେରା ଗାଁ ପଞ୍ଚାୟତସଦରର ପୂର୍ଣ୍ଣି ଭତ୍ରା(୫୬), ସିରାଗୁଡ଼ା ଗାଁର ନନ୍ଦେଇ ଭତ୍ରା(୫୭) ଓ ଦୟାବତୀ ଭତ୍ରା(୪୫) । ସେହିପରି ଏହି ଦୁର୍ଘଟଣାରେ ୧୫ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ରବିବାର ସମସ୍ତ ମୃତକଙ୍କ ଶବ ଗାଁରେ ପହଞ୍ଚିଛି ।

କୋରାପୁଟ ଜିଲ୍ଲା ଜୟପୁରରୁ ବିଦ୍ୟୁତ ଖୁଣ୍ଟ ନେଇ ଗୁନେଇପଡ଼ା ଅଭିମୁଖେ ଯାଉଥିବା ସମୟରେ ଲମତାପୁଟ ବ୍ଲକ ଆଲଙ୍ଗପଡ଼ା ଘାଟିରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିବାରୁ ହେଲ୍ପର ଗଙ୍ଗା ମାଳିଙ୍କ ମୃତ୍ୟୁ ହୋଇଛି । ସେହିପରି ଜୟପୁର-ବୈପାରୀଗୁଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଜବାକନାଡି ଗ୍ରାମଠାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଏଥିରେ ୩ଜଣ ଆହାତ ହୋଇଛନ୍ତି । ମୃତକ ଜଣକ ହେଲେ ପଣସପୁଟ ବାଗ୍ରା ଗ୍ରାମର ମକର ହରିଜନ (୪୫) ।

ଅନ୍ୟ ଏକ ଘଟଣାକ୍ରମେ, ଢେଙ୍କାନାଳ ଜିଲ୍ଲା ପରଜଙ୍ଗ-ମହାବିରୋଡ୍ ରାସ୍ତାର ପରଜଙ୍ଗ ଥାନା ମଧୁବନ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ମହାବିରୋଡ୍ ଗ୍ରାମର ଦୁଷ୍ମନ୍ତ ଜେନାଙ୍କ ଆଜି ଅପରାହ୍ଣରେ ମୃତ୍ୟୁ ହୋଇଛି । ଦୁଷ୍ମନ୍ତ ବାଇକ୍‌ରେ ପରଜଙ୍ଗରୁ ନିଜ ଗ୍ରାମକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା ।

### ମୁଖ୍ୟମନ୍ତ୍ରୀ ବାୟୁ...

ଜିଲ୍ଲା ପାଇଁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ମେଡିକାଲ କଲେଜରୁ ସୁପର ସ୍ପେଶାଲିଟି ଡାକ୍ତର ତଥା ଅଭିଜ୍ଞ ଟେକ୍ନିସିଆନମାନେ ଭୁବନେଶ୍ୱରରୁ ବିମାନରେ ସେହି ଜିଲ୍ଲା ମୁଖ୍ୟାଳୟକୁ ଯାଇ ଚିକିତ୍ସା କରୁଥିଲେ । ଅସ୍ତ୍ରୋପଚାର କରୁଥିଲେ, ପରାମର୍ଶ ବି ଦେଉଥିଲେ । ନିଦାନ ସୁବିଧା ବି ମିଳୁଥିଲା । ଗୋଟିଏ ଜିଲ୍ଲାରେ ଦିନକରେ ଏକ ହଜାର ପର୍ଯ୍ୟନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଥିଲା । ନ୍ୟୁରୋଲୋଜି, ନେଫ୍ରୋଲୋଜି, କାର୍ଡିଓଲୋଜି, ୟୁରୋଲୋଜି, ଜେନେରାଲ ସର୍ଜରୀ, ଏଣ୍ଡୋକ୍ରିନୋଲୋଜି ଭଳି ବିଭାଗର ଅଭିଜ୍ଞ ଡାକ୍ତରମାନେ ଚାରି ଦିନ କ୍ୟାମ୍ପ କରି ଚିକିତ୍ସା ସେବା ଦେଉଥିଲେ । ଦିନେ ବଡ଼ ବଡ଼ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ରୋଗୀଟିଏ ନିଜ ଘର ପାଖରେ ନିଃଶୁଳ୍କ ଉତ୍ତମ ଚିକିତ୍ସା ପାଇବା ପାଇଁ ସମର୍ଥ ହେଉଥିଲେ । ଅଦ୍ୟାବଧି ଚାରି ଜିଲ୍ଲାରେ ପ୍ରାୟ ୯ ହଜାରରୁ ଅଧିକ ରୋଗୀ ସୁପରସ୍ପେଶାଲିଟି ଚିକିତ୍ସା ପାଇଛନ୍ତି । ଏହି ଯୋଜନାର ସଫଳତା ପରେ ଆଉ କିଛି ଜିଲ୍ଲାକୁ ଏଥିରେ ସାମିଲ କରିବା ଲାଗି ପୂର୍ବ ସରକାରରେ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଆଜି ସେହି ସେବାକୁ ଝୁରୁଛନ୍ତି ଚାରି ଜିଲ୍ଲାର ରୋଗୀ ଏବଂ ତାଙ୍କ ପରିବାର । ପୁଣି ସେହି ପୁରୁଣା ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ।

ଏନେଇ ଡାବୁଗାଁ ବିଧାୟକ କହିଛନ୍ତି ଯେ ଆଦିବାସୀ ଅଞ୍ଚଳରେ ଏହିଭଳି ଯୁଗାନ୍ତକାରୀ ସ୍ୱାସ୍ଥ୍ୟ ସେବା ଜାରି ରହିବା ଆବଶ୍ୟକ । ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ଜିଲ୍ଲାର ବହୁ ଗରିବ ଆଦିବାସୀ ରୋଗୀ ନିଃଶୁଳ୍କ ଉତ୍ତମ ସେବା ପାଇପାରୁଥିଲେ । ବର୍ତ୍ତମାନ ଏହି ସେବା ଦିଆଯାଉ ନ ଥିବାରୁ ଗରିବ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ କହିଛନ୍ତି, ଅବିଭକ୍ତ କୋରାପୁଟ ଜିଲ୍ଲା ବାସୀଙ୍କ ପାଇଁ ସରକାରଙ୍କ ସାମାନ୍ୟତମ ଦରଦ ନାହିଁ । ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାକୁ ଅଚଳ କରିବା ଫଳରେ ରୋଗୀ ଶହ ଶହ କିମି ଦୂରତାରେ ଥିବା କଟକ, ଭୁବନେଶ୍ୱର, ବିଶାଖାପାଟଣା, ରାୟପୁରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏହି ସେବା ଅନେକ ଲୋକଙ୍କ ଜୀବନ ବଞ୍ଚାଇଥିଲା କିନ୍ତୁ ବର୍ତ୍ତମାନ ଏହି ଅନିଶ୍ଚିତତା ଘେରରେ ରହିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମାଝୀ କହିଛନ୍ତି ।

### ଡମ୍ଫର୍ ଚଢ଼ାଇ...

ଚାପୁଡ଼ା ମାରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଭଞ୍ଜ ଡମ୍ଫର୍ ଆଣି ଚଢ଼ାଇଦେବ ବୋଲି ଧମକ ଦେଇଥିଲା । ତେବେ କିଛି ସମୟ ପରେ ସତକୁ ସତ ଭଞ୍ଜ ଏକ ଡମ୍ଫର୍ ଆଣି ସଞ୍ଜୁଙ୍କ ଘର ଆଡ଼କୁ ମାଡ଼ି ଆସିଥିଲା । ଘଟଣା କ'ଣ ବୁଝିବାକୁ ପଡ଼ୋଶୀ ପାଣୁ ଓ ସଞ୍ଜୁ ବାହାରକୁ ବାହାରି ଆସିବାରୁ ନିଶାସକ୍ତ ଭଞ୍ଜ ଉଭୟଙ୍କ ଉପରେ ଡମ୍ଫର୍ ମଡ଼ାଇ ଦେଇଥିଲା । ପାଣୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ସଞ୍ଜୁଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଭଞ୍ଜ ଉଭୟଙ୍କ ଉପରେ ଗାଡ଼ି ଚଢାଇବା ପରେ ଏକ ସ୍କୁଟିକୁ ଧକ୍କା ଦେଇ ଭାଙ୍ଗିବା ସହ ୩ ବଖରା ଚାଳଘର ଗୁହାଳକୁ ମଧ୍ୟ ଗାଡ଼ି ଚଢ଼ାଇ ଭାଙ୍ଗିଦେଇଛି । ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଗାଁ ଲୋକ ଭଞ୍ଜଙ୍କୁ ଅଟକ ରଖି ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ପହଞ୍ଚି ଭଞ୍ଜଙ୍କୁ ଥାନାକୁ ନେଇ ଅଟକ ରଖିଛି । ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟପକ୍ଷରେ ଧକ୍କା ଦେଇଥିବା ଡମ୍ଫରକୁ ପୁଲିସ୍ ଜବତ କରିବାରେ ସକ୍ଷମ ହୋଇନାହିଁ । ଗାଡ଼ିଟିକୁ ଗାଏବ କରିଦିଆଯାଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ମୃତକ ପାଣୁ ପୃଷ୍ଟି ଅଭିଯୁକ୍ତ ଭଞ୍ଜ ପୃଷ୍ଟିଙ୍କ ବଡ଼ବାପା ।


**AFFIDAVIT**

I, Kum Archana Choudhary, W/o- Gyanaranjan Mohapatra, resident of At-Plot No. 159/B, Bomikhal, Rasulgarh, Bhubaneswar, Dist: Khurda, Pin: 751010, Odisha declared by this affidavit No. 705, dtd-10/11/2024 that now onwards I shall be known as **ARCHANA MAHAPATRA** for all future purposes.

**AFFIDAVIT**

By affidavit no CF20/19-01-2023 before the executive magistrate Bhubaneswar, I Sri Amitav Bhattacharya, S/o Shyamapada Bhattacharya, At-Plot No-17/A, station square Bhubaneswar Dist-Khurda, Aadhar no-466925104798, I have changed my daughter's name from Rhea Bhattacharya to Riyanshi Bhattacharya. Henceforth she will be known as **Riyanshi Bhattacharya** for all purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ. ST-OT-TELE-ZONAL-CTC-438, ତା.05.11.2024ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ଟେଲିକମ୍ / କଟକ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଟେଲିକମ୍ ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (₹): 40,18,648.12, EMD (₹) : 80,400/-

ବିଡ୍ ଆରମ୍ଭ ହେବା ତାରିଖ : ତା.13.11.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 27.11.2024 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ହାତଲିଖିତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବଜ ସହିତ ୱେବ୍‌ସାଇଟ https://www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ସୁଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-711/P/24-25

ସକାଳ
THE SAKALA

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି,
କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ।
-ମଦର ଟେରେସା

## ଡାକଘର ଜମା-ଯନ୍ତ୍ରଣା

କେନ୍ଦ୍ର ସରକାର ତାଙ୍କର ଚିରାଚରିତ ଢଙ୍ଗରେ ପୁଣି ଥରେ ଡାକଘର ଜମା ସମ୍ବନ୍ଧୀୟ ନିୟମାବଳୀର ସାର୍ବଜନିନ ସୂଚନା ବିନା ସଂଶୋଧନ କରିଦେଇଛନ୍ତି। ଦୀର୍ଘ ପ୍ରାୟ ଚାରିଦଶନ୍ଧି ଧରି ଭବିଷ୍ୟତ ଆର୍ଥିକ ନିରାପତ୍ତା ପାଇଁ ନିର୍ଭରଯୋଗ୍ୟ ଓ ଆକର୍ଷଣୀୟ ସୁଧ ହାର ପ୍ରଦାନ କରିଆସୁଥିବା ଜାତୀୟ ସଞ୍ଚୟ ଯୋଜନା(ଏନ୍‌ଏସ୍‌ଏସ୍)କୁ ଗତ ଅକ୍ଟୋବର ପହିଲାଠାରୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଖାତାଧାରୀମାନେ ସେମାନଙ୍କ ଜମା ରାଶିକୁ କାଢ଼ି ନେଇ ଖାତା ବନ୍ଦ କରିଦେବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୁର୍ଭାଗ୍ୟଜନକ ହେଉଛି ଯେ ଏ ସମ୍ବନ୍ଧରେ ଜମାକାରୀମାନେ ସମ୍ପୃକ୍ତ ଡାକଘରକୁ ଯିବା ପରେ ଯାଇ ଅବଗତ ହୋଇଛନ୍ତି। ଏପରିକି ସବୁ ଡାକଘର ପୋଷ୍ଟମାଷ୍ଟରମାନେ ମଧ୍ୟ କେନ୍ଦ୍ର ସରକାରଙ୍କ ଉପରୋକ୍ତ ସଂଶୋଧିତ ନିୟମ ସମ୍ବନ୍ଧରେ ଅବଗତ ନ ଥିବାରୁ ଅକ୍ଟୋବର ମାସରେ କେତେକ ଡାକଘରେ ନୂଆ ଭାବେ ଏନ୍‌ଏସ୍‌ଏସ୍ ଖାତା ଖୋଲିବା ପାଇଁ ଅନୁମତି ଦେଇସାରିଛନ୍ତି। ଆହୁରି ଚିନ୍ତାଜନକ ହେଉଛି ଜମାକାରୀମାନେ ଖାତା ବନ୍ଦ କରି ସେମାନଙ୍କ ଜମା ରାଶି ଉଠାଇବା ବେଳେ ମୂଳଧନ ସହିତ ପାଇଥିବା ସୁଧ ଉପରେ ୧୦% ଆୟକର ଡଣ୍ଡ ଗଣିବାକୁ ବାଧ୍ୟ ହେବେ।

ମୁଖ୍ୟତଃ ଆୟକର ରିହାତି ଜରିଆରେ ଉଚ୍ଚ ଆୟକାରୀ ଓ ବେତନଭୋଗୀଙ୍କୁ ଜାତୀୟ ପାଣ୍ଠି ଗଠନରେ ସହଯୋଗ କରିବା ପାଇଁ ୧୯୮୭ ମସିହାରେ ଏନ୍‌ଏସ୍‌ଏସ୍ ଆରମ୍ଭ ହୋଇଥିଲା। ଏଥିରେ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମାରେ ଆୟକର ଆଇନ ୧୯୬୧ ଧାରା ୮୦ ସି ଅଧୀନରେ ଆୟକର ରିହାତି ମିଳୁଥିଲା। ୧୯୯୨ରେ ଏହି ଯୋଜନା ସାମୟିକ ବନ୍ଦ ହୋଇ ପୁନର୍ବବାର ଆରମ୍ଭ ହେଲା ଏବଂ ୨୦୦୨ ପର୍ଯ୍ୟନ୍ତ ଚାଲିଲା, ଯେଉଁଥିରେ ବାର୍ଷିକ ୧୧% ହାରରେ ସୁଧ ମିଳୁଥିଲା। ଚାରିବର୍ଷ ପର୍ଯ୍ୟନ୍ତ ମୂଳଜମା ଉଠାଣରେ କଟକଣା ଥିଲା। ଏହା ମୁଖ୍ୟତଃ ଆୟକର ରିହାତି ପାଇଁ ଉଦ୍ଦିଷ୍ଟ ଥିବାରୁ ଖାତା ବନ୍ଦ କରିବା ବେଳେ ଖାତାଧାରୀଙ୍କୁ ମୂଳ ଜମା ଓ ସୁଧ ଉପରେ ଆୟକର ଦେବାକୁ ପଡୁଥିଲା, ଯାହା ସ୍ୱାଭାବିକ। ଆକର୍ଷଣୀୟ ସୁଧ ହାର ଦୃଷ୍ଟିରୁ ବେତନଭୋଗୀ ବା ଆୟକରଦାତା ସମେତ ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତମାନେ ମଧ୍ୟ ଅନେକ ସଂଖ୍ୟାରେ ଏନ୍‌ଏସ୍‌ଏସ୍ ଖାତା ଖୋଲିଥିଲେ। କିନ୍ତୁ ଜମା ଓ ସୁଧ ବାବଦ ରାଶି ସମ୍ପୂର୍ଣ୍ଣ ଉଠାଣବେଳେ ଆୟକର ପୈଠ ସର୍ତ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଥିବାରୁ ଏବଂ ମୂଳ ଖାତାଧାରୀଙ୍କ ଅବର୍ତ୍ତମାନରେ ସେମାନଙ୍କର ଉତ୍ତରାଧିକାରୀଙ୍କୁ ସମ୍ପୂର୍ଣ୍ଣ କରମୁକ୍ତ ପ୍ରାପ୍ୟ ମିଳିବାର ନିୟମ ଥିବାରୁ ବହୁ ଖାତାଧାରୀ ଆକାଉଣ୍ଟ ବନ୍ଦ ନ କରି ଭବିଷ୍ୟ ପିଢ଼ି ପାଇଁ ଆର୍ଥିକ ନିରାପତ୍ତା ଭାବେ ଚଲାଇ ରଖିଥିଲେ। ୨୦୦୨, ଫେବୃଆରୀ ୨୮ରୁ ଏହି ଯୋଜନାର ପଛରେ ଥିବା ମୂଳ ଉଦ୍ଦେଶ୍ୟ(ଆୟକର ରିହାତି) ବନ୍ଦ ହୋଇଯାଇଥିଲେ ମଧ୍ୟ ଏନ୍‌ଏସ୍‌ଏସ୍ ଖାତାଧାରୀମାନଙ୍କୁ ସରକାର ୨୦୦୩ ମାର୍ଚ୍ଚ ୧ ତାରିଖରୁ ୨୦୨୪, ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୭.୫% ହାରରେ ଜମାରାଶି ଉପରେ ସୁଧ ଦେଇ ଆସୁଥିଲେ। ଏବେ ଏହି ଯୋଜନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଆୟକର ପୈଠ ପୂର୍ବକ ଖାତା ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରି ହେବା ପରେ ଜୀବନର ସାୟାହ୍ନରେ ପହଞ୍ଚିସାରିଥିବା ଖାତାଧାରୀମାନେ ଆକସ୍ମିକ ମାନସିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇଥିବା ପ୍ରତିକ୍ରିୟାମାନ ପ୍ରକାଶ ପାଇବାରେ ଲାଗିଛି। ବିଶେଷକରି ଅଣଆୟକରଦାତା ଖାତାଧାରୀମାନେ ଅଯଥାରେ ଆୟକର ଡଣ୍ଡ ଗଣିବା ସାର ହୋଇଛି। ଏପରିକି ବିମୁଦ୍ରାୟନ ପରେ ଏହାକୁ କେନ୍ଦ୍ର ସରକାରଙ୍କର ଡାକଘର ସଞ୍ଚୟ ଯୋଜନା ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଭାବେ ଅଭିହିତ କରାଯାଉଛି।

ମଫସଲର ଅପାଠୁଆ ଓ ଅଳ୍ପପାଠୁଆ ଗରିବ ପରିବାରର କଷ୍ଟାର୍ଜିତ ସ୍ୱଳ୍ପ ଧନକୁ ସୁରକ୍ଷିତ ଭାବେ ସଞ୍ଚୟ କରିବା ଏବଂ ସେମାନଙ୍କ ଆବଶ୍ୟକତା ସମୟରେ ସୁଧ ସମେତ ସହାୟତା କରି ଭାରତୀୟ ଡାକଘର ସେମାନଙ୍କ ସୁଖଦୁଃଖର ସାଥୀ ହୋଇଆସିଛି ପ୍ରାକ୍ ସ୍ୱାଧୀନତା ଅମଳରୁ। ବ୍ୟାଙ୍କର ଜଟିଳ କାରବାର ଓ ପରିବେଶ ସହିତ ଖାପ୍ ଖୁଆଇ ପାରୁନଥିବା ଗ୍ରାମୀଣ ଭାରତର ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭ କରାଯାଇଥିଲେ ମଧ୍ୟ କାଳକ୍ରମେ ମଧ୍ୟବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତଙ୍କ ପାଇଁ ଡାକଘର ସଞ୍ଚୟ ଖାତା ଜମା ଯୋଜନା, ମିଆଦୀ ଜମା ଯୋଜନା, ମାସିକ ଆୟ ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଆୟ ଯୋଜନା, ଜାତୀୟ ସଞ୍ଚୟ ଯୋଜନା ଆଦି ଲୋକଙ୍କ ଆର୍ଥିକ ନିରାପତ୍ତା ଦୃଷ୍ଟିରୁ ଏକ ନିର୍ଭରଯୋଗ୍ୟ ଓ ସୁରକ୍ଷିତ ସ୍ଥାନ ଭାବେ ବିବେଚିତ ହୋଇଆସୁଛି। କିନ୍ତୁ ଗତ କିଛିବର୍ଷ ଧରି ଡାକଘର ସଞ୍ଚୟ ଜମା ଯୋଜନା ତା'ର ମୂଳ ଓ ମହତାକାଂକ୍ଷୀ ଲକ୍ଷ୍ୟରୁ ଦୂରେଇ ଯାଇ କ୍ରମଶଃ ବ୍ୟବସାୟିକ କୈନ୍ଦ୍ରିକ ହୋଇପଡୁଥିବା ଅଭିଯୋଗ ହେଉଛି। ବିଶେଷକରି ବିଗତ ଦଶନ୍ଧିରେ ଡାକଘର ସମ୍ବନ୍ଧୀୟ ନିୟମାବଳୀ ଓ ସର୍ତ୍ତାବଳୀରେ ଯେଉଁକେତେକ ପରିବର୍ତ୍ତନ ଓ ସଂଶୋଧନ ହୋଇଚାଲିଛି ସେଥିରେ ଯେ ଗରିବଙ୍କ କଲ୍ୟାଣ ପ୍ରତି ସମ୍ବେଦନଶୀଳତାର ଅଭାବ ରହୁଛି ଏହାକୁ ଅସ୍ୱୀକାର କରିହେବ ନାହିଁ। ନିୟମାବଳୀ ଓ କଟକଣାରେ ହେଉଥିବା ସଂଶୋଧନ ବା ପରିବର୍ତ୍ତନ ସମ୍ପର୍କରେ ଏହାର ପ୍ରକୃତ ହିତାଧିକାରୀ ଜମାକାରୀ ଓ ଜନସାଧାରଣଙ୍କୁ ପ୍ରାକ୍ ସୂଚନା ମିଳୁନାହିଁ। ସମ୍ପୂର୍ଣ୍ଣ ଅଗୋଚରରେ ଥିବା ବିଚରା ଅପାଠୁଆ ଜମାକାରୀଟିଏ ଜରୁରୀ ପରିସ୍ଥିତିରେ ଟଙ୍କା ଉଠାଇବାକୁ ଯିବା ବେଳେ ଡାକଘରରୁ ହିଁ ସେ ସମ୍ବନ୍ଧରେ ଜାଣିବାକୁ ପାଉଛି ଏବଂ ହଇରାଣ ହରକତ ହୋଇ ଫେରୁଛି।

ଦେଶର ଗରିବଙ୍କ ଅତ୍ୟାବଶ୍ୟକ ବେଳେ ସେମାନଙ୍କ ହାତକୁ ସେମାନଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଦେବା ପାଇଁ ଓ ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ୍ୟାବସ୍ଥାରେ ଜରୁରୀ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପୂର୍ବରୁ ଡାକଘର ସଞ୍ଚୟ ଜମା ଖାତାରେ ସର୍ବନିମ୍ନ ଜମା ପରିମାଣକୁ ଅତି ଅଳ୍ପ ବା ନାମକୁ ମାତ୍ର ରଖାଯାଇଥିଲା। କିନ୍ତୁ ଇତିମଧ୍ୟରେ ଡାକ ବିଭାଗ ଏହି ନିୟମକୁ ବଦଳାଇ ଦେଇ ସର୍ବନିମ୍ନ ଜମା ପରିମାଣ ୫୦୦ ଟଙ୍କା ରଖିବା ବାଧ୍ୟତାମୂଳକ ବୋଲି ନିୟମ କରିଛି। ତେଣୁ ଯେଉଁ ଗରିବ ପରିବାର ଆଜି ମଧ୍ୟ ୧୦୦ ଟଙ୍କାକୁ ଗଣ୍ଠିଧନ କରି ରଖୁଛନ୍ତି, ଅଥଚ ସେମାନଙ୍କ ଡାକଘର ଜମା ଖାତାରେ ମାତ୍ର ୫୦୦ ଟଙ୍କା ଅଛି, ସେମାନେ ଜରୁରୀ ଆବଶ୍ୟକ ବେଳେ ୫୦ ଟଙ୍କା ମଧ୍ୟ ଉଠାଇ ପାରିବେ ନାହିଁ। ସେହିପରି ଗୋଟିଏ ଡାକଘରୁ ଅନ୍ୟ ଡାକଘରକୁ ଜମା ଖାତା ସ୍ଥାନାନ୍ତରଣ ପ୍ରକ୍ରିୟା ପୂର୍ବରୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଥିବା ବେଳେ ଏବେ ସେଥିପାଇଁ ଖାତାଧାରୀଙ୍କୁ ଦେୟ ଦେବାକୁ ପଡୁଛି। ନିଜ ଜୀବନ ଓ ଭବିଷ୍ୟପିଢ଼ିର ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଡାକଘର ଜୀବନ ବୀମା(ପୋଷ୍ଟାଲ୍ ଲାଇଫ୍ ଇନ୍ସୁରାନ୍ସ) କରିଥିବା ବୀମାଧାରୀମାନେ ପ୍ରିମିୟମ୍ ଜମା କରିବା ବେଳେ ମଧ୍ୟ ତା' ଉପରେ ଜିଏସ୍‌ଟି ବାବଦରେ କଡ଼ାଗଣ୍ଡା ଅସୁଲ କରିବାକୁ ସରକାର ବାହାଦୂର ନୀତି ପ୍ରଣୟନ କରିସାରିଛନ୍ତି। ମୋଟ ଉପରେ କହିଲେ କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତି ଏବେ ଭାରତୀୟ ଡାକଘରକୁ ଗରିବଙ୍କ ଆସ୍ଥାରୁ ଦୂରେଇ ନେଇ ଧନୀମାନଙ୍କ ପାଇଁ ବ୍ୟାଙ୍କଜମାର ବିକଳ୍ପର ରୂପ ଦେଉଛି। ●

## 'ନ୍ୟାୟଦେବୀ'ଙ୍କ ନବକଳେବର



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ନ୍ୟାୟଦେବୀ'ଙ୍କ ଆଖିରୁ ଆମେ ଅନ୍ଧପୁଟୁଳିଟିକୁ ଖୋଲିଦେଲେ। ବାମ ହାତରୁ ତାଙ୍କର ଖଡ୍‌ଗଟିକୁ କାଢ଼ିଦେଇ ସମ୍ବିଧାନ ଗ୍ରନ୍ଥଟିକୁ ଧରାଇ ଦେଲେ। ପାଶ୍ଚାତ୍ୟ ବେଶ ପରିପାଟୀରୁ ତାଙ୍କୁ ମୁକ୍ତ କରି ନିରୋଳା ଭାରତୀୟତାର ଔଜ୍ଜଲ୍ୟ ବିଞ୍ଚି ଦେଉଥିବା ଶ୍ୱେତରଙ୍ଗର ଶାଢ଼ିଟିଏ ପିନ୍ଧାଇଦେଲେ। ଏମିତି ଆମେ ବଦଳାଇଦେଲେ ନ୍ୟାୟଦେବୀଙ୍କ ବିଶ୍ୱବିଶ୍ରୁତ ରୂପ, ଠାଣି ଓ ଅଙ୍ଗବିନ୍ୟାସ ଏବଂ ସେ ସବୁର ପ୍ରତୀକାତ୍ମକ ଅର୍ଥ। ସ୍ୱାଭାବିକ ଭାବରେ ଆମମାନଙ୍କ ମଧ୍ୟରେ ଥିବା ପ୍ରଚଣ୍ଡ ରାଷ୍ଟ୍ରବାଦୀମାନେ ତଥା ଔପନିବେଶିକ ବିଚାର ଆଦର୍ଶରୁ ବିମୁକ୍ତି ଲୋଡୁଥିବା ତଥାକଥିତ ଭାରତୀୟ ସଂସ୍କୃତିପ୍ରେମୀମାନେ ଏହି ପଦକ୍ଷେପଟି ନିଶ୍ଚୟ ଯୁଗାନ୍ତକାରୀ ବୋଲି ତୁରନ୍ତ ରାୟ ଦେଇଦେଲେ। ତେବେ ଏ ଲେଖକ ପରି ତଥାପି କେତେଜଣ ଅବଶିଷ୍ଟ ଅଛନ୍ତି, ଯେଉଁମାନଙ୍କ ପାଇଁ ନ୍ୟାୟଦେବୀଙ୍କର ଏ ନବକଳେବର ନାନା ଗୋଳିଆମିଶା, ବିରୋଧାଭାସାକ୍ରାନ୍ତ ଭାବଭାବନାର ପାଣ୍ଡୋରା ବାକ୍ସଟିଏମାନ ଖୋଲି ଦେଇଥିବ ଏବଂ ସେମାନେ ନା ଏହାକୁ ପୂର୍ଣ୍ଣପ୍ରାଣରେ ସ୍ୱାଗତ କରି ପାରୁଥିବେ, ନା ପୂର୍ଣ୍ଣ ଭାବରେ ନାପସନ୍ଦ କି ପ୍ରତ୍ୟାଖ୍ୟାନ କରିପାରୁଥିବେ। ତେଣୁ ଏମାନଙ୍କର ଆଭିମୁଖ୍ୟ ଓ ପ୍ରତିକ୍ରିୟା ଏପରି ଦ୍ୱନ୍ଦ୍ୱାକୀର୍ଣ୍ଣ ହେବାର କାରଣ କ'ଣ ହୋଇପାରେ, ସେ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନାଟିଏ ଏ ଆଲେଖ୍ୟରେ ଉପସ୍ଥାପନା କରିବା ପାଇଁ ପ୍ରୟାସ କରାଯାଇଛି।

ସାର୍ବଜନୀନ ବିଚାରବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବା ଏ ନ୍ୟାୟଦେବୀ (ଲେଡି ଜଷ୍ଟିସ୍)ଙ୍କ ପରିକଳ୍ପନା ପଛରେ ମୁଖ୍ୟ ପ୍ରେରଣା ହେଉଛନ୍ତି ଗ୍ରୀସ୍‌ର ପୌରାଣିକ ଦେବୀ 'ଥେମିସ୍' ଓ ରୋମାନ୍ ଦେବୀ 'ଲେଡି ଜଷ୍ଟିସିଆ'। 'ନ୍ୟାୟ' ରୂପକ ଅମୂର୍ତ୍ତ ଧାରଣାଟି ମୂର୍ତ୍ତିମନ୍ତ ହୋଇଥିଲା ଗ୍ରୀସ୍ ଓ ରୋମ୍‌ର ଏହି ଦୁଇ ଦେବୀଙ୍କ ରୂପବିନ୍ୟାସରେ ଓ ତା'ରି ଏକନିଷ୍ଠ ଅନୁକୃତି ଥିଲେ ଆମ ବିଚାରାଳୟରେ ଶୋଭାପାଉଥିବା ଅତିପରିଚିତ ଏହି ନ୍ୟାୟଦେବୀ। ଉଲ୍ଲେଖ୍ୟ ଯେ, ନ୍ୟାୟଦେବୀଙ୍କ ଆଖିରେ ବନ୍ଧା ଯାଇଥିବା ଅନ୍ଧପୁଟୁଳି ଆଦୌ ତାଙ୍କର 'ଅନ୍ଧତ୍ୱ'କୁ ସୂଚିତ କରୁ ନ ଥିଲା କି ତାଙ୍କ ବାମହାତର ସେ ନିମ୍ନୋମୁଖୀ ଖଡ୍‌ଗଟି ଆଦୌ ହିଂସାଜର୍ଜରିତ ଭାବନା କି ପ୍ରତିଶୋଧାତ୍ମକ ଭାବନାକୁ ସୂଚିତ କରୁ ନ ଥିଲା। ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ତାଙ୍କ ଆଖିର ଅନ୍ଧପୁଟୁଳି ଓ ବାମହାତର ଖଡ୍‌ଗ ସ୍ପଷ୍ଟ ଭାବରେ ପ୍ରତୀକିତ କରୁଥିଲେ ପକ୍ଷପାତହୀନ ବିଚାରପ୍ରକ୍ରିୟାର ଏବଂ ପ୍ରଦତ୍ତ ନ୍ୟାୟବିଚାରର ଦୃଢ଼ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର। ଆଜି ଆମେ ଯେଉଁମାନେ ନ୍ୟାୟଦେବୀଙ୍କ ଏଇ ପ୍ରତିମୂର୍ତ୍ତିଟିରେ ଔପନିବେଶିକ କିମ୍ବା ପାଶ୍ଚାତ୍ୟ ଚିନ୍ତାଧାରା ପରିସ୍ଫୁଟ ହୋଇଛି ବୋଲି ଉଦ୍ଦେଶ୍ୟମୂଳକ ତର୍କିତୋଫାନ ସୃଷ୍ଟି କରିଛେ ଓ ଆଖିରୁ ଅନ୍ଧପୁଟୁଳି ଖୋଲିଦେଇ, ହାତରୁ ଖଣ୍ଡାଟି କାଢ଼ିଦେଇ ତାଙ୍କୁ ପୂରାପୂରି ଭାରତୀୟ ଆଦର୍ଶ, ସଂସ୍କୃତିର ଉଜ୍ଜ୍ୱଳ ପ୍ରତିନିଧି ବୋଲି ଆବେଗାକ୍ରାନ୍ତ କୁହାଟ ସୃଷ୍ଟି କରିବାରେ ଲାଗିପଡ଼ିଛେ, ଆମେ ମସ୍ତବଡ଼ ଭ୍ରମଟିଏ ଯେ କରୁଛେ, ତାହା ବୁଝିବା ଦରକାର। କାରଣ ଯେ ପର୍ଯ୍ୟନ୍ତ ନ୍ୟାୟଦେବୀଙ୍କ ପ୍ରତିମୂର୍ତ୍ତିଟି ଆମ ଆଗରେ ଥିବ, ସେ ଯେ ପାଶ୍ଚାତ୍ୟର ସେହି ଦେବୀ 'ଥେମିସ୍' କି 'ଲେଡି ଜଷ୍ଟିସିଆ'ଙ୍କ ଅନୁକୃତି, ତାହା ଆମର ସ୍ମରଣକୁ ଆସିଯାଉଥିବ- ତେଣିକି ତାଙ୍କ ଆଖିରେ ଅନ୍ଧପୁଟୁଳି, ହାତରେ ତରବାରୀ ଥାଉ କି ଆଖିରୁ ଅନ୍ଧପୁଟୁଳି ଖୋଲା ହୋଇଯାଇଥାଉ ଏବଂ ବାମ ହାତରେ ତରବାରୀ ବଦଳରେ ସମ୍ବିଧାନ ଗ୍ରନ୍ଥଟିକୁ ଧରାଇ ଦିଆଯାଇଥାଉ।

ନ୍ୟାୟଦେବୀଙ୍କ ଏହି ନବରୂପ ପରିଗ୍ରହଣ ଆମକୁ 'ବାହ୍ୟ ଦର୍ଶନେନ୍ଦ୍ରିୟ, ଅର୍ଥାତ୍ ଆମ ଚର୍ମଚକ୍ଷୁର 'ଦର୍ଶନକ୍ଷମତା'ର ସୀମିତତା' ସମ୍ପର୍କରେ ଗୂଢ଼, ଗଭୀର ଦାର୍ଶନିକ ବିଚାରବିମର୍ଶ କରିବା ପାଇଁ ବିରଳ ଅବସରଟିଏ ଦେଉଥାଏ। ଆମେ ଭାରତୀୟମାନେ ଜାଣିଛେ ଯେ ଆମ ବୈଦିକ ମୁନିଋଷିମାନେ ବାରମ୍ବାର ଚେତାଇ ଦେଇଥିଲେ ଯେ ମଣିଷ ତା'ର ଦୁଇଟି ବାହ୍ୟ ଦର୍ଶନେନ୍ଦ୍ରିୟ ଦ୍ୱାରା ଯାହା ଦେଖେ, ଯାହାକୁ ଦେଖି ଅଭ୍ରାନ୍ତ ବୋଲି ମନେକରେ, ତାହା ସବୁସମୟରେ ବାସ୍ତବ ସତ୍ୟ ବା ପ୍ରମାଦହୀନ ସତ୍ୟ ହୋଇ ନ ଥାଏ। ସେଥିପାଇଁ ସେମାନେ ଆମକୁ 'ତୃତୀୟଚକ୍ଷୁ' କଥାଟି କହିଥିଲେ ଓ ସେହି 'ତୃତୀୟଚକ୍ଷୁ' ବା 'ଅନ୍ତର୍ଚକ୍ଷୁ'ର ଉନ୍ମୋଚନ ପାଇଁ ଆମକୁ ବିଶେଷ ବିଶେଷ ବୈଦିକ ସାଧନା ଉପଚାର ଶିଖାଇବାକୁ ପ୍ରଯତ୍ନ କରିଥିଲେ। ଆମର ପୁରାଣକାରମାନେ ଆମ ଆଗରେ ଥୋଇ ଦେଇଥିଲେ ଦିବ୍ୟୋତ୍ତମ ପ୍ରତିମାଟିଏ- କୈଳାସ ଶିଖରରେ ଧ୍ୟାନାବିଷ୍ଟ ଶଙ୍କର ଭଗବାନଙ୍କ କଳ୍ପପ୍ରତିମା, ଯାହାଙ୍କ ପ୍ରଶସ୍ତ ଲଲାଟରେ ଆମେ ଦେଖିଥାଉ ଅର୍ଦ୍ଧନିମୀଳିତ 'ତୃତୀୟଚକ୍ଷୁ'। ଏ ପରିକଳ୍ପନାଟି କାଳେ କାଳେ ଆମକୁ କହିଥାଏ ଯେ ପ୍ରକୃତ ସତ୍ୟର ଅବଧାରଣା ପାଇଁ ଆମର ଲୋଡ଼ା ହେଉଛି 'ଅନ୍ତର୍ଚକ୍ଷୁ', ଏ ବାହ୍ୟ 'ଚର୍ମଚକ୍ଷୁ' ନୁହେଁ।

ଆମ ଉପନିଷଦ ମଧ୍ୟ 'ସତ୍ୟ'ର ସ୍ୱରୂପ ଜାଣିବା କେତେ ଆୟାସସାଧ୍ୟ ତାହା ଜଣାଇବା ପାଇଁ କହିଥିଲେ- 'ହିରଣ୍ମୟେନ୍ ପାତ୍ରେଣ ସତ୍ୟସ୍ୟାପିହିତମ୍ ମୁଖମ୍'। ତେଣୁ ଏମନ୍ତ ଦୁର୍ଭେଦ୍ୟ ଅଭ୍ୟନ୍ତରରେ ବା ସାତତାଳ ପାଣି ତଳେ ହୀରକ ଫରୁଆରେ ମୁଦି ହୋଇ ରହିଥିବା 'ସତ୍ୟ' ପାଖରେ ପହଞ୍ଚିବାର କଳାକୌଶଳକୁ ଆୟତ୍ତ କରିବା ପାଇଁ ମୁନି ପତଞ୍ଜଳି 'ଯୋଗଶାସ୍ତ୍ର' ରଚନା କରି ଆମକୁ ଆହ୍ୱାନ ଦେଇଥିଲେ - 'ଅଥଃ ଯୋଗାନୁଶାସନମ୍', ଅର୍ଥାତ୍ ସତ୍ୟଦର୍ଶନ ପାଇଁ ଆମକୁ ଯୋଗାଭ୍ୟାସ ଦ୍ୱାରା ଅନ୍ତର୍ଦୃଷ୍ଟି ଉନ୍ମୀଳନ କରିବାକୁ ହେବ ଏବଂ ସେହି ଦୃଷ୍ଟି ଥରେ ପ୍ରାପ୍ତ ହୋଇଗଲାପରେ 'ତଦାଦ୍ରଷ୍ଟୁଃ ସ୍ୱରୂପେ ଅବସ୍ଥାନମ୍' - ଅର୍ଥାତ୍ ଆମେ 'ସତ୍ୟ'ର ସ୍ୱରୂପ ଉପଲବ୍ଧି କରି ସେଇ ସାଧନାଲବ୍ଧ ପ୍ରଜ୍ଞାର ଆଲୋକରେ ଆପଣାକୁ ଜାଣିପାରିବା, ତଥା ଏ ଜୀବନ ଓ ଜଗତର ସାର ରହସ୍ୟ ସମ୍ପର୍କରେ ବିଶୁଦ୍ଧ ଜ୍ଞାନ ଲାଭ କରିପାରିବା।

ଆମ ବୈଦିକ ପ୍ରାଜ୍ଞମାନଙ୍କ ପରି ପ୍ରାଚୀନ ଗ୍ରୀସ୍‌ର ପ୍ରାଜ୍ଞମାନେ ବି ବାହ୍ୟ ଦର୍ଶନେନ୍ଦ୍ରିୟର ସୀମିତତା ବୁଝିଥିଲେ। ମହାନ୍ ଗ୍ରୀକ୍ ନାଟ୍ୟକାର 'ସଫୋକ୍ଲିସ୍'ଙ୍କ ବିଶ୍ୱପ୍ରସିଦ୍ଧ ନାଟକ 'ଇଡିପସ୍ ରେକ୍ସ'ର ଚରିତ୍ର 'ଟାୟାରସିଅସ୍' ଥିଲେ ଆଜନ୍ମ ଅନ୍ଧ, ହେଲେ ଚକ୍ଷୁଷ୍ମାନ ସମ୍ରାଟ 'ଇଡିପସ୍' ଯାହା ଦେଖୁ ନ ଥିଲେ, ଯାହା ଦେଖିବା ପାଇଁ, ଜାଣିବା ପାଇଁ ଅସମର୍ଥ ଥିଲେ, ତାହା ଦେଖିପାରୁଥିଲେ ସେ। ସଫୋକ୍ଲିସ୍ ଏହି 'ଟାୟାରସିଅସ୍'ଙ୍କ ଚରିତ୍ର ମାଧ୍ୟମରେ ପରୋକ୍ଷରେ 'ତୃତୀୟଚକ୍ଷୁ'ର ମହତ୍ତ୍ୱକୁ ହିଁ ପ୍ରତୀକିତ କରିଛନ୍ତି। ଆମେ ଏହି ବୈଦିକ ତଥା ଗ୍ରୀସିୟ-ରୋମାନ୍ ଜ୍ଞାନ ପରମ୍ପରା ସମ୍ପର୍କରେ ବହୁ ପୂର୍ବରୁ ପରିଚିତ ଥିବାରୁ ନ୍ୟାୟଦେବୀଙ୍କ ଅନ୍ଧପୁଟୁଳି ଆମକୁ ସ୍ମରଣ କରାଇ ଦେଉଥିଲା ଯେ ନ୍ୟାୟପ୍ରଦାନ ପ୍ରକ୍ରିୟାରେ ସତ୍ୟାସତ୍ୟ ଆକଳନ କରିବା ପାଇଁ କେବଳ 'ଅନ୍ତର୍ଚକ୍ଷୁ' ବା 'ତୃତୀୟଚକ୍ଷୁ' ହିଁ ଲୋଡ଼ା। ସହସ୍ର ଶଠତା, ଭ୍ରମ ଓ ଛଳନାର ବାହ୍ୟ ଆବରଣକୁ ଭେଦ କରି ନିର୍ଭେଜାଲ, ନିର୍ବିବାଦୀୟ, ସର୍ବନିରପେକ୍ଷ ସତ୍ୟ ପାଖରେ ପହଞ୍ଚିବା ପାଇଁ ଏହି 'ତୃତୀୟଚକ୍ଷୁ' ହିଁ ଏକମାତ୍ର ସାଧନ।

ଏବେ ନ୍ୟାୟଦେବୀଙ୍କ ଆଖିରୁ ଅନ୍ଧପୁଟୁଳି ହଟାଇ ଦେଇଛେ ଆମେ। ଏବେ ସେ ପଲକହୀନ ନେତ୍ରଯୁଗଳରେ ଡାହାଣ ହାତରେ ଥିବା ତରାଜୁର ଦୁଇଟିଯାକ ପଲାର ଭାରସାମ୍ୟ ଦେଖିବେ; ତରାଜୁର କଣ୍ଟାଟିର ଚଳନକୁ ପରଖିବେ। ଏଥର ସେ ଯେଉଁ ନ୍ୟାୟ ଦେବେ, ତାହା ଶତପ୍ରତିଶତ ଆମ ସମ୍ବିଧାନର ବିଧିବିଧାନ ଆଧାରିତ ହେବ ନିଶ୍ଚୟ। କାରଣ ତରବାରୀ ନୁହେଁ, ସମ୍ବିଧାନ ଗ୍ରନ୍ଥଟି ଏବେ ସେ ଧାରଣ କରିଛନ୍ତି ବାମ ହାତରେ। ଏଣିକି ତାଙ୍କ ଦ୍ୱାରା ପ୍ରଦତ୍ତ ନ୍ୟାୟବିଚାରର ପରିପାଳନ, କାର୍ଯ୍ୟାନ୍ୱୟନ ଆମମାନଙ୍କ ସାମ୍ବିଧାନିକ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନତା ଓ ବିବେଚନାବୋଧ ଉପରେ ନିର୍ଭର କରିବ। ପୂର୍ବରୁ ଆଖିରେ ଅନ୍ଧପୁଟୁଳିଟି ବାନ୍ଧିଥିବାରୁ ବୋଧହୁଏ ସେ ନ୍ୟାୟ-ତରାଜୁର ସନ୍ତୁଳନକୁ ଠିକ୍ ଭାବରେ ତଉଲି ପାରୁ ନ ଥିଲେ। ମାତ୍ର ଏବେ ଅନ୍ଧପୁଟୁଳି-ମୁକ୍ତ ଦୁଇ ଚକ୍ଷୁରେ ତାଙ୍କ ସମ୍ମୁଖରେ ଠିଆ ହୋଇଥିବା ରାଜା ଓ ରଙ୍କ, ଥିଲାବାଲା ଓ ନଥିଲାବାଲା ଏବଂ ବିଶେଷକରି ସରକାରୀ ମତାଦର୍ଶର ପକ୍ଷଧର ଓ ବିରୋଧୀପକ୍ଷମାନଙ୍କୁ ଦେଖି ବାଛବିଚାରହୀନ ରାୟ ଦେଇପାରିବେ କି ନାହିଁ, କିଏ ଜାଣେ?

ଆମର ମନେହୁଏ ଏଣିକି ଅନେକ କ୍ଷେତ୍ରରେ ଏ ନୂତନ କଳେବରଧାରିଣୀ ନ୍ୟାୟଦେବୀଙ୍କ ତରାଜୁର ପଲା ନିଶ୍ଚୟ ନିର୍ଦ୍ଦିଷ୍ଟ ଗୋଟିଏ ପଟକୁ ଢଳି ଯିବ କାହାରି ନା କାହାରି ଅଦୃଶ୍ୟ ଇଙ୍ଗିତ ବା ଇସାରାରେ। ଏବେ ସେ ଯାହା ଦେଖିବେ, ଯାହା ଜାଣିବେ ସେ ସବୁ ବର୍ତ୍ତମାନର ଶୀର୍ଷସ୍ତରୀୟ ତଥାକଥିତ ଆଦର୍ଶବାଦୀ ଭକ୍ତ / ଭକ୍ତାମାନଙ୍କ ଦ୍ୱାରା ବହୁ ପୂର୍ବରୁ ସ୍ଥିରୀକୃତ ହୋଇସାରିଥିବ ଏବଂ ସେ ସବୁ ଅଲବତ୍ ସାମ୍ବିଧାନିକ, ଅଲବତ୍ ଗଣତାନ୍ତ୍ରିକ ବୋଲି ପେସାଦାର ଭାଟମାନଙ୍କ ଦ୍ୱାରା ମୂକ ଜନତାଙ୍କୁ ଶୁଣାଇ ଦିଆଯାଇଥିବ। କିଏ ବା ନଜାଣେ ଏବେ ଆମମାନଙ୍କ ମଧ୍ୟରୁ ଶତକଡ଼ା ନବେ ଭାଗ ଏଇ ଗୋଟିଏ ଦଶନ୍ଧି ମଧ୍ୟରେ ନିରୋଳା ମିଛଗୁଡ଼ିକୁ ନିରୋଳା ସତ ମଣିବା ପାଇଁ ପ୍ରଶିକ୍ଷିତ ହୋଇସାରିଛେ। ଏ ଉତ୍ତର-ସତ୍ୟର କାଳଖଣ୍ଡରେ ଡାହା ମିଛ, ଅର୍ଦ୍ଧସତ୍ୟ ଓ ଅଣ-ଐତିହାସିକ ପ୍ରସଙ୍ଗଗୁଡ଼ିକୁ ମୁଖ୍ୟସ୍ରୋତକୁ କିପରି ଭିଡ଼ି ଅଣାଯାଇପାରିବ, ସେଥିପାଇଁ 'ଦକ୍ଷିଣ'କୁ ମୁହଁ କରି ଆବଶ୍ୟକ ସାଧନା କେବେଠାରୁ ବି ଆରମ୍ଭ କରିଦେଇଛେ। ତେଣୁ ଏ ବିତର୍କିତ ବିବଦମାନ ପରିସ୍ଥିତିରେ ନ୍ୟାୟଦେବୀଙ୍କ ଅନ୍ଧପୁଟୁଳିଟି ଖୋଲି ଦେବାର ପରିଣତି କ'ଣ ହେବ, ସେ ସମ୍ପର୍କରେ କିଛି ଭବିଷ୍ୟତବାଣୀ କରିବା ଧୃଷ୍ଟତା ନିଶ୍ଚୟ। ତଥାପି ଆଶା କରିବା, ଆମ 'ନ୍ୟାୟଦେବୀ' ଏଥର ବାହ୍ୟଚକ୍ଷୁରେ ଦେଖିବା ସଙ୍ଗେ ସଙ୍ଗେ 'ତୃତୀୟ ଚକ୍ଷୁ'ଟି ବି ଖୋଲା ରଖିବେ ଓ କପଟୀ ମଣିଷଙ୍କ କୂଟ ଲୀଳାଖେଳାର ବିଷ ପ୍ରଭାବରୁ ଆପଣାକୁ ମୁକ୍ତ ରଖିବେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କାଦୁଅପଡ଼ା(ଜଗତସିଂହପୁର)
ମୋ: ୯୮୫୩୩୫୫୧୦୭

## ଦେଖା ଶିଖା ମଣିଷ

ଅଲେଖ ଚନ୍ଦ୍ର ମିଶ୍ର

ମାଣିଷର ପୂର୍ବଜ ବୋଲି ବିଶ୍ୱାସ କରା ଯାଉଥିବା ମାଙ୍କଡ଼ମାନେ ଅନୁକରଣପ୍ରିୟ ବୋଲି ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ବୋଧହୁଏ ବୁଦ୍ଧି, ବିବେକ ଓ ଜ୍ଞାନର ଅଧିକାରୀ ହୋଇ ବି ମଣିଷର ଅନୁକରଣ ପାଇଁ ଏକ ସହଜାତ ପ୍ରବୃତ୍ତି ଥାଏ, ଯାହା ବେଳେ ବେଳେ ବିଚାରବିହୀନ ଅନ୍ଧାନୁକରଣର ରୂପ ନିଏ। ଉଦାହରଣ ସ୍ୱରୂପ ଯେତେ ଭଲରେ ଥିଲେ ବି ଅନ୍ୟ ସହିତ ନିଜକୁ ତୁଳନା କରିବା ମଣିଷର ଅନ୍ୟତମ ପ୍ରକୃତି ଏବଂ ଏହିଠାରୁ ହିଁ ଅନୁକରଣର ସୂତ୍ରପାତ ହୁଏ। କିଛିଲୋକ ଅଛନ୍ତି, ଯେଉଁମାନେ ବିନା ପରିଶ୍ରମରେ, ବିନା କଷ୍ଟରେ ଓ ବିନା କର୍ମରେ ଧନୀ ଓ କୋଟିପତି ହେବାର ସ୍ୱପ୍ନ ଦେଖନ୍ତି ଏବଂ ସେ ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ସହଜ ମାର୍ଗ ଆପଣାନ୍ତି ତା' ଭିତରୁ ଗୋଟିଏ ହେଉଛି ନିଜ ପସନ୍ଦର ଧନୀ ବ୍ୟକ୍ତି ବା ସେଲିବ୍ରିଟିଙ୍କୁ ଆପଣାର ଆଦର୍ଶ(ରୋଲ୍‌ମଡେଲ୍) କରିବା କିମ୍ବା ଜଣାଶୁଣା ଧନୀ ଲୋକଙ୍କୁ ଦେଖି ତାଙ୍କ ଅନୁଗାମୀ ହେବା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ନ ବୁଝି ନ ଜାଣି 'ଝିଙ୍କ ଡେଇଁବା' ଦେଖି ଟିଙ୍କ ଡେଇଁବା ଭଳି ଅନ୍ଧାନୁକରଣ କରିବା। କୌଣସି କଥା ପ୍ରତି ଆଗ୍ରହ କିମ୍ବା ଆନ୍ତରିକତା ନ ଥାଇ ଖାଲି ଅନୁକରଣ କରିଦେଲେ ସଫଳତା ତ ମିଳେନା, ବରଂ ନିଜର ଯାହା କିଛି ଥାଏ ଚାଲିଯାଏ ଏବଂ ତା'ର ସ୍ଥାନ ନିଏ ନୈରାଶ୍ୟ ଓ ହୀନମନ୍ୟତା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ମାଙ୍କଡ଼ମାନଙ୍କ ପରି ମଣିଷମାନେ ବି ବେଳେ ବେଳେ କେବଳ କୌତୁହଳତାବଶତଃ ଅନ୍ୟକୁ ଅନୁକରଣ କରନ୍ତି।

'କୀଳୋତ୍ପାଟକ ବାନର' କଥାରେ ନିଜର କୌତୂହଳକୁ ସମ୍ଭାଳି ନ ପାରି ଅଧାଚିରା କାଠଫାଙ୍କରେ ଦିଆ ଯାଇଥିବା କୀଳାକୁ ଓପାଡ଼ି ମାଙ୍କଡ଼ଟିର ଯେଉଁ ଦଶା ହୋଇଥିଲା ଏଭଳି ମଣିଷଙ୍କର ଅବସ୍ଥା ଠିକ୍ ସେହିପରି ହୁଏ। ସିନେମା, ଟିଭି, ରିଅଲିଟି ସୋ, ଷ୍ଟଣ୍ଟ, ସର୍କସ ଦେଖି ହେଉ କିମ୍ବା ନାନା ବିପଜ୍ଜନକ ଖେଳ ଯଥା ଚୋକିଂ ଗେମ୍, ବ୍ଲୁହ୍ୱେଲ୍, ସିନାମନ୍ ଚାଲେଞ୍ଜ, ହଫିଂ ଆଦିକୁ ଦେଖି ହେଉ, ଠିକ୍ ସେହିଭଳି କରିବାକୁ ଉତ୍ସାହିତ ହୋଇ ମଣିଷ କିପରି ସର୍ବସ୍ୱାନ୍ତ ହୁଏ ଅଥବା ଅକାଳମୃତ୍ୟୁକୁ ସ୍ୱାଗତ କରେ, ତାହା ଆଜିକାଲି ପ୍ରାୟ ଦେଖିବାକୁ, ଶୁଣିବାକୁ ଓ ଜାଣିବାକୁ ମିଳୁଛି। ଅନୁକରଣର ରୂପାନ୍ତର ନକଲି। ନକଲ କରିବା ଆଜିକାଲି ଏତେ ବ୍ୟାପକ ହୋଇଗଲାଣି ଯେ ପରୀକ୍ଷା, ଚାଲିଚଳଣ, ଭାଷା, କଳା, ସାହିତ୍ୟ, ପ୍ରସାଧନ, ଗହଣା ଇତ୍ୟାଦି ଛଡ଼ା ମଣିଷ ନିଜେ ବି ନକଲି ରୂପ ଧାରଣ କରୁଛି। ଏ ବିଷୟରେ ପ୍ରଖ୍ୟାତ 'ଆରବ୍ୟ ରଜନୀର କାହାଣୀ'ରେ ସ୍ଥାନିତ 'ଆଲିବାବା ଆଣ୍ଡ ଫର୍ଟି ଥିଭ୍‌ସ୍' ଗଳ୍ପରେ ଆଲିବାବାକୁ ଅନ୍ଧାନୁକରଣ କରି କାସିମ୍‌ର ଶେଷ ଗତି କିପରି ଭୟାନକ ହୋଇଥିଲା ତାହାପ୍ରାୟ ସମସ୍ତଙ୍କୁ ଜଣା। ଆମର ବିଭିନ୍ନ ପୁରାଣ ଶାସ୍ତ୍ରରେ ବି ଏଭଳି ଅନେକ ଉପଦେଶାତ୍ମକ ଦୃଷ୍ଟାନ୍ତ, କାହାଣୀ ଓ ଆଖ୍ୟାୟିକାର ଉଲ୍ଲେଖ ରହିଛି, ଯାହାର ଏକ ଲୋକପ୍ରିୟ ଉପାଖ୍ୟାନ ପ୍ରଖ୍ୟାତ ସଂସ୍କୃତଗ୍ରନ୍ଥ 'ଅପରୀକ୍ଷିତ କାରକ'ରେ ନିମ୍ନମତେ ବର୍ଣ୍ଣିତ।

-ପୁରାକାଳରେ ପାଟଳିପୁତ୍ର ଜନପଦରେ ଥିଲା ମହିଳାରୋପ୍ୟ ନାମକ ନଗରୀଟିଏ। ସେଠାରେ ବାସ କରୁଥିଲେ ମଣିଭଦ୍ର ନାମରେ ଜଣେ ଶ୍ରେଷ୍ଠୀ। ଯୌବନରେ ପ୍ରଭୂତ ଧନସମ୍ପଦର ଅଧିକାରୀ ହୋଇ ଥିଲେ ବି କର୍ମ ଅବଳକୁ ଉତ୍ତର ଜୀବନରେ ସେ ସବୁରୁ ବଞ୍ଚିତ ହୋଇ ଖୁବ୍ ଦରିଦ୍ର ହୋଇଗଲେ। ଉତ୍କଟ ଦାରିଦ୍ର୍ୟକୁ ସହ୍ୟ କରି ନ ପାରି ଦିନେ ରାତିରେ ସେ ଚିନ୍ତା କଲେ ଏଭଳି ଜୀବନ ବଞ୍ଚିବା ଅପେକ୍ଷା ବରଂ ଆତ୍ମହତ୍ୟା କରିବା ଭଲ। ଏହିପରି ଭାବୁ ଭାବୁ କେତେବେଳେ ତାଙ୍କୁ ଛାଇ ନିଦ ଲାଗି ଆସିଛି। ସେ ନିଦରେ ଏକ ସ୍ୱପ୍ନ ଦେଖିଲେ। ଜଣେ ଜୀନ ତାଙ୍କ ପାଖରେ ଠିଆହୋଇ କହୁଥିଲେ, 'ବତ୍ସ ମଣିଭଦ୍ର! ଉଠ। ଯୌବନରେ ତୁମେ କିଛି ଦାନଧ୍ୟାନ କରିଥିଲ, ତା'ର ପ୍ରତିଦାନ ଦେବା ପାଇଁ ମୁଁ ତୁମ ପାଖକୁ ଆସିଛି। ସକାଳୁ ଉଠିଲେ ଦେଖିବ ଜଣେ ଜୀନ(ଜୈନ ସନ୍ନ୍ୟାସୀ) ତୁମ ଘର ଆଡ଼କୁ ଆସୁଥିବେ। କିଛି ନ ଭାବି ତୁମେ ତାଙ୍କ ମୁଣ୍ଡରେ ଏକ ଶକ୍ତ ପାହାର ଦେବ। ସେ ସଙ୍ଗେ ସଙ୍ଗେ ତଳେ ପଡ଼ିଯାଇ ଏକ ସୁବର୍ଣ୍ଣ ପ୍ରତିମାରେ ପରିଣତ ହୋଇଯିବେ। ତତକ୍ଷଣାତ୍ ତୁମେ ତାଙ୍କୁ ଘର ଭିତରକୁ ନେଇଯିବ। ତୁମର ଦାରିଦ୍ର୍ୟ ଘୁଞ୍ଚିଯିବା ପାଇଁ ତାହା ଯଥେଷ୍ଟ ହେବ।'

ଛାୟାମୂର୍ତ୍ତିଟି ଅପସରି ଗଲା। ନିଦ ମଳମଳ ଆଖିରେ ଉଠି ବସିଲେ ମଣିଭଦ୍ର। ଆଉ ନିଦ ହେଲାନି। କିଛିସମୟ ପରେ ରାତି ପାହିଲା। ବାହାରକୁ ଆସି ଦେଖିଲେ ସତକୁସତ ଜଣେ ଜୀନ ତାଙ୍କ ଆଡ଼କୁ ଆସୁଛନ୍ତି। ହଠାତ୍ ତାଙ୍କ ମୁଣ୍ଡରେ ସେ ଏକ ଯଷ୍ଟି ପ୍ରହାର କଲେ। ବ୍ୟକ୍ତିଜଣକ ତଳେ ପଡ଼ିଯାଇ ଏକ ସ୍ୱର୍ଣ୍ଣମୂର୍ତ୍ତି ପାଲଟିଗଲେ। କାଳବିଳମ୍ବ ନକରି ସେ ତା'କୁ ଭିତରକୁ ନେଇଗଲେ। କ୍ଷୌରାଦି କର୍ମ କରିବା ପାଇଁ ତାଙ୍କ ଘରକୁ ଆସିଥିବା ନାପିତଟିଏ ଘଟଣାଟିକୁ ଦେଖିଦେଲା। ତା'କୁ ମୂର୍ତ୍ତିର ଆଙ୍ଗୁଠିଟିଏ ଦେଇ ବିଦା କରିଦେଲେ ମଣିଭଦ୍ର। ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ନାପିତଟି। ହେ ଭଗବାନ୍! ଜୀନମାନଙ୍କୁ ମାରିଦେଲେ ସେମାନେ ସୁନାର ମୂର୍ତ୍ତି ହୋଇଯା'ନ୍ତି - 'ଏକଥା ଆଗରୁ ଯାହା ଜାଣି ପାରିଲିନି' ବୋଲି ସେ ମନେ ମନେ ନିଜକୁ ଧିକ୍କାର କଲା। ସେଇଦିନ ନିକଟସ୍ଥ ଏକ ଜୈନ ମଠକୁ ଯାଇ ସେ କିଛି ଜୀନଙ୍କୁ ପ୍ରଲୋଭିତ କରି ଭୋଜନ ଦେବାକୁ କହି ନିଜ ଘରକୁ ନିମନ୍ତ୍ରଣ କରି ଆଣିଲା ଏବଂ ଗୋଟିଏ ଘରେ ପୂରେଇ ଦେଇ ପିଟିବାକୁ ଲାଗିଲା। ସେମାନଙ୍କର ଚିତ୍କାର ଶୁଣି ସେ ବାଟରେ ଯାଉଥିବା କଟୁଆଳ ତାଙ୍କୁ ଉଦ୍ଧାର କଲା ଏବଂ ନାପିତକୁ ଧରିନେଇ ରାଜଦଣ୍ଡରେ ଦଣ୍ଡିତ କଲା।

ଅନୁକରଣ କରିବା ସବୁକ୍ଷେତ୍ରରେ ଖରାପ ନୁହେଁ। କାରଣ ଏହାର କିଛି ସକାରାତ୍ମକ ଦିଗ ବି ରହିଛି। ଯଥା ମିମିକ୍ରି, କ୍ୟାରିକେଚର୍, କମେଡି ସୋ, ଲଘୁ ପରିହାସ ଇତ୍ୟାଦି। କିନ୍ତୁ କିଛି ନ ବୁଝି ନ ଶୁଝି ପରଠୁ ଦେଖାଶିଖା କଲେ ଅବସ୍ଥା ଠିକ୍ ଏହିପରି ହୁଏ। ଅସଲ କଥା ହେଉଛି ମଣିଷର ଜୀବନଯାପନ ପ୍ରଣାଳୀ ଏକ କ୍ଲିଷ୍ଟ ପ୍ରତିଯୋଗିତାମୂଳକ ପରୀକ୍ଷା, ଯେଉଁଠି ସବୁମଣିଷ ଜଣେ ଜଣେ ପରୀକ୍ଷାର୍ଥୀ। କଠିନ ପରିଶ୍ରମ ଓ ଯୋଜନାବଦ୍ଧ ପ୍ରସ୍ତୁତି ହିଁ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଏକମାତ୍ର ଉପାୟ। ଯେଉଁମାନେ ବିନା ପ୍ରସ୍ତୁତି ଓ ବିନା ପରିଶ୍ରମରେ ଅନ୍ୟଠାରୁ ନକଲ କରି ସହଜରେ ଉତ୍ତୀର୍ଣ୍ଣ ହେବାକୁ ଚାହାନ୍ତି, ସେମାନେ ଜାଣି ନ ଥା'ନ୍ତି ଯେ ଉକ୍ତ ପରୀକ୍ଷାରେ ପ୍ରତ୍ୟେକ ପରୀକ୍ଷାର୍ଥୀର ପ୍ରଶ୍ନପତ୍ର ଅଲଗା। ●

ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

## ପାଇକ ବିଦ୍ରୋହ ଓ ଖୋର୍ଦ୍ଧା ପାଇକ

ପ୍ରସନ୍ନ କୁମାର ପାଇକରାୟ

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପରାଧୀନ ଭାରତର ଇତିହାସରେ ଏକ କ୍ରାନ୍ତିକାରୀ ଯୁଗ। ସେତେବେଳେ ଓଡ଼ିଶା ଖଣ୍ଡବିଖଣ୍ଡିତ। ଖୋର୍ଦ୍ଧାର ଭୋଇ ବଂଶୀୟ ଗଜପତି ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ (୧୭୯୮-୧୮୧୭)। ଉତ୍କଳର ରାଜା ସର୍ବହରା। ଜନ୍ମଭୂମିର ମୁକ୍ତି ଚିନ୍ତା ବିଦ୍ରୋହର ରୂପ ନେଲା, ଊନବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରୁ। ୧୮୦୪ ମସିହାରେ ଖୋର୍ଦ୍ଧା ଗଜପତିଙ୍କ ମନ୍ତ୍ରୀ ଜୟୀ ରାଜଗୁରୁ ରାଜ୍ୟ ପାଇକମାନଙ୍କ ସ୍ୱାର୍ଥ ପାଇଁ ସର୍ବପ୍ରଥମେ ବ୍ରିଟିଶ ବିରୁଦ୍ଧରେ ଆନ୍ଦୋଳନ କରିଥିଲେ। ଜୟୀ ରାଜଗୁରୁଙ୍କ ମୃତ୍ୟୁ ପରେ ଖୋର୍ଦ୍ଧା ଗଜପତି ଓ ପାଇକଙ୍କ ଉପରେ ବ୍ରିଟିଶର ଲୋଲୁପ ଦୃଷ୍ଟିଜନିତ ଅତ୍ୟାଚାର ଏବଂ ଦମନଲୀଳା ଦିନକୁ ଦିନ ବଢ଼ି ଚାଲିଲା।

୧୮୧୭ ମସିହା ଓଡ଼ିଶାର ପ୍ରାଣୋଚ୍ଛଳ ଜୀବନଯାତ୍ରାରେ ଏକ ଐତିହାସିକ ଏବଂ ଅବିସ୍ମରଣୀୟ ମୁହୂର୍ତ୍ତ। ମହାରାଜା ମୁକୁନ୍ଦ ଦେବଙ୍କ ସେନାପତି ଗଡ଼ରୋଡଙ୍ଗର କିଲ୍ଲାଦାର ସେନାଧ୍ୟକ୍ଷ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଓଡ଼ିଶାକୁ ବ୍ରିଟିଶ ଶାସନରୁ ମୁକୁଳେଇବା ପାଇଁ ବଜ୍ର ଶପଥ ନେଇ ପାଇକମାନଙ୍କୁ ମେଳି କରି ଗଣଆନ୍ଦୋଳନର ଡାକରା ଦେଇଥିଲେ। ଏହି ସଂଗ୍ରାମ ଥିଲା ବ୍ରିଟିଶ ବିରୁଦ୍ଧରେ ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମ। ସେହି ରକ୍ତରଞ୍ଜିତ ଐତିହାସିକ ଦିନଟି ଥିଲା ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖ ବାଣପୁରର ପଲଟଣ ପଡ଼ିଆରେ। ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କ ଅନୁଗତ ୪୦୦ ଆଦିବାସୀ କନ୍ଧ ବିପ୍ଳବୀ ସୈନ୍ୟ ସହ ଖୋର୍ଦ୍ଧା ପାଇକମାନେ ଯୋଗଦେଇ ଖୋର୍ଦ୍ଧା ରାଜ୍ୟ ମଧ୍ୟରେ ପଶି ପୁଲିସ ଥାନାରେ ଅଗ୍ନି ସଂଯୋଗ କଲେ, ପୁଲିସଙ୍କୁ ବାନ୍ଧିଲେ, ପିଟିଲେ, ଖଜଣାଖାନା ଲୁଟ କଲେ। ସିପାହୀ ବିଦ୍ରୋହ(୧୮୫୭) ର ୪୦ ବର୍ଷ ପୂର୍ବରୁ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ଦେଶର ସ୍ୱାଧୀନତା ପାଇଁ ମୂଳମଞ୍ଜି ପୋତିଥିଲା। ଏହି ସ୍ୱାଧୀନତା ସଂଗ୍ରାମରେ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତିବାସ ପାଟଶାଣୀ ପ୍ରମୁଖ ଯୋଗଦାନ କରିଥିଲେ। ଓଡ଼ିଶାର ପାରିପାର୍ଶ୍ୱିକ ପରିସ୍ଥିତି ବକ୍ସିଙ୍କୁ ବାଧ କରିଥିଲା କଟକର ପ୍ରସିଦ୍ଧ ଦୁର୍ଗ ବାରବାଟୀରେ ଆତ୍ମସମର୍ପଣ କରିବାକୁ। ୧୮୨୯ ମସିହା ଜାନୁଆରୀ ୨୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରି ବୀରଗତି ପ୍ରାପ୍ତ ହେଲେ।

ବୀରତ୍ୱପୂର୍ଣ୍ଣ ଶୌର୍ଯ୍ୟମୟ ପାଇକ ବିଦ୍ରୋହ ଓଡ଼ିଆ ଜନମାନସରେ ଏକ ଗୌରବମୟ ସ୍ଥାନ ବଜାୟ ରଖିଛି। ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ-ଉଦ୍‌ଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ। ଏନସିଆରଟି ଦ୍ୱାରା ପରିଚାଳିତ ସିବିଏସ୍‌ଇର ଅଷ୍ଟମ ଶ୍ରେଣୀ ଇତିହାସ ବହିରେ ଏ ବିଷୟ ସ୍ଥାନ ପାଇଛି। ପାଇକ ବିଦ୍ରୋହର ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ ଉନ୍ମୋଚନ ହୋଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ଚେୟାର, ବରୁଣେଇଠାରେ ପାଇକ ସ୍ମାରକ ଆଦି ସ୍ଥାପନ ପାଇଁ ପ୍ରୟାସ ଜାରି ରହିଛି। ଏକ ବୀରତ୍ୱପୂର୍ଣ୍ଣ ଏବଂ ସୌର୍ଯ୍ୟମୟ ଜାତିର ଉତ୍ତରପିଢ଼ି ଭାବେ ଆମେ ଆମର ପୂର୍ବ ପୁରୁଷଙ୍କ ଅଦ୍ୟମ ସାହସର ଗାଥାକୁ ନେଇ ଗୌରବାନ୍ୱିତ। ●


ରାଜ୍ୟ ସମ୍ପାଦକ (ଓୟୁଜେ),
ମୋ: ୭୦୦୮୯୩୬୩୭୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ ଡଲ୍ଲା ଅଟକ



ଓଟାୱା, ୧୦।୧୧ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ ଡଲ୍ଲାକୁ କାନାଡ଼ାରେ ଅଟକ ରଖାଯାଇଛି। ଗଣମାଧ୍ୟମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଖଲିସ୍ତାନୀ ଆତଙ୍କବାଦୀ ହର୍‌ଦୀପ ସିଂହ ନିଜ୍ଜରର ସେ ଘନିଷ୍ଠ ସହଯୋଗୀ ଥିଲା। ତେବେ ଡଲ୍ଲା ଜେଲ୍‌ରୁ ବାହାରିଲାଣି କି ଅଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ କାନାଡ଼ା ସହ ସମସ୍ତ କୂଟନୈତିକ ଚ୍ୟାନେଲକୁ ଭାରତ ବନ୍ଦ କରିଦେଇଛି। ତେଣୁ ଏହାକୁ ନେଇ ଦୁଇ ଦେଶ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଗତ ୨୭-୨୮ ତାରିଖରେ କାନାଡ଼ାର ମିଲଟନ୍ ସହରରେ ହୋଇଥିବା ଗୁଳିକାଣ୍ଡ ପରେ ଆତଙ୍କବାଦୀ ଡଲ୍ଲାକୁ ଧରିବା ପାଇଁ ପ୍ରୟାସ କରାଯାଉଥିଲା। କାରଣ ଏହି ଗୁଳିମାଡ଼ ସମୟରେ ଡଲ୍ଲା ଘଟଣାସ୍ଥଳରେ ଉପସ୍ଥିତ ଥିବା ଯାଞ୍ଚ ଏଜେନ୍ସି ଜାଣିବାକୁ ପାଇଥିଲା। ଦିନକ ପରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା। ତେବେ ସେତେବେଳେ ଉଭୟଙ୍କ ପରିଚୟ ପ୍ରକାଶ କରାଯାଇ ନ ଥିଲା। ଏହା ପୂର୍ବରୁ ଦୁଇ ବର୍ଷ ତଳେ ଗ୍ୟାଙ୍ଗଷ୍ଟର ତଥା ଖଲିସ୍ତାନ ଟାଇଗର୍ ଫୋର୍ସ (କେଟିଏଫ)ର ପରିଚାଳକ ଡଲ୍ଲାକୁ ଭାରତ ଆତଙ୍କବାଦୀ ଘୋଷଣା କରିଥିଲା। ପଞ୍ଜାବର ମୋଗାରୁ କାନାଡ଼ାରେ ଯାଇ ଲୁଚିଥିବା ଡଲ୍ଲା ଦେଶବିଦେଶରେ ହତ୍ୟା, ବଟି ଆଦାୟ ଏବଂ ଜଘନ୍ୟ ଅପରାଧ ବ୍ୟତୀତ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ରହିଛି। ଏହି ସବୁ ମାମଲାରେ ଏନ୍‌ଆଇଏ ତାକୁ ଦୋଷୀ ସାବ୍ୟସ୍ତ କରିଛି।

## କଶ୍ମୀର ଏନ୍‌କାଉଣ୍ଟର: ଜେସିଓ ସହିଦ, ୩ ଯବାନ ଆହତ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜମ୍ମୁ-କଶ୍ମୀର କିସ୍ତୱାର ଭାର୍ଟ ରିଜ୍‌ରେ ଆତଙ୍କବାଦୀ ସହ ଏନ୍‌କାଉଣ୍ଟର ହୋଇଛି। ଆତଙ୍କବାଦୀଙ୍କ ସହ ଗୁଳିବିନିମୟରେ ଭାରତୀୟ ସେନାର ଜୁନିୟର କମିଶନଡ ଅଫିସର (ଜେସିଓ) ନାଏବ ସୁବେଦାର ରାକେଶ କୁମାର ସହିଦ ହୋଇଛନ୍ତି। ସେ ୨ ପାରା (ଏସ୍‌ଏଫ)ରେ ମୁତୟନ ଥିଲେ। ୩ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ଦୁଇ ଗ୍ରାମରକ୍ଷୀ (ଭିଡିଜି) ନାଜିର ଅହମ୍ମଦ ଏବଂ କୁଲଦୀପ କୁମାରଙ୍କ ହତ୍ୟା ପରେ ଏହି ଆତଙ୍କବାଦୀ ନିରୋଧୀ ଅଭିଯାନ ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ କିଛି କିମି ଦୂରରେ ଥିବା ଜଙ୍ଗଲରେ ଆତଙ୍କବାଦୀ ଲୁଚିଥିବା ସୂଚନା ପାଇ ଶନିବାରଠାରୁ ସେନା ଏବଂ ପୁଲିସ ମିଳିତ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ କଶ୍ମୀର ଟାଇଗର୍ ଫୋର୍ସର ୩-୪ ଆତଙ୍କବାଦୀ ଲୁଚି ରହିଛନ୍ତି। ଅନ୍ୟପଟେ ଶ୍ରୀନଗରର ଜବରଭାନ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ସୁରକ୍ଷାବାହିନୀର ସଂଘର୍ଷ ଜାରି ରହିଛି। ଗତ ୧୦ ଦିନ ମଧ୍ୟରେ ୮ଟି ଏନ୍‌କାଉଣ୍ଟର ହେଲାଣି। ଏ ପର୍ଯ୍ୟନ୍ତ ଏଥିରେ ୮ ଆତଙ୍କବାଦୀ ନିହତ ହେଲେଣି।



## କାନାଡା ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): କାନାଡାରେ ଖଲିସ୍ତାନୀଙ୍କ ଦ୍ୱାରା ହିନ୍ଦୁ ମନ୍ଦିର ଭଙ୍ଗାଯିବା ଘଟଣାକୁ ନେଇ ହିନ୍ଦୁ ଶିଖ ଗ୍ଲୋବାଲ ମଞ୍ଚ ପକ୍ଷରୁ ରବିବାର ନୂଆଦିଲ୍ଲୀସ୍ଥିତ କାନାଡା ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ କରାଯାଇଛି। ରବିବାର ସକାଳେ ଚାଣକ୍ୟ ପୁରିସ୍ଥିତ କାନାଡା ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସମ୍ମୁଖରେ ଏହି ମଞ୍ଚର ଶହ ଶହ ସଦସ୍ୟ ଏକାଠି ହେବା ସହିତ କାନାଡା ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ ହେଁ କିଛି ସଦସ୍ୟ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସର ଦୃଢତାର ସହ ସେମାନଙ୍କୁ ନିୟନ୍ତ୍ରଣ କରିଥିଲା। ଜଣେ ପ୍ରକୃତ ଶିଖ କଦାଚିତ ଖଲିସ୍ତାନୀ ହୋଇପାରିବ ନାହିଁ କି ରାଷ୍ଟ୍ର ବିରୋଧୀ କାର୍ଯ୍ୟରେ ସାମିଲ ହୋଇପାରିବ ନାହିଁ ବୋଲି ବିକ୍ଷୋଭକାରୀମାନେ କହିଥିଲେ। ପଞ୍ଜାବରେ ସନ୍ତ୍ରାଶବାଦକୁ ନେଇ ଗୋଟିଏ ପିଢି ନଷ୍ଟ ହୋଇସାରିଛି। ଏହି ସମୟରେ ସନ୍ତ୍ରାଶବାଦରେ ସାମିଲ ଥିବା ବହୁ ଲୋକଙ୍କ ଜୀବନ ନିର୍ବାପିତ ହୋଇଛି। ଯେଉଁମାନେ ବଞ୍ଚିଗଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦେଶ ଛାଡି ବିଦେଶ ପଳାଇଲେ। କିନ୍ତୁ ବିଦେଶରେ ରହି ମଧ୍ୟ ସେମାନେ ଦେଶ ବିରୋଧୀ ମାନସିକତାରୁ ବର୍ତ୍ତି ନାହାନ୍ତି। ଏବେ ପଞ୍ଜାବକୁ ନିଶାଗ୍ରସ୍ତ କରିବା ଲକ୍ଷ୍ୟରେ ମାରାତ୍ମକ ଡ୍ରଗ୍ସ ଚାଲାଣ କରି ଯୁବପିଢିଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି। କିନ୍ତୁ ଦେଶ ବିରୋଧୀ ମାନସିକତା ରଖିଥିବା ଏଭଳି ଲୋକମାନଙ୍କ ନିକଟରେ ପଞ୍ଜାବ ହାର ମାନି ନାହିଁ। ବରଂ ଆଗକୁ ବଢିଛି। ହେଲେ ଏଥିରେ ସନ୍ତୁଷ୍ଟ ହୋଇପାରି ନଥିବା ସନ୍ତ୍ରାଶବାଦୀମାନେ ପଞ୍ଜାବରେ ଧର୍ମ ପରିବର୍ତ୍ତନ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ଆଉ ଏବେ ହିନ୍ଦୁ ମନ୍ଦିର ଭାଙ୍ଗିବା ଭଳି ଅତ୍ୟନ୍ତ ହୀନ କାର୍ଯ୍ୟରେ ଲିପ୍ତ ହୋଇଛନ୍ତି। କିନ୍ତୁ ଶିଖ ସଂପ୍ରଦାୟ ଦେଶ ସହିତ ରହିଛି ଏବଂ ସମସ୍ତେ ଏକ ବୋଲି ହିନ୍ଦୁ ଶିଖ ଗ୍ଲୋବାଲ ମଞ୍ଚ ସଦସ୍ୟମାନେ କହିଛନ୍ତି। ଭାରତର ଶିଖ ସଂପ୍ରଦାୟ ଦେଶ ସହିତ ରହିଛି, କେବେ ହେଲେ ଖଲିସ୍ତାନକୁ କଦାଚିତ ସମର୍ଥନ କରେ ନାହିଁ। ଆମ ଦେଶ ଏବଂ ଜାତୀୟତା ପ୍ରତି ଶିଖ ସଂପ୍ରଦାୟ ସବୁ ବେଳେ ଅନୁପ୍ରେରିତ ରହିବ ବୋଲି ହିନ୍ଦୁ ଶିଖ ଗ୍ଲୋବାଲ ମଞ୍ଚ ସଭାପତି ତରଭିନ୍ଦର ସିଂ ମାରୱା କହିଛନ୍ତି।

# ବିଚାରପତିଙ୍କ ଉପରେ ବି ଚାପ ପଡ଼େ: ଜଷ୍ଟିସ ଚନ୍ଦ୍ରଚୂଡ଼




ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):

ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ନ୍ୟାୟପାଳିକା କିଭଳି ଚାପଗ୍ରସ୍ତ ହୋଇଥାଏ ସେ ସମ୍ପର୍କରେ ବିଦାୟୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଅବସର ନେବା ପୂର୍ବରୁ ବଡ଼ ଟିପ୍ପଣୀ ରଖିଛନ୍ତି। କେବଳ ରାଜନୈତିକ ବ୍ୟକ୍ତି ବିଶେଷ ନୁହନ୍ତି ବରଂ ବିଭିନ୍ନ ଦିଗରେ ସ୍ୱାର୍ଥ ରଖୁଥିବା ଘରୋଇ ଗୋଷ୍ଠୀ ମଧ୍ୟ ଅଧିକାଂଶ ସମୟରେ ବିଚାରପତିମାନଙ୍କ ଉପରେ ଚାପ ଲଦି ଦିଅନ୍ତି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଦୈନିକ ଇଂରାଜୀ ଖବର କାଗଜ ' ଦି ଟାଇମ୍ସ ଅଫ୍ ଇଣ୍ଡିଆ' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ କହିଛନ୍ତି। ସେ କହିଛନ୍ତି ଯେ, ଯଦି କୌଣସି ପ୍ରସଙ୍ଗରେ କୌଣସି ବିଚାରପତି କିଛି ରାୟ ଦେଇଥାଆନ୍ତି ଏବଂ ଏହା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ସୁହାଏ ନାହିଁ ତେବେ ସେହି ଗୋଷ୍ଠୀ ବିଚାରପତିଙ୍କ ଉପରେ ଚାପ ଲଦିବାକୁ ଉଦ୍ୟମ ଆରମ୍ଭ କରିଦେଇଥାଆନ୍ତି। ଏଥିପାଇଁ ସଂପୃକ୍ତ ଗୋଷ୍ଠୀ ଗଣମାଧ୍ୟମ ଏବଂ ସୋସିଆଲ ମିଡ଼ିଆ ପ୍ଲାଟଫର୍ମକୁ ଉପଯୋଗ କରିବାକୁ ପଛାନ୍ତି ନାହିଁ। ସେମାନେ ବିଚାରପତିମାନଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ କରିବାଠାରୁ ବାକ୍ୟ ବାଣରେ ଆକ୍ରମଣ କରିବା ପର୍ଯ୍ୟନ୍ତ ପଛାନ୍ତି ନାହିଁ। କିନ୍ତୁ ଏହାଦ୍ୱାରା ଜଣେ ବିଚାରପତିଙ୍କ ରାୟ ପ୍ରକାଶ କରିବାର ସ୍ୱାଧୀନତା ନଷ୍ଟ ହୋଇଥାଏ। କେବଳ ସରକାରଙ୍କ ବିରୋଧୀ ଆଭିମୁଖ୍ୟ ରଖି ଯଦି କୌଣସି ରାୟ ପ୍ରକାଶ ପାଏ ତେବେ ଏହାକୁ କିଛି ଗୋଷ୍ଠୀ ନ୍ୟାୟପାଳିକାର ସ୍ୱାଧୀନତା ବୋଲି ମଧ୍ୟ ଭାବି ନିଅନ୍ତି। ତେବେ କୌଣସି ସ୍ଥିତିରେ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରଖି ରାୟ ପ୍ରକାଶ ନ କରିବା ହିଁ ନ୍ୟାୟପାଳିକାର ସ୍ୱାଧୀନତା ବୋଲି ଭାବିବାକୁ ହେବ। ତାଙ୍କ ଜୀବନକାଳ ମଧ୍ୟରେ ସେ କୌଣସି ଆକଳନଭିତ୍ତିକ ରାୟ ଦେଇ ନାହାନ୍ତି, ବରଂ ଯେକୌଣସି ପ୍ରସଙ୍ଗରେ ଆଇନ ଦୃଷ୍ଟିକୋଣରୁ ଯାହା ଉଚିତ ଏବଂ ପ୍ରାସଙ୍ଗିକ ତାହାକୁ ଆଧାର କରି ସେ ରାୟ ପ୍ରକାଶ କରିଛନ୍ତି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି।

> “ କେବଳ ନେତା ନୁହନ୍ତି; ଘରୋଇ ଗୋଷ୍ଠୀଙ୍କ ଦ୍ୱାରା ବି ଚାପଗ୍ରସ୍ତ ହୋଇଥାଆନ୍ତି ବିଚାରପତି

## ବୁଲଡୋଜର୍ ଭୟ ଦେଖାଇ କଣ୍ଠରୋଧ କରାଯାଇ ପାରିବନି

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଅବସର ଗ୍ରହଣ କରିବା ପୂର୍ବରୁ ବୁଲଡୋଜର ନ୍ୟାୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ବୁଲଡୋଜର ଦ୍ୱାରା ଲୋକଙ୍କ ସମ୍ପତ୍ତି ନଷ୍ଟ କରିବାର ଭୟ ଦେଖାଇ କୌଣସି ନାଗରିକଙ୍କ କଣ୍ଠରୋଧ କରାଯାଇପାରିବ ନାହିଁ। ତେଣୁ ବୁଲଡୋଜର ନୀତି କୌଣସି ସ୍ଥିତିରେ ଗ୍ରହଣୀୟ ହୋଇପାରିବ ନାହିଁ ବୋଲି ଏହି ପ୍ରସଙ୍ଗରେ ଶୁଣାଣି କରି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ତାଙ୍କ ଚୂଡାନ୍ତ ରାୟରେ କହିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି ଯେ, ପ୍ରଥମତଃ ମୌଳିକ ଅଧିକାର ଭାବେ ଜଣେ ନାଗରିକଙ୍କୁ ସୁରକ୍ଷାଦ୍ୱୋକୁ ହେଲେ ତାଙ୍କ ବାସଗୃହକୁ ସଂରକ୍ଷଣ ଏବଂ ସୁରକ୍ଷାଦ୍ୱୋକୁ ହେବ। ଯଦି କୌଣସି ବେଆଇନ ନିର୍ମାଣକୁ ନେଇ ବୁଲଡୋଜର ଲଗାଇବାକୁ ହୁଏ ତେବେ ଆଇନ ଏବଂ ବିଧାନ ଅନୁସାରେ ସରକାରୀ କଳକୁ ଅତି ସତର୍କତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ବୁଲଡୋଜର ନୀତିକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୌଣସି ସଭ୍ୟ ସମାଜ ଏବଂ ସଭ୍ୟ ନ୍ୟାୟ ପ୍ରଣାଳିରେ ଦେଖାଯାଏ ନାହିଁ। ବୁଲଡୋଜର ନୀତିରେ ଯଦି କୌଣସି ନାଗରିକଙ୍କ ସମ୍ପତ୍ତି ନଷ୍ଟ କରିବାକୁ ସରକାରୀ କଳ ବା କର୍ତ୍ତୃପକ୍ଷଙ୍କୁ



ଅଧିକାର ଦିଆଯାଏ ତେବେ ଏହି ପ୍ରକ୍ରିୟାରେ ପ୍ରତିଶୋଧ ପରାୟଣ ମନୋଭାବ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଥାଏ। ଏହା କିନ୍ତୁ ଅନେକ ଦିଗରେ ବିପଦ ସୃଷ୍ଟି କରିଥାଏ। ସେଥିପାଇଁ ଏଭଳି ନୀତି ଆଦୌ ଗ୍ରହଣୀୟ ବୋଲି ସିଜେଆଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୨୦୧୯ରେ ଉତ୍ତରପ୍ରଦେଶର ମହାରାଜଗଞ୍ଜରେ ଜଣେ ବ୍ୟକ୍ତିଙ୍କ ଘର ଉପରେ ବୁଲଡୋଜର ଚଢିବା ପ୍ରସଙ୍ଗରେ ଶୁଣାଣି କରି କହିଛନ୍ତି। ଯଦି କୌଣସି ବ୍ୟକ୍ତି ବିଶେଷ କୌଣସି ଅପରାଧରେ ଜଡ଼ିତ ହୁଅନ୍ତି ତେବେ କାରଣ ଦର୍ଶାଇ ତାଙ୍କର ଗୃହକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଉଛି। କିନ୍ତୁ ଏକଥା ମନେ ରଖିବା ଉଚିତ ଯେ, ଜଣେ କେବଳ ତା' ଘରେ ହିଁ ନିଜକୁ ସବୁଠୁ ସୁରକ୍ଷିତ ମନେ କରିଥାଏ। ତେଣୁ ଘର ହେଉ କି ସମ୍ପତ୍ତି, ତାହାକୁ ନଷ୍ଟ କରିଦେବାର ଭୟ ଦେଖାଇ ଜଣଙ୍କ କଣ୍ଠରୋଧ କରାଯାଇପାରିବନି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ ଚନ୍ଦ୍ରଚୂଡ଼ ୨୦୨୨, ନଭେମ୍ବର ୯ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଠିକ୍ ଦୁଇ ବର୍ଷ ପରେ ସେ ୨୦୨୪, ନଭେମ୍ବର ୧୦ ତାରିଖରେ ନିଜ ପଦରୁ ଅବସର ନେଇଛନ୍ତି। ତେବେ ଅବସର ନେବା ପୂର୍ବରୁ ବହୁ ଚର୍ଚ୍ଚିତ ବୁଲଡୋଜର ନୀତିକୁ ନେଇ ସେ ଏଭଳି ରାୟ ଶୁଣାଇଛନ୍ତି।

## ବାବା ସିଦ୍ଦିକ୍‌ଙ୍କ ହତ୍ୟାକାରୀ ଗିରଫ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ମୁମ୍ବଇ ପୁଲିସ ଏନସିପି ନେତା ବାବା ସିଦ୍ଦିକଙ୍କ ହତ୍ୟାକାରୀକୁ ଉତ୍ତରପ୍ରଦେଶରୁ ଗିରଫ କରିଛି। ଉତ୍ତରପ୍ରଦେଶର ସ୍ୱତନ୍ତ୍ର ଟାସ୍କଫୋର୍ସ ଏବଂ ମୁମ୍ବଇ ପୁଲିସର କ୍ରାଇମବ୍ରାଞ୍ଚ ପୁଲିସର ମିଳିତ ଅଭିଯାନରେ ସିଦ୍ଦିକଙ୍କ ମୁଖ୍ୟ ହତ୍ୟାକାରୀ ଶିବ କୁମାର ଏବଂ ଘଟଣାରେ ଜଡ଼ିତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ସେମାନଙ୍କୁ ମୁମ୍ବଇ ଅଣାଯାଇଥିବା ଜଣାପଡ଼ିଛି। ଶିବ କୁମାର ହିଁ ବାବା ସିଦ୍ଦିକଙ୍କୁ ଗୁଳି କରି ହତ୍ୟା କରିଥିଲା ବୋଲି ଜଣାପଡ଼ିଛି। ଶୁକ୍ରବାର ଏହି ହତ୍ୟାକାଣ୍ଡ ସହ ଜଡ଼ିତ ଅନ୍ୟ ଜଣେ ସୁଟର ଗୌରବ ବିଳାସକୁ ପୁଲିସ ଗିରଫ କରିଥିଲା। ଗୌରବ ଲରେନ୍ସ ଗ୍ୟାଙ୍ଗ ସଦସ୍ୟ ବୋଲି ପୁଲିସ ନିକଟରେ ସ୍ୱୀକାର କରିବା ସହିତ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ବହୁ ତଥ୍ୟ ଦେଇଥିଲା। ଏହାପରେ ପରେ ମୁମ୍ବଇ ପୁଲିସ ଉତ୍ତରପ୍ରଦେଶରେ ପହଞ୍ଚି ଶିବ କୁମାରକୁ ଗିରଫ କରିଛି।

### ଆଦିତ୍ୟନାଥଙ୍କ ମନ୍ତବ୍ୟକୁ ଅଜିତ ପାୱାରଙ୍କ ବିରୋଧ

## ମହାରାଷ୍ଟ୍ରରେ 'ବଟେଙ୍ଗେ ତୋ କଟେଙ୍ଗେ' ଚଳିବନି

ମୁମ୍ବଇ, ୧୦।୧୧ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଜୋର୍‌ସୋର୍‌ରେ ପ୍ରଚାର ଚାଲିଥିବାବେଳେ ସରକାରୀ ମେଣ୍ଟ ମହାଯୁତିରେ ଥିବା ଫାଟ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି। ଅଜିତ ପାୱାର ଗୋଷ୍ଠୀର ଏନ୍‌ସିପିକୁ ନେଇ ବିଜେପି ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନାରେ ଅସନ୍ତୋଷର ବହ୍ନି ଜଳୁଛି। ଏଭଳି ସମୟରେ ଅଜିତ ପାୱାର ବଡ଼ ମନ୍ତବ୍ୟ ଦେଇଛନ୍ତି। 'ବଟେଙ୍ଗେ ତୋ କଟେଙ୍ଗେ' ସ୍ଲୋଗାନ ଝାଡ଼ଖଣ୍ଡ ଏବଂ ଉତ୍ତର ପ୍ରଦେଶରେ ଚାଲୁ ଥାଇପାରେ, କିନ୍ତୁ ଏହା ମହାରାଷ୍ଟ୍ରରେ ଚଳିବନି। ସେ ଏହାକୁ ତୀବ୍ର ବିରୋଧ କରିଛନ୍ତି ଏବଂ 'ସବ୍‌କା ସାଥ୍ ସବକା ବିକାଶ' ସ୍ଲୋଗାନ ଦେଇଛନ୍ତି। ଅନ୍ୟପଟେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଇଥିବା 'ବଟେଙ୍ଗେ ତୋ କଟେଙ୍ଗେ' ଏବଂ 'ଏକାଠି ରହିଲେ ସୁରକ୍ଷିତ ରହିବା' ସ୍ଲୋଗାନକୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସମର୍ଥନ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମହାରାଷ୍ଟ୍ରରେ ନିର୍ବାଚନ ପ୍ରଚାର କରି 'ଏକାଠି ରହିଲେ ସୁରକ୍ଷିତ ରହିବା' ସ୍ଲୋଗାନ ଦେଇଛନ୍ତି। ଏଭଳି ସ୍ଥିତିରେ ଅଜିତଙ୍କ ମନ୍ତବ୍ୟ ମେଣ୍ଟରେ ନୂଆ ଝଡ଼ ସୃଷ୍ଟି କରିଥିବା କୁହାଯାଉଛି।



ଅଜିତ ପାୱାର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ କହିଥିଲେ ଯେ ଅନ୍ୟ ରାଜ୍ୟରୁ ଆସୁଥିବା ବିଜେପି ମୁଖ୍ୟମନ୍ତ୍ରୀ କ'ଣ କୁହାଯିବ ତାହା ଧାର୍ଯ୍ୟ କରନ୍ତୁ। ବାହାରୁ ଆସି ଲୋକେ ଏଭଳି ମନ୍ତବ୍ୟ ଦେଇ ଏମାନେ ଚାଲି ଯାଉଛନ୍ତି। ଆମେ ମହାଯୁତିରେ ଏକାଠି କାମ କରୁଥିଲେ ବି ଦଳର ବିଚାରଧାରା ଭିନ୍ନ ରହିଛି। ଅନ୍ୟ ରାଜ୍ୟରେ ଏପରି ଚାଲୁ ଥାଇପାରେ, କିନ୍ତୁ ମହାରାଷ୍ଟ୍ରରେ ଏହା କାମ କରିବ ନାହିଁ।

## ଅଭିନେତା ଦିଲ୍ଲୀ ଗଣେଶଙ୍କ ପରଲୋକ



ଚେନ୍ନଇ, ୧୦।୧୧ (ଏଜେନ୍ସି): ଲୋକପ୍ରିୟ ଅଭିନେତା ଦିଲ୍ଲୀ ଗଣେଶଙ୍କ ପରଲୋକ ହୋଇଛି। ସେ ଶନିବାର ରାତି ୧୧ଟାରେ ଚେନ୍ନଇରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ୮୦ ବର୍ଷୀୟ ଗଣେଶ ବୟସାଧିକ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପୁଅ ମହାଦେବନ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ରବିବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଗଣେଶଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅଭିନେତା ରାଜନୀକାନ୍ତ, କାର୍ଥି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗଣେଶ ପ୍ରଥମେ ଭାରତୀୟ ବାୟୁସେନା (୧୯୬୪-୭୪)ରେ ଚାକିରି କରିଥିଲେ। ପରେ ଅଭିନୟରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ନିଜ ଜୀବନରେ ତାମିଲ, ତେଲୁଗୁ ଏବଂ ମାଲାୟାଲାମର ୪୦୦ରୁ ଅଧିକ ସିନେମାରେ ଅଭିନୟ କରିଥିଲେ।

### ବିଧାୟକ ପତ୍ନୀଙ୍କ ଗାଡ଼ିର ଚାଲାଣ କାଟିଦେବାରୁ...

# ମହିଳା ଏସ୍‌ପିଙ୍କୁ ରଖେଇ ଦେଲେନି ସରକାର

ସିମ୍‌ଲା, ୧୦।୧୧ (ଏଜେନ୍ସି):

ମନୁଷ୍ୟ ଏକବିଂଶ ଶତାବ୍ଦୀରେ ପାଦ ଦେଲାଣି। ଭାରତ ୭୮ ବର୍ଷ ହେଲା ସ୍ୱାଧୀନତା ପାଇଲାଣି। କେବେଠୁ ଉପନିବେଶ ଶାସନର ଅନ୍ତ ହୋଇଗଲାଣି। ମାତ୍ର ଆଜି ଯାଏଁ ରାଜନେତା ଏହି ପ୍ରଥାରୁ ବାହାରି ପାରୁନାହାନ୍ତି। ନିର୍ବାଚିତ ହୋଇସାରିବା ପରେ ନିଜକୁ ଜନତାଙ୍କ ପ୍ରତିନିଧି ପରିବର୍ତ୍ତେ ମାଲିକ ଭାବୁଛନ୍ତି। ଅଧିକାରୀଙ୍କୁ ଚାକର ପରି ଦେଖୁଛନ୍ତି। ପରିବାର ସଦସ୍ୟ କିମ୍ବା ନିଜେ ନିୟମ ଭାଙ୍ଗିଲେ ଆଇନ ତା ବାଟରେ ଯିବ କହି ଦୋଷ ଝାଡି ଦେଉଛନ୍ତି। ଆଉ କାର୍ଯ୍ୟାନୁଷ୍ଠାନ ନେଲେ ଅଧିକାରୀଙ୍କ ଜୀବନ ଦୁର୍ବିସହ କରିଦେଉଛନ୍ତି। ଏବେ ହିମାଚଳ ପ୍ରଦେଶରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ଗାଏବ ହୋଇଯିବା ମାମଲାର ସିଆଇଡି ତଦନ୍ତ ହେଉଥିବା ଏହି ରାଜ୍ୟରେ ଜଣେ ମହିଳା ଏସ୍‌ପିଙ୍କୁ ସଚ୍ଚୋଟତାର ମୂଲ୍ୟ ଦେବାକୁ ପଡ଼ିଛି। ବେଆଇନ ଖଣି ଖନନ ଅଭିଯୋଗରେ କଂଗ୍ରେସ ବିଧାୟକ ରାଜକୁମାର ଚୌଧୁରୀଙ୍କ ପତ୍ନୀଙ୍କ ଗାଡ଼ିର ଚାଲାଣ କାଟିବା ଏସ୍‌ପିଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ବିଧାୟକ ଉଗ୍ରମୁଖା ହୋଇଯାଇଥିଲେ। ଏସ୍‌ପିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଆଇନ ଅନୁଯାୟୀ କାର୍ଯ୍ୟ କରିବାରୁ ବଦ୍ଦିର ମହିଳା ଏସ୍‌ପି ଇଲ୍‌ମା ଅଫରୋଜଙ୍କୁ ସରକାରଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ବିଧାୟକ ବିଧାନସଭାରେ ମଧ୍ୟ ଏସ୍‌ପିଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେ ଏସ୍‌ପିଙ୍କୁ ସ୍ୱାଧୀକାର ଭଙ୍ଗ ନୋଟିସ୍ ମଧ୍ୟ ପଠାଇ ଦେଇଛନ୍ତି। ଏ ସବୁ ସତ୍ତ୍ୱେ ଏସ୍‌ପି ଇଲ୍‌ମା ନଇଁ ଯାଇ ନ ଥିଲେ। ବିଧାୟକ କିମ୍ବା ସରକାରଙ୍କୁ କ୍ଷମା ମାଗି ନ ଥିଲେ। ସେ ଅଚାନକ ନିଜ ସରକାରୀ ବାସଭବନ ଖାଲି କରି ମାଆଙ୍କ ସହ ପଳାଇ ଥିଲେ। ଏହା ପୂର୍ବରୁ ନିଜ ଦାୟିତ୍ୱ ଏଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଇଲ୍‌ମା ଉତ୍ତର ପ୍ରଦେଶ ମୁରାଦାବାଦର ବାସିନ୍ଦା। ସେ ନିଜ ଘରକୁ ଚାଲି ଯାଇଥିବା କୁହାଯାଉଛି।



ସୂଚନା ଅନୁଯାୟୀ ଜଣେ ସ୍କ୍ରାପ ବ୍ୟବସାୟୀଙ୍କ ମାମଲାରେ ମଧ୍ୟ ଇଲ୍‌ମାଙ୍କ ଉପରେ ବଡ଼ ଅଧିକାରୀ ଏବଂ ନେତାମାନେ ଚାପ ପକାଇ ଥିଲେ। ଗତ ବୁଧବାର ମୁଖ୍ୟମନ୍ତ୍ରୀ ସୁଖୁବିନ୍ଦର ସୁଖୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସହ ବୈଠକ କରିଥିଲେ। ଏହି ବୈଠକରେ ଇଲ୍‌ମା ଯୋଗ ଦେଇଥିଲେ। ଏଠାରେ ସେ କ୍ଷମତାସୀନ ଦଳର ନେତା ଏବଂ ପୁଲିସ ଅଧିକାରୀଙ୍କୁ ଭେଟି ଥିଲେ। ସେହି ଦିନ ହିଁ ସେ ବଦ୍ଦି ଫେରି ଆସିଥିଲେ। ରାତିରେ ଜିନିଷ ପତ୍ର ବାନ୍ଧି ସକାଳେ ବାସଭବନ ଖାଲି କରି ପଳାଇ ଥିଲେ। ରିପୋର୍ଟ ଅନୁଯାୟୀ ବଦ୍ଦିରେ ଏକ ଗୁଳିକାଣ୍ଡ ଘଟିଥିଲା। ଏଥିରେ ସ୍କ୍ରାପ ବ୍ୟବସାୟୀ ରାମକିଶନଙ୍କ ବୁଲେଟପ୍ରୁଫ୍ ଗାଡ଼ି ଉପରେ ଗୁଳିମାଡ଼ କରାଯାଇଥିଲା। ଇଲ୍‌ମା ଏହି ମାମଲାର ଯାଞ୍ଚ କରୁଥିଲେ। ବନ୍ଧୁକ ଲାଇସେନ୍ସ ପାଇଁ ରାମକିଶନ ଜାଣିଶୁଣି ନିଜ ଉପରେ ଏହି ଗୁଳିମାଡ଼ କରାଇଥିବା ତଦନ୍ତରୁ ଜଣା ପଡ଼ିଥିଲା। ସେ ପୁଲିସକୁ ସର୍ବଭାରତୀୟ ଗନ୍ ଲାଇସେନ୍ସ ଦାବି କରୁଥିଲେ। କିନ୍ତୁ ପୁରୁଣା ରେକର୍ଡ ଯୋଗୁଁ ତାଙ୍କୁ ମଞ୍ଜୁରି ଦିଆଯାଇ ନ ଥିଲା। ଏଥିପାଇଁ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ସେ କଂଗ୍ରେସ ନେତାଙ୍କ ଘନିଷ୍ଠ। ତେଣୁ ମାମଲା ହଟାଇବା ପାଇଁ ଏସ୍‌ପିଙ୍କ ଉପରେ ଚାପ ପକା ଯାଉଥିଲା। କିନ୍ତୁ ସେ ନଇଁ ନ ଥିଲେ। ଏହି ମାମଲା ସିମ୍‌ଲାରେ ପହଞ୍ଚି ଯାଇଥିଲା। ବରିଷ୍ଠ ଅଧିକାରୀଙ୍କ ଚାପ ମଧ୍ୟ କାମ ଦେଇ ନ ଥିଲା। ଇଲ୍‌ମା ଏହାର ତଦନ୍ତ ବନ୍ଦ କରିବାକୁ ମନା କରି ଦେଇଥିଲେ।

ସେହିପରି ବିଧାୟକଙ୍କ ସହ ବିବାଦ ପରେ ମହିଳା ଏସ୍‌ପିଙ୍କ ବଦଳି ପାଇଁ ଯୋଜନା କରାଯାଇଥିଲା। ମାତ୍ର ସେତେବେଳେ ନାଲାଗଡ଼ ଯୌନ ଉତ୍ପୀଡ଼ନ ମାମଲା ସାମ୍‌ନାକୁ ଆସିଥିଲା। ହାଇକୋର୍ଟ ଏହି ମାମଲାର ତଦନ୍ତ ଦାୟିତ୍ୱ ଇଲ୍‌ମାଙ୍କୁ ପ୍ରଦାନ କରିଥିଲେ।

## ଅପହରଣ କରି ଟଙ୍କା ମାଗିଲେ ପ୍ରେମିକା

**ମାତିଛନ୍ତି ଡେଟିଂ ଗ୍ୟାଙ୍ଗ୍**

ଲକ୍ଷ୍ନୌ, ୧୦।୧୧ (ଏଜେନ୍ସି): ଅନ୍ଧ ପରି ଭଲ ପାଉଥିଲେ। ପ୍ରେମିକା ଯାହା କହିଲେ ତାହାକୁ ଭରସା କରିନେଲେ। ଡେଟିଂ ପାଇଁ ଡାକିବାରୁ ଆଗପଛ ନ ଭାବି ଚାଲି ଯାଇଥିଲେ। ଆଉ ଏହାର ସୁଯୋଗ ନେଇ ପ୍ରେମିକା ପ୍ରେମୀକୁ ଅପହରଣ କରି ନେଇଥିଲେ। ପରେ ବ୍ଲାକମେଲିଂ କରିଥିଲେ। ଘରକୁ ଫୋନ୍ କରି ପୁଅକୁ ଛାଡ଼ିବା ପାଇଁ ୩ ଲକ୍ଷ ଟଙ୍କା ମାଗିଥିଲେ। ଉତ୍ତରପ୍ରଦେଶ ଲଳିତପୁରର ଏହି ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ଏହି ମାମଲାରେ ଜଣେ ମହିଳାଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି। ସମସ୍ତେ ଗୋଟିଏ ଗ୍ୟାଙ୍ଗର ସଦସ୍ୟ। ଏମାନେ ଯୁବକଙ୍କୁ ଭୂଆଁ ବୁଲାଇ ଟଙ୍କା ଲୁଟି ନେଇଥାନ୍ତି। ଏଥିପାଇଁ ଏହି ଗ୍ୟାଙ୍ଗରେ ଅନେକ ମହିଳାଙ୍କୁ ସାମିଲ କରାଯାଇଛି। ମହିଳା ଆଗ ଅଜଣା ନମ୍ବରରେ ଫୋନ୍ କରି ଯୁବକଙ୍କ ସହ କଥା ହୋଇଥାନ୍ତି। ପ୍ରେମରେ ଫସିବା ପରେ ଦେଖା କରିବାକୁ ଡାକି ଟଙ୍କା ମାଗିଥାନ୍ତି। ଏହାକୁ ଡେଟିଂ ଗ୍ୟାଙ୍ଗ କୁହାଯାଉଛି।

ପୁଲିସ ସୂଚନା ଅନୁଯାୟୀ ଲଳିତପୁରର ୫୦ ବର୍ଷୀୟ ଲାଲୁ ଚୌବେ ଏହି ଅଜଣା ମହିଳାଙ୍କ ପ୍ରେମରେ ପଡ଼ି ତାଙ୍କ କଥାରେ ଝାନ୍‌ସୀ



ପଳାଇ ଥିଲେ। ଏଠାରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସହ ମିଶି ମହିଳା ତାଙ୍କୁ ଅପହରଣ କରି ନେଇଥିଲେ। ପରେ ଚୌବେଙ୍କ ପୁଅକୁ ଫୋନ୍ କରି ଟଙ୍କା ମାଗିଥିଲେ। ଲକ୍ଷେ ଟଙ୍କା ଦେବା ସତ୍ତ୍ୱେ ଛାଡ଼ି ନ ଥିଲେ। ପୁଅ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଚୌବେଙ୍କ ପୁଅର ପରିଚୟ ଦେଇ ପୁଲିସ ଲାଲୁଙ୍କୁ ଶନିବାର ଉଦ୍ଧାର କରିଥିଲା। ମାମଲାରେ କିରନ (୩୫), ଅଖିଳେଶ ଅହିରୱାର (୩୦) ଏବଂ ସତୀଶ ସିଂହ ବୁନ୍ଦେଲା (୨୭)କୁ ଗିରଫ କରାଯାଇଥିଲା।

### ଜିଲ୍ଲାସ୍ତରୀୟ ଖାଦ୍ୟ ମେଳା ଓ ପ୍ରଦର୍ଶନୀ

# 'ପାରମ୍ପରିକ ଖାଦ୍ୟ ପୌଷ୍ଟିକତତ୍ତ୍ୱରେ ଭରପୂର'





କେନ୍ଦ୍ରାପଡ଼ା,୧୦।୧୧(ସମିସ): ଚଳିତ ବର୍ଷ ମାଣ୍ଡିଆ ଦିବସ ପାଳନ ପରିପେକ୍ଷୀରେ କେନ୍ଦ୍ରାପଡ଼ା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରବିବାର ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଅୟୋଜିତ ହୋଇଯାଇଛି। ଓଡ଼ିଶାର ପାରମ୍ପରିକ ଖାଦ୍ୟ ଐତିହ୍ୟ ସହିତ ଜଡ଼ିତ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଓ ଖାଦ୍ୟ ସଂସ୍କୃତିରେ ପାରମ୍ପରିକ ଖାଦ୍ୟକୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମହାକାଳପଡ଼ାର ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଅରବିନ୍ଦ ଦାସ, ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ, ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅଧିକାରୀ, କେନ୍ଦ୍ରାପଡ଼ା କୃଷି ଜିଲ୍ଲା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ଜଳନ ଓ ବଳଦେବଜୀଉଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ୧ ନଭେମ୍ବର ଠାରୁ ଏକ ସଚେତନତା ରଥ କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ପରିକ୍ରମା କରି ପାରମ୍ପରିକ ଖାଦ୍ୟକୁ ଆମ ଖାଦ୍ୟ ସଂସ୍କୃତିରେ ସାମିଲ କରିବା ନିମନ୍ତେ ସଚେତନ କରାଉଥିଲା। ମାଣ୍ଡିଆରେ ଲୌହସାର, ପୁଷ୍ଟିସାର ଅଧିକ ଥିବାରୁ ଏହାକୁ ଆମେ ବ୍ୟବହାର କଲେ ଶରୀରର ପୌଷ୍ଟିକ ତତ୍ତ୍ୱର ଅଭାବ ରହିବ ନାହିଁ । ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟ ସମ୍ପର୍କରେ କେନ୍ଦ୍ରାପଡ଼ାର ଇଚ୍ଛାପୁର ସରକାରୀ ହାଇସ୍କୁଲ ଓ ଡେରାବିଶ ବ୍ଲକର ସୁଦର୍ଶନ ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ) ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ୨୨ ଜଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆମେ ଯେଉଁ ପୁରାତନ ଖାଦ୍ୟକୁ ଆମ ଖାଦ୍ୟ ସଂସ୍କୃତି ଠାରୁ ଦୂରେଇ ଦେଇଛୁ, ତାକୁ ପୁଣି ଥରେ ଖାଦ୍ୟରେ ସାମିଲ କଲେ ଆମ ଶରୀର ପୌଷ୍ଟିକତତ୍ତ୍ୱରେ ଭରପୁର ହେବ ଏବଂ କୃଷି ଓ କୃଷକ ସଶକ୍ତିକରଣରେ ସାହାର୍ଯ୍ୟ କରିବା - ତା ଉପରେ ଏକ ହୃଦୟସ୍ପର୍ଶୀ ଆଲୋଚନା ବରିଷ୍ଠ ତଥା ଅଭିଜ୍ଞ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ଜିଲ୍ଲାର ୬ଜଣ ଶ୍ରେଷ୍ଠ ବିବଚିତା କୃଷକଙ୍କୁ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ହେମନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ଓ ବ୍ଲକ କୃଷି ଅଧିକାରୀ ଓ କର୍ମକର୍ତ୍ତା, ଛାତ୍ରଛାତ୍ରୀ, କୃଷକ, ବିଭିନ୍ନ ଗଣମାଧମର ପ୍ରତିନିଧି ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମକୁ ସ୍ୱାଗତ

ମଣିଜଙ୍ଗା, ୧୦।୧୧ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଧୁଁପୁରୁ ଠାରୁ ଗାଇଙ୍ଗ ପର୍ଯ୍ୟନ୍ତ ରାସ୍ତା ଦୀର୍ଘ ଦିନ ଧରି ଅବହେଳିତ ହୋଇ ପଡ଼ି ରହିଥିଲା। ଯାତାୟତରେ ଘୋର ଅସୁବିଧା ହେଉଥିଲା। ଆରଡି ବିଭାଗ ଏହି ରାସ୍ତା କାମ ହାତକୁ ନେଇ ଧୁଁପୁରୁ ଠାରୁ ଗାଇଙ୍ଗ ପର୍ଯ୍ୟନ୍ତ କରୁଛି। ଏଥିପାଇଁ ସୁଶାନ୍ତ କୁମାର ନାୟକ କୃତଜ୍ଞତା ଜଣାଇଛନ୍ତି। ଏହି ରାସ୍ତା ହେବା ଦ୍ୱାରା ଅଞ୍ଚଳର ଜନସାଧାରଣ ଗମନାଗମନରେ ସୁବିଧା ପାଇ ପାରିବେ। ଆରଡି ବିଭାଗର ସହକାରୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର ନାଥ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାମ ଚାଲୁଛି। ଏଥିପାଇଁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

## ଓଡ଼ିଆ ବିଭାଗ ଆଲମୁନି ବୈଠକ



ପଟ୍ଟାମୁଣ୍ଡାଇ,୧୦।୧୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ଆଲମୁନି ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ପୁରାତନ ଛାତ୍ରଛାତ୍ରୀ ପ୍ରକାଶ ବେହେରା,ଶୋଭନ ମହାନ୍ତି, ବିଶ୍ୱଜିତ ବେହେରା,ସୁଶାନ୍ତ ବେହେରା, ରମାକାନ୍ତ ସେଠୀ, ନମିତା ପାଢ଼ୀ,ସରସ୍ୱତୀ ମଲିକ, ଦିବ୍ୟଜ୍ୟୋତି ପ୍ରଧାନ, ସ୍ମୃତିପ୍ରିୟା ପ୍ରଧାନ ଅନୁସୂୟା ଦାସ ପ୍ରମୁଖ କଲେଜ ଜୀବନର ସ୍ମୃତି ଚାରଣ କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ନିବେଦନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ ସ୍ୱାଗତଭାଷଣ ଓ ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଚିନ୍ମୟ ସାମଲ ବିଭାଗର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପିକା ଶାନ୍ତି ସିଂ ଧନ୍ୟବାଦ ଦେଇଥିଲେ।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କଲେ ଶିଳ୍ପ ମନ୍ତ୍ରୀ



ପାରାଦୀପ,୧୦।୧୧(ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ଅଧୀନ ପାରାଦୀପଗଡ଼ରେ ନବନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ର-୨କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏଠାରେ ଦୀର୍ଘ ବର୍ଷ ହେବ ଏକ ଭଗ୍ନ ଗୃହରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଚାଲି ଆସୁଥିଲା। ପାରାଦୀପଗଡ ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ନୂତନ ଗୃହ ନିର୍ମାଣ କରିବା ପାଇଁ ଓ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବାକୁ ଦାବି କରି ଆସୁଥିଲେ। ସରକାର ପରିବର୍ତ୍ତନ ହେବା ପରେ ସରପଞ୍ଚଙ୍କ ଦାବି ଅନୁସାରେ ସରକାର ଉକ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କରିଛନ୍ତି। ଆଜି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗ ଦେଇ ଉକ୍ତ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦଘାଟନ କରିବା ସହିତ ପାରିପାର୍ଶ୍ୱିକ ଅବସ୍ଥା ଓ ଏ ଅଞ୍ଚଳରେ ଦୃତ ଲୋକ ସଂଖ୍ୟା ବୃଦ୍ଧିକୁ ଦେଖି ଖୁବ୍ ଶୀଘ୍ର ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶ୍ରୀମତି ସସ୍ମିତା ବେହେରା ଯୋଗ ଦେଇଥିଲେ। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶିବ ପ୍ରସାଦ ସେଠୀ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନୁ ନାୟକ, ମହିଳା ସ୍ୱାସ୍ଥ୍ୟ କର୍ମୀ ନଳିନୀପ୍ରଭା ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରିୟଦର୍ଶୀ ଅଶୋକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପାରାଦୀପ ଗଡ଼ ଅଙ୍ଗନବାଡି କେନ୍ଦ୍ର-୨ କୁ ମଧ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ସରକାର ବଦଳିବା ପରେ ପାରାଦୀପଗଡ଼ ଗ୍ରାମ ପଞ୍ଚାୟତ ଦୃତ ବିକାଶ ପଥରେ ଆଗେଇ ଚାଲିଛି। ଯେହେତୁ ମନ୍ତ୍ରୀ ଏହି ପାରାଦୀପ ଗଡର ପୁଅ ଅଟନ୍ତି, ତେଣୁ ଆଗାମୀ ଦିନରେ ପଞ୍ଚାୟତ ପୂର୍ଣ୍ଣ ବିକଶିତ ପଞ୍ଚାୟତରେ ପରିଣତ ହେବ ବୋଲି ସରପଞ୍ଚ ଶ୍ରୀମତି ବେହେରା ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ମହାପାତ୍ର, ବିଷ୍ଣୁ ଚରଣ ସାହୁ, ଧନେଶ୍ୱର ସାହୁ, ସନ୍ତୋଷ ଦୋରା, ନିରଞ୍ଜନ ପରିଡ଼ା, ଚନ୍ଦ୍ରକାନ୍ତ ସ୍ୱାଇଁ, ସଂଗ୍ରାମ ବେହେରା, ଜୟନ୍ତ ସେନାପତି, ରାଜେନ୍ଦ୍ର ବେହେରା, ପ୍ରଭାତ ସାହୁ, ଏମ୍‌ବିକେ କଳ୍ପନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନେମ୍ବାରାରେ ରକ୍ତଦାନ ଶିବିର

ମାର୍ଶାଘାଇ,୧୦।୧୧(ସମିସ): ମାର୍ଶାଘାଇ ବ୍ଲକ କୁହୁଡ଼ି ଗ୍ରାମପଞ୍ଚାୟତ ନେମ୍ବାରା ଗ୍ରାମରେ ବଜରଙ୍ଗ ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମୁଖ୍ୟ ଅତିଥି ରୂପେ ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରକ୍ତଦାନ କରିବା ଦ୍ୱାରା ଅନେକ ଜୀବନ ରକ୍ଷା ହୋଇପାରୁଛି ଏବଂ ଏହା ଶରୀରକୁ ସୁସ୍ଥ ରଖିବାରେ ମଧ ସହାୟକ ହେଉଛି ବୋଲି କହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ପ୍ରମୁଖ ଗୋପୀନାଥ ତ୍ରିପାଠୀ, କାହ୍ନୁ ଚରଣ ପରିଡା, ବୀରେନ୍ଦ୍ର ସାମଲ. ଲକ୍ଷ୍ମଣ ମଳିକ, ସତ୍ୟପ୍ରିୟ ଜେନା, ଅଜୟ ବାରିକ, ଚିତ୍ତରଞ୍ଜନ କବି, ସାର୍ଥକ ପରିଜା, ଗୟାଚାନ୍ଦ ପରିଡା, ମୀନକେତନ ଖୁଣ୍ଟିଆ, ଷ୍ଟାଲିନ ପରିଡା ପ୍ରକାଶ ଦାସ, ପ୍ରଶାନ୍ତ ସେଠୀ, ସରୋଜ ପରିଡ଼ା, କୁମର ମହାନ୍ତି, ଅଲେଖ ପ୍ରଧାନ, ଉମାକାନ୍ତ ଦାସ, ଚନ୍ଦ୍ରକାନ୍ତ ସ୍ୱାଇଁ, ସତ୍ୟରମାକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ପୁଣି ପ୍ରକୃତି ମିତ୍ର ପୁରସ୍କାର



ପାରାଦୀପ, ୧୦।୧୧(ସମିସ): ଚଳିତ ବର୍ଷ ପାଇଁ ପାରାଦୀପର ଅଗ୍ରଣୀ ପରିବେଶଧର୍ମି ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ପରିଷଦକୁ ଦ୍ୱିତୀୟ ଥର ପାଇଁ ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ହେନ୍ତାଳ ବଣ ସୃଷ୍ଟି ନିମନ୍ତେ ଦ୍ୱିତୀୟ ଥର ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜଗତସିଂହପୁର ଜିଲ୍ଲା ପରିବେଶ ସମିତି ଦ୍ୱାରା ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ ୨୦୧୬ ମସିହାରେ ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦ ପକ୍ଷରୁ ପାରାଦୀପଗଡ, ନରେନ୍ଦ୍ରପୁର, ଉଛବାନନ୍ଦପୁର ଡିଆ, କେନ୍ଦ୍ରାପଡା ଜିଲ୍ଲାର ଖୁରୁସିଆ ପ୍ରଭୃତି ସ୍ଥାନରେ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ଅବବାହିକାରେ ଦୀର୍ଘ ବର୍ଷ ଧରିବ୍ୟାପକ ହେନ୍ତାଳ ବଣ ସୃଷ୍ଟି କରି ସର୍ବସାଧାରଣରେ ପ୍ରଶଂସିତ ହୋଇଛି। ଆଗାମୀ ଦିନରେ ଆହୁରି ଅଧିକ କାମ କରିବାକୁ ଏହି ସମ୍ମାନ ଆମକୁ ପ୍ରେରଣା ଯୋଗାଇ ଦେବ ବୋଲି ଅନୁଷ୍ଠାନର ସଭାପତି ଅଶୋକ ମାଝୀ ଓ ସମ୍ପାଦକ ଦିଲ୍ଲୀପ କୁମାର ପଲାଇ କହିଛନ୍ତି। ପରିଷଦ ପକ୍ଷରୁ ବରିଷ୍ଠ ସଭ୍ୟ ଇଂ.ଶୁକଦେବ ତରେଇ,ଅରବିନ୍ଦ ସ୍ୱାଇଁ, ଦୀପକ ପରିଡା, ଜିତେନ୍ଦ୍ର ପ୍ରସାଦ ସାମଲ, ଅଭିଜିତ ପଲାଇ, ବିପିନା ବେହେରା, ଯଶୋବନ୍ତ ନାୟକ, କାଳିଆ ମହାପାତ୍ର, ସୁମନ ସାହୁ, ଗ୍ରାମର ମୁରବୀ ପରିକ୍ଷିତ ସାମଲ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ।

## ଛତ୍ରମଠରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ତିର୍ତ୍ତୋଲ, ୧୦।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବନବିହାରୀ ସଂସ୍କୃତି ଓ ସେବା ସମିତି ଆନୁକୁଲ୍ୟରେ ଶ୍ରୀରାମ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟ ସହଯୋଗରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଛତ୍ରମଠସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଓ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ତାହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ରବୀନ୍ଦ୍ରନାଥ ମିଶ୍ର ତାଙ୍କ ବକ୍ତବ୍ୟରେ ସମାଜର ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନରେ ସାମିଲ ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷକ ମହାବିଦ୍ୟାଳୟ ଓ ଚିକିତ୍ସାଳୟର କୁଳ ସଚିବ ଡ.ଅବିନାଶ ରାଉତ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନିୟମିତ ରକ୍ତଦାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ରକ୍ତଦାତା ମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅତିଥି ସେବା ସମିତିର ସଭାପତି ବିଜୟ କୁମାର ଦତ୍ତ, ସ୍ୱରସ୍ୱତୀ ଶିଶୁ ମନ୍ଦିର ସଭାପତି ଧୁନଚନ୍ଦ୍ର ସେନାପତି, କଟକ ବିଭାଗ ସମ୍ପର୍କ ପ୍ରମୁଖ ଦୁର୍ଗାଚରଣ ବେହେରା, ସମିତିର କୋଷାଧକ୍ଷ ଧରଣୀଧର ସାହୁ, ମଳୟ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଶିବିରରେ ପହଞ୍ଚି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମିତିର ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ଶିବିରକୁ ପରିଚାଳନା କରିଥିବାବେଳେ ନିରଞ୍ଜନ ଦାସ, ବାବାଜୀ ବେହେରା, ନାରାୟଣ ନନ୍ଦ, ଶିକ୍ଷକ କୈଳାସ ନନ୍ଦ, ବିରେନ୍ଦ୍ର ଦାସ, ଚୌ,ବିଜୟ ସୂତାର, ଶିବପ୍ରସାଦ ସାହୁ, ଦେବୀପ୍ରସାଦ ତ୍ରିପାଠୀ, ୧୯୯୧ ବ୍ୟାଚର ଶାରଦା ଏକାଡେମୀର ବିଦ୍ୟାର୍ଥୀ, ସ୍ୱରସ୍ୱତୀ ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜ ଚିକିତ୍ସାଳୟର ଡାକ୍ତର ଟିମ ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୯୭ ୟୁନିଟ ରକ୍ତ ସଂଗହ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ, ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ସାମିଲ ହୋଇ ରକ୍ତଦାନ କରିଥିଲେ। ମାନସ ବୈଶାଲ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଧୋୟାଞ୍ଚଳରେ ବିଜେଡି ଜନସମ୍ପର୍କ ପଦଯାତ୍ରା



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୦।୧୧(ସମିସ): କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅଳପୁଆ ମା' ଧାନେଶ୍ୱରୀ ପୀଠରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ପ୍ରାକ୍ତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ,ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ, ରବୀନ୍ଦ୍ର ପରିଡା, ସୁକାନ୍ତ ରାଉତ, ଚନ୍ଦନ ସାହୁ, ସର ପଞ୍ଚ ପଦ୍ମିନୀ ବେହେରା, ଦେବବ୍ରତ ନାୟକ, ସମିତିସଭ୍ୟ ଅଭୟ ସ୍ୱାଇଁ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ, ପୂର୍ବତନ ସରପଞ୍ଚ କୈଳାଶ ସେଠୀ, ସଂଜୀବ ମଲ୍ଲିକ, ଅଣ୍ଡରା ସୋସାଇଟି ସଭାପତି ବୃନ୍ଦାବନ ମଲ୍ଲିକ, ବଡ଼ ମୂଳବସନ୍ତ ସୋସାଇଟି ସଭାପତି ସଞ୍ଜୟ ଲେଙ୍କା, ହିମାଂଶୁ ବିଶ୍ୱାଳ, ଅଭିଷେକ ବିଶ୍ୱାଳ, ଜ୍ୟୋତି ରଞ୍ଜନ ପ୍ରଧାନ, କେଦାରନାଥ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମେଶ ମହାନ୍ତି ମଳୟ ମଳିକ, ବିଜୟ ମଲ୍ଲିକ, ଗଣେଶ ମଲ୍ଲିକ,ସରୋଜ କୁମାର ମଲ୍ଲିକ, କୁଳମଣି ମଳିକ,ସିଦ୍ଧାର୍ଥ ଦାସ, ଅଭୟ ଜେନା, ତପରଞ୍ଜନ ବେହେରା, ସୁରେନ୍ଦ୍ର ମଳିକ, ବିଶ୍ୱଜିତ ମହାନ୍ତି, ପ୍ରଭାଷ ରାଉତ, ସୌମ୍ୟରଞ୍ଜନ ସାହୁ, ପ୍ରଭାତ ରାଉତ, ସୌମେନ୍ଦ୍ର ନାୟକ, ପ୍ରବୋଧ ଖଣ୍ଡାୟୀ, ଚାନ୍ଦ ମହାଳିକ, ବିମଳ ଖଣ୍ଡାୟୀ, ବୈକୁଣ୍ଠ ସେନାପତି ପ୍ରମୁଖ ୧୫ନଂ ଓ ୧୬ନଂ ଜୋନର ବହୁ ବିଜେଡି ନେତା କର୍ମକର୍ତ୍ତା ଓ ପ୍ରମୁଖ ଛାମୁଆ କର୍ମୀ ସାମିଲ ହୋଇ ଅଳପୁଆ, ତରଡ଼ିପାଳ, ପେଣ୍ଟପାଳ କୃଷ୍ଣଦାସପୁର, ଅଣ୍ଡରା,ଅମୃତ ମଣୋହ ଆଦି ବିଭିନ୍ନ ଅଂଚଳରେ ପଦଯାତ୍ରା କରିବା ପରେ ବଲୁରିଆ ମହାଦେବ ମନ୍ଦିର ନିକଟରେ ପହଞ୍ଚିବା ପରେ ପଦଯାତ୍ରା ଶେଷ ହୋଇଥିଲା ।

### ନାମକୁମାତ୍ର ଦୁର୍ନୀତି ନିବାରଣ ସପ୍ତାହ ପାଳନ

# ରାଜକନିକା ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ

ରାଜକନିକା,୧୦।୧୧(ସମିସ): ଅଧିକାଂଶ ସମୟରେ ବିବାଦରେ ରହି ଆସିଛି ରାଜକନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ। କୋମଳମତି ଶିଶୁ ,ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଛତୁଆ ପ୍ରଦାନ ନାଁରେ ଅଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଦୀର୍ଘଦିନ ଧରି ଏହି ଅଭିଯୋଗ ପରେ ବି ଛତୁଆ ପ୍ରସ୍ତୁତକାରୀ ଦୁଇ ସଂସ୍ଥା ଏଥିପ୍ରତି ଆଦୌ କର୍ଣ୍ଣପାତ କରୁ ନାହାନ୍ତି। ଏହି ନିମ୍ନମାନର ଛତୁଆ ପ୍ରସ୍ତୁତିରେ ବର୍ଷ ବର୍ଷ ଧରି ଅନିୟମିତତା ହେଉ ଥିବା ନେଇ ବି ଚର୍ଚ୍ଚା ହେଉଥିଲେ ବି ଏହାର କୌଣସି ପ୍ରଭାବ ପଡୁନାହିଁ। ସୂଚନା ଅନୁସାରେ ଗତ ବିଧାନସଭା କାର୍ଯ୍ୟକାଳରେ ଏହି ଛତୁଆ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମଗ୍ର ରାଜ୍ୟରେ ଛତୁଆର ମାନ ଉପରେ ପ୍ରଶ୍ନ ବି ଉଠିଥିଲା। ରାଜ୍ୟବ୍ୟାସୀ ଆଶା ରଖିଥିଲେ ନୂଆ ସରକାର ଏଥିପ୍ରତି ବେଶ୍ ଯତ୍ନବାନ ହେବେ। ହେଲେ ରାଜକନିକା ବ୍ଲକରେ ଏହାର ଖୁଲମଖୁଲା ବ୍ୟତିକ୍ରମ ଦେଖା ଦେଇଛି। ଛତୁଆ ପ୍ରସ୍ତୁତ କରୁଥିବା ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁ ଛତୁଆ ପ୍ରସ୍ତୁତି କରୁଛନ୍ତି,ସେଥିରେ ବ୍ୟାପକ ହେରଫେର ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଛତୁଆରେ ଆବଶ୍ୟକ ବାଦାମ, ବୁଟ ପଡୁ ନ ଥିବାରୁ ଛତୁଆର ମାନ ଠିକ୍ ରହୁନାହିଁ। ଏମିତିକି ଛତୁଆରୁ ଚୋକଡ ବାହାରୁ ଥିବା ଦେଖା ଯାଇଛି। ସରକାରୀ ଗାଇଡ୍ ଲାଇନ୍ ଅନୁସାରେ ପ୍ରତି କ୍ୱିଣ୍ଟାଲ ଭଜା ହୋଇଥିବା ଗହମରେ ୨୦ କେଜି ବୁଟ, ୧୫ କେଜି ବାଦାମ ଓ ଆବଶ୍ୟକତା ଅନୁଯାୟୀ ଚିନି ମିଶ୍ରଣ କରାଯିବାର ବ୍ୟବସ୍ଥା ରହିଛି।ହେଲେ ତାହା ନ କରି ନାମକୁ ମାତ୍ର ବାଦାମ ଆଉ ଶୋଲା ଛିଞ୍ଚି ଦେଇ ମିଶ୍ରଣ କରୁଥିବାରୁ ଛତୁଆର ମାନ ଠିକ୍ ରହୁନାହିଁ। ପ୍ରତି ମାସରେ ୨୧୫ ଅଙ୍ଗନବାଡ଼ି କେନ୍ଦ୍ରର ଏଗାର ହଜାରଠାରୁ ବେଶୀ କୋମଳମତି ଶିଶୁ ଓ ଶହ ଶହ ଗର୍ଭବତୀ, ପ୍ରସୂତିଙ୍କୁ ପୁଷ୍ଟିକର ଛତୁଆ ପ୍ରଦାନ କରାଯାଉଛି। କିନ୍ତୁ ଚକିତ କଲାଭଳି କଥା ହେଉଛ ଏହି ଛତୁଆ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ପ୍ରତି ମାସରେ ପ୍ରସ୍ତୁତ ହେଉଥିବା ଛତୁଆର ଯେଉଁ ସାମ୍ପଲ ଜିଲ୍ଲାକୁ ଯିବ, ସେହି ଅଳ୍ପ ପରିମାଣର ଛତୁଆକୁ ପ୍ରସ୍ତୁତ କରି ପ୍ୟାକେଟ କରିବା ପରେ ଆରମ୍ଭ ହୋଇଯାଏ ଅପମିଶ୍ରଣ। ଖୋଦ ବ୍ଲକ ମିଶନ ଶକ୍ତି ପ୍ରୋଜେକ୍ଟ କୋ-ଅର୍ଡିନେଟର ଓ ଅଙ୍ଗନବାଡି ସୁପରଭାଇଜରଙ୍କ ଉପସ୍ଥିତି ଓ ଦସ୍ତଖତରେ ଛତୁଆ ପ୍ରସ୍ତୁତି ହେବା କୁହା ଗଲେ ବି ଏ ଦୁହେଁ ସେଦିନ ମଟନ ମିଲ ଖାଇ ୨ ହଜାର ଟଙ୍କା ଧରି ଫେରି ଆସୁଥିବା ଛତୁଆ ପ୍ରସ୍ତୁତ କରୁଥିବା ମହିଳା ଶ୍ରମିକ କହିଛନ୍ତି। ଆମ ହାତରେ ଏଭଳି ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଛୁ ଯେ ଆମ ପିଲାଙ୍କୁ ମଧ୍ୟ ଏହି ଛତୁଆ ଦେବାକୁ ଆମେ ଉଚିତ ମନୁନାହିଁ ବୋଲି ଜଣେ ମହିଳା ଶ୍ରମିକ କହିଛନ୍ତି। ପ୍ରସ୍ତୁତ ଛତୁଆର ଆଦୌ ମାନ ସଠିକ୍ ନ ଥିବା ବେଳେ ଏଭଳି ଛତୁଆ କୋମଳମତି ଶିଶୁ ଆଉ ଗର୍ଭବତୀ, ପ୍ରସୂତିଙ୍କ ପାଇଁ ମଧ ଅଖାଦ୍ୟ ପାଲଟିଛି। ଯଦି ଏହିସବୁ ଛତୁଆକୁ ତଦନ୍ତ ପରିସରଭୁକ୍ତ କରାଯାଇ ପାରନ୍ତା, ତେବେ ପ୍ରସ୍ତୁତକାରୀ ସଂସ୍ଥାର ଅସଲ ମୁଖା ପଦାରେ ପଡିପାରନ୍ତା ବୋଲି ଚର୍ଚ୍ଚା ବି ହେଉଛି। ପ୍ରତି ମାସରେ ମିଳୁଥିବା ଏହି ଛତୁଆକୁ ହିତାଧିକାରୀ ବାଧ ହୋଇ ମାତ୍ର କୋଡିଏ ଟଙ୍କାରେ ଗୋ-ଚାଷୀଙ୍କୁ ଗାଈଗୋରୁଙ୍କ ଖାଦ୍ୟ ପାଇଁ ବିକ୍ରି କରୁଥିବାର ଜଣାପଡ଼ିଛି। ଏଭଳି ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଥିବାରୁ ଦୁଇ ସଂସ୍ଥା ବିରୋଧରେ ଏହାର ତଦନ୍ତ ହେବାର ଆବଶ୍ୟକତା ଥାଇ ବି ସେମାନଙ୍କୁ ରାଜକନିକା ବିଭାଗୀୟ କାର୍ଯ୍ୟାଳୟ ଘଣ୍ଟ ଘୋଡ଼ାଇ ପ୍ରତ୍ୟକ୍ଷ ଭାବେ ସହାୟତା ଯୋଗାଇ ଆସୁଛି। ଅତି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତୁଆ ପ୍ରସ୍ତୁତିର ପ୍ରାରମ୍ଭିକ ମିଶ୍ରଣ କାର୍ଯ୍ୟ ମାସର ୨୩ ତାରିଖ ଦିନ ହୋଇଥାଏ। ପହିଲା ସୁଦ୍ଧା ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଇ ଦିଆ ଯାଇଥାଏ। ମିଶ୍ରଣ ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ତଦାରଖ କରିବାର ନିୟମ ରହିଛି। ସିସିଟିଭି ପରିସରରେ ମଧ୍ୟ ତମାମ ମିଶ୍ରଣ କାର୍ଯ୍ୟ ହୋଇଥାଏ। କିନ୍ତୁ ଏହି ଦୁଇ ସଂସ୍ଥାଙ୍କ ସିସିଟିଭି କାର୍ଯ୍ୟ କରୁଛି କି ନାହିଁ ତାହା ମଧ୍ୟ ତଦନ୍ତସାପେକ୍ଷ। ଅପରପକ୍ଷେ ତଦାରଖ ଅଧିକାରୀ କିନ୍ତୁ ନିଜ ପକେଟ୍ ଗରମ କରି ଛତୁଆ ପ୍ରସ୍ତୁତ କରୁଥିବା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି ବୋଲି ଅଭିଯୋଗ ହେଉଛି। ଏଭଳି ଧାରା ପ୍ରାୟତଃ ବହୁ ବର୍ଷ ଧରି ଚାଲି ଆସୁଥିଲେ ବି ସାମାନ୍ୟତମ ପରିବର୍ତ୍ତନ ହେଉନାହିଁ। ଚକିତ କଲା ଭଳି କଥା ହେଉଛି ଖୋଦ୍ ବିଭାଗୀୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଛତୁଆର ମାନ ନେଇ ପ୍ରଶ୍ନ ଉଠାଇ ଥିଲେ। ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝି ବି ତମାମ ଦୁର୍ନୀତି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ହେଲେ ରାଜକନିକା ବ୍ଲକର ଏହି ଦୁଇ ସଂସ୍ଥା ସହିତ କାର୍ଯ୍ୟାଳୟ ବି ସରକାରଙ୍କ ନିର୍ଦ୍ଦେଶକୁ ଫୁରେ ଉଡ଼ାଇ ପୂର୍ବଭଳି ଆଖିବୁଜା ଦୁର୍ନୀତିରେ ଲିପ୍ତ ରହିଛନ୍ତି ବୋଲି ଅଭିଯୋଗ ହେଉଛି। କେବଳ ଯେ ନିମ୍ନମାନର ଛତୁଆ ପ୍ରଦାନ କରାଯାଉଛି ତାହା ନୁହେଁ, ସୁଜି, ବାଦାମଲଡୁ, ଖଜୁରୀ କୋଳି, ଖସା ଲଡୁ , ମୁଢି ମସଲାରେ ମଧ ବ୍ୟାପକ ଅନିୟମିତତା ହେଉଛି ବୋଲି ସବୁଠି ଚର୍ଚ୍ଚା ଲାଗି ରହିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ବିଭାଗୀୟ ମନ୍ତ୍ରୀ ସଦୟ ଦୃଷ୍ଟି ଦେଇ ଦୁଇ ଛତୁଆ ପ୍ରସ୍ତୁତକାରୀ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହିତ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହେଉଛି।

**ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀଙ୍କ ପୁଷ୍ଟିସାଧନ କୋମାରେ**

**ବିଭାଗୀୟ ମନ୍ତ୍ରୀଙ୍କ କଥାକୁ ଫୁ...**

## କବିସୂର୍ଯ୍ୟ ବ୍ରହ୍ମା ମଠରେ ରାଧାପାଦ ଦର୍ଶନ ଉତ୍ସବ

ଡେରାବିଶ, ୧୦।୧୧(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ଗ୍ରାମ ସ୍ଥିତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଠର ଇଷ୍ଟ ଦେବୀ ମା' ଶ୍ରୀ ଶ୍ରୀ ରାସେଶ୍ୱରୀ ଦେବୀଙ୍କ ପାଦ ଦର୍ଶନ ଉତ୍ସବ ପାଳିତ ହୋଇଯାଇଛି। ରାଧେବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ରାସେଶ୍ୱରୀ ରସିକରା ନିତ୍ୟସେବା ସମିତି ଆନୁକୂଲ୍ୟରେ ଏବଂ ମଠ ଟ୍ରଷ୍ଟ ସଭା ଦ୍ୱାରା ଏହି ଉତ୍ସବ ପରିଚାଳନା କରାଯାଇଥିଲା। ପ୍ରତ୍ୟୁଷରେ ମା' ରାସେଶ୍ୱରୀ ଦେବୀ ଏବଂ ପ୍ରଭୁ ରସିକରାଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ମଠ ପରିସରରେ ଥିବା ଅଁଳା ବୃକ୍ଷ ନିକଟରେ ବିଶେଷ ପୂଜା କରାଯିବା ପରେ ଅନ୍ନନୀତି ଲାଗି କରାଯାଇ ମା' ରାସେଶ୍ୱରୀ (ରାଧାରାଣୀ)ଙ୍କୁ ଓଡ଼ିଆଣୀ ବେଶ କରାଯାଇ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା। ପରେ ମା' ନାଟ ମନ୍ଦିରରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀପାଦ ଦର୍ଶନ ସହିତ ଭଜନ କାର୍ଯ୍ୟକ୍ରମ ବହୁ ଉଚ୍ଚକୋଟିର କଳାକାରମାନଙ୍କ ଦ୍ୱାରା ପରିବେଶଣ କରାଯାଇଥିଲା। ମଧ୍ୟାହ୍ନ ଆନନ୍ଦ ବଜାର ଖୋଲାଯିବା ପରେ ପ୍ରସାଦ ସେବନ ଆରମ୍ଭ ହୋଇଥିଲା। ମା'ଙ୍କ ଦର୍ଶନ ଓ ଭଜନ କାର୍ଯ୍ୟକ୍ରମ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରାଯିବା ପରେ ମହାସ୍ନାନ କରାଯାଇ ପୁଣି ନୀତିକାନ୍ତି କରାଯାଇଥିଲା। ଏହି ଉତ୍ସବକୁ ନିତ୍ୟସେବା ସଭାପତି ଧୀରେନ ମହାନ୍ତି, ସମ୍ପାଦକ ରଘୁନାଥ ଦାସ, ଟ୍ରଷ୍ଟି ସୁଧୀର ରଞ୍ଜନ ମହାନ୍ତି, ବିଜୟ କୁମାର ନାୟକ, ବାସନ୍ତୀ ସାମଲ, ରାଜେନ୍ଦ୍ର ପ୍ରସାଦ ସିଂ, ବିପିନ ବିହାରୀ ଲାଲ, ରଘୁନାଥ ମଳିକ, ଗୌତମ ମଳିକ, ଆଶିଷ ସୋମ ପ୍ରଭୃତି ପରିଚାଳନା କରିଥିବା ବେଳେ ଉପଦେଷ୍ଟା ମଣ୍ଡଳୀର ଗୁଣନିଧି ତ୍ରିପାଠୀ, କାଞ୍ଚନବାଳା ତ୍ରିପାଠୀ, ଶ୍ରୀନିବାସ ସାହୁ, ଜାନକୀ ବଲ୍ଲଭ ଦାସ, ଦେବେନ୍ଦ୍ରନାଥ ଦାସ, ପ୍ରଦୀପ୍ତ କୁମାର ଦାସ, ଅନାମ ଚରଣ ଦାସ, ବ୍ରଜବନ୍ଧୁ ଦାସ, ବାବାଜୀ ଚରଣ ମଲିକ, ହୃଷିକେଶ ବାରିକ, ବିଜୟ କୁମାର ବଳ, ହେନା ମଞ୍ଜରୀ ତ୍ରିପାଠୀଙ୍କ ସହିତ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ।

**ପ୍ରେମ ନକରିବାରୁ ମହିଳା ୟୁଟ୍ୟୁବରଙ୍କୁ ବଦନାମ କରିବାକୁ ଉଦ୍ୟମ**

## ସୋସିଆଲ ମିଡିଆରେ ବ୍ଲାକ୍‌ମେଲିଂ ଓ ହତ୍ୟା ଧମକ

କେନ୍ଦ୍ରାପଡ଼ା,୧୦।୧୧(ସମିସ): ପ୍ରେମ ନକରିବାରୁ ଜଣେ ମହିଳା ୟୁଟ୍ୟୁବରଙ୍କୁ ବଦନାମ କରାଯାଇଛି। ମହିଳାଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳ ଭିଡିଓ ଆଉ ଫଟୋ ତିଆରି କରି ବିଭିନ୍ନ ସୋସିଆଲ ମିଡ଼ିଆ ସାଇଟରେ ଅପଲୋଡ଼ କରି ବଦନାମ କରୁଛନ୍ତି। ପାଟକୁରା ଥାନାରେ ଏହିଭଳି ଏକ ସାଙ୍ଘାତିକ ଅଭିଯୋଗ ହୋଇଛି। ଜଣେ ପୂର୍ବତନ ଫାଇନାନ୍ସ କର୍ମଚାରୀଙ୍କ ବିରୋଧରେ ମହିଳା ଜଣଙ୍କ ପାଟକୁରା ଥାନାରେ ଏତଲା ଦେବା ସହ ସାଇବର ସେଲରେ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଫାଇନାନ୍ସ କର୍ମଚାରୀ ଜଣଙ୍କ ମହିଳାଙ୍କ ଲୋନର କିସ୍ତି ଆଦାୟ କରିବାକୁ ଆସୁଥିଲେ। ଏହି ସମୟରେ ମହିଳାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଧୀରେ ଧୀରେ ଅତି ନିକଟତର ହେବାକୁ ଚେଷ୍ଟା କରିଥିଲେ। ମନ ଭିତରେ କର୍ମଚାରୀ ଜଣକ ଏକତରଫା ପ୍ରେମ ଆରମ୍ଭ କରିଥିଲେ। ଏହାପରେ ପ୍ରେମ ନିବେଦନ କରିବାରୁ ମହିଳା ଜଣଙ୍କ ମନା କରିଥିଲେ। ପ୍ରେମ ନିବେଦନ କରି ବିଫଳ ହେବା ପରେ ପ୍ରତିଶୋଧ ପରାୟଣ ଯୁବକ ଜଣଙ୍କ ମହିଳାଙ୍କୁ ବ୍ଲାକମେଲିଂ କରିବା ସହ ଫେକ୍ ଇନଷ୍ଟାଗ୍ରାମ ଆଇଡି ଖୋଲି ମହିଳାଙ୍କ ଫଟୋକୁ ଅଶ୍ଳୀଳ ଭାବେ ଏଡିଟିଂ କରି ଅପଲୋଡ଼ କରି ବଦନାମ କରିଥିବା ନେଇ ଅଭିଯୋଗ ହୋଇଛି । ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଅଞ୍ଚଳର ଜଣେ ମହିଳା ୟୁଟ୍ୟୁବର ଏକ ବର୍ଷ ତଳେ ରାହାମା ସ୍ଥିତ ସ୍ପନ୍ଦନା ଫାଇନାନ୍ସ ଶାଖାରୁ କିଛି ଟଙ୍କା ଋଣ ଆଣିଥିଲେ। ତେବେ ମାସିକ କିସ୍ତି ଆଦାୟ ପାଇଁ ସେହି ସ୍ପନ୍ଦନା ଫାଇନାସନ୍ସ ଶାଖାର ଜଣେ କର୍ମଚାରୀ ବିପ୍ଳବ ପରିଡା ମହିଳାଙ୍କ ଘରକୁ ଆସୁଥିଲେ। ମହିଳାଙ୍କର ଜଣେ ପ୍ରଶଂସକ ବୋଲି କହି ବନ୍ଧୁତ୍ୱ ସ୍ଥାପନ କରିଥିଲେ। ମହିଳାଙ୍କ ଋଣ ପରିଶୋଧ ହେବା ପରେ ବିପ୍ଳବ ପୁଣି ବାରମ୍ବାର ମହିଳାଙ୍କ ଘରକୁ ଆସି ତାଙ୍କୁ ଏକ ତରଫା ପ୍ରେମ ନିବେଦନ କରୁଥିଲେ। ସେ ଜଣେ ବିବାହିତା ମହିଳା ହୋଇଥିବାରୁ ବିପ୍ଳବଙ୍କ ପ୍ରେମ ନିବେଦନକୁ ଅସ୍ୱୀକାର କରିବା ପରେ ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ମହିଳାଙ୍କ ନାମରେ ଫେକ ଇନଷ୍ଟାଗ୍ରାମ ଆଇଡି ଖୋଲି ତାଙ୍କ ଫଟୋକୁ ଅଶ୍ଳୀଳ ଭାବେ ଏଡିଟ କରି ଅପଲୋଡ଼ କରି ତାଙ୍କୁ ବ୍ଲାକମେଲିଂ କରିବା ସହ ତାଙ୍କ ନାବାଳିକା ଝିଅକୁ ହତ୍ୟା କରିବ ବୋଲି ଧମକ ଦେଉଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଛି । ଅଭିଯୁକ୍ତ ବିପ୍ଳବ ଉକ୍ତ ମହିଳାଙ୍କୁ ବାରମ୍ବାର ଫୋନରେ କଥା ହେବା ପାଇଁ ବାଧ୍ୟ କରିବା ସହ ତାଙ୍କୁ ଅଶ୍ଳୀଳ ମେସେଜ ଓ ଭଏସ ମେସେଜ କରୁଥିବା ନେଇ ସେ ପୁଲିସକୁ ତଥ୍ୟ ପ୍ରଦାନ କରିଛନ୍ତି। ଏନେଇ ସେ ସାଇବର ସେଲରେ ମଧ୍ୟ ଏକ ଅଭିଯୋଗ କରିଥିବା ସୂଚନା ମିଳିଛି। ପୁଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଲୁନା ଉପରେ ଚଢ଼ିଗଲା ଟ୍ରକ୍; କୁନି କଳାକାର ଗୁରୁତର



ପାରାଦୀପ, ୧୦।୧୧ (ସମିସ) : ସଙ୍ଗୀତ ଶିକ୍ଷା କରିବାକୁ ଯାଉଥିବା ସମୟରେ କୁନି କଳାକାରଙ୍କ ଉପରେ ଚଢ଼ିଗଲା ଟ୍ରକ୍ । ଗୁରୁତର କୁନି କଳାକାର ପ୍ରଥମେ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ପାରାଦୀପ ଇଫ୍‌କୋ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆଜି ସକାଳୁ ଜର୍ଦ୍ଦାରପଡାର ଏହି କୁନି କଳାକାର ନିଜର ଜଣେ ସମ୍ପର୍କୀୟଙ୍କ ସହିତ ସଙ୍ଗୀତ ଶିକ୍ଷା କରିବାକୁ ଲୁନା ଗାଡ଼ିରେ ଯାଉଥିବା ସମୟରେ ଇଫ୍‌କୋ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଲୁନା ଉପରେ ଚଢି ଯାଇଥିଲା । ଫଳରେ ଏହି କୁନି କଳାକାରଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏହି କୁନି କଳାକାର ନିଜ ମା' ସହିତ ଜର୍ଦ୍ଦାରପଡ଼ାରେ ଭଡାରେ ରହୁଥିଲେ।

**କଳିଙ୍ଗ ବାଲିଯାତ୍ରାକୁ ଆଉ ୪ ଦିନ**

# ତାଳିପକା ରାସ୍ତାକାମକୁ ନେଇ ତେଜିଲା ଅସନ୍ତୋଷ

- ଦାବି ପରେ ଏନ୍‌ଏଚ୍‌ଏଆଇର ମରାମତି ଆରମ୍ଭ
- ଟ୍ରାଫିକ୍ ଅବ୍ୟବସ୍ଥାରେ ଆସୁନି ସୁଧାର



ପାରାଦୀପ, ୧୦।୧୧ (ସମିସ) : ପାରାଦୀପ ଅଠରବାଙ୍କୀରୁ ଦୋଛକି ରାସ୍ତା ମରାମତି କାର୍ଯ୍ୟ ଗତକାଲି ଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖରୁ ପାରାଦୀପ ରେ ଆରମ୍ଭ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରାରେ ଲକ୍ଷାଧିକ ଜନସମାଗମକୁ ଆଖି ଆଗରେ ରଖି ଏନଏଚଏଆଇ ଏହି ରାସ୍ତାର ମରାମତି କାର୍ଯ୍ୟକୁ ତରବରିଆ ଭାବେ କରୁଛି। ତେବେ ଏହି ତରବରିଆ ମରାମତି କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଏହାର ସ୍ଥାୟୀତ୍ୱକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଗତ ଦୁଇ ମାସ ପୂର୍ବରୁ ବିଶ୍ୱକର୍ମା ପୂଜା ପ୍ରସ୍ତୁତି ବୈଠକରେ ଏହି ରାସ୍ତା ମରାମତି ନେଇ ହୋଇଥିବା ଆଲୋଚନା କାର୍ଯ୍ୟକାରୀ ହୋଇ ନଥିବା ବେଳେ ସାଧାରଣରେ ବହୁ ଅସନ୍ତୋଷ ଦେଖାଦେଇଥିଲା। ତେବେ କଳିଙ୍ଗ ବାଲିଯାତ୍ରାରେ ଏହି ରାସ୍ତା କାମକୁ କରିବା ନେଇ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ ପରେ ଏନ୍‌ଏଚ୍‌ଏଆଇ ଏହାକୁ କେବଳ ମରାମତି କରି ଛାଡ଼ି ଦେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେବ ଏ ରାସ୍ତାକୁ ବିଭାଗ କାମ କରିନଥିବା ବେଳେ କେବଳ ଯେତେବେଳେ ପାରାଦୀପରେ କୌଣସି ଜନ ସମାଗମ ହେବା ସମୟ ଆସେ, ସାଧାରଣରେ ଅଭିଯୋଗ ହେଲେ ତାକୁ କେବଳ ମରାମତି କରି ଛାଡି ଦିଆଯାଉଛି। ଅନ୍ୟ ପକ୍ଷରେ ଏହି ତରବରିଆ କାମକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତା ସାଙ୍ଗକୁ ରାସ୍ତାରେ ଟ୍ରକ୍ ବେଆଇନି ପାର୍କିଂ ଟ୍ରାଫିକ ସମସ୍ୟାକୁ ଅଧିକ ବଢ଼ାଇଛି। ପାରାଦୀପରେ ଲଗାତାର ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାରେ ଅତିଷ୍ଠ ହୋଇ ସାଧାରଣ ଲୋକେ ସେହି ରାସ୍ତାରେ ଯାତାୟତରେ ଭୟଭୀତ ହୋଇ ପଡିଛନ୍ତି। ଗତକାଲିଠାରୁ ରାସ୍ତାରେ ସୃଷ୍ଟି ହୋଇଥିବା ଶତାଧିକ ଖାଲରୁ କିଛି ଖାଲକୁ ଏନଏଚଏଆଇ ଯେଉଁଭଳି ଭାବରେ ତାଳି ପକାଇ ପୋତି ପକାଉଛି, ତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଶ୍ୱକର୍ମା ପୂଜା ବେଳେ ରାସ୍ତା ମରାମତି କରିବାକୁ ଜିଲ୍ଲା ପ୍ରଶାସନ କରିଥିବା ଅନୁରୋଧକୁ ବିଭାଗ ବେଖାତିର କରିଦେଇଥିଲା। ପୂର୍ବରୁ ଅନେକ ଥର ରାସ୍ତାରେ ଏଭଳି ତରବରିଆ ତାଳି ପକା କାମ କରାଯାଇଛି। ହେଲେ କିଛି ଦିନ ମଧ୍ୟରେ ପୁଣି ସ୍ଥିତି ପୂର୍ବବସ୍ଥା ଭଳି ହୋଇଥାଏ। ତେଣୁ ବାରମ୍ବାର ତାଳି ପକା କାମ କରିବା ଅପେକ୍ଷା ସୁଦୃଢ କାମ କଲେ ସମୟ ଓ ରାଜସ୍ୱ ବଞ୍ଚତା ବୋଲି କୁହାଯାଉଛି। ଅନ୍ୟ ପକ୍ଷରେ ସହରରେ ବେଆଇନି ପାର୍କିଂ ମଧ୍ୟ ଅନ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଛି। ବିଶେଷକରି ଟର୍ମିନାଲ ରୋଡରେ ବଡରିଆ ପାଳନ୍ଦା ଦେଇ ପିପିଏଲ ଲେବୁଲ କ୍ରସିଂ ପର୍ଯ୍ୟନ୍ତ ପାରାଦୀପ ଗଡରୁ ଦୋଛକି ଦେଇ ଅଠରବାଙ୍କୀ ପର୍ଯ୍ୟନ୍ତ ଓ ଦୋଛକିରୁ ଭୁତମୁଣ୍ଡାଇ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା କହିଲେ ନସରେ। ଏହି ସବୁ ସ୍ଥାନ ମାନଙ୍କରେ ଟ୍ରାଫିକ ସମସ୍ୟା ସାଙ୍ଘାତିକ ଅବସ୍ଥା। ଏହି ଅଞ୍ଚଳରେ ରାସ୍ତା ଉପରେ ଭାରି ଜାନ ରଖି ରାସ୍ତାକୁ ସଙ୍କୁଚିତ କରାଯାଇଛି। ଯାହା ଦୁର୍ଘଟଣାର ବର୍ତ୍ତମାନ ପ୍ରମୁଖ କାରଣ ହୋଇଛି। ତେବେ ଗତ ବର୍ଷ ଭଳି ଯେଉଁ ଟ୍ରକ ରାସ୍ତାରେ ପାର୍କିଂ କରୁଥିଲା ତାକୁ ଫାଇନ ଦେବାକୁ ପଡୁଥିବା ଭଳି ଏବେ ସେହି ନିୟମ ଲାଗୁ କଲେ ହୁଏତ ଟ୍ରକ ଚାଳକ ମାନେ ପାର୍କିଂ କଟକଣାକୁ ମାନି ପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ତେବେ ନିୟମ ଖିଲାପକାରୀଙ୍କୁ କଡ଼ା ଦଣ୍ଡର ଆବଶ୍ୟକତା ରହିଛି। ତା ନହେଲେ ଆଗକୁ ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଚାଲିଯିବାର ଆଶଙ୍କା ରହିଛି।

**ବିଶ୍ୱ ବିଜ୍ଞାନ ଦିବସ ଓ ପୁଷ୍ଟିଶସ୍ୟ ଦିବସ ପାଳିତ**

## 'ବିଶ୍ୱ କଲ୍ୟାଣ ପାଇଁ ବିଜ୍ଞାନର ଉପଯୋଗ ହେବା ଆବଶ୍ୟକ'

ଜଗତସିଂହପୁର,୧୦।୧୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଏବଂ ମୋ'ଭାରତର ମିଳିତ ଆନୁକୂଲ୍ୟରେ ୨୩ତମ ଶାନ୍ତି ଓ ପ୍ରଗତି ପାଇଁ ବିଶ୍ୱ ବିଜ୍ଞାନ ଦିବସ ଓ ତୃତୀୟ ପୁଷ୍ଟିଶସ୍ୟ ଦିବସ ସ୍ଥାନୀୟ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଇନ୍‌ସାଫର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଗଠନ, ପାଣିଶାଳିଆର ସମ୍ପାଦକ ଇଂ.ଅନିରୁଦ୍ଧ ପାତ୍ର, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି, ସମ୍ମାନିତ ଆଲୋଚକ ଭାବେ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଲେଇ, ଅଧ୍ୟାପକ ସୁବାଷ ଚନ୍ଦ୍ର ବେହେରା, ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଗତି ପ୍ରିୟମ୍ବଦା ଜେନା ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ଏବଂ ପ୍ରାସଙ୍ଗିକତାକୁ ଦର୍ଶାଇଥିଲେ। ବିଜ୍ଞାନକୁ ବିଶ୍ୱ କଲ୍ୟାଣ ପାଇଁ ବ୍ୟବହାର କରିବା ସହିତ ବିଶ୍ୱର ଶାନ୍ତି ପ୍ରତିଷ୍ଠା ପାଇଁ ବିଜ୍ଞାନର ବିନିଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଓଡ଼ିଶାର ପାରମ୍ପରିକ ପୁଷ୍ଟିଶସ୍ୟ ଗୁଡିକ ଖାଦ୍ୟସାରରେ ଭରପୁର ଏବଂ ଏହା ଅତ୍ୟନ୍ତ ସ୍ୱାସ୍ଥ୍ୟ ଉପଯୋଗୀ ଉପାଦେୟ ଖାଦ୍ୟ ବୋଲି ଦର୍ଶାଇବା ସହ ସେଗୁଡିକର ପୁଷ୍ଟିକାରକ ମୂଲ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲିଖିତ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଇକୋକ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ସଂଯମ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ କାର୍ତ୍ତିକ ଚନ୍ଦ୍ର ମୁଦୁଲି, ଅବନୀକାନ୍ତ ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଦେବର୍ଷି ମହାନ୍ତି, ପ୍ରତାପ କେଶରୀ ମହାପାତ୍ର ଓ ମନୋଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ**

## ବନ୍ଦରର ଅର୍ଥ ବିଭାଗର ନାଟକ 'ଉଦ୍‌ଘାଟନ' ମଞ୍ଚସ୍ଥ



ପାରାଦୀପ, ୧୦।୧୧ (ସମିସ) : ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ୩ ତାରିଖଠାରୁ ଆଠ ଦିନ ଧରି ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ ର ଉଦ୍‌ଯାପନୀ ସନ୍ଧ୍ୟାରେ ଅର୍ଥ ବିଭାଗର କର୍ମଚାରୀ ତଥା ସେମାନଙ୍କ ପରିବାରର ସଦସ୍ୟମାନେ ମିହିର ତ୍ରିପାଠୀଙ୍କ ରଚନା ଓ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ ନାଟକ 'ଉଦ୍‌ଘାଟନ'। ନାଟକରେ ରୁଦ୍ର ନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ଜୟଦେବ ମିର୍ଦ୍ଧା, ଶଙ୍କର ମଲ୍ଲିକ ଆଦି କଳାକାରମାନେ ଅଭିନୟ କରିଥିଲେ। ନାଟକଟି ଆରମ୍ଭ ହୁଏ ଓଡ଼ିଶାର ପୁରାତନ ଲୋକ କଳା ପାଲା ଗାୟନରୁ, ଯାହାକି ଜଗନ୍ନାଥଙ୍କ ପାନ ପ୍ରସଙ୍ଗରେ। ଆଜିର ସମାଜରେ ଉଚ୍ଚସ୍ତରରେ ଥିବା ଅଧିକାରୀ ମାନେ ନିଜର ସ୍ୱାର୍ଥ ପାଇଁ କିପରି ଉଦ୍‌ଘାଟନ ନାଁରେ କଳାକାର ମାନଙ୍କୁ ଶୋଷଣ କରୁଛନ୍ତି ଓ ସେମାନଙ୍କୁ ତଥା ସେମାନଙ୍କର ପରିବାରକୁ ଅନ୍ଧାର ମଧ୍ୟକୁ ଠେଲି ଦେଉଛନ୍ତି, ଏଥିରେ ପ୍ରଦର୍ଶିତ ହୋଇଥିଲା। ସମାଜରୁ ଶୋଷଣକୁ ଦୂର କରିବା ପାଇଁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଆଦରି ନେବାର ବାର୍ତ୍ତା ଦେଇଥିଲା ନାଟକଟି। କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକ ମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଉଦଯାପନୀ ସନ୍ଧ୍ୟାରେ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ସାହୁ, ବନ୍ଦରର ଅର୍ଥ ପରାମର୍ଶଦାତା ଡିଏନ୍ ସୋନ୍ଧି, ସିଏମ୍‌ଇ ସୁଶିଲ ନାହାକ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ଓ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ବିଜେଡିର ଡିଜିଟାଲ ସଭ୍ୟ ସଂଗ୍ରହ ତାଲିମ



ପଟ୍ଟାମୁଣ୍ଡାଇ,୧୦।୧୧(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଓ ମୁନିସିପାଲିଟିରେ ବିଜେଡି ଡିଜିଟାଲ ସଭ୍ୟ ସଂଗ୍ରହ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ତାଲିମ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ଓ ଓଡ଼ିଆଙ୍କ ସ୍ୱାର୍ଥ ସ୍ୱାଭିମାନର ଜାଗ୍ରତ ପ୍ରହରୀ ବିଜେଡିର ସଂଗଠନକୁ ଅଧିକ ସୁଦୃଢ କରିବା ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି ଓ ଡିଜିଟାଲ ଯୁଗରେ ଘରେ ବସି ବିଜେଡି ସଭ୍ୟ ହେବା ପାଇଁ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ଡିଜିଟାଲ ପ୍ଲାଟ ଫର୍ମର ସାହାଯ୍ୟ ନେବା ଆବଶ୍ୟକ ହୋଇପଡିଛି। ଏ ଦିଗରେ ଯୁବଛାତ୍ରମାନେ ଉପଯୁକ୍ତ ତାଲିମ ଗ୍ରହଣ କଲେ ସଭ୍ୟ ସଂଗ୍ରହ ଅଭିଯାନ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମତପ୍ରକାଶ କରିବା ସହିତ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ପଞ୍ଚାନନ ଧଳ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ସାଧାରଣ ସମ୍ପାଦକ କଳାକର ପ୍ରଧାନ, ବ୍ଲକ ଯୁବବିଜେଡି ସଭାପତି କୈଳାଶ ସିଂ, ନଗର ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ, ସରପଞ୍ଚ ସଂଗ୍ରାମ ବାରିକ, ସମିତି ସଭ୍ୟ ମାନସ ମଲ୍ଲିକ, ଯୁବନେତା ଉତ୍ତମ ଖୁଣ୍ଟିଆ,ନୟନ ଗିରି, ବାବନ ସାହୁ, ଏମ ଡି ପପୁ, ସଂଗ୍ରାମ ସ୍ୱାଇଁ,ସୂର୍ଯ୍ୟ କାନ୍ତ ରାଉତ, ସ୍ମୃତି ରଞ୍ଜନ ପାଢ଼ୀ ଶଶୀକାନ୍ତ ପଣ୍ଡା,ଅଭିରାମ ସ୍ୱାଇଁ, ଦିଲ୍ଲୀପ ସାହୁ, ବାପି ସାମଲ, ମଳୟ ମଳିକ, ହରିହର ସାହୁ, ପ୍ରେମାନନ୍ଦ ସେଠୀ, ନଟବର ସେଠୀ, ଅନିଲ ଦାସ, ଅରୁଣ ଉଦୟ ପତି ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ଛାମୁଆ ଯୁବ ଛାତ୍ର କର୍ମୀମାନେ ଯୋଗ ଦେଇଥିଲେ।

## ଶ୍ରୀରାଧା ସେବା ସଂଗଠନର ବାର୍ଷିକୋତ୍ସବ



ତିର୍ତ୍ତୋଲ, ୧୦।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ରାସବେରୁଆ ଗ୍ରାମଶାସନର ଗାଲେଶ୍ୱର ମହାଦେବ ମନ୍ଦିର ପରିସରରେ ଶ୍ରୀରାଧା ସେବା ସଙ୍ଗଠନର ପଞ୍ଚମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଁଳା ନବମୀ ଉପଲକ୍ଷେ ଅଁଳା ବୃକ୍ଷ ତଳେ ପୂଜାର୍ଚ୍ଚନା କରାଯିବା ସହ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ କବି ଦିଗମ୍ବର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଫେଡେରେସନ ଅଲ୍ ଇଣ୍ଡିଆ ବ୍ଲଡ ଡୋନୋରସ୍ ସଂଗଠନର ଉପସଭାପତି ଡ.ପ୍ରଶାନ୍ତ କୁମାର ଦାଶ, ମୁଖ୍ୟବକ୍ତା ଝଙ୍କଡ଼ ସାହିତ୍ୟ ସଂସଦର ସମ୍ପାଦକ ଝଙ୍କଡ଼ ରତ୍ନ ଗୋଲୋକ ବିହାରୀ ପଲାଇ, ସମ୍ମାନିତ ବକ୍ତା ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଡ.ବସନ୍ତ ମଞ୍ଜରୀ ଦାସ, ଶିକ୍ଷାବିତ୍ ପଣ୍ଡିତ ପ୍ରବୋଧ କୁମାର ରଥ, ସମ୍ମାନିତ ଅତିଥି ସମାଜସେବୀ ନଟବର ପାତ୍ର, ଉପଦେଷ୍ଟା ତଥା ସ୍ଥାନୀୟ ସରପଞ୍ଚ ପ୍ରଦ୍ୟୁମ୍ନ ଚଇନି ପ୍ରମୁଖ ଯୋଗଦେଇ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ସେବା ସଙ୍ଗଠନ ଓ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କେଦାର ରାଉତ, ନିହାର କୁମାର ନାୟକ, ପ୍ରଦ୍ୟୁମ୍ନ ରଥ, ସଞ୍ଜିତ ନାୟକଙ୍କ ସମେତ ସେବା ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## କନ୍ଧମାଳ ସାଂସଦଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୧୦।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତର ସାରୋଳ ଗ୍ରାମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ମଧ୍ୟାହ୍ନରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ସାରୋଳ ଗ୍ରାମରେ ପହଞ୍ଚି ଅଁଳା ନବମୀ ପୂଜାରେ ଯୋଗଦେଇଥିଲେ। ଏହାପରେ ଗ୍ରାମର ଜଗନ୍ନାଥ ମନ୍ଦିର ଓ ମହାଦେବ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଗ୍ରାମର ମୁଖ୍ୟ ବିଷ୍ଣୁଚରଣ ପାତ୍ର, ନ୍ୟାସନାଲ କ୍ଲବର ଉପଦେଷ୍ଟା ପ୍ରଦୀପ୍ତ କୁମାର ସାହୁ, ସଭାପତି ପ୍ରୀତିରଞ୍ଜନ ଖୁଣ୍ଟିଆ, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଅଧ୍ୟାପକ ଅଭୟ ମହାରଣା, ରମାକାନ୍ତ ସାହୁ, ସୁଧୀର ମହାରଣା, ବୃନ୍ଦାବନ ପଣ୍ଡା. ନୃସିଂହ ଚରଣ ସାହୁ, ପ୍ରଭାକର ଖଣ୍ଟିଆ, ନରେନ୍ଦ୍ର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁଙ୍କ ସମେତ ଶିକ୍ଷାବିତ ହରେକୃଷ୍ଣ ସେଣ, ବାବାଜୀ ଚରଣ ମଲ୍ଲିକ, ପ୍ରଦୀପ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସାଂସଦ ଶ୍ରୀ ପାଣିଗ୍ରାହୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସାଂସଦ ଶ୍ରୀ ପାଣିଗ୍ରାହୀ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ବେଳେ ନିଜ ସଞ୍ଚିତ ଧନକୁ ଦାନ କରିଥିବା ଛୋଟ ଝିଅ ପ୍ରିୟାଂଶୀ ସାଇକ୍ରିଷ୍ଣାଙ୍କୁ ଭେଟି ତାଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ। ଏହା ପୂର୍ବରୁ ସାଂସଦ ଶ୍ରୀ ପାଣିଗ୍ରାହୀ ଝଙ୍କଡ ସାରଳା ମନ୍ଦିରରେ ମା ଶାରଳାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।



**ଜିଲ୍ଲାସ୍ତରୀୟ ଶ୍ରୀଅନ୍ନ ଓ ଖାଦ୍ୟ ମେଳା**

## ସୁସ୍ଥ ରହିବାକୁ ହେଲେ ଫାଷ୍ଟ ଫୁଡ୍ ଛାଡ଼ି ମାଣ୍ଡିଆ ଖାଅ : ବିଧାୟକ



ଜଗତସିଂହପୁର, ୧୦।୧୧ (ସମିସ): ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଉପଲକ୍ଷେ ଶ୍ରୀ ଅନ୍ନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟିକ ଅମରେନ୍ଦ୍ର ଦାସ ଯୋଗଦେଇ ସମସ୍ତ ବ୍ଲକ୍‌ରେ ମାଣ୍ଡିଆ ଚାଷ ଓ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ମାଣ୍ଡିଆର ଖାଦ୍ୟ ପ୍ରତ୍ୟେକ ପରିବାରରେ ବ୍ୟବହୃତ ହେଉଥିଲା। ମାଣ୍ଡିଆ ଶରୀରକୁ ସୁସ୍ଥ ରଖେ। ତେଣୁ ପିଲାମାନେ ଫାଷ୍ଟ ଫୁଡ୍ ଛାଡ଼ି ମାଣ୍ଡିଆ ଜାତ ଖାଦ୍ୟ ଖାଇବାକୁ ବିଧାୟକ ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ, ମାଣ୍ଡିଆ ଏକ ଏଭଳି ଖାଦ୍ୟ ଏହା ଶରୀରକୁ ପୋଷଣ ଯୋଗାଇବା ସହିତ ରୋଗପ୍ରତିରୋଧକ ଶକ୍ତି ବଢାଇ ଥାଏ। ତେଣୁ ଏହି ପୁଷ୍ଟି ଶସ୍ୟ ଖାଦ୍ୟ ଉତ୍ପାଦନରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷୀ ମାନଙ୍କୁ ଲାଭବାନ ହେବାପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ପୁରୁଣା ଖାଦ୍ୟ ବ୍ୟବସ୍ଥାକୁ ଉଜ୍ଜିବିତ କରିବା ଓ ଖାଦ୍ୟ ସାରଣୀରେ ମାଣ୍ଡିଆକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ମାଣ୍ଡିଆ ଦିବସ ପାଳନର ବିଶେଷତ୍ୱ ବିଷୟରେ ଅବଗତ କରାଇଥିଲେ। ଅତିଥିମାନେ ଜିଲ୍ଲାସ୍ତରୀୟ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ବୁଲି ଦେଖିଥିଲେ। ବୈଷୟିକ ଅଧିବେଶନରେ ଆଇସିଏଆରର ମୁଖ୍ୟ ବୈଜ୍ଞାନିକ ଡ. ସୁକାନ୍ତ କୁମାର ଷଡ଼ଙ୍ଗୀ, କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ , ଭୁବନେଶ୍ୱରର ବୈଜ୍ଞାନିକ ମନିତା ମହାପାତ୍ର ଏବଂ ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତୀ ସସ୍ମିତା ପୁରୋହିତ ଉପସ୍ଥିତ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଅମଳ ପରବର୍ତ୍ତୀ ଫସଲର ଯତ୍ନ ସଂପର୍କରେ ଅବଗତ କରାଇଥିଲେ। ଅମ୍ବିକା ପାଲା ସଂସଦ ଦ୍ୱାରା ପୁଷ୍ଟଶଷ୍ୟ ସମ୍ବଳିତ ପାଲା ପରିବେଷଣ କରା ଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ବ୍ଲକରୁ ଆସିଥିବା ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ମିଲେଟ ଚାଷୀ, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।ସହକାରୀ କୃଷି ଜିଲ୍ଲା ଅଧିକାରୀ ସ୍ୱାଗତିକା ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୨ ବର୍ଷ ପରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ୍ ଜିତିଲା ପାକିସ୍ତାନ

**ପର୍ଥ, ୧୦।୧୧(ଏଜେନ୍ସି):** ବିଶ୍ୱର ଦ୍ରୁତତମ କ୍ରିକେଟ ପିଚ୍‌ରେ ପାକିସ୍ତାନ ଫାଷ୍ଟ ବୋଲରଙ୍କୁ ମୁକାବିଲା କରି ନ ପାରି ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ତୃତୀୟ ଦିନିକିଆରେ ପରାଜିତ ହୋଇଛି। ଏହା ଫଳରେ ଦ୍ୱିତୀୟ ଦିନିକିଆକୁ ୯ ୱିକେଟରେ ଜିତିଥିବା ପାକିସ୍ତାନ ଏହି ଦିନକିଆ ସିରିଜ୍‌କୁ ୨-୧ରେ ଜିତିନେଇଛି। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ପାକିସ୍ତାନ ପକ୍ଷରୁ ଦୁଇ ଫାଷ୍ଟ ବୋଲର ସାହିନ ଆଫ୍ରିଦି ଓ ନସୀମ ଶାହ ୩ଟି ଲେଖାଏଁ ୱିକେଟ ନେବା ଫଳରେ ଅଷ୍ଟ୍ରେଲିଆର ଇନିଂସ ୩୧.୫ ଓଭରରେ ମାତ୍ର ୧୪୦ ରନ୍‌ରେ ଶେଷ ହୋଇଯାଇଥିଲା। ଜବାବରେ ପାକିସ୍ତାନର ଦୁଇ ଓପନର ସଇମ ଆୟୁବ ଓ ଅବଦୁଲ୍ଲା ସଫିକ୍ ଚମତ୍କାର ବ୍ୟାଟିଂ କରି ପ୍ରଥମ ୱିକେଟରୁ ୮୪ ରନ୍ ଉଠାଇଥିଲେ। ସ୍ଥାନୀୟ ଖେଳାଳି ଲାନ୍ସ ମୋରିସ୍ ୧୮ତମ ଓଭରରେ ଉଭୟ ଖେଳାଳିଙ୍କୁ ପାଭିଲିଅନ ପଠାଇ ସ୍ଥାନୀୟ ସମର୍ଥକଙ୍କୁ କିଛିଟା ଆନନ୍ଦ ଦେଇଥିଲେ। ଏହା ପରେ ପୂର୍ବତନ ଅଧିନାୟକ ବାବର ଆଜମ ୨୮ ଓ ଅଧିନାୟକ ମହମ୍ମଦ୍ ରିଜ୍‌ୱାନ ଅପରାଜିତ ୩୦ ରନ୍ କରିବା ସହ ପାକିସ୍ତାନକୁ ୮ ୱିକେଟରେ ସହଜ ବିଜୟ ପ୍ରଦାନ କରିଥିଲେ। ୩ଟିଯାକ ଦିନିକିଆରେ ୧୦ଟି ୱିକେଟ ନେଇଥିବା ପାକିସ୍ତାନର ଫାଷ୍ଟ ବୋଲର ହାରିସ ରୌଫ୍‌ଙ୍କୁ ମ୍ୟାଚ୍ ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ଫଳରେ ୨୦୦୨ ପରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ଦିନିକିଆ ସିରିଜ୍ ଜିତିବାକୁ ସମର୍ଥ ହୋଇଛି। ନିକଟରେ ଘରୋଇ ମାଟିରେ ବାଂଲାଦେଶଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ଓ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ହାରିବା ପରେ ପାକିସ୍ତାନ ତୀବ୍ର ସମାଲୋଚିତ ହୋଇଥିଲା। ଏହା ପରେ ଇଂଲଣ୍ଡକୁ ୨-୧ରେ ଟେଷ୍ଟ ସିରିଜ୍ ଏବଂ ଅଷ୍ଟ୍ରେଲିଆକୁ ୨-୧ରେ ଦିନିକିଆ ସିରିଜ୍‌ରେ ହରାଇ ପାକିସ୍ତାନ ଦଳ ଫର୍ମକୁ ଫେରିଥିବାର ସୂଚନା ଦେଇଛି। ଦିନିକିଆ ସିରିଜ୍ ପରେ ଆସନ୍ତା ଗୁରୁବାରଠାରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବ୍ରିସ୍‌ବେନ୍‌ରୁ ଆରମ୍ଭ ହେବ।

## ■ ଫିଲିପ୍ ସଲ୍ଟଙ୍କ ବିସ୍ଫୋରକ ଶତକ

# ଇଂଲଣ୍ଡ ଜିତିଲା ପ୍ରଥମ ଟି-୨୦

**କେନିଙ୍ଗଟନ ଓଭାଲ, ୧୦।୧୧(ଏଜେନ୍ସି):** ଓପନର ଫିଲିପ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ୮ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚରେ ଇଂଲଣ୍ଡକୁ ଜିତିବା ଲାଗି ୱେଷ୍ଟଇଣ୍ଡିଜ୍ ୧୮୩ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟ୍‌କୁ ପିଛା କରି ଇଂଲଣ୍ଡ ପାୱାର ପ୍ଲେ'ରେ ୭୩ ରନ ସଂଗ୍ରହ କରି ମୂଳଦୁଆ ପକାଇଥିଲାବେଳେ ସଲ୍ଟ ଓ ବେଥେଲ ଅବିଭକ୍ତ ତୃତୀୟ ୱିକେଟରୁ ୧୦୭ ରନ୍ ଉଠାଇବା ଫଳରେ ଦଳ ୧୯ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ସଲ୍ଟ ମାତ୍ର ୫୪ଟି ବଲ୍ ଖେଳି ୯ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ରହି ୧୦୩ ରନ୍ କରିଥିଲେ। ସେହିପରି ତାଙ୍କ ବିଜୟୀ ଯୋଡି ବେଥେଲ ମାତ୍ର ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୫୮ ରନ୍‌ରେ ଅପରାଜିତ ରହିଥିଲେ। ପୂର୍ବରୁ ଫାଷ୍ଟ ବୋଲର ସାକିବ ମହମ୍ମଦ୍ ୪ଟି ସ୍ପିନର ଆଦିଲ ରସିଦ୍ ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପକ୍ଷରୁ ନିକୋଲସ୍ ପୂରନ ସର୍ବାଧିକ ୩୮, ରୋମରିଓ ସେଫର୍ଡ ଅପରାଜିତ ୩୫, ଗୁଡକେଶ ମୋତି ୧୪ ବଲ୍‌ରେ ୩୩ ଓ ଆନ୍ଦ୍ରେ ରସେଲ ୧୭ ବଲ୍‌ରେ ୩୦ ରନ୍ କରିଥିଲେ। ଦ୍ୱିତୀୟ ଟି-୨୦ ଏହିଠାରେ ଆଜି ରାତି ୧ଟା ୩୦ରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୱେଷ୍ଟଇଣ୍ଡିଜ୍ ୨-୧ରେ ଜିତିଥିଲା।

# ଜାତୀୟ ଦୃଷ୍ଟିହୀନ ଚେସ୍‌ରେ ଓଡ଼ିଶା ଚତୁର୍ଥ



**ଭୁବନେଶ୍ୱର, ୧୦।୧୧(ସମିସ):** ଗୁଜରାଟର ଅହମ୍ମଦାବାଦ୍‌ଠାରେ ଚାଲିଥିବା ଏଆଇସିଏଫ୍‌ବି ଜାତୀୟ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି। କିନ୍ତୁ ବ୍ୟକ୍ତିଗତ ବିଭାଗରେ ରାଜ୍ୟର ଖେଳାଳିମାନେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୌନ୍ଦର୍ଯ୍ୟ ପ୍ରଧାନ ଓ ଶୁଭେନ୍ଦୁ ପାତ୍ର ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରାଚୁର୍ଯ୍ୟ ପ୍ରଧାନଙ୍କୁ କାଂସ୍ୟ ପଦକ ମିଳିଛି। ରବିବାର ଅନୁଷ୍ଠିତ ଫାଇନାଲ ରାଉଣ୍ଡ ଖେଳରେ ଓଡ଼ିଶା ୨.୫-୧.୫ ପଏଣ୍ଟରେ ଗୁଜରାଟ ରେଡକୁ ପରାସ୍ତ କରିଥିଲା। ଏହା ଫଳରେ ଦଳ ମହାରାଷ୍ଟ୍ର, ଗୁଜରାଟ ଓ ପଶ୍ଚିମବଙ୍ଗ ସହ ସମାନ ୧୧ ପଏଣ୍ଟ ସଂଗ୍ରହ କରିଥିଲା। କିନ୍ତୁ ଟାଇବ୍ରେକ୍‌ରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଥିଲା। ପ୍ରାଚୀପ୍ରଜ୍ଞା ସାହୁ ଏହି ଦଳକୁ ମଧ୍ୟ ପ୍ରତିନିଧିତ୍ୱ କରୁଥିଲେ।

## ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ଆଜିଠୁ

# ମାଲେସିଆ ସହ ପ୍ରଥମ ମ୍ୟାଚ୍ ଖେଳିବ ଭାରତ



**ରାଜଗିରି, ୧୦।୧୧(ଏଜେନ୍ସି):** ବିହାରର ରାଜଗିରିଠାରେ ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ଆସନ୍ତାକାଲି ବା ସୋମବାରଠାରୁ ଆରମ୍ଭ ହେବ। ନଭେମ୍ବର ୨୦ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ୬ଟି ଶ୍ରେଷ୍ଠ ଦଳ ଭାଗ ନେଉଛନ୍ତି। ଏହି ଦଳଗୁଡ଼ିକ ହେଲେ ପ୍ୟାରିସ୍ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚୀନ, ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଓ ଥାଇଲାଣ୍ଡ । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୪ଟି ଦଳ ମଧ୍ୟରେ ସେମିଫାଇନାଲ ଖେଳାଯିବାର ସମ୍ଭାବନା ରହିଛି। ଏହି ୬ଟି ଦଳକୁ ନେଇ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳଗୁଡିକ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୧୯ ତାରିଖ ମଙ୍ଗଳବାର ସେମିଫାଇନାଲ ଓ ୨୦ ତାରିଖ ବୁଧବାର ଫାଇନାଲ ମୁକାବିଲା ହେବ।

ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ଭାରତ ଟାଇଟଲ ବଜାୟ ରଖିବାକୁ ଚାପରେ ରହିଛି। ହରେନ୍ଦର ସିଂଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଜଣେ ନୂଆ ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଉଛି। ବିହାରରେ ଯେପରି ଏହା ପ୍ରଥମ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଠିକ୍ ସେହିପରି ସଲିମା ମଧ୍ୟ ପ୍ରଥମଥର କୌଣସି ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାରତର ନେତୃତ୍ୱ ନେଉଛନ୍ତି। ଏଭଳି ସ୍ଥଳେ ଭାରତ ଟାଇଟଲ ବଜାୟ ରଖିବା ଲାଗି ଜାପାନ, କୋରିଆ ଓ ଚୀନ୍‌ଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବ। 'ମୋ ଲାଗି ଏହି ଟୁର୍ଣ୍ଣାମେଣ୍ଟ ଏକ ବଡ଼ ସୁଯୋଗ। ପ୍ରଥମଥର ଲାଗି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ମୁଁ ଭାରତର ନେତୃତ୍ୱ ନେଉଛି। ଆଶା ରଖିଛି ଟାଇଟଲ ବଜାୟ ରଖିବି' ବୋଲି ସଲିମା କହିଛନ୍ତି।

ମାଲେସିଆ ସହ ମୁକାବିଲାରୁ ଭାରତ ତାହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍‌ଟି ଆସନ୍ତାକାଲି ବା ନଭେମ୍ବର ୧୧ରେ ଖେଳାଯିବ। ନଭେମ୍ବର ୧୨ରେ ଦକ୍ଷିଣ କୋରିଆ, ନଭେମ୍ବର ୧୪ରେ ଥାଇଲାଣ୍ଡ, ନଭେମ୍ବର ୧୬ରେ ଚୀନ୍ ଓ ନଭେମ୍ବର ୧୭ରେ ଜାପାନ ସହ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଲିଗ୍ ପର୍ଯ୍ୟାୟ ପରେ ଭାରତର ପୋଜିସନ ନେଇ କାହାସହ ସେମିଫାଇନାଲ ଖେଳିବ ତାହା ସ୍ଥିର ହେବ।

### ଖେଳ ସମୟରେ ପରିବର୍ତ୍ତନ

ଏଠାରେ ପ୍ରଥମଥର ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିଲାବେଳେ ରାତିରେ ମ୍ୟାଚ୍ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଗତ କିଛି ଦିନ ଧରି ଅଂଶଗ୍ରହଣକାରୀ ଦଳ ଗୁଡିକ ଫ୍ଲଡ୍ ଲାଇଟ୍‌ରେ ଅଭ୍ୟାସ କରୁଥିଲାବେଳେ ପୋକ ଆକ୍ରମଣର ଶିକାର ହୋଇଛନ୍ତି। ବିଭିନ୍ନ ଦଳ ଗୁଡିକର ଅନୁରୋଧ ପରେ ଟୁର୍ଣ୍ଣାମେଣ୍ଟ କମିଟି ସମସ୍ତଙ୍କ ସହ ପରାମର୍ଶ କରି ଖେଳ ସମୟରେ ପରିବର୍ତ୍ତନ କରିଛି। ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦିନ ୩ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍ ମଧ୍ୟାହ୍ନ ୧୨ଟା ୧୫, ଦ୍ୱିତୀୟ ମ୍ୟାଚ୍ ଅପରାହ୍ଣ ୨ଟା ୩୦ ଓ ତୃତୀୟ ତଥା ଶେଷ ମ୍ୟାଚ୍ ଅପରାହ୍ଣ ୪ଟା ୪୫ରେ ଅନୁଷ୍ଠିତ ହେବ। ପୂର୍ବରୁ ମ୍ୟାଚ୍ ଗୁଡ଼ିକ ଅପରାହ୍ଣ ୩ଟା, ସନ୍ଧ୍ୟା ୫ଟା ୧୫ ଓ ରାତି ୭ଟା ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ତାହାର ସମସ୍ତ ଲିଗ୍ ମ୍ୟାଚ୍ ଅପରାହ୍ଣ ୪ଟା ୪୫ରେ ଖେଳିବ।

### ଟୁର୍ଣ୍ଣାମେଣ୍ଟ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୧୧।୧୧ | ଜାପାନ - କୋରିଆ | ୧୨ଟା ୧୫ |
| ୧୧।୧୧ | ଚୀନ - ଥାଇଲାଣ୍ଡ | ୨ଟା ୩୦ |
| ୧୧।୧୧ | ଭାରତ - ମାଲେସିଆ | ୪ଟା ୪୫ |
| ୧୨।୧୧ | ଜାପାନ - ଥାଇଲାଣ୍ଡ | ୧୨ଟା ୧୫ |
| ୧୨।୧୧ | ଚୀନ - ମାଲେସିଆ | ୨ଟା ୩୦ |
| ୧୨।୧୧ | ଭାରତ - କୋରିଆ | ୪ଟା ୪୫ |
| ୧୪।୧୧ | କୋରିଆ- ମାଲେସିଆ | ୧୨ଟା ୧୫ |
| ୧୪।୧୧ | ଚୀନ - ଜାପାନ | ୨ଟା ୩୦ |
| ୧୪।୧୧ | ଭାରତ - ଥାଇଲାଣ୍ଡ | ୪ଟା ୪୫ |
| ୧୬।୧୧ | ଜାପାନ - ମାଲେସିଆ | ୧୨ଟା ୧୫ |
| ୧୬।୧୧ | କୋରିଆ - ଥାଇଲାଣ୍ଡ | ୨ଟା ୩୦ |
| ୧୬।୧୧ | ଭାରତ - ଚୀନ୍ | ୪ଟା ୪୫ |
| ୧୭।୧୧ | ମାଲେସିଆ -ଥାଇଲାଣ୍ଡ | ୧୨ଟା ୧୫ |
| ୧୭।୧୧ | ଚୀନ - କୋରିଆ | ୨ଟା ୩୦ |
| ୧୭।୧୧ | ଭାରତ - ଜାପାନ | ୪ଟା ୪୫ |
| ୧୯।୧୧ | ୫/୬ଷ୍ଠ ପ୍ଲେସିଂ ମ୍ୟାଚ୍ | ୧୧ଟା ୪୫ |
| ୧୯।୧୧ | ପ୍ରଥମ ସେମିଫାଇନାଲ | ୨ଟା ୧୫ |
| ୧୯।୧୧ | ଦ୍ୱିତୀୟ ସେମିଫାଇନାଲ | ୪ଟା ୪୫ |
| ୨୦।୧୧ | ୩/୪ର୍ଥ ପ୍ଲେସିଂ ମ୍ୟାଚ୍ | ୨ଟା ୧୫ |
| ୨୦।୧୧ | ଫାଇନାଲ | ୪ଟା ୪୫ |

## ■ ଅଲ୍ ଓଡ଼ିଶା ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍

# ସୁବ୍ରତ୍‌ଙ୍କୁ ୧୦ମ ସିନିଅର ଟାଇଟଲ



**ଭୁବନେଶ୍ୱର, ୧୦।୧୧(ସମିସ):** ସ୍ଥାନୀୟ ପଟିଆସ୍ଥିତ ସିକ୍ସ ପକେଟସ୍ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଚାମ୍ପିଅନସିପ୍‌ର ସିନିଅର ବିଲିୟାର୍ଡ୍ସରେ ସୁବ୍ରତ୍ ଦାସ ବାଜି ମାରିଛନ୍ତି। ବିଲିଆର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଏହି ଚାମ୍ପିଅନସିପ୍‌ରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ କଟକର ସୁବ୍ରତ ଦାସ ୪-୧ (୧୫୦-୫୨, ୧୫୦-୯୯, ୧୪୫-୧୫୦, ୧୫୨- ୯୫, ୧୫୧-୧୨୨)ରେ ଭୁବନେଶ୍ୱରର କୁନାଲ ଅଗ୍ରୱାଲଙ୍କୁ ପରାସ୍ତ କରି ଟାଇଟଲ ଜିତିଛନ୍ତି। ଅପ୍ ଫର୍ମାଟ୍‌ରେ ବିଓ୭ ଫ୍ରେମ୍‌ରେ ୧୫୦ ପଏଣ୍ଟ ବିଶିଷ୍ଟ ଏହି ଫାଇନାଲ ମ୍ୟାଚ୍‌ରେ ସୁବ୍ରତ୍ ପ୍ରଭାବ ବିସ୍ତାର କରି ଖେଳିଥିଲେ ଓ ଏକପାଖିଆ ଭାବେ କୁନାଲଙ୍କୁ ପରାସ୍ତ କରି କ୍ୟାରିଅରର ୧୦ମ ସିନିଅର ବିଲିଆର୍ଡ୍ସ ଟାଇଟଲ ହାସଲ କରିଛନ୍ତି। ଏଥିସହ ସେ ପୂର୍ବତନ ଷ୍ଟେଟ୍ ଚାମ୍ପିଅନ ଅହସାନ ଉଲ ହକ୍‌ଙ୍କ ସମକକ୍ଷ ହୋଇଛନ୍ତି। ପ୍ରଥମ ଦୁଇଟି ଫ୍ରେମ୍ ଜିତିବା ପରେ ସୁବ୍ରତ ତୃତୀୟ ଫ୍ରେମ୍‌ରେ ଅଳ୍ପକେ ପରାଜୟ ବରଣ କରିଥିଲେ। କିନ୍ତୁ ଏହାପରେ ପ୍ରତ୍ୟାବର୍ତ୍ତନ କରି ସେ ଶେଷ ଦୁଇଟି ଫ୍ରେମ୍‌ରେ ବିଜୟୀ ହୋଇ ବାଜି ମାରିଥିଲେ।

ସେହିପରି ସିନିଅର ସ୍ନୁକର ବିଭାଗରେ ରବିବାର ଖେଳାଯାଇଥିବା ମୁକାବିଲାରେ ଚେତନ ଆନନ୍ଦ ୩-୧ରେ ସମିର ଅଲିଙ୍କୁ ପରାସ୍ତ କରିଛନ୍ତି। ସେହିପରି ସୁବ୍ରତ ଦାସ ୩-୧ରେ ଅଭିଷେକ ଦାସଙ୍କୁ ଓ କୁନାଲ ୩-୦ରେ ରାହୁଲ ହାଲିଙ୍କୁ ପରାସ୍ତ କରିଛନ୍ତି।

## ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର

# ଦଲିବୋର ଏକକ ଚାମ୍ପିଅନ

**ଭୁବନେଶ୍ୱର, ୧୦।୧୧(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର ଟୁର୍ଣ୍ଣାମେଣ୍ଟରେ ଚେକ୍ ଗଣରାଜ୍ୟର ଦଲିବୋର ସଭ୍ରସିନା ଏକକ ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଟପ୍‌ସିଡ୍ ଦଲିବୋର ୬-୨, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ସପ୍ତମ ସିଡ୍ ଖେଳାଳି ନିକ୍ ଚାପେଲଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଶକ୍ତିଶାଳୀ ସଟ୍ ମାରିବା ସହ ଦଲିବୋର ବୈଷୟିକ ରଣକୌଶଳରେ ଚାପେଲଙ୍କଠାରୁ ଯଥେଷ୍ଟ ଆଗରେ ରହିଥିଲେ। ଏଥିସହ ସେ ୩, ୬୦୦ ଆମେରିକୀୟ ଡଲାର ଅର୍ଥାତ୍ ୩ ଲକ୍ଷ ୩ ହଜାର ୮୦୦ ଟଙ୍କା ଆର୍ଥିକ ପୁରସ୍କାର ସହ ୨୫ ଏଟିପି ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ସେହିପର ରନର୍ସଅପ୍ ହୋଇଥିବା ଚାପେଲ ଏକ ଲକ୍ଷ ୭୮ ହଜାର ୯୦୦ ଟଙ୍କା ଆର୍ଥିକ ପୁରସ୍କାର ସହ ୧୬ ଏଟିପି ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।

ଫାଇନାଲ ମୁକାବିଲା ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଟେନିସ ସଂଘ (ଓଟିଏ) ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ୍ ତ୍ରିପାଠୀ, ସମ୍ପାଦକ ତଥା ଅବସରପ୍ରାପ୍ତ ଆଇପିଏସ୍ ସତ୍ୟଜିତ୍ ମହାନ୍ତି ଉପସ୍ଥିତ ରହି ବିଜେତା ଓ ଉପ- ବିଜେତାଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଓଟିଏ ଯୁଗ୍ମ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଆଇପିଏସ୍ ସଞ୍ଜୀବ ପଣ୍ଡା, ଓଟିଏ ଉପ ସଭାପତି ବ୍ରହ୍ମାନନ୍ଦ ମିଶ୍ର, ଆଇଟିଏଫ୍ ପର୍ଯ୍ୟବେକ୍ଷକ ଅଭିଷେକ ମୁଖାର୍ଜୀ, ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ୍ ପଟ୍ଟନାୟକ, ସହକାରୀ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ, ଓଟିଏ ମ୍ୟାନେଜର ବିସ୍ମୟ ଦାସ ଏବଂ ଓଟିଏର ଅନ୍ୟ ସଦସ୍ୟବୃନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ।



## ମେଜର ଲିଗ୍ ସକ୍କର

# ପ୍ଲେ ଅଫ୍‌ରେ ହାରିଲା ଇଣ୍ଟର ମିଆମି

**ଆଟଲାଣ୍ଟା ସିଟି, ୧୦।୧୧(ଏଜେନ୍ସି):** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ମେଜର ଲିଗ୍ ସକ୍କରର ପ୍ରଥମ ସିଜନ ପ୍ଲେ ଅଫ୍‌ରେ ଶେଷ ହୋଇଛି। ଶନିବାର ରାତି ବା ଭାରତୀୟ ସମୟ ରବିବାର ସକାଳେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ପ୍ଲେ ଅଫ୍‌ରେ ଫେବରାଇଟ୍ ମେସିଙ୍କ ଇଣ୍ଟର ମିଆମିକୁ ୩-୨ଗୋଲରେ ପରାସ୍ତ କରି ଆଟଲାଣ୍ଟା ୟୁନାଇଟେଡ୍ ମେଜର ଲିଗ୍ ସକ୍କର ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଫରୱାର୍ଡ ଖେଳାଳି ଜମାଲ ଥିଆରେ ୨ଟି ଓ ମିଡ୍‌ଫିଲ୍ଡର ବାର୍ଟୋଜ୍ ସ୍ଲିଜ ବିଜୟସୂଚକ ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ପକ୍ଷରୁ ମାଟିଆସ ରୋଜାସ ଓ ମେସି ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଲିଗ୍ ପର୍ଯ୍ୟାୟରେ ରେକର୍ଡ ୭୪ଟି ଗୋଲ କରିଥିବା ମେସିଙ୍କ ଇଣ୍ଟର ମିଆମି ଏହି ମ୍ୟାଚ୍ ଜିତିବ ବୋଲି ଆଶା କରାଯାଉଥିଲେ ମଧ୍ୟ ଆଟଲାଣ୍ଟା ତାହା କରାଇ ଦେଇ ନ ଥିଲା। ସେମିରେ ଆଟଲାଣ୍ଟା ୟୁନାଇଟେଡ ସହ ଅର୍ଲାଣ୍ଡୋ ସିଟିର ସେମିଫାଇନାଲ ଖେଳାଯିବ।

# ମହିଳାରେ ଶ୍ୱେତପଦ୍ମା, ପୁରୁଷରେ ମୈନକଙ୍କୁ ଟାଇଟଲ୍

**କଟକ, ୧୦।୧୧(ସମିସ):** ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗରେ ଶ୍ୱେତପଦ୍ମା ଦଳାଇ ଏବଂ ପୁରୁଷ ବର୍ଗରେ ମୈନକ ଦାସ ଚାମ୍ପିଅନ ହୋଇଛନ୍ତି। ଶ୍ୱେତପଦ୍ମା ଦୁଇଟି ବୟସ ବର୍ଗରେ ବିଜେତା ହୋଇଛନ୍ତି। ଏହାଛଡ଼ା ଆରାଧ୍ୟା ସାହୁ, ଜିଜ୍ଞାସୁ ସାଇ କିରଣ ଏବଂ ଜିଜ୍ଞାସୁ ସାହୁ ମଧ୍ୟ ଦୁଇଟି ଲେଖାଏ ବର୍ଗରେ ଚାମ୍ପିଅନ ଟାଇଟଲ ଜିତିଛନ୍ତି।




### ରାଜ୍ୟ ଟିଟି ଚାମ୍ପିଅନସିପ୍

ମହିଳା ଏକକ ବର୍ଗର ଫାଇନାଲରେ ଭୁବନେଶ୍ୱରର ଶ୍ୱେତପଦ୍ମା ଓ ଏଜି ଓଡ଼ିଶାର ନେହା କୁମାରୀଙ୍କ ଭିତରେ ରୋମାଞ୍ଚକ ମୁକାବିଲା ହୋଇଥିଲା। ପ୍ରଥମ ଦୁଇଟି ଗେମ୍‌ରେ ପଛୁଆ ରହିଥିବା ଶ୍ୱେତପଦ୍ମା ୪-୩ ଗେମ୍‌ରେ ଫାଇନାଲ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଥିଲେ। ପୁରୁଷ ବର୍ଗ ଫାଇନାଲରେ ଏଜି ଓଡ଼ିଶାର ମୈନକ ଦାସ ୪-୨ ଗେମ୍‌ରେ ଖୋର୍ଦ୍ଧା ଜିଲ୍ଲା ଦଳର ଶାଶ୍ୱତ ସାମଲଙ୍କୁ ହରାଇଥିଲେ। ୧୧ବର୍ଷରୁ କମ୍ ବାଳିକା ବର୍ଗରେ ଆରାଧ୍ୟା ସାହୁ ୩-୦ ଗେମ୍‌ରେ ଅନ୍ୱେଷା ଅନିରୁଦ୍ଧଙ୍କୁ, ବାଳକ ବର୍ଗରେ ଅଭନିଶ ସୁବ୍ରମଣ୍ୟମ ୩-୦ ଗେମ୍‌ରେ ସୁବିତ ପ୍ରଧାନଙ୍କୁ, ୧୩ବର୍ଷରୁ କମ୍ ବାଳିକା ବର୍ଗରେ ଆରାଧ୍ୟା ସାହୁ ୩-୧ ଗେମରେ ଶ୍ୱେତା ବର୍ମାଙ୍କୁ, ବାଳକ ବର୍ଗରେ ଜିଜ୍ଞାସୁ ସାଇ କିରଣ ୩-୧ ଗେମରେ ସୟଦ ଅର୍ସଦ ଅଲ୍ଲୀଙ୍କୁ, ୧୫ବର୍ଷରୁ କମ୍ ବାଳିକା ବର୍ଗରେ ସାକ୍ଷୀ ଭଗତ ୩-୨ ଗେମରେ ଆରାଧ୍ୟା ସାହୁଙ୍କୁ, ବାଳକ ବର୍ଗରେ ଜିଜ୍ଞାସୁ ସାଇ କିରଣ ୩-୨ ଗେମରେ ଜୟସ୍ତୁ ଦାସଗୁପ୍ତାଙ୍କୁ, ୧୭ବର୍ଷରୁ କମ୍ ବାଳିକା ବର୍ଗରେ ଉର୍ଜା ବର୍ମା ୪-୦ ଗେମରେ ଜୋୟା ଖାନ୍‌ଙ୍କୁ, ବାଳକ ବର୍ଗରେ ଜିଜ୍ଞାସୁ ସାହୁ ୪-୦ ଗେମରେ ରତିକାନ୍ତ ଗୌଡଙ୍କୁ, ୧୯ବର୍ଷରୁ କମ୍ ବାଳିକା ବର୍ଗରେ ଶ୍ୱେତପଦ୍ମା ଦଳାଇ ୪-୦ ଗେମରେ ଉର୍ଜା ବର୍ମାଙ୍କୁ, ବାଳକ ବର୍ଗରେ ଜିଜ୍ଞାସୁ ସାହୁ ୪-୧ ଗେମ୍‌ରେ ମହମ୍ମଦ ଜିସାନଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସଭାପତି ସଞ୍ଜୟ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆର କ୍ରିଷ୍ଣା କୁମାର, ସୁଜିତ ରାୟ, ଜୀବନବଲ୍ଲଭ ସାମଲ, ତପନ ଖା, କେଏସ୍‌ଏନ ମୂର୍ତ୍ତି, କେଭିପି ରାମାରାଓ, ବିଜନ ଦାସ ମହାପାତ୍ର, କେ ଚିନ୍ନା ରାଓ ପ୍ରମୁଖ ମ୍ୟାଚ୍ ପରିଚାଳନା କରୁଥିଲେ।

# ସତ୍ୟମ ଜିତିଲେ ସ୍କୁଲ ଓପନ ଚେସ୍



**ଭୁବନେଶ୍ୱର, ୧୦।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଚତୁର୍ଥ ସୌରେନ୍ଦ୍ର ଦାସ ସ୍ମାରକୀ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଭୁବନେଶ୍ୱର କେଭି-୧ର ଆଦିତ୍ୟ ପ୍ରଧାନ ରନର୍ସ ଅପ୍, ଏପିଜେ ସ୍କୁଲର ପ୍ରାଂଶୁ ଦାଶ ତୃତୀୟ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଶ୍ରୀହାନ ପଣ୍ଡା ଚତୁର୍ଥ ଓ ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ମାୟା ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜିତ ଉତ୍ସବରେ ଟିସିଏସ୍‌ର ରଞ୍ଜନ କୁମାର ଷଡଙ୍ଗୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ଶୁଭଶ୍ରୀ ଦାସ ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ଚିତ୍ତରଞ୍ଜନ ଦେବତା ଉଦ୍‌ଘାଟନ କରିଥିଲେ।

## ଗୀତାବାଣୀ


ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥



ଭକ୍ତ ମୋତେ ସମସ୍ତ ଯଜ୍ଞ ଓ ତପର ଭୋକ୍ତା, ସମସ୍ତ ଲୋକର ମହାନ୍ ଈଶ୍ୱର ତଥା ସକଳ ପ୍ରାଣୀଙ୍କର ସୁହୃଦ୍ (ସ୍ୱାର୍ଥରହିତ ଦୟାଳୁ ଓ ପ୍ରେମୀ) ବୋଲି ଜାଣି ଶାନ୍ତି ଲାଭ କରେ ।

- ପଞ୍ଚମୋଽଧ୍ୟାୟଃ: ଶ୍ଳୋକ-୨୯

## ପ୍ରଶ୍ନୋତ୍ତର




୧. ଅଗସ୍ତି ଋଷିଙ୍କ ପତ୍ନୀଙ୍କ ନାମ କ'ଣ?
୨. ଅର୍ଜୁନଙ୍କ ରଥର ଧ୍ୱଜାରେ କାହା ଚିତ୍ର ଅଛି?
୩. ବନବାସ ସମୟରେ ସୀତାଙ୍କୁ ଅମ୍ଳାନ ବସ୍ତ୍ର କିଏ ପ୍ରଦାନ କରିଥିଲେ?
୪. 'ଲକ୍ଷ୍ମୀ ପୁରାଣ' କିଏ ଲେଖିଥିଲେ?
୫. ଦାନବ ରାଜା ସମ୍ବରାସୁରଙ୍କୁ କିଏ ବଧ କରିଥିଲେ?

ଉତ୍ତର
(୧) ଲୋପାମୁଦ୍ରା (୨) ହନୁମାନ (୩) ସତୀ ଅନସୂୟା (୪) ବଳରାମ ଦାସ (୫) ରାଜା ଦଶରଥ

## କାର୍ତ୍ତିକ ପୂର୍ଣ୍ଣିମାର ମହତ୍ତ୍ୱ



**ସନାତନ ଧର୍ମୀୟ ରୀତିନୀତିରେ କାର୍ତ୍ତିକ ମାସର ବିଶେଷ ମହତ୍ତ୍ୱ ରହିଛି । ଏହାକୁ ଧର୍ମର ମାସ କୁହାଯାଏ । ଏହା ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ । ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାଦେବ ତ୍ରିପୁରାସୁର ନାମକ ଏକ ରାକ୍ଷସକୁ ବଧ କରିଥିଲେ । ଏହି କାରଣରୁ କାର୍ତ୍ତିକ ପୂର୍ଣ୍ଣିମାକୁ 'ତ୍ରିପୁରା ପୂର୍ଣ୍ଣିମା' ବୋଲି ମଧ୍ୟ କୁହାଯାଏ ।**

କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିଥିଲେ ବୋଲି ଶାସ୍ତ୍ର କହେ । ଏହିଦିନ ବଡି ସକାଳୁ ଲୋକେ କୌଣସି ପବିତ୍ର ନଦୀରେ ସ୍ନାନ ସାରି ଦାନ, ଧର୍ମ ସହ ଦୀପଦାନ କରିବାର ପରମ୍ପରା ବି ଅଛି । କୁହାଯାଏ, ଏଭଳି କରିବା ଦ୍ୱାରା ଲୋକଙ୍କ କଷ୍ଟ ଦୂର ହେବା ସହ ପାପ କ୍ଷୟ ମଧ୍ୟ ହୋଇଥାଏ । ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାରେ ଗଙ୍ଗା ସ୍ନାନର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି । ତା'ସହ ଭଗବାନ ବିଷ୍ଣୁଙ୍କ ପୂଜା ଦ୍ୱାରା କୃପାପ୍ରାପ୍ତି ହୁଏ । ଆମ ଓଡ଼ିଆ ଘରର ପରମ୍ପରାରେ କାର୍ତ୍ତିକ ପୂର୍ଣ୍ଣିମାରେ ନଦନଦୀ, ପୁଷ୍କରିଣୀ, ସମୁଦ୍ରରେ ଡଙ୍ଗା ଭସା ହୋଇଥାଏ । ଏହି ସମୟରେ 'ଆ କା ମା ବୈ...ପାନ ଗୁଆ ଥୋଇ...ପାନ ଗୁଆ ତୋର ମାସକ ଯାକ ଧର୍ମ ମୋର...' ଗୀତ ଗାଇ ପ୍ରତ୍ୟେକ ଓଡ଼ିଆ ଡଙ୍ଗା ଭସାନ୍ତି । କଦଳୀ ପଟୁକାରେ ଡଙ୍ଗା କରି ଭସା ଯିବାର ପରମ୍ପରା ରହିଛି । ତେବେ ଡଙ୍ଗା ଭସା ଆମ ଉତ୍କଳୀୟ ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମାରକୀ ବହନ କରିଥାଏ । ଡଙ୍ଗା ଭସା ପରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଅନ୍ୟପକ୍ଷରେ ହବିଷ୍ୟାଳିମାନେ ବ୍ରତ ପାଇଁ ସଂକଳ୍ପ କରିଥିବା ବ୍ରାହ୍ମଣଙ୍କୁ ଛଞ୍ଚା ଟେକି ବ୍ରତ ସମାପନ କରିଥାନ୍ତି ।

## ପଞ୍ଚୁକ ବ୍ରତ

**କାର୍ତ୍ତିକ ଶୁକ୍ଳ ଏକାଦଶୀ ବା ଦେବୋତ୍ଥାପନ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ 'ପଞ୍ଚୁକ' । କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୋଇଥାଏ । ଏହା 'ମହାପଞ୍ଚକ', 'ବକପଞ୍ଚକ', ବା 'ଭୀଷ୍ମପଞ୍ଚକ' ନାଁରେ ମଧ୍ୟ ପରିଚିତ । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନଠାରୁ ପଞ୍ଚୁକ ବ୍ରତ କରିଥାନ୍ତି ।**

କାର୍ତ୍ତିକ ମାସ ଶେଷ ପାଞ୍ଚଦିନକୁ ସବୁଠୁ ପବିତ୍ର ଦିନ ବୋଲି କୁହାଯାଏ । ତେବେ ଯେଉଁ ମହିଳାମାନେ କାର୍ତ୍ତିକ ବ୍ରତ ମାସ ସାରା ହବିଷ ପାଳନ କରିପାରି ନ ଥାନ୍ତି, ସେମାନେ ଏହି ପଞ୍ଚୁକ ପାଞ୍ଚଦିନ ନିଷ୍ଠାର ସହ ହବିଷ ପାଳନ କରିଥାନ୍ତି । ପଞ୍ଚୁକ ପାଞ୍ଚଦିନ ଯାକ ଲୋକମାନେ ଆମିଷ ତ୍ୟାଗ କରି ସାତ୍ତ୍ୱିକ ଆହର ଗ୍ରହଣ କରନ୍ତି । କିମ୍ବଦନ୍ତୀ ଅନୁସାରେ, ବଗ ମଧ୍ୟ ଏହି ପାଞ୍ଚଦିନ ଆମିଷ ତ୍ୟାଗ କରିଥାଏ । ସେଥିପାଇଁ ଏହାକୁ 'ବକ ପଞ୍ଚମୀ' କୁହାଯାଏ । ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏହି ଅବସରରେ ମାସେ ବ୍ୟାପୀ ଚାଲିଥିବା ରାଧାଦାମୋଦର ବେଶ ଶେଷ ହେବା ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ମହାପ୍ରଭୁ ବିଭିନ୍ନ ବେଶରେ ଦର୍ଶନ ଦେଇଥାନ୍ତି । କାର୍ତ୍ତିକ ପୂର୍ଣ୍ଣିମାରେ ରତ୍ନ ସିଂହାସନରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ । ପଞ୍ଚୁକରେ ଶ୍ରୀକ୍ଷେତ୍ର ପୁରୀରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ ।



## ବଡ଼ ଓଷା

**କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ପାଳିତ ହୁଏ ବଡ଼ଓଷା । ଏହିଦିନ ଦେବ ଦେବ ମହାଦେବଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଏ । ପଦ୍ମ ପୁରାଣ ଅନୁସାରେ, ବ୍ରହ୍ମାଙ୍କ ଅଭିଶାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ ପକାଇ ଶାପରୁ ମୁକ୍ତ ହୋଇଥିଲେ । କଟକ ଜିଲ୍ଲାର ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ଏହାର ମୁଖ୍ୟ ଭୋଗ ହେଉଛି ଗଜପିଠା ।**



ବଡ଼ଓଷାର କାହାଣୀ ପୁରାଣରେ ବର୍ଣ୍ଣିତ । ଏକଦା ଶିବଙ୍କ ପାଇଁ ନାରଦ ମୁନି କୈଳାସରେ ପହଞ୍ଚି ଥିଲେ । ମହାଦେବଙ୍କ ଦର୍ଶନ ସହ ଭକ୍ତଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ନାରଦ ମହାଦେବଙ୍କୁ ଅବଗତ କରାଇଲେ । ଏହାସହ ସେ ଭକ୍ତଙ୍କ ଦୁଃଖ ଲାଗି ଗୁହାରି କଲେ । ସେଇଠୁ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଶିବ ଦର୍ଶନ କରି ବ୍ରତ ଧାରଣ କରିବାକୁ ମହାଦେବ କହିଲେ । ସେହି ଦିନଠାରୁ ବଡ଼ଓଷା ପାଳନ ହୋଇ ଆସୁଛି । ଅନ୍ୟପଟେ ଏହିଦିନ ପ୍ରଭୁ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୁଏ । ଏହି ବେଶକୁ ଦର୍ଶନ କରିବା ଦ୍ୱାରା କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଠାକୁରଙ୍କ ପାଖରେ ଗଜଭୋଗ ସହ ତରଣ ମଧ୍ୟ ଲାଗି କରାଯାଏ । ବ୍ରତଧାରୀ ଏହିଦିନ ନିର୍ଜଳା ଉପବାସ ରଖନ୍ତି । ସେହିପରି ବଡ଼ଓଷା ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରନ୍ତି ।

## ତୁଳସୀ ବିବାହ

ଶାସ୍ତ୍ରରେ ତୁଳସୀକୁ ଅତ୍ୟନ୍ତ ପବିତ୍ର ବୃକ୍ଷ ଭାବେ ବୋଲି ବିବେଚନା କରାଯାଇଛି । ତୁଳସୀକୁ ବୃନ୍ଦାବତୀ ଭାବେ ପୂଜା କରାଯାଇଥାଏ । ତୁଳସୀ ଗଛ ଘରେ ସକାରାତ୍ମକ ଶକ୍ତି ସଞ୍ଚାର କରିଥାଏ । ଏହାସହ ବାସ୍ତୁ ଦୋଷ ମଧ୍ୟ ଦୂର କରିବାରେ ସାହାଯ୍ୟ କରିଥାଏ । ତୁଳସୀଙ୍କ ପୂର୍ବ ଜନ୍ମ ବିଷୟରେ ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଉଲ୍ଲେଖ ରହିଛି । କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ଦେବୀ ତୁଳସୀ ବିବାହ ଆୟୋଜନ କରାଯାଇଥାଏ । ତୁଳସୀ ଓ ଶଳଗ୍ରାମ ବା ଅଁଳା ଶାଖା ମଧ୍ୟରେ ଆନୁଷ୍ଠାନିକ ଭାବେ ବିବାହ ଅନୁଷ୍ଠିତ ହୁଏ । ହିନ୍ଦୁ ମାନ୍ୟତାନୁସାରେ, ବର୍ଷା ଋତୁର ଶେଷ ଏବଂ ବିବାହ ଋତୁର ଆରମ୍ଭକୁ ତୁଳସୀ ବିବାହ ସୂଚିତ କରେ । ତେବେ ତୁଳସୀ ବିବାହ କରାଇବା ଦ୍ୱାରା ବୈବାହିକ ଜୀବନର ସମସ୍ୟା ତୁଟିଥାଏ ବୋଲି ବିଶ୍ୱାସ ଅଛି ।

- ଏହିଦିନ ସ୍ୱାମୀ-ସ୍ତ୍ରୀ କୌଣସି ଏକ ପବିତ୍ର ନଦୀରେ ସ୍ନାନ କରି ତୁଳସୀ ଓ ଶାଳଗ୍ରାମକୁ ପୂଜା କରିବା ଉଚିତ । ଏହାପରେ ତୁଳସୀ ମଙ୍ଗଳାଷ୍ଟକ ପାଠ କରନ୍ତୁ । ଏହା କରିବା ଦ୍ୱାରା ବୈବାହିକ ଜୀବନରେ ଚାଲିଥିବା ସମସ୍ୟା ଦୂର ହୁଏ । ତା'ସହ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ମଜଭୁତ ହୋଇଥାଏ ।
- ଏହିଦିନ ତୁଳସୀ ଗଛ ମୂଳେ ଘିଅ ଦୀପ ଜାଳିବା ଆବଶ୍ୟକ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହୋଇଥାଏ ।
- ଏହିଦିନ ତୁଳସୀ ମାତାଙ୍କୁ ଷୋଳ ଶୃଙ୍ଗାର ସାମଗ୍ରୀ ଅର୍ପଣ କରନ୍ତୁ ।
- ତୁଳସୀ ପତ୍ରକୁ କେବେ ବି ଏକାଦଶୀ ଏବଂ ଦ୍ୱାଦଶୀ ଦିନ ଛିଡ଼ାନ୍ତୁ ନାହିଁ ।



## ବୈଜୟନ୍ତୀ ମାଳା ଧାରଣର ଲାଭ

**ବୈଜୟନ୍ତୀ ମାଳା ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ । ଏହାକୁ ଭଗବାନଙ୍କୁ ଅର୍ପଣ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ ଏବଂ ଶୁଭ ଫଳ ପ୍ରାପ୍ତି ହୁଏ । ତେବେ ଏ ମାଳା କ'ଣ ଏବଂ ଏହାକୁ ଧାରଣ କାହିଁକି କରାଯାଏ, ସେ ସମ୍ପର୍କରେ ଜାଣିବା ।**

- ବୈଜୟନ୍ତୀ ମାଳାକୁ ବିଜୟର ମାଳା ବୋଲି କୁହାଯାଏ । ଏହି ମାଳା ରାଧା ଭଗବାନ କୃଷ୍ଣଙ୍କୁ ଦେଇଥିଲେ ବୋଲି କଥିତ ରହିଛି । ଏହି ମାଳାର ଉଲ୍ଲେଖ ମହାଭାରତରେ ବନମାଳୀ ରୂପରେ କରାଯାଇଛି । ବନମାଳୀ ଶ୍ରୀକୃଷ୍ଣଙ୍କ ଅନ୍ୟ ନାଁ । ଏହାକୁ ବୈଜୟନ୍ତୀ ମଞ୍ଜିରୁ ତିଆରି କରାଯାଏ । ଜ୍ୟୋତିଷ ଶାସ୍ତ୍ରରେ ଏହାର ଉପକାରିତା ବିଷୟରେ ଉଲ୍ଲେଖ ରହିଛି ।
- ଏହି ମାଳାକୁ ଧାରଣ କରିବା ଦ୍ୱାରା ମନ ମଧ୍ୟରେ ଥିବା ନକାରାତ୍ମକ ଭାବନା ଦୂର ହୁଏ । ଯଦି କୌଣସି ବ୍ୟକ୍ତି କ୍ରୋଧିତ ରହୁଛନ୍ତି, ଏହାକୁ ପିନ୍ଧିଲେ ରାଗ ଶାନ୍ତ ହୁଏ । ମାନସିକ ଶାନ୍ତି ମିଳେ ।



- ଆତ୍ମବିଶ୍ୱାସ ବୃଦ୍ଧି ପାଏ । ଏହାକୁ ପିନ୍ଧି କାମ କରିବା ଦ୍ୱାରା କାମରେ ଉନ୍ନତି ପରିଲକ୍ଷିତ ହୁଏ ।
- କର୍ମ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଦୂର ହୋଇଥାଏ ।
- ବିବାହ ବିଳମ୍ବ ହେଉଥିଲେ ଏହାକୁ ଧାରଣ କରିବା ଦ୍ୱାରା ଶୀଘ୍ର ଶୁଭ ଖବର ମିଳିଥାଏ ।
- ଏହାକୁ ମାସର ଶୁକ୍ଳପକ୍ଷ ପ୍ରଥମ ଗୁରୁବାରରେ ପିନ୍ଧିବା ଭଲ ।

## ବିଛା ଦେଖିବା ଶୁଭ ନା ଅଶୁଭ



**ବେଳେ ବେଳେ ଘରର କୌଣସି ସ୍ଥାନରେ ଅଚାନକ ବିଛା ଦେଖିବାକୁ ମିଳିଥାଏ । ତେବେ ଅନେକ ଲୋକ ବିଛାକୁ ଦେଖିବା ଘଟଣାକୁ ଶୁଭ ଓ ଅଶୁଭ ସହିତ ଯୋଡ଼ିଥାନ୍ତି । ତେବେ ଏହାକୁ ନେଇ ଶାସ୍ତ୍ର କ'ଣ କହେ, ସେ ସମ୍ପର୍କରେ ଜାଣିବା ।**

- ଘରର ଯେକୌଣସି ସ୍ଥାନରେ ବିଛା ଦେଖିବା ଶୁଭ । ଏହା କୌଣସି ଶୁଭ କାମ ପ୍ରତି ଇଙ୍ଗିତ କରେ ।
- ସେହିପରି କୌଣସି କାମରେ ଶୀଘ୍ର ସଫଳତା ମିଳିବା କଥାକୁ ଏହା ଦର୍ଶାଏ ।
- ତେବେ ରାତିରେ ଶୋଇବାକୁ ଯିବା ବେଳେ ବିଛା ଦୃଷ୍ଟିଗୋଚର ହେବା ଅଶୁଭ ନୁହେଁ, ବରଂ ଶୁଭ । ଏହାର ଅର୍ଥ, ଆଗାମୀ ଦିନରେ ଆସିବାକୁ ଥିବା କୌଣସି ବାଧାବିଘ୍ନ ଦୂର ହେବ । ଏହା ସହ ସମସ୍ତ ସମସ୍ୟା ବି ଦୂର ହେବ ।
- ଅନ୍ୟପଟେ ଘରର ଶୌଚାଳୟ, ଶିଡ଼ିରେ ମୃତ ବିଛାକୁ ଦେଖିବା ଶୁଭ ନୁହେଁ । ଏହାଦ୍ୱାରା ରାହୁ ଦଶା ଠିକ୍ ନ ଥିବା ସୂଚାଏ ।
- ମନ୍ଦିରରେ ବିଛା ଦେଖିବା ଖୁବ୍ ଶୁଭ । ଶୀଘ୍ର କୌଣସି ଖୁସି ଖବର ମିଳିବା ଦିଗକୁ ଏହା ଇଙ୍ଗିତ କରେ । ତା'ସହ ଜୀବନରେ ଖୁସି, ସମୃଦ୍ଧି, ଧନଲାଭ ସହିତ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ ।

## ବୁଝି ବିଚାରି ମନ୍ତବ୍ୟ ଦିଅ

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ କାହା ବିଷୟରେ କିଛି ମନ୍ତବ୍ୟ ଦେବାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ବୁଦ୍ଧ କଥା



ଗୌତମ ବୁଦ୍ଧଙ୍କ ଜଣେ ଶିଷ୍ୟ ଧର୍ମାତ୍ମା ଆଶ୍ରମରେ କାମ କରନ୍ତି । ତେବେ କାମ ଶେଷ ହେବା ପରେ ସେ ଏକାନ୍ତରେ ରହନ୍ତି । କାହା ସହ ସେତେ ବେଶି କଥାବାର୍ତ୍ତା କରନ୍ତି ନାହିଁ । ଧର୍ମାତ୍ମା ଅଧିକ ଏକାନ୍ତରେ ରହିବାରୁ ଅନ୍ୟମାନେ ତାଙ୍କର ଏହି ସ୍ୱଭାବକୁ ଅଲଗା ଅର୍ଥାତ୍ ଭୁଲ ବୁଝିଲେ । ସେମାନେ ଭାବିଲେ ଧମାତ୍ମା ଗର୍ବ କରୁଛି । ଆଶ୍ରମର ଅନ୍ୟ ଶିଷ୍ୟମାନେ ଧର୍ମାତ୍ମାଙ୍କ ଏଭଳି ଆଚରଣକୁ ନେଇ ବୁଦ୍ଧଙ୍କ ପାଖରେ ଅଭିଯୋଗ କଲେ । ଏହାପରେ ଦିନେ ସମସ୍ତ ଶିଷ୍ୟଙ୍କ ସାମ୍ନାରେ ବୁଦ୍ଧ ଧର୍ମାତ୍ମାଙ୍କୁ ପଚାରିଲେ, 'ତୁମେ କାହା ସହ କଥାବାର୍ତ୍ତା ନ କରି ଏକାନ୍ତରେ କାହିଁକି ରହୁଛ?'

ଧର୍ମାତ୍ମା କହିଲେ, "ଆପଣ କହିଲେ, କିଛିଦିନ ପରେ ଏହି ସଂସାର ଛାଡ଼ି ଦେବେ । ମୁଁ ବିଚାର କଲି, ଯେତେବେଳେ ଆପଣ ଏ ସଂସାର ଛାଡ଼ି ଚାଲିଯିବେ, ତେବେ ଆମ ପାଖରେ ଶିଖିବା ପାଇଁ ବା ଆଉ କ'ଣ ରହିବ? ତେଣୁ ମୁଁ ସ୍ଥିର କଲି ଯେ, ମୁଁ ଏକାନ୍ତ ଓ ମୌନତାକୁ ଭଲ ଭାବେ ବୁଝିବି । ଏ ଦୁଇଟି କାମ ଆପଣ ବଞ୍ଚି ଥାଉଥାଉ ମୁଁ କରିବାକୁ ଚାହେଁ ।"

ଉତ୍ତର ଶୁଣିବା ପରେ ବୁଦ୍ଧ ଅନ୍ୟ ଶିଷ୍ୟଙ୍କୁ କହିଲେ, "ତମେ ସମସ୍ତେ ଦେଖିଲ କିଛି ଓ ବୁଝିଲ କିଛି । ତୁମର ଅଭ୍ୟାସ, ଅନ୍ୟମାନଙ୍କୁ ଖରାପ ଦୃଷ୍ଟିରେ ଦେଖିବା । ତେଣୁ ତୁମେମାନେ ଧର୍ମାତ୍ମାଙ୍କ ଭଲ କାମକୁ ଭୁଲ ବୁଝିଲ । ଯାହାକି ଅନୁଚିତ । କାହାକୁ ଭଲ ଭାବେ ନ ଜାଣି ତାଙ୍କ ବିଷୟରେ କିଛି କହିବା ଅନୁଚିତ । ପ୍ରକୃତ କଥା ହେଉଛି, ଜଣକୁ ବୁଝିବା ପରେ ହିଁ ସର୍ବଦା ନିଜ ମତ ମନ୍ତବ୍ୟ ଦେବା ଠିକ ହେବ । କିନ୍ତୁ କେହି ଏହା ଉପରେ ଦୃଷ୍ଟି ଦେଇ ନ ଥାନ୍ତି ।"

## ତୈଳ ମର୍ଦ୍ଦନର ନିୟମ

**ତେଲ ଲଗାଇବା ଦ୍ୱାରା କେଶ ସୁସ୍ଥ ରହେ । ତେବେ କେଶରେ ତେଲ ଲଗାଇବାକୁ ନେଇ ଜ୍ୟୋତିଷ ଶାସ୍ତ୍ରରେ ନିୟମ ଅଛି ।**

ଯେଭଳି କେଶ କାଟିବା ପାଇଁ ଶୁଭଦିନ ନିର୍ଦ୍ଧାରଣ କରାଯାଇଛି, ଠିକ୍‌ସେମିତି କେଶରେ ତେଲ ଲଗାଇବା ପାଇଁ ଶୁଭ ଓ ଅଶୁଭ ଦିନ ଅଛି । ଅଶୁଭ ଦିନରେ କେଶରେ ତେଲ ଲଗାଇବା ଦ୍ୱାରା ଜୀବନରୁ ଖରାପ ସମୟ ଆଦୌ ତୁଟି ନ ଥାଏ । ଶାସ୍ତ୍ର ମତରେ, ମଙ୍ଗଳବାର କେଶରେ ତେଲ ଲଗାଇବା ଅନୁଚିତ । ଏହିଦିନ ତେଲ ଲଗାଇବା ଦ୍ୱାରା ଜୀବନରୁ ଦୁଃଖ ଦୂର ହୁଏ ନାହିଁ । ତା'ସହ ଏହାକୁ ନେଇ କିଛି ନା କିଛି ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ । ଶୁକ୍ରବାର ମଧ୍ୟ ତେଲ ଲଗାଇଲେ କାମରେ ବିଘ୍ନ ଘଟେ । ସେହିପରି ଗୁରୁବାର ତେଲ ଲଗାଇଲେ ସୌଭାଗ୍ୟ ଚାଲିଯାଏ । ତେବେ ଲୋକେ ରବିବାର କେଶରେ ତେଲ ଲଗାଇବାକୁ ଭଲପାଆନ୍ତି, କିନ୍ତୁ ଏଭଳି କରିବା ଅଶୁଭ । ରବିବାର ତେଲ ଲଗାଉଥିବା ଲୋକ ଜୀବନଯାକ କିଛି ନା କିଛି ଶାରୀରିକ ସମସ୍ୟା ଦେଇ ଗତି କରନ୍ତି । ଅନ୍ୟପଟେ କେଉଁ ଦିନ କେଶରେ ତେଲ ଲଗାଇବେ, ତାହାକୁ ନେଇ ପ୍ରଶ୍ନ ଆସିବା ସ୍ୱାଭାବିକ । ତେଲ ଲଗାଇବା ପାଇଁ ଶୁଭ ଦିନ ହେଉଛି ସୋମବାର । ଏହିଦିନ ତେଲ ଲଗାଇବା ଦ୍ୱାରା ସୌନ୍ଦର୍ଯ୍ୟ ଓ ସୌଭାଗ୍ୟ ବୃଦ୍ଧି ପାଏ । ସେହିପରି ଶନିବାର ତେଲ ଲଗାଇବା ଦ୍ୱାରା ସଦ୍‌ବୁଦ୍ଧି ଓ ସମୃଦ୍ଧି ବୃଦ୍ଧି ପାଏ ।



■ ଭାରତ ବିପକ୍ଷ ଟେଷ୍ଟ ସିରିଜ୍

## ଇନିଂସ ଓପନ କରିବେ ମ୍ୟାକ୍ସ୍ୱିନି

**ମେଲବୋର୍ଣ୍ଣ, ୧୦।୧୧(ଏଜେନ୍ସି):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପର୍ଥରେ ନଭେମ୍ବର ୨୨ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ଅଷ୍ଟ୍ରେଲିଆ ଦଳରେ ନାଥାନ ମ୍ୟାକ୍ସ୍ୱିନି ଓ ୱିକେଟରକ୍ଷକ ଜୋଶ ଇଂଲିଶଙ୍କୁ ସାମିଲ କରାଯାଇଛି। ନିକଟରେ ଭାରତ-ଏ’ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ଭଲ ଖେଳିଥିବା ମ୍ୟାକ୍ସ୍ୱିନି ଅଷ୍ଟ୍ରେଲିଆ ଇନିଂସ ଓପନ କରିବା ସମ୍ଭାବନା ରହିଛି।



ଡେଭିଡ ୱାର୍ଣ୍ଣର ଅବସର ନେବା ପରେ ଏହି ସ୍ଥାନଟି ଖାଲି ପଡ଼ିଛି ଓ ମ୍ୟାକ୍ସ୍ୱିନି ଏହା ପୂରଣ କରିବେ ବୋଲି ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ଆଶା ରଖିଛି। ‘ନାଥାନଙ୍କ ନିକଟରେ ଟେଷ୍ଟ ଖେଳିବାର ସମସ୍ତ ଗୁଣ ରହିଛି। ସେ ଅଷ୍ଟ୍ରେଲିଆକୁ ଆଗକୁ ନେଇପାରିବେ ବୋଲି ଆମର ବିଶ୍ୱାସ ଅଛି’ ବୋଲି ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ କହିଛନ୍ତି। ଚଳିତ ସିଜନରେ ସେ ଘରୋଇ କ୍ରିକେଟରେ ମଧ୍ୟ ଭଲ ଖେଳିଛନ୍ତି ଓ ଭାରତ ବିପକ୍ଷରେ ଭଲ ଖେଳି ଓପନିଂ ସ୍ଥାନ ନିଜର କରିନେବେ ବୋଲି ବେଲୀ କହନ୍ତି। ଅଷ୍ଟ୍ରେଲିଆ ଦଳ ନଭେମ୍ବର ୧୭ ତାରିଖ ପର୍ଥରେ ଏକାଠି ହେବେ। ପାକିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ୧୮ ରେ ଶେଷ ହେବ ଓ ଏହା ପରେ ସେ ଦଳ ସହ ଯୋଗଦେବେ ବୋଲି ଆଶା କରାଯାଉଛି।

**ଅଷ୍ଟ୍ରେଲିଆ ଟେଷ୍ଟ ଦଳ:** ଉସ୍‌ମାନ ଖୱାଜା, ନାଥାନ ମ୍ୟାକ୍ସ୍ୱିନି, ମାର୍ନସ ଲାବୁସେନ, ଷ୍ଟିଭେନ ସ୍ମିଥ୍, ଟ୍ରାଭିସ୍ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କ୍ୟାରୀ ଓ ଜୋଶ ଇଂଲିଶ (ଉଭୟ ୱିକେଟ ରକ୍ଷକ), ନାଥାନ ଲାୟନ, ପ୍ୟାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ଜୋଶ ହାଜଲେଉଡ୍, ସ୍କଟ ବୋଲାଣ୍ଡ।

■ ବିଶ୍ୱ ବିଶ୍ୱବିଦ୍ୟାଳୟ ସୁଟିଂ ଚାମ୍ପିଅନସିପ୍

## ୧୧ ପଦକ ସହ ଶୀର୍ଷରେ ଭାରତ



**ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ସ୍ଥାନୀୟ ଡ. କର୍ନି ସିଂ ରେଞ୍ଜରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ସୁଟିଂ ଚାମ୍ପିଅନସିପ୍‌ରେ ଭାରତର ପଲକ ଗୁଲିଆ ଓ ଅମିତ୍ ଶର୍ମା ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ମିକ୍ସଡ ଏୟାର ପିସ୍ତଲ ଫାଇନାଲ ମ୍ୟାଚରେ ପଲକ-ଅମିତ୍ ଯୋଡ଼ି ୧୬-୧୨ ସ୍କୋରରେ ଅନ୍ୟତମ ଭାରତୀୟ ଯୋଡ଼ି ସୈନମ୍ୟ ଓ ସମ୍ରାଟ୍ ରାଣାଙ୍କୁ ପରାସ୍ତ କରିଥିଲେ। ପ୍ରତିଯୋଗିତାରେ ପଲକଙ୍କ ଏହା ୨ୟ ସ୍ୱର୍ଣ୍ଣ ପଦକ ଥିଲା। ପୂର୍ବରୁ ସେ ମହିଳା ଏୟାର ପିସ୍ତଲ ସିଙ୍ଗଲ୍ସ ଇଭେଣ୍ଟରେ ଚାମ୍ପିଅନ ହୋଇଥିଲେ। ନ୍ୟାସନାଲ ରାଇଫଲ୍ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଆଇ)ର ସଭାପତି କଳିକେଶ ନାରାୟଣ ସିଂଦେଓ ଓ ଜୟନ୍ତ ଚୌଧୁରୀ ଅତିଥି ଭାବେ ରବିବାର ଯୋଗଦେଇଥିଲେ। ଉଭୟ ଏହି ଅବସରରେ ପଦକ ବିଜୟୀ ଭାରତୀୟ ସୁଟର୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ବର୍ତ୍ତମାନ ସୁଦ୍ଧା ଭାରତୀୟ ସୁଟିଂ ଦଳ ଏହି ପ୍ରତିଯୋଗିତାରେ ୧୧ ପଦକ ଜିତି ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି।

ବରୁଣ ଚକ୍ରବର୍ତ୍ତୀ (୫/୧୭)ଙ୍କ ଯାଦୁକରୀ ବୋଲିଂ ବେକାର

# ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ବିଜୟୀ

**ଜେବେର୍‌ହା (ପୋର୍ଟ ଏଲିଜାବେଥ), ୧୦।୧୧(ଏଜେନ୍ସି):** ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂ ସତ୍ତ୍ୱେ ଏଠାରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ବିଶ୍ୱଚାମ୍ପିଅନ ଭାରତକୁ ୩ ୱିକେଟରେ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ପରାସ୍ତ କରିଛି। ଏହା ଫଳରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୧ ସମାନ ସ୍ତରକୁ ଆସିଯାଇଛି। ଏହି ମ୍ୟାଚ୍‌ରେ ବରୁଣ ୪ ଓଭରରେ ୧୭ ରନ୍ ଦେଇ ୫ଟି ୱିକେଟ ନେବା ଫଳରେ ଏହି ମ୍ୟାଚ୍‌ଟି ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପାରିଥିଲା। ଶେଷ ଭାଗରେ ଅକ୍ଷର ପଟେଲଙ୍କ ପରିବର୍ତ୍ତେ ପେସ୍ ବୋଲର ଅର୍ଶଦୀପ ସିଂ, ଆଭେଷ ଖାନ୍ ଭଲ ବୋଲିଂ କରି ନ ପାରି ଭାରତକୁ ଏହି ମ୍ୟାଚ୍ ହରାଇଦେଇଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ବୁଧବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୪ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯ତମ ଓଭରରେ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ୧୨୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଏକଦା ୧୬ ଓଭରରେ ୭ ୱିକେଟ ହରାଇ ୮୮ ରନ୍ କରିଥିଲା। କିନ୍ତୁ ୧୭ତମ ଓଭରରେ ଅର୍ଶଦୀପ ସିଂ ୧୨, ୧୮ତମ ଓଭରରେ ଆଭେଷ ଖାନ୍ ୧୨ ଓ ୧୯ତମ ଓଭରରେ ଅର୍ଶଦୀପ ୧୬ ରନ୍ ଦେବା ଫଳରେ ଦକ୍ଷିଣ ଆଫ୍ରିକା



ବରୁଣ ଚକ୍ରବର୍ତ୍ତୀ: ୪-୦-୧୭-୫

ଗୋଟିଏ ଓଭର ଖେଳ ଓ ୩ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଏହି ମ୍ୟାଚ୍ ବିଜୟରେ ଦଳର ହିରୋ ସାଜିଥିଲେ ଟ୍ରିଷ୍ଟାନ ଷ୍ଟବ୍ସ ଓ ଗେରାଲ୍ଡ କୋଏଜି। ଏମାନେ ୮ମ ୱିକେଟରୁ ୨୦ ବଲର ସମ୍ମୁଖୀନ ହୋଇ ୪୦ ରନ୍ ସଂଗ୍ରହ କରିବା ଫଳରେ ଦଳ ହାରିବାକୁ ଯାଉଥିବା ମ୍ୟାଚ୍‌ରେ ବିଜୟୀ ହୋଇଥିଲା। କୋଏଜି ମାତ୍ର ୯ ବଲ୍ ଖେଳି ୨ ଚୌକା ଓ ଏକ ବିଶାଳ ଛକା ସହ ୧୯ ଏବଂ ଷ୍ଟବ୍ସ ୪୧ବଲ୍‌ରୁ ସମ୍ମୁଖୀନ ହୋଇ ୭ ଚୌକା ସହ ୪୭ ରନ୍‌ରେ ଅପରାଜିତ ରହିଥିଲେ। ଏହି ମ୍ୟାଚ୍ ଜିତିବା ଫଳରେ ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି। ଭାରତ ପକ୍ଷରୁ ବରୁଣଙ୍କ ୫ ୱିକେଟ ବ୍ୟତୀତ ଅର୍ଶଦୀପ ସିଂହ ୪୧ ରନ୍ ଓ ରବି ବିଷ୍ଣୋଇ ୨୧ ରନ୍‌ରେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିବା ପରେ ଭାରତର ପ୍ରଥମ ୩ ଜଣ ବ୍ୟାଟର ୧୫ ରନ୍‌ରେ ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ଶତକ ହାସଲ କରିଥିବା ସଞ୍ଜୁ ସାମସନ ଖାତା ଖୋଲିବା ପୂର୍ବରୁ, ଅଭିଷେକ ଶର୍ମା ୪ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୪ ରନ୍ କରି ଆଉଟ ହୋଇଥିଲେ। ୮ମ ଓଭରରେ ଦଳୀୟ ସ୍କୋର ୪୫ ରନ୍ ଥିଲାବେଳେ ତିଳକ ବର୍ମା (୨୦)ଙ୍କ ୱିକେଟ ହରାଇଥିଲା। ଅକ୍ଷର ପଟେଲ ୨୧ ବଲ୍‌ରୁ ୪ ଚୌକା ସହ ୨୭ ରନ୍ କରିଥିଲେ ମଧ୍ୟ ତାଙ୍କ ଦୁର୍ଭାଗ୍ୟଜନକ ରନ୍ ଆଉଟ ଭାରତକୁ ଅଡୁଆରେ ପକାଇଥିଲା। ଏହା ସତ୍ତ୍ୱେ ଦଳ ୭୦ ରନ୍‌ରେ ୫ମ, ୮୭ ରନ୍‌ରେ ୬ଷ୍ଠ ୱିକେଟ ହରାଇଥିଲା। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅର୍ଶଦୀପ ସିଂହ ୮ମ ୱିକେଟରୁ ୩୭ ରନ୍ ଉଠାଇବା ଯୋଗୁଁ ଭାରତର ସ୍କୋର ଶହେ ପାର କରିଥିଲା। ପାଣ୍ଡ୍ୟା ୪୫ଟି ବଲ ଖେଳି ୪ ଚୌକା ଓ ୧ଛକା ବଳରେ ସର୍ବାଧିକ ୩୯ ଓ ଅର୍ଶଦୀପ ୭ଟି ବଲରୁ ଗୋଟିଏ ବିଶାଳ ଛକା ସହ ୭ ରନ୍‌ରେ ଅପରାଜିତ ରହିଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ବୋଲରମାନେ ଉନ୍ନତ ବୋଲିଂ ପ୍ରଦର୍ଶନ କରିଥିଲେ। କେବଳ ପ୍ରଭାବୀ ବୋଲିଂ କରିଥିବା ଗେରାଲ୍ଡ କୋଏଜି ତାଙ୍କ ୪ ଓଭର ସ୍ପେଲ୍‌ରେ ୬ଟି ୱାଇଡ୍ ବଲ୍ ପକାଇଥିଲେ ମଧ୍ୟ ୨୫ ରନ୍ ଦେଇଥିଲେ। ମାର୍କୋ ଜାନସେନ, ଆନ୍ଦିଲ ସିମେଲାନେ, ଆଇଡେନ ମାର୍କରାମ ଓ ଏନ୍. ପିଟରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

■ ମହାରାଷ୍ଟ୍ର ବିପକ୍ଷ ରଣଜୀ ଲାଗି ତାପସଙ୍କୁ ଡକରା

## ବିପ୍ଲବଙ୍କୁ ବିଶ୍ରାମ, ଅନୁରାଗ ବାଦ୍

**କଟକ, ୧୦।୧୧(ସମିସ):** ଚଳିତ ରଣଜୀ ଟ୍ରଫିର ୪ର୍ଥ ରାଉଣ୍ଡ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇଠାରୁ ଇନିଂସ ପରାଜୟ ପରେ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ମହାରାଷ୍ଟ୍ର ବିପକ୍ଷ ଆଗାମୀ ଘରୋଇ ମୁକାବିଲା ଲାଗି ରବିବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ମୁମ୍ବାଇ ବିପକ୍ଷରେ ଖେଳିଥିବା ବରିଷ୍ଠ ଓପନର୍ ଅନୁରାଗ ଷଡ଼ଙ୍ଗୀ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ସେହିଭଳି ଅଭିଜ୍ଞ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଆଘାତଜନିତ ସମସ୍ୟା ହେତୁ ବିଶ୍ରାମ ଦିଆଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ଜାରି ବିବୃତିରେ ଏହା କୁହାଯାଇଛି। ବ୍ୟାଟିଂ ଲାଇନ୍‌ଅପରେ ଅନ୍ୟ କୌଣସି ପରିବର୍ତ୍ତନ ହୋଇନଥିବା ବେଳେ ଡାହାଣହାତୀ ମିଡିୟମ ପେସ୍ ବୋଲର ତାପସ ଦାସଙ୍କୁ ବରିଷ୍ଠ ଦଳରେ ସାମିଲ କରାଯାଇଛି। ଗତ ରଣଜୀ ସଂସ୍କରଣରେ ତାପସ ଦଳରେ



ସ୍ଥାନ ପାଇଥିଲେ। ହେଲେ ତାଙ୍କୁ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥିଲା। ଆସନ୍ତା ୧୩ରୁ ବାରବାଟୀରେ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍ ଆରମ୍ଭ ହେବ। ପ୍ରଥମଶ୍ରେଣୀ କ୍ରିକେଟରେ ତାପସ ପଦାର୍ପଣ କରି ପାରନ୍ତି ବୋଲି ଅନୁମାନ କରାଯାଉଛି।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର(ୱିକେଟ ରକ୍ଷକ), ଆଶୀର୍ବାଦ ସ୍ୱାଇଁ(ୱିକେଟ ରକ୍ଷକ), ଅନୀଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସ, ହର୍ଷିତ ରାଥୋଡ, ସୁମିତ ଶର୍ମା, ତାପସ ଦାସ।

## ସାୱନ-ସୁଜଲଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ

ସିକେ ନାଇଡୁ ଟ୍ରଫି




**କଟକ, ୧୦।୧୧(ସମିସ):** ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଖେଳାଯାଉଥିବା ସି.କେ ନାଇଡୁ ଟ୍ରଫିର କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପରାଜୟ ନିକଟତର ହୋଇଛି। କର୍ଣ୍ଣାଟକର ପ୍ରଥମ ପାଳି ୩୮୯ରନ ଜବାବରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୮୫ରନ କରିଥିଲା। ଫଲୋଅନ ପାଇ ଦ୍ୱିତୀୟ ପାଳି ବ୍ୟାଟିଂ କରୁଥିବା ଓଡ଼ିଶା ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ୱିକେଟ ବିନିମୟରେ ୨୭୪ରନ କରିଛି। ଓମ ଟି ମୁଣ୍ଡେ ୪୫ରନ କରିଥିଲେ। ବିଶ୍ୱବିଭବ ମୁଦୁଲି ୫ରନ, ସ୍ୱୟମ ଶ୍ରୀବାସ୍ତବ ୧ରନ, ସାଇଦୀପ ମହାପାତ୍ର ୧୦ରନ, ଦେବବ୍ରତ ପ୍ରଧାନ ୮ରନ ଏବଂ ସମ୍ବିତ ବରାଳ ୩୬ରନରେ ଆଉଟ ହୋଇଛନ୍ତି। ୱିକେଟ କିପର ଅଧିନାୟକ ସାୱନ ପହରିୟା ଏବଂ ନିମ୍ନକ୍ରମର ବ୍ୟାଟର ସୁଜଲ ସିଂହ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳିବା ହେତୁ ଓଡ଼ିଶା ଲଜ୍ଜାଜନକ ପରାଜୟକୁ ଏଡାଇଛି। ଉଭୟଙ୍କ ଭିତରେ ୧୨୦ରନର ଭାଗିଦାରୀ ସୃଷ୍ଟି ହୋଇଛି। ସାୱନ ୯୧ରନ ଏବଂ ସୁଜଲ ୭୨ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ମୋଟ୍ ୭୦ରନରେ ଆଗୁଆ ରହିଛି।

## ପୁଲିସ ଫୁଟବଲ୍ ଚାମ୍ପିଅନ୍‌ସିପ୍: କମିଶନରେଟ-ଏ ଚାମ୍ପିଅନ

**କଟକ, ୧୦।୧୧(ସମିସ):** ୬ଷ୍ଠ ବାଟାଲିୟନ ପରିସରରେ ଚାଲିଥିବା ୭୯ ତମ ଫୁଟବଲ ଚାମ୍ପିୟନସିପ ଉଦଯାପିତ ହୋଇଯାଇଛି। କମିଶନରେଟ-ଏ ଏବଂ ରାଉରକେଲା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କୌଣସି ଗୋଲ ନହେବା ଯୋଗୁଁ ପେନାଲ୍ଟି ସୁଟଆଉଟ ଜରିଆରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ କମିଶନରେଟ-ଏ ୫-୪ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। କମିଶନରେଟ-ଏର ରଞ୍ଜନ କୁମାର ଭୋଇଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଡ଼ିଫେଣ୍ଡର ଭାବେ ଶେଖ ଆଲାମ, ଶ୍ରେଷ୍ଠ ମିଡ଼ଫିଲଡର ଭାବେ ଲଖାଇ ମୁର୍ମୁ, ଜଗତସିଂହପୁର ଜିଲ୍ଲାର ନିର୍ମଳ ମାରାଣ୍ଡିଙ୍କୁ ଶ୍ରେଷ୍ଠ ଫରୱାର୍ଡ଼



ଖେଳାଳି ଏବଂ ରାଉରକେଲା ଜିଲ୍ଲାର ସମୀର କେରକେଟାଙ୍କୁ ପ୍ଲେୟାର ଅଫ ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଛି। ସେହିପରି ଜଗତସିଂହପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଏସଏପି ଷଷ୍ଠ ବାଟାଲିୟନକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ଏଡିଜିପି(ଆଇନ ଶୃଙ୍ଖଳା) ସଞ୍ଜୟ କୁମାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଏଆଇଜି (ମୁଖ୍ୟାଳୟ) ସୁରେଶ ନାଏକ, ଡେପୁଟି କମାଣ୍ଡାଣ୍ଟ ଅନୀଲ ପ୍ରଧାନ, ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ସିରିଜ୍ ଡ୍ର ରଖିଲା ନ୍ୟୁଜିଲାଣ୍ଡ

**ଡାମ୍ବୁଲା, ୧୦।୧୧ (ଏଜେନ୍ସି):** ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ତଥା ୨ୟ ଟି-୨୦ ମ୍ୟାଚକୁ ନ୍ୟୁଜିଲାଣ୍ଡ ୫ ରନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୦୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ୱାନିନ୍ଦୁ ହାସରଙ୍ଗା ୪ ୱିକେଟ୍ ନେଇଥିଲେ। ଜବାବରେ ପାଥୁମ ନିଶାଙ୍କଙ୍କ ୫୨ ରନ ସତ୍ତ୍ୱେ ଶ୍ରୀଲଙ୍କା ୧୦୩ ରନରେ ସୀମିତ ରହିଥିଲା। ପ୍ରଥମ ମ୍ୟାଚକୁ ୪ୱିକେଟ୍‌ରେ ହାରିଥିବା ନ୍ୟୁଜିଲାଣ୍ଡ ଏଥିସହ ସିରିଜକୁ ୧-୧ରେ ବରାବର୍ ରଖିଛି।

■ ଜାତୀୟ ବରିଷ୍ଠ ପୁରୁଷ ହକି

## ହ୍ୟାଟ୍ରିକ୍ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା



**ଭୁବନେଶ୍ୱର, ୧୦।୧୧ (ସମିସ):** ଚେନ୍ନଇରେ ଚାଲିଥିବା ୧୪ତମ ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ଅରୁଣାଚଳ ପ୍ରଦେଶକୁ ଭେଟିଥିଲା। ଦୀପସାନ ତିର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହି ମ୍ୟାଚକୁ ୯-୦ ଗୋଲରେ ଏକପାଖିଆ ଭାବେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅମନଦୀପ୍ ଲାକ୍ରା, ଅଜୟ କୁମାର ଏକ୍କା ଓ କେରୋବିନ ଲାକ୍ରା ୨ଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ନୀଲମ ସଞ୍ଜୀପ ଖେସ୍, ସୁଦୀପ ଚିର୍‌ମାକୋ ଓ ପ୍ରତାପ ଲାକ୍ରାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। କେରୋବିନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ମୋହନ ବାଗାନକୁ ଅଟକାଇଲା ଓଏଫ୍‌ସି



**ଭୁବନେଶ୍ୱର, ୧୦।୧୧ (ସମିସ):** ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଏକାଦଶ ସଂସ୍କରଣରେ ରବିବାର ଘରୋଇ ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅମୀମାଂସିତ ରହିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ଫଳରେ ଉଭୟ ଦଳ ୧ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲେ। ମୋହନ ବାଗାନ ୭ ମ୍ୟାଚରୁ ୪ ବିଜୟ, ୨ ଡ୍ର ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ପାଇ ବେଙ୍ଗାଲୁରୁ ଏଫ୍‌ସି (୧୭) ପଛକୁ ୨ୟ ସ୍ଥାନରେ ରହିଛି। ସେହିଭଳି ଓଡ଼ିଶା ଏଫ୍‌ସି ୮ମ ମ୍ୟାଚରୁ ୩ଟି ଲେଖାଏ ଡ୍ର ଓ ପରାଜୟ ଏବଂ ୨ଟି ବିଜୟ ସହ ୯ ପଏଣ୍ଟ ପାଇ ୧୩ ଦଳୀୟ ଟେବଲର ୯ମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଡ୍ର ସହ ମୋହନ ବାଗାନ ବିପକ୍ଷରେ ଘରୋଇ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଶେଷ ୪ଟି ମ୍ୟାଚରେ ଅପରାଜେୟ ରେକର୍ଡ ବଜାୟ ରଖିଛି। ଏଠାରେ ମୋହନ ବାଗାନ ବିପକ୍ଷ ଶେଷ ୪ ମ୍ୟାଚରୁ ଓଡ଼ିଶା ଗୋଟିଏ ବିଜୟ ଓ ୩ଟି ଡ୍ର ରଖିବାରେ ସଫଳ ହୋଇଛି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ମୁକାବିଲା ବେଶ୍ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରାରମ୍ଭରୁ ଘରୋଇ ଓଡ଼ିଶା ଏଫ୍‌ସି ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ୪ର୍ଥ ମିନିଟ୍‌ରେ ଓଡ଼ିଶା ଏଫ୍‌ସିକୁ ଏକ ଫ୍ରି-କିକ୍ ମିଳିଥିଲା। ମରକ୍କୋ ଡିଫେଣ୍ଡର ଅହମ୍ମଦ ଜାହୋହଙ୍କ ସଟ୍‌କୁ ସୁନ୍ଦର ଭାବେ ଟଚ୍ କରି ହୁଗୋ ବୌମସ୍ ଓଡ଼ିଶା ଏଫ୍‌ସିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ୩୬ତମ ମିନିଟ୍‌ରେ ମନବୀର ସିଂହଙ୍କ ଗୋଲ୍ ବଳରେ ମୋହନ ବାଗାନ ମ୍ୟାଚକୁ ୧-୧ର ସମାନସ୍ତରକୁ ଆଣିଥିଲା। ଏହାପରେ ବଳକା ସମୟରେ ଆଉ ଗୋଲ୍ ନ ହେବାରୁ ଉଭୟ ଦଳ ଏକ ପଏଣ୍ଟ ପାଇଥିଲେ। ମ୍ୟାଚ୍ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଆରମ୍ଭ କରିଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ୨୫ ତାରିଖରେ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବ।

ଡବ୍ଲ୍ୟୁଟିଏ ଫାଇନାଲ୍ସ

## ଗଫ୍ ସର୍ବକନିଷ୍ଠ ବିଜେତା

**ରିଆଦ୍, ୧୦।୧୧(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଦେଶ ସାଉଦି ଆରବର ରାଜଧାନୀ ରିଆଦ୍‌ରେ ଅନୁଷ୍ଠିତ ବର୍ଷ ଶେଷର ହାଇପ୍ରୋଫାଇଲ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟ ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଏଥର ତୃତୀୟ ସିଡ୍ ଆମେରିକୀୟ ଖେଳାଳି କୋକୋ ଗଫ୍ ଟାଇଟଲ ହାସଲ କରିଛନ୍ତି। ୨୦ ବର୍ଷୀୟ ଗଫ୍ ଫାଇନାଲ ମୁକାବିଲାରେ ପ୍ୟାରିସ୍ ଅଲିମ୍ପିକ୍ସ ଚାମ୍ପିଅନ ଚୀନ୍‌ର କିନ୍‌ୱେନ୍ ଝେଙ୍ଗ୍‌ଙ୍କୁ ୩-୬, ୬-୪, ୭-୬ ସେଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ସେ ୪୦ କୋଟି ୫୪ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ରୁଷିଆର ମାରିଆ ସାରାପୋଭା (୨୦୦୪)ଙ୍କ ପରେ ଗଫ୍ ସର୍ବକନିଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ସେହିପରି ୨୦୦୧ ପରେ ସେ ସର୍ବକନିଷ୍ଠ ଆମେରିକୀୟ ଖେଳାଳି ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପୂର୍ବରୁ ଏହି ବର୍ଷ ସେରେନା ୱିଲିୟମ୍ସ ସର୍ବକନିଷ୍ଠ ଖେଳାଳି ଭାବେ ଟାଇଟଲ ଜିତିଥିଲେ।



‘ନନ୍ଦିଘୋଷ ଟିଭି’
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୭୫ • ପାଉଣ୍ଡ ୧୦୯.୦୭
- ୟୁରୋ ୯୧.୪୮ • ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୭୫୦ (ନୂଆଦିଲ୍ଲୀ)
- ରୁପା : ୯୪,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୪୮୬.୦୦
- ନିଫ୍ଟି ୨୪,୧୪୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



■ ବ୍ଲୁମ୍‌ବର୍ଗ ବିଲେନିୟର ଇଣ୍ଡେକ୍ସ ରିପୋର୍ଟ

## ଟ୍ରମ୍ପ୍‌ଙ୍କ ବିଜୟ; ମସ୍କଙ୍କ ସମ୍ପତ୍ତି ୩୦୦ ବିଲିୟନ୍ ଡଲାର ପାର

**ନୂଆଦିଲ୍ଲୀ ୧୦ ।୧୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିବା ପରଠାରୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ଉପରେ ଧନ ବର୍ଷା ହେଉଛି । ତେଣୁ ମସ୍କଙ୍କ ସମ୍ପତ୍ତି ଏବେ ହୁ ହୁ ବଢ଼ିବାରେ ଲାଗିଛି । ଫଳରେ ତାଙ୍କର ମୋଟ ସମ୍ପତ୍ତି ୩୦୦ ବିଲିୟନ ଡଲାର ପାର କରିଯାଇଛି । ଗତ ୨୪ ଘଣ୍ଟାରେ ମସ୍କଙ୍କ ସମ୍ପତ୍ତିରେ ୧୭.୪ ବିଲିୟନ ଡଲାର ଅର୍ଥାତ ୧.୪୬ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଛି ।

ବ୍ଲୁମବର୍ଗ ବିଲେନିୟର ଇଣ୍ଡେକ୍ସ ଅନୁଯାୟୀ ଟ୍ରମ୍ପଙ୍କ ବିଜୟ ପରେ ମସ୍କଙ୍କ ସମ୍ପତ୍ତି କ୍ରମାଗତ ଭାବେ ବଢ଼ି ଚାଲିଛି । ନିର୍ବାଚନ ଫଳାଫଳ ଘୋଷଣା ପରଦିନ ମସ୍କଙ୍କ ସମ୍ପତ୍ତିରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା । ମସ୍କଙ୍କ ସମ୍ପତ୍ତିରେ ଏପରି ବୃଦ୍ଧି ପଛରେ ତାଙ୍କ ଇଲେକ୍ଟ୍ରିକ୍ କାର କମ୍ପାନୀ ଟେସ୍‌ଲାର ବଡ଼ ଯୋଗଦାନ ରହିଛି । ମାତ୍ର ୫ ଦିନରେ ମସ୍କଙ୍କ କମ୍ପାନୀର ଶେୟାର ମୂଲ୍ୟରେ ୩୧.୪୬ ପ୍ରତିଶତ ବୃଦ୍ଧି ହୋଇଛି । ଟେସ୍‌ଲାର ଶେୟାର ପିଛା ମୂଲ୍ୟ ୩୨୮.୭୧ ଡଲାର ରହିଛି । ବ୍ଲୁମବର୍ଗ ବିଲେନିୟର ଇଣ୍ଡେକ୍ସ ଅନୁଯାୟୀ ଗତ ୨୪ ଘଣ୍ଟାରେ ମସ୍କଙ୍କ ସମେତ ଯେଉଁ ବିଲେନିୟରଙ୍କୁ ଫାଇଦା ହୋଇଛି ସେଥିରେ ଲ୍ୟାରି ଏଲିସନ ମଧ୍ୟ ଅଛନ୍ତି । ଲ୍ୟାରୀଙ୍କ ମୋଟ ସମ୍ପତ୍ତି ୩.୮୦ ବିଲିୟନ ଡଲାର ଅର୍ଥାତ ପାଖାପାଖି ୩୨,୦୭୫ କୋଟି ଟଙ୍କା ବଢ଼ିଯାଇଛି । ଏହି ଅଭିବୃଦ୍ଧି ସହିତ ଲ୍ୟାରି ଏଲିସନଙ୍କ ମୋଟ ସମ୍ପତ୍ତି ୨୦୨ ବିଲିୟନ ଡଲାର ହୋଇଯାଇଛି ଓ ସେ ବିଶ୍ୱର ଚତୁର୍ଥ ଧନୀ ବ୍ୟକ୍ତି ହୋଇଛନ୍ତି । ଏହାଛଡା ବିଲଗେଟସଙ୍କ ନେଟ୍ ସମ୍ପତ୍ତିରେ ୫୬୧ ନିୟୁତ ଡଲାର ଏବଂ ୱାରେନ ବଫେଙ୍କ ସମ୍ପତ୍ତିରେ ୧.୫୯ ବିଲିୟନ ଡଲାର ବୃଦ୍ଧି ହୋଇଛି ।




**ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ ରିପୋର୍ଟ**

# ତେଲ ଦର ବୃଦ୍ଧି ପାଇଁ ଖାଇବା ଥାଳି ମହଙ୍ଗା

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି)**

ଦେଶରେ ହୁ ହୁ ହୋଇ ବଢୁଛି ଖାଇବା ତେଲ ଦର । ମୂଲ୍ୟ ବୃଦ୍ଧି ହେତୁ ଅକ୍ଟୋବର ମାସ ଏବଂ ଏହାର ପରବର୍ତ୍ତୀ ସମୟରେ ବିଶ୍ୱ ବଜାରରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ୭.୩ ପ୍ରତିଶତ ବୃଦ୍ଧି ଘଟିଛି । ଏହି କାରଣରୁ, ଗତ ୧୮ ମାସ ମଧ୍ୟରେ ବିଶ୍ୱରେ ଖାଦ୍ୟ ସୂଚକାଙ୍କ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ତେଲ ଦର ବୃଦ୍ଧି ପାଇଁ ଖାଇବା ଥାଳି ମହଙ୍ଗା ହୋଇଥିବା ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍ଏଓ) ପକ୍ଷରୁ ଏକ ରିପୋର୍ଟରେ ସୂଚନା ଦିଆଯାଇଛି ।

**ବିଶ୍ୱରେ ଖାଦ୍ୟ ସୂଚକାଙ୍କ ସର୍ବୋଚ୍ଚ ସ୍ତରରେ**

ଏଫ୍ଏଓର ଖାଦ୍ୟ ମୂଲ୍ୟ ସୂଚକାଙ୍କ ଅନ୍ତର୍ଜାତୀୟ ସ୍ତରରେ ଖାଦ୍ୟ ମୂଲ୍ୟରେ ମାସିକ ପରିବର୍ତ୍ତନକୁ ସୂଚାଇଥାଏ । ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ମାସ ତୁଳନାରେ ଅକ୍ଟୋବରରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ସୂଚକାଙ୍କ ଦୁଇ ପ୍ରତିଶତ ବୃଦ୍ଧି ହୋଇ ୧୨୭.୪ ପଏଣ୍ଟରେ ପହଞ୍ଚିଛି । ଅକ୍ଟୋବରରେ ଖାଦ୍ୟ ପଦାର୍ଥର ମୂଲ୍ୟରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା । କେବଳ ମାଂସ ମୂଲ୍ୟ ହ୍ରାସ ପାଇଛି । ଏହି ଅବଧି ମଧ୍ୟରେ, ଖାଇବା ତେଲ ମୂଲ୍ୟ ସୂଚକାଙ୍କ ହାରାହାରି ୧୫୨.୭ ପଏଣ୍ଟରେ ପହଞ୍ଚିଛି । ଗତ ବର୍ଷ ଅକ୍ଟୋବର ତୁଳନାରେ ଏହା ୫.୫ ପ୍ରତିଶତ ଅଧିକ । ମୂଲ୍ୟରେ ଏହି ବୃଦ୍ଧି ମୁଖ୍ୟତ ପାମୋଲିନ୍, ସୋୟା, ସୂର୍ଯ୍ୟମୁଖୀ ଏବଂ ରେପ୍‌ସିଡ୍ ତେଲର ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି । କ୍ରମାଗତ ୫ମ ମାସ ପାଇଁ ପାମୋଲିନ୍ ତେଲର ମୂଲ୍ୟ ବୃଦ୍ଧି ପାଇଛି । ପାମୋଲିନ୍ ତେଲ ଦର ବୃଦ୍ଧି ହେବାର ମୁଖ୍ୟ କାରଣ ଦକ୍ଷିଣ ପୂର୍ବ ଏସିଆରେ ଉତ୍ପାଦନ ଆଶାଠାରୁ କମ୍ ରହିବା । ଏଠାରେ ସୂଚନାଯୋଗ୍ୟ ଯେ, ମାଲେସିଆ ଏବଂ ଇଣ୍ଡୋନେସିଆ ହେଉଛନ୍ତି ପାମୋଲିଡ୍ ତେଲର ମୁଖ୍ୟ ଉତ୍ପାଦନକାରୀ ରାଷ୍ଟ୍ର । ରିପୋର୍ଟ ଅନୁଯାୟୀ, ଏହି ସମୟରେ ଦୁଗ୍ଧ ମୂଲ୍ୟ ସୂଚକାଙ୍କ ମଧ୍ୟ ୧୩୯.୧ ପଏଣ୍ଟରେ ପହଞ୍ଚିଛି, ଯାହା ସେପ୍ଟେମ୍ବର ତୁଳନାରେ ୧.୯ ପ୍ରତିଶତ ଅଧିକ । ଗତ ବର୍ଷ ଅକ୍ଟୋବର ମାସ ସହିତ ତୁଳନା କଲେ ଏହା ୨୧.୪ ପ୍ରତିଶତ ଅଧିକ ରହିଛି । ଏହି ବୃଦ୍ଧି ମୁଖ୍ୟତଃ ବିଶ୍ୱ ବଜାରରେ ପନିର ଏବଂ ବଟର ମୂଲ୍ୟରେ ବୃଦ୍ଧି ଯୋଗୁଁ ହୋଇଥିଲା । ଏହାର କାରଣ ହେଉଛି ୟୁରୋପୀୟ ସଂଘ(ଇୟୁ) ରାଷ୍ଟ୍ରଗୁଡିକରେ ଦୁଗ୍ଧ ଉତ୍ପାଦନରେ ହ୍ରାସ । ଏହାର ପ୍ରଭାବରେ ଲଗାତାର ୧୩ ମାସ ପାଇଁ ବଟର ମୂଲ୍ୟରେ ବୃଦ୍ଧି ଘଟିଛି ।

ଅପରପକ୍ଷେ ଭାରତ ଯୋଗୁଁ ଚାଉଳ ମୂଲ୍ୟ ସୂଚକାଙ୍କ ୫.୬ ପ୍ରତିଶତ ହ୍ରାସ ପାଇଛି । ଏହା ମୁଖ୍ୟତ ଇଣ୍ଡିକା ଚାଉଳ ମୂଲ୍ୟରେ ହ୍ରାସ ହେତୁ ଭାରତ ସମ୍ପୂର୍ଣ୍ଣ ଚାଉଳ ରପ୍ତାନି ଉପରେ ପ୍ରତିବନ୍ଧକ ହଟାଇ ଦେଇଥିଲା । ଏହାଛଡା କ୍ରମାଗତ ଭାବେ ଦ୍ୱିତୀୟ ମାସ ପାଇଁ ଗହମ ମୂଲ୍ୟରେ ବୃଦ୍ଧି ଘଟିଛି । ୟୁରୋପୀୟ ସଂଘ, ଋଷ ଏବଂ ଆମେରିକା ପରି ପ୍ରମୁଖ ଗହମ ରପ୍ତାନି କରୁଥିବା ରାଷ୍ଟ୍ରଗୁଡିକରେ ଖରାପ ପାଗ ଏଥିପାଇଁ ଦାୟୀ । ଏହି ଅବଧିରେ ମକାର ମୂଲ୍ୟ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ବ୍ରାଜିଲରେ ପ୍ରବଳ ଚାହିଦା ଏବଂ ଆମାଜନ୍ ନଦୀର ଜଳ ସ୍ତର ହ୍ରାସ ହେଉଛି ଏହାର ମୁଖ୍ୟ କାରଣ । ଏହି କାରଣରୁ, ଶସ୍ୟ ପରିବହନ ସହ ଜଡିତ ସମସ୍ୟା ଉପୁଜିଛି । ଆର୍ଜେଣ୍ଟିନାରେ ମରୁଡ଼ି ପରିସ୍ଥିତି ଏବଂ ୟୁକ୍ରେନରେ ମକା ପାଇଁ କ୍ରମାଗତ ଚାହିଦା ମଧ୍ୟ ମୂଲ୍ୟ ବୃଦ୍ଧି କରିଛି । ଏହି ଅବଧିରେ ବାର୍ଲି ମୂଲ୍ୟ ବୃଦ୍ଧି ପାଇଛି ଏବଂ ସୋରିଷ ମୂଲ୍ୟ ହ୍ରାସ ପାଇଛି ।



# ବିମାନ ବନ୍ଦରରେ ନିର୍ମାଣ ହେବ ଇକୋନୋମି ଜୋନ୍

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି)**

ଦେଶର ବିମାନ ବନ୍ଦରଗୁଡିକରେ ମହଙ୍ଗା ଖାଦ୍ୟ ସାମଗ୍ରୀ ମୂଲ୍ୟ କାହାକୁ ଅଛପା ନାହିଁ । ଚଢ଼ା ଦର ଯୋଗୁ ଇଛା ଥାଇ ବି ଅନେକ ଯାତ୍ରୀ କୌଣସି ଜିନିଷ ଖାଇବାକୁ ମନ ବଳେଇ ନ ଥାନ୍ତି । ହେଲେ ଆଗକୁ ଆଉ ସେପରି ହେବନାହିଁ । ବିମାନ ବନ୍ଦରରେ ମହଙ୍ଗା ଖାଦ୍ୟ ପାନୀୟରୁ ଯାତ୍ରୀଙ୍କୁ ମିଳିବ ଆଶ୍ୱସ୍ତି । ବାହାର ଭଳି ଯାତ୍ରୀ ବିମାନ ବନ୍ଦରରେ ବି ସେହି ଦରରେ ଖାଦ୍ୟ ସାମଗ୍ରୀ ପାଇପାରିବେ । କାରଣ ବିମାନ ବନ୍ଦରରେ ଇକୋନୋମି ଜୋନ୍ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।

ଏହି ଜୋନ୍ ନିର୍ମାଣ ହେଲେ ଯାତ୍ରୀଙ୍କୁ କମ୍ ମୂଲ୍ୟରେ ଚା’ ମିଳିଯିବ । ଖାଲି ଏତିକି ନୁହେଁ ସୁଲଭ ମୂଲ୍ୟରେ ପାଣି ଓ ଜଳଖିଆ ମିଳିବ । ତେବେ ରେସ୍ତୋରାଁ ଭଳି ଏଠାରେ ବସିବାକୁ ସ୍ଥାନ ମିଳି ନ ପାରେ । ଏଠାରେ କାଉଣ୍ଟରରୁ ଖାଦ୍ୟ ନେଇ ଯାତ୍ରୀ ଟେବୁଲରେ ଖାଇପାରିବେ । କେବଳ ସେତିକି ନୁହେଁ ସାଙ୍ଗରେ ଖାଦ୍ୟ ମଧ୍ୟ ପ୍ୟାକ୍ କରାଇ ନେବା ନିମନ୍ତେ ‘ଅନ ଦି ଗୋ’ ସୁବିଧା ମଧ୍ୟ ପାଇବେ । ଉଲ୍ଲେଖଯୋଗ୍ୟ ଯେ ବିମାନ ବନ୍ଦରରେ ମହଙ୍ଗା ଖାଦ୍ୟ ପାନୀୟ ଯୋଗୁ ଯାତ୍ରୀଙ୍କୁ ଅତିରିକ୍ତ ବ୍ୟୟ ବହନ କରିବାକୁ ପଡିଥାଏ । ଏ ନେଇ ଅନେକବାର ଯାତ୍ରୀ ଅଭିଯୋଗ ମଧ୍ୟ କଲେଣି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ ଅନେକ ପର୍ଯ୍ୟାୟ ଆଲୋଚନା ପରେ ଏହା ଉପରେ କାମ କରିବା ପାଇଁ ସର୍ବ ସମ୍ମତି ହାସଲ କରିଛନ୍ତି । ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ(ଏଏଆଇ) ଓ ବିମାନ ବନ୍ଦରରେ ସେବା ଯୋଗାଇ ଦେଉଥିବା ଅନ୍ୟ ଫୁଡ ଆଉଟଲେଟଙ୍କ ସମେତ ନୂଆ ଏଜେନ୍ସିଙ୍କ ସହ ଆଲୋଚନା କରି ଏପରି ଜୋନ ବିକଶିତ ଓ ସଞ୍ଚାଳନ ଆରମ୍ଭ କରାଯିବ । ଏଥିପାଇଁ ପ୍ରଥମେ ନୂଆ କରି ନିର୍ମାଣ ହେଉଥିବା ବିମାନ ବନ୍ଦରଗୁଡିକରେ ଏପରି ଜୋନ ଡିଜାଇନ କରାଯିବ । ଏହାପରେ ଅବଶିଷ୍ଟ ବିମାନ ବନ୍ଦରଗୁଡିକରେ ଇକୋନୋମି ଜୋନ୍ ପାଇଁ ସ୍ଥାନ ଚୟନ କରାଯିବ । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଦେଶର ସବୁ ବିମାନ ବନ୍ଦରଗୁଡିକରେ ୧୦ ଟଙ୍କାର ସିଙ୍ଗଡା ପାଇଁ ଯାତ୍ରୀଙ୍କୁ ୧୦୦ ଟଙ୍କା ଦେବାକୁ ପଡୁଛି । ମହଙ୍ଗା ଦର ଯୋଗୁ ସେଠାରେ ଯାତ୍ରୀ ଖାଦ୍ୟ ପାନୀୟରୁ ବଞ୍ଚିତ ହେଉଛନ୍ତି ।




# ଗ୍ରାମାଞ୍ଚଳ ଗ୍ରାହକଙ୍କ ସଚେତନତାକୁ ନେଇ ‘ଫ୍ରିଡମ୍’ର ନିଆରା ପ୍ରୟାସ

**କଟକ, ୧୦।୧୧(ସମିସ):** ଭାରତ ବର୍ଷର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଖାଇବା ତେଲ ଫ୍ରିଡମ ପରିବାର ପକ୍ଷରୁ ଗ୍ରାମାଞ୍ଚଳ ଗ୍ରାହକଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫ୍ରିଡମ ଓଡିଶା ହେଡ୍ ଅମୀୟ କୁମାର ଧଳଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ସ୍ଥିତ ଉତଙ୍ଗରା ଗ୍ରାମରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ କୋଣାର୍କ ଗଣନାଟ୍ୟ ମାଧ୍ୟମରେ ସମସ୍ତ ଗ୍ରାହକମାନେ ତାଙ୍କର ଉତମ ସ୍ୱାସ୍ଥ୍ୟ ନିମନ୍ତେ ସଦସର୍ବଦା ଫ୍ରିଡମ ତେଲ ବ୍ୟବହାର କରିବା ପାଇଁ ଗ୍ରାହକଙ୍କୁ ଫ୍ରିଡମ ପରିବାର ପକ୍ଷରୁ ସଚେତନତା କରାଯାଇଥିଲା । ଦିଲ୍ଲିର ମିଡିଆ ମ୍ୟାକ୍ସ ନାମକ ଏକ ସଂସ୍ଥା ଏହି କାର୍ଯ୍ୟକ୍ରମଟିରେ ସହଯୋଗର ହାତ ବଢ଼ାଇଥିଲେ । ଏହି ଯାତ୍ରାକୁ ଦେଖୁଥିବା ପ୍ରତ୍ୟେକ ଦର୍ଶକଙ୍କ ପାଇଁ ଦୈନିକ ଏକ ଲକି ଡ୍ର ଉଠାଣର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ବିଜେତାଙ୍କୁ ଦୁଇ ଲିଟର ଲେଖାଏଁ ତେଲ ଜାର ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଇଥିଲା । ଏହି ଅବସରରେ କମିଟି ପକ୍ଷରୁ ଓଡ଼ିଶା ଯାତ୍ରା ଟାଇଗର ଦୈତାରୀ ପଣ୍ଡା, ଲେଖକ ଦୀପକ ଜେନା ଏବଂ ଫ୍ରିଡମ୍ ଓଡ଼ିଶା ହେଡ୍ ଅମିୟ କୁମାର ଧାଲଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ସମିତିସଭ୍ୟ ମନୋଜ କୁମାର ଜେନା, ଯାତ୍ରା କମିଟି ସଭାପତି ଓମ ପ୍ରକାଶ ପରିଡା, ସମ୍ପାଦକ ଅକ୍ଷୟ କୁମାର ଦାସ, ସୁଶାନ୍ତ କୁମାର ରାଉତ, ଅଜିତ ବରାଳ, ଭାଗ୍ୟ ରଞ୍ଜନ ସେଠୀ, ବିରଜା ମହାପାତ୍ର, ପ୍ରକାଶ କୁମାର ପାତ୍ର, ବସନ୍ତ ଘଡେଇଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିବା ବେଳେ ଫ୍ରିଡମ ତେଲ ପରିବାରର ଏହି ନିଆରା କାର୍ଯ୍ୟକ୍ରମକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।



**ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟ ରିପୋର୍ଟ**

## ଭାରତରେ ଚିକିତ୍ସା ବାବଦ ଅତିରିକ୍ତ ଖର୍ଚ୍ଚ କମିଛି

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):** ୨୦୨୧-୨୨ ପାଇଁ ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟ (ଏନଏଚଏ) ତଥ୍ୟରେ ଏକ ସକାରାତ୍ମକ ଧାରା ପ୍ରକାଶିତ ହୋଇଛି । ଦେଶରେ ମୁଖ୍ୟତଃ ସରକାରୀ ପୁଞ୍ଜିନିବେଶ ବୃଦ୍ଧି ଏବଂ ଉନ୍ନତ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କାରଣରୁ ଚିକିତ୍ସା ବାବଦ ଅତିରିକ୍ତ ପକେଟ୍ ଖର୍ଚ୍ଚ ହ୍ରାସ ପାଉଛି । ଏନ୍ଏଚ୍ଏ ତଥ୍ୟ ଅନୁଯାୟୀ, ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ଜିଡିପିର ପ୍ରତିଶତ ହିସାବରେ ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ (ଜିଏଚ୍ଇ) ୧.୧୩%ରୁ ୧.୮୪%କୁ ବୃଦ୍ଧି ପାଇଛି । ଏହାବ୍ୟତୀତ, ସାମଗ୍ରିକ ସରକାରୀ ଖର୍ଚ୍ଚରେ ଜିଏଚଇର ଅଂଶ ୩.୯୪%ରୁ ୬.୧୨%କୁ ବୃଦ୍ଧି ପାଇଛି, ଯାହା ଜନସ୍ୱାସ୍ଥ୍ୟ ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଏହି ସମୟ ମଧ୍ୟରେ ମୁଣ୍ଡପିଛା ଚିକିତ୍ସା ଖର୍ଚ୍ଚ ୧୧୦୮ ଟଙ୍କାରୁ ତିନି ଗୁଣ ବୃଦ୍ଧି ପାଇ ୩୧୬୯ ଟଙ୍କାରେ ପହଞ୍ଚିଛି । ସ୍ୱାସ୍ଥ୍ୟ ସେବା ନିମନ୍ତେ ଅତିରିକ୍ତ ପକେଟ୍ ଖର୍ଚ୍ଚ (ଓଓପିଇ) ଅର୍ଥ ହେଉଛି ଡାକ୍ତରଙ୍କ ପରାମର୍ଶ ନେବା, ଔଷଧ ଏବଂ ଡାକ୍ତରଖାନାରେ ରହିବା ଭଳି ଚିକିତ୍ସା ସେବା ପାଇଁ ଲୋକମାନେ ସିଧାସଳଖ ନିଜ ପକେଟରୁ ଦେଉଥିବା ଅର୍ଥକୁ ବୁଝାଏ ।

**କ୍ରିସିଲ୍ ରିପୋର୍ଟ**

# ପର୍ସନାଲ ଲୋନ୍ ପ୍ରତି ମୁହଁ ମୋଡୁଛନ୍ତି ଗ୍ରାହକ

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି)**

ଧିମା ପଡିଲାଣି ଦେଶର ଅର୍ଥନୀତି । କମୁଛି ବଜାର ଚାହିଦା । କାରଣ ଉପଭୋକ୍ତା ବ୍ୟୟରେ ହ୍ରାସ ଜାରି ରହିଛି, ଯାହାର ସଙ୍କେତ ବ୍ୟାଙ୍କ ଋଣ ଅଭିବୃଦ୍ଧି ସମ୍ପର୍କିତ ତଥ୍ୟରୁ ଜଣାପଡୁଛି । ଅକ୍ଟୋବରରେ ବ୍ୟାଙ୍କ ଋଣ ଅଭିବୃଦ୍ଧିରେ ୧.୫% ହ୍ରାସ ଦେଖାଦେଇଛି । ଏହି ମାସରେ ବିଭିନ୍ନ ଶ୍ରେଣୀର ଋଣ ଅଭିବୃଦ୍ଧିରେ ହ୍ରାସ ଘଟିଛି । ପାର୍ବଣ ଋତୁ ସତ୍ତ୍ୱେ ଅକ୍ଟୋବରରେ ଗ୍ରାହକମାନେ ପର୍ସନାଲ ଲୋନ୍ ବା ବ୍ୟକ୍ତିଗତ ଋଣ ନେବା ପ୍ରତି କମ୍ ଆଗ୍ରହ ଦେଖାଇଛନ୍ତି । ସେହି ମାସରେ ବ୍ୟକ୍ତିଗତ ଋଣ ଯୋଗାଣ ୧୩.୯ରୁ ୧୩.୯ ପ୍ରତିଶତକୁ ହ୍ରାସ ଘଟିଛି । ଏମିତିକି ଅକ୍ଟୋବରରେ କ୍ରେଡିଟ୍ କାର୍ଡ ଇସ୍ୟୁ ମଧ୍ୟ କମ୍ ହୋଇଛି । ପର୍ସନାଲ ଲୋନ୍‌ରେ ଏପରି ସ୍ଥିତି ବିଶେଷକରି ସହରାଞ୍ଚଳରେ ଗ୍ରାହକଙ୍କ ଉପଯୋଗିତା ଉପରେ ପ୍ରଭାବ ପକାଇପାରେ । ଋଣ ଅଭିବୃଦ୍ଧି ଏଭଳି ନିମ୍ନମୁଖୀ ରହିବା ଅର୍ଥନୀତିରେ ଉପଭୋକ୍ତା ଖର୍ଚ୍ଚରେ ହ୍ରାସ ହେବାର ଭୟକୁ ଆହୁରି ବଢ଼ାଇଦେଇଛି । ଏହା ପ୍ରମାଣ କରୁଛି ଯେ, ଦେଶର ଲୋକମାନେ ବ୍ୟକ୍ତି ଋଣ ନେବାକୁ ଏଡ଼ାଇବା ଆରମ୍ଭ କରିଛନ୍ତି ।

କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ସୁଧ ହାର ବୃଦ୍ଧିରେ ବିଳମ୍ବିତ ପ୍ରଭାବ ବ୍ୟାପକ ଅର୍ଥନୀତିରେ ଦୃଶ୍ୟମାନ ହେବାରେ ଲାଗିଛି । ଏଥିଯୋଗୁ ଗତ ତିନିମାସ ମଧ୍ୟରେ ବ୍ୟାଙ୍କ ଋଣ ଅଭିବୃଦ୍ଧି ହ୍ରାସ ପାଇଛି । ଏହି କାରଣରୁ ଅର୍ଥନୀତିରେ ଗ୍ରାହକଙ୍କ ଦ୍ୱାରା ଉପଯୋଗିତା ଖର୍ଚ୍ଚ ହ୍ରାସ ହେବାର ସମ୍ଭାବନା ବଢ଼ିଛି । ଏହି ମନ୍ଥରତା ବିଶେଷକରି ବ୍ୟକ୍ତିଗତ ଋଣ କ୍ଷେତ୍ରରେ ହୋଇଛି, ଯାହା ବେଶ ଚିନ୍ତାଜନକ । ସହରାଞ୍ଚଳରେ ଗ୍ରାହକଙ୍କ ଖର୍ଚ୍ଚ ସହିତ ଏହାର ସିଧାସଳଖ ସମ୍ପର୍କ ରହିଛି । ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଅକ୍ଟୋବରରେ ବ୍ୟାଙ୍କ ଋଣ ଅଭିବୃଦ୍ଧି ୧୩ ପ୍ରତିଶତରୁ ୧୧.୫ ପ୍ରତିଶତକୁ ହ୍ରାସ ପାଇଛି । ସେପ୍ଟେମ୍ବର ମାସର କ୍ଷେତ୍ର ଭିତ୍ତିକ ତଥ୍ୟ ମଧ୍ୟ ଏହା ଦର୍ଶାଉଛି ଯେ, ଏହି ମାସରେ ଅନେକ ବର୍ଗରେ ଋଣ ଅଭିବୃଦ୍ଧି ମନ୍ଥର ହୋଇଛି । ଉଦାହରଣ ସ୍ୱରୂପ, କୃଷି ଋଣରେ ଅଭିବୃଦ୍ଧି ହାର ୧୭.୭ ପ୍ରତିଶତରୁ ୧୬.୪ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଶିଳ୍ପ କ୍ଷେତ୍ରକୁ ଋଣ ୯.୭ରୁ ୮.୯ ପ୍ରତିଶତକୁ ହ୍ରାସ ପାଇଛି ।

ସେହିଭଳି ସେବା କ୍ଷେତ୍ରରେ ଋଣ ଅଭିବୃଦ୍ଧି ୧୩.୯ ପ୍ରତିଶତରୁ ସାମାନ୍ୟ ହ୍ରାସ ପାଇ ୧୩.୭ ପ୍ରତିଶତ ରହିଛି । ଅପରପକ୍ଷେ ଉପଭୋକ୍ତା ଖର୍ଚ୍ଚର ମୁଖ୍ୟ ଡ୍ରାଇଭର କୁହାଯାଉଥିବା ବ୍ୟକ୍ତିଗତ ଋଣ କ୍ଷେତ୍ର ୧୩.୯ ପ୍ରତିଶତରୁ ୧୩.୪ ପ୍ରତିଶତକୁ ହ୍ରାସ ଘଟିଛି । ରିପୋର୍ଟ ଅନୁଯାୟୀ, ବ୍ୟକ୍ତିଗତ ଋଣ ବର୍ଗରେ କ୍ରେଡିଟ୍ କାର୍ଡ ଶ୍ରେଣୀରେ ଅଭିବୃଦ୍ଧି ୧୯.୯ରୁ ୧୮ ପ୍ରତିଶତକୁ ହ୍ରାସ ପାଇଛି ।

ଏହାବ୍ୟତୀତ ସେବା କ୍ଷେତ୍ରର ଅନ୍ୟତମ ପ୍ରମୁଖ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡିକ (ଏନ୍‌ବିଏଫ୍‌ସି)ର ଋଣ ଅଭିବୃଦ୍ଧି ମଧ୍ୟ ୧୧.୯ରୁ ୯.୫ ପ୍ରତିଶତକୁ ହ୍ରାସ ପାଇଛି । ଋଣ ଯୋଗାଣ କ୍ଷେତ୍ରରେ ଏପରି ମନ୍ଥରତା ସହରାଞ୍ଚଳର ବ୍ୟବହାର ଉପରେ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ, କାରଣ ଅନେକ ସହରୀ ପରିବାର ଉଭୟ ଜରୁରୀ ଏବଂ ଅଣ-ଅତ୍ୟାବଶ୍ୟକ କ୍ରୟ ପାଇଁ ବ୍ୟକ୍ତିଗତ ଏବଂ କ୍ରେଡିଟ୍ କାର୍ଡ ଉପରେ ନିର୍ଭର କରିଥାନ୍ତି । ଋଣ ଅଭିବୃଦ୍ଧି ଉପରେ ଅଙ୍କୁଶ ଲାଗୁ ଯୋଗୁ ସହରାଞ୍ଚଳର ଗ୍ରାହକମାନଙ୍କ ଦ୍ୱାରା ଋଣ ଉପଲବ୍ଧତା କମ୍ ହେବ । ଏଥିଯୋଗୁ ସହରୀ ପରିବାରଗୁଡିକ ସମ୍ଭବତଃ ସେମାନଙ୍କ ଖର୍ଚ୍ଚରେ ହ୍ରାସ ଘଟାଇବେ, ଯାହାର ପ୍ରବା ସ୍ୱରୂପ ଦେଶର ସାମଗ୍ରିକ ଅର୍ଥନୈତିକ ଗତି ଧୀମା ପଡିପାରେ ।




**ଅକ୍ଟୋବରରେ ଋଣ ଅଭିବୃଦ୍ଧିରେ ୧.୫% ହ୍ରାସ**

**ବିଭିନ୍ନ ଶ୍ରେଣୀର ଋଣ ଅଭିବୃଦ୍ଧି କମିଛି**

**ଉପଭୋକ୍ତା ବ୍ୟୟରେ ହ୍ରାସ ଆଶଙ୍କା**

**ବ୍ୟକ୍ତିଗତ ଋଣ ନେବା ୧୩.୯ ରୁ ୧୩.୪%କୁ ହ୍ରାସ**

**କ୍ରେଡିଟ୍ କାର୍ଡ ଇସ୍ୟୁ ମଧ୍ୟ କମ୍ ହୋଇଛି**

## ଏମଏସଏମଇକୁ ମିଳିବ ୧୦୦ କୋଟି ଋଣ

**ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):** କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୁ ମିଳିବ ୧୦୦ କୋଟିର ଋଣ ସହାୟତା । ଏଥିରେ ପ୍ଲାଣ୍ଟ ସ୍ଥାପନଠାରୁ ଆରମ୍ଭ କରି ମେସିନାରୀ କିଣିବା ପାଇଁ ବ୍ୟାଙ୍କରୁ ମିଳିବ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ । ଏ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି । ଶନିବାର ଅର୍ଥମନ୍ତ୍ରୀ ଏମଏସଏମଇ କ୍ଲଷ୍ଟର ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ୧୦୦ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ଯୋଜନା କ୍ୟାବିନେଟରେ ଉପସ୍ଥାପନ ହେବାକୁ ଯାଉଛି । ମଞ୍ଜୁରୀ ପରେ ଏମଏସଏମଇ ମନ୍ତ୍ରଣାଳୟ ଓ ବ୍ୟାଙ୍କ ଜରିଆରେ ଗ୍ୟାରେଣ୍ଟି ପ୍ରଦାନ କରିବାକୁ ଥିବା ଯୋଜନା ଲାଗୁ ହେବ । ସୀତାରମଣ ଆହୁରିମଧ୍ୟ କହିଛନ୍ତି ଯେ, ଦୀର୍ଘ ସମୟରୁ ଅଭିଯୋଗ ରହିଛି ଯେ ଏମଏସଏମଇଗୁଡିକୁ ବ୍ୟାଙ୍କରୁ ତ ଋଣ ମିଳୁଛି, କିନ୍ତୁ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ । ଏବେ ଏହି ନୂଆ ଯୋଜନାରେ ଏହି ସମସ୍ୟା ରହିବ ନାହିଁ । ଏଥିପାଇଁ କୌଣସି ତୃତୀୟ ପକ୍ଷର ଗ୍ୟାରେଣ୍ଟି ଆବଶ୍ୟକ ପଡିବ ନାହିଁ ।

## କେଏଫ୍‌ସିର ନୂଆ କ୍ୟାମ୍ପେନ ‘ଟେଷ୍ଟ ଦ ଏପିକ୍’ ଆରମ୍ଭ

**ଭୁବନେଶ୍ୱର,୧୦।୧୧(ସିମସ):** କେଏଫ୍‌ସି ପକ୍ଷରୁ ଏହାର ନୂତନ କ୍ୟାମ୍ପେନ ‘ଟେଷ୍ଟ ଦ ଏପିକ୍’ର ଶୁଭାରମ୍ଭ କରାଯାଇଛି । ପ୍ରାୟ ୩୩ ଦଶନ୍ଧି ହେବ କେଏଫ୍ସି ଏହାର ଫିଙ୍ଗର ଲିକିଙ୍ଗ୍ ଗୁଡ୍ କ୍ରିସ୍ପି ଚିକେନ ସହିତ ଦେଶବ୍ୟାପୀ ପ୍ରଶଂସକମାନଙ୍କୁ ଖୁସି ପ୍ରଦାନ କରିଆସୁଛି । ଚଳିତ ନଭେମ୍ବରରେ କେଏଫ୍ସି ଆଇକୋନିକ ହଟ୍ ଆଣ୍ଡ କ୍ରିସ୍ପି ଚିକେନ୍‌ଠାରୁ ଆରମ୍ଭ କରି ହଟ୍ ୱିଙ୍ଗ୍ସ, ବୋନ୍ଲେସ୍ ଚିକେନ ପପ୍‌କର୍ଣ୍ଣ, ପେରି-ପେରି ବୋନ୍ଲେସ୍ ଚିକେନ୍ ଷ୍ଟ୍ରିପ୍ସ, ବିଭିନ୍ନ ପ୍ରକାରର ଜିଞ୍ଜର ବର୍ଗର, ରୋଲ୍ ଆଦି ପର୍ଯ୍ୟନ୍ତ ଏହାର ବେଷ୍ଟ ସେଲିଙ୍ଗ୍ ଫ୍ୟାନ୍ ଫେଭରାଇଟ୍‌ଗୁଡିକର ବିସ୍ତୃତ ରେଞ୍ଜକୁ ସେଲିବ୍ରେଟ୍ କରୁଛି । ଭାରତବ୍ୟାପୀ ଉପଭୋକ୍ତାମାନେ କେଏଫ୍‌ସି ସିଗ୍ନେଚର ମେନ୍ୟୁ ଆଇଟମ୍ର ଅତୁଳନୀୟ ସ୍ୱାଦ ଓ କ୍ରଞ୍ଚ ସହିତ ଐତିହାସିକ ସ୍ୱାଦକୁ ଉପଭୋଗ କରିପାରିବେ । ଚିକେନ୍ ପ୍ରେମୀମାନେ କେଏଫ୍‌ସିର ବେଷ୍ଟସେଲିଙ୍ଗ୍ ମେନ୍ୟୁ ଆଇଟମ- ଚିକେନ ଅନ୍ ବୋନ୍, ବୋନ୍‌ଲେସ୍ ଓ ବର୍ଗର୍ସ ଆଣ୍ଡ ମୋର୍ ଭଳି ୩ଟି ବର୍ଗରେ ବିକଳ୍ପଗୁଡିକର ଏକ ରେଞ୍ଜ ସହ ନିଜକୁ ସନ୍ତୁଷ୍ଟ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ- ଯାହାକି ସମସ୍ତଙ୍କ ପାଇଁ କିଛି ସୁନିଶ୍ଚିତ କରୁଛି । ‘ଚିକେନ ଅନ୍ ବୋନ୍’ ବର୍ଗ ପ୍ରଶଂସକଙ୍କ ପାଇଁ ଆଇକୋନିକ ଫିଙ୍ଗର ଲିକିଙ୍ଗ୍ ଚିକେନର ଉତମ ସ୍ୱାଦ ଓ ଅନୁଭୂତି ଆଣୁଛି ।